

'ରାଧେ ଶ୍ୟାମ' ଯୋଡ଼ିଙ୍କ ପୃଷ୍ଠା ୨ ମଧ୍ୟରେ ଫାଟ


RNI REGD NO: 42041/83
www.sakalaepaper.com
/thesakalanews
/TheSakala
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR

◆ VOLUME- 19 ◆ ISSUE- 90 ◆ BHUBANESWAR ◆ THURSDAY ◆ 23 SEPTEMBER 2021 ◆ PAGE- 16 ◆ ₹ 5.00

◆ବର୍ଷ-୧୯ ◆ସଂଖ୍ୟା- ୯୦ ◆ଭୁବନେଶ୍ୱର ◆ଗୁରୁବାର ◆୨୩ ସେପ୍ଟେମ୍ବର ୨୦୨୧ ◆ପୃଷ୍ଠା- ୧୬ ◆ଟ.୫.୦୦


## ମା' ଓ ଦୁଇ ଝିଅଙ୍କୁ ହତ୍ୟା

### ଘର ଭିତରୁ ମୃତଦେହ ଉଦ୍ଧାର

■ **ବ୍ରଜରାଜନଗର, ୨୨।୯ (ସମିସ):** ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଥାନା ଗଙ୍ଗାନଗର ଫାଟକପଡ଼ାରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି। ଏକ ଘର ଭିତରୁ ମା' ଓ ୨ ଝିଅଙ୍କ ମୃତଦେହ ଉଦ୍ଧାର କରିଛି ପୁଲିସ। ମୃତକ ୩ ଜଣ ହେଲେ ୨୮ ବର୍ଷୀୟା ସୋନି ପୋଦାର, ଝିଅ ମୁସ୍କାନ (୫) ଓ ରାଧିକା (୩)। ଏହା ହତ୍ୟା ନା ଆତ୍ମହତ୍ୟା ତାହା ସ୍ପଷ୍ଟ ହୋଇନାହିଁ। ମୃତ ମହିଳାଙ୍କ ସ୍ୱାମୀ ନାରାୟଣ ପୋଦାର ଫେରାର ଥିବାରୁ ପରିବାରର ୩ ଜଣଙ୍କ ମୃତ୍ୟୁକୁ ନେଇ ସାଧାରଣରେ ସନ୍ଦେହ ଦୃଢ଼ୀଭୂତ ହୋଇଛି। ମୃତ ମହିଳାଙ୍କ ମାଆଙ୍କ ଏତଲା କ୍ରମେ

- ସ୍ୱାମୀ ଫେରାର୍
- ହତ୍ୟା ଅଭିଯୋଗ ଆଣିଲେ ମୃତ ମହିଳାଙ୍କ ମାଆ।

ପୁଲିସ ଥାନା କେସ୍ ନମ୍ବର ୨୬୯/୨୧, ଭାରତୀୟ ପିଙ୍ଗଳ କୋଡ଼ ଧାରା ୩୦୨ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ, ନାରାୟଣ ଓ ସୋନି ନିଜ ୨ ଝିଅଙ୍କ ସହ ଗଙ୍ଗାନଗର ଫାଟକପଡ଼ାରେ ରହୁଥିଲେ। ନାରାୟଣ ଦିନମଜୁରିଆ ଭାବେ କାମ କରୁଥିବା ବେଳେ ସୋନି ଘରେ ରହି ଦୁଇ ସନ୍ତାନଙ୍କ ଯତ୍ନ ନେଉଥିଲେ। ଗତ ରାତି ୯ଟାରେ ଏହି ପରିବାରର ସମସ୍ତ ସଦସ୍ୟ ଖାଇପିଇ ଶୋଇଥିଲେ। ଆଜି ସକାଳେ ଆଜି କ୍ଷୀରବାଲା ଆସି କ୍ଷୀର ନେବାକୁ ଡାକ ପକାଇଥିଲା କିନ୍ତୁ ଘର ଭିତରୁ ▶ପୃଷ୍ଠା-୧୦

## ଦିନକରେ ୫୦୦ ଧନୀ ହରାଇଲେ ୧୩୫ ବିଲିୟନ୍ ଡଲାର

■ **ନୂଆଦିଲ୍ଲୀ, ୨୨।୯ (ଏଜେନ୍ସି):** ଚାଇନାର ଦ୍ୱିତୀୟ ବୃହତ୍ ରିଏଲ୍ ଇଷ୍ଟେଟ୍ କମ୍ପାନୀ ଏଭରଗ୍ରାଣ୍ଡ ଦେବାଳିଆ ପରିସ୍ଥିତିକୁ ଆସିଯାଇଥିବାରୁ ସମଗ୍ର ବିଶ୍ୱ ଉପରେ ଏବେ ଆଉ ଏକ ଆର୍ଥିକ ମାନ୍ଦାବସ୍ଥା ମାଡ଼ିଆସିଛି। କମ୍ପାନୀ ଉପରେ ଏବେ ପ୍ରାୟ ୩୦୦ ବିଲିୟନ ଡଲାରର ଋଣ ବୋଝ। ଏଭରଗ୍ରାଣ୍ଡ ଏହି ଋଣ ପରିଶୋଧ କରିବା ସ୍ଥିତିରେ ନାହିଁ। ଏଭରଗ୍ରାଣ୍ଡ ସଙ୍କଟର ପ୍ରଭାବ ବିଶ୍ୱର ପୁଞ୍ଜି ବଜାରଗୁଡିକ ଉପରେ ପଡ଼ିବା ଆରମ୍ଭ ହୋଇଯାଇଛି। ଆର୍ଥିକ ବିଶେଷଜ୍ଞମାନଙ୍କ ଆଶଙ୍କା ଯେ, ଏଭରଗ୍ରାଣ୍ଡ ସଙ୍କଟ ୨୦୦୮ରେ ବିଶ୍ୱରେ ଆମେରିକାର ଲେହମାନ ବ୍ରଦର୍ସ ଯୋଗୁ ସୃଷ୍ଟି ହୋଇଥିବା ମାନ୍ଦାବସ୍ଥା ପରିସ୍ଥିତି ସୃଷ୍ଟି କରିପାରେ। ଏଥିରେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ, ଏଭରଗ୍ରାଣ୍ଡ ସଙ୍କଟ ଯୋଗୁ ସୋମବାର ଦିନ ସାରା ବିଶ୍ୱରେ ଷ୍ଟକ୍ ବଜାର କାରବାରରେ ହ୍ରାସ ଘଟିଛି। ଏମିତିକି ମାତ୍ର ଦିନକର କାରବାରରେ ୫୦୦ ଧନୀ ହରାଇଛନ୍ତି ୧୫୦ କୋଟି ଡଲାର ମୂଲ୍ୟର ସମ୍ପତ୍ତି। ଏହି ଧନୀମାନେ ହରାଇଥିବା ସମ୍ପତ୍ତି ପରିମାଣ ଏସିଆର ସବୁଠୁ ଧନୀ ଭାରତର କୁବେରପତି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ମୁଖ୍ୟ ମୁକେଶ ଅମ୍ବାନୀଙ୍କ ସମ୍ପତ୍ତି ପରିମାଣଠାରୁ ଦେଢ଼ ଗୁଣ ଅଧିକ। ଏହାର ପରିମାଣ ପ୍ରାୟ ୧୩୫ ବିଲିୟନ୍ ଡଲାର ହେବ।

ତେବେ ଧନୀମାନଙ୍କ ମଧ୍ୟରେ ସର୍ବାଧିକ କ୍ଷତି ସହିଛନ୍ତି ଟେସ୍ଲା ମୁଖ୍ୟ ଏଲନ୍ ମସ୍କ। ଅନ୍ୟପକ୍ଷରେ ପୁଞ୍ଜି ବଜାରର ଏହି ଘାଟାରୁ ବାଦ୍ ପଡ଼ିନାହାନ୍ତି ଆମାଜନ ପ୍ରତିଷ୍ଠାତା ଜେଫ୍ ବେଜୋସ୍।

### ଉପରମୁଣ୍ଡରେ ପ୍ରବଳ ବର୍ଷା

# କୂଳ ଲଂଘିଲା ଜଳକା, ସୁବର୍ଣ୍ଣରେଖା

■ **ବାଲେଶ୍ୱର, ୨୨।୯ (ସମିସ):** ବାଲେଶ୍ୱର ଜିଲ୍ଲା ଦେଇ ପ୍ରବାହିତ ଜଳକା ଓ ସୁବର୍ଣ୍ଣରେଖା ନଦୀର ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ପୁଣି ପ୍ରଳୟଙ୍କରୀ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଗତକାଲି

- ପୁଣି ବନ୍ୟାପାଣି ମାଡ଼ିଲା, ବ୍ୟାପକ ଅଞ୍ଚଳ ଜଳମଗ୍ନ
- ବସ୍ତା ଥାନା ଓ ଅବକାରୀ ଥାନା ଭିତରେ ବନ୍ୟା ପାଣିର ସୁଅ
- ବନ୍ୟାଞ୍ଚଳ ପରିଦର୍ଶନ କଲେ ଜିଲ୍ଲାପାଳ
- ଗାନ୍ଧିଛକ-ବାଲିଆପାଳ ରାସ୍ତାରେ ବନ୍ୟାପାଣି
- ବାଲିଆପାଳକୁ ଯୋଗାଯୋଗ ବିଚ୍ଛିନ୍ନ

ରାତିରୁ ଅକସ୍ମାତ ଜଳକା ନଦୀର ଜଳସ୍ତର ବୃଦ୍ଧି ପାଇ ଆଜି ଅପରାହ୍ନ ୩ଟା ସୁଦ୍ଧା ମଥାନିଠାରେ ବିପଦ ସଙ୍କେତ ଉପରେ ଅର୍ଥାତ ୭.୧୮ ମିଟରରେ ପ୍ରବାହିତ ହେଉଛି। ଏଠାରେ ବିପଦ ସଂକେତ ୫.୫୦ମିଟର ରହିଛି। ଫଳରେ ବସ୍ତା ଏବଂ ସଦର ବ୍ଲକର ୧୨ ଟି ପଞ୍ଚାୟତ ଜଳମଗ୍ନ ହୋଇଛି। ଗାନ୍ଧିଛକ- ବାଲିଆପାଳ ରାସ୍ତା ଉପରେ ୪ ଫୁଟ ଉଚ୍ଚତାରେ ବନ୍ୟାପାଣିର ସୁଅ ଚାଲିଥିବାରୁ ବାଲିଆପାଳ ବ୍ଲକକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି।

ସେହିପରି ବିଭିନ୍ନ ଗ୍ରାମ୍ୟ ରାସ୍ତା ମଧ୍ୟ ବନ୍ୟା ପାଣିରେ ବୁଡି ରହିଥିବାରୁ ଲୋକେ ଯାତାୟତରେ ସମସ୍ୟା ଭୋଗୁଛନ୍ତି। ବସ୍ତା ଥାନା, ବସ୍ତା ଅବକାରୀ ଥାନା, ବସ୍ତା ତହସିଲ ଭିତରେ ବର୍ଷା ପାଣିରେ ସୁଅ ପଡ଼ିଥିବାର ଦେଖିବାକୁ ମିଳିଛି। ଫଳରେ ଆଜି ଦିନ ତମାମ ଏହି ୩ ଅଫିସର ସରକାରୀ କାମ ଠପ ହୋଇଯାଇଛି। ଥାନା ଓ ଅବକାରୀ ଥାନା ଭିତରେ ଥିବା ବିଭିନ୍ନ ରେକର୍ଡ ପତ୍ର ତଥା ଆସବାବପତ୍ର ର ସୁରକ୍ଷା ପାଇଁ ଥାନାର କର୍ମଚାରୀ ମାନଙ୍କୁ ନାକେଦମ ହେବାକୁ ପଡ଼ିଛି। ଜଳକା ବନ୍ୟା ଯୋଗୁଁ ଉପରୋକ୍ତ ଦୁଇ ବ୍ଲକର ଶହେରୁ ଉହେର ଗାଁ ଏକ ପ୍ରକାରର ଜଳବନ୍ଦୀ ହୋଇଯାଇଛି। ଜଳକା ନଦୀର ବନ୍ୟା ସ୍ଥିତିର ସମୀକ୍ଷା ପାଇଁ ବାଲେଶ୍ୱର ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଆଜି ବସ୍ତା ଓ ସଦର ବ୍ଲକର ବିଭିନ୍ନ ▶ପୃଷ୍ଠା-୧୦



### ■ ଉତ୍ତର ଓଡ଼ିଶାରୁ ଟଳୁନି ବନ୍ୟା ଭୟ

## ୨୪ରେ ସୃଷ୍ଟି ହେବ ଆଉ ଏକ ଲଘୁଚାପ

■ **ଭୁବନେଶ୍ୱର, ୨୨।୯ (ସମିସ):** ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ବର୍ତ୍ତମାନ ଝାଡ଼ଖଣ୍ଡ ଉପରେ ସକ୍ରିୟ ରହିଛି। ଏହାପ୍ରଭାବରେ ଝାଡ଼ଖଣ୍ଡ ସମେତ ଉତ୍ତର ଓଡ଼ିଶାରେ ବର୍ଷାର ପ୍ରଭାବ ରହିଛି। ଉପରମୁଣ୍ଡରେ ବର୍ଷା ଯୋଗୁଁ ଉତ୍ତର ଓଡ଼ିଶାର ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ବୈତରଣୀ ନଦୀ ମଧ୍ୟ ପୁଣି ସତର୍କ ସଙ୍କେତ ପାର କରିଛି। ଆଖୁଆପଦା ନିକଟରେ ବୈତରଣୀ ସତର୍କ ସଙ୍କେତ ଟପି ୧୭.୩୪ ମିଟର ଉପରେ ପ୍ରବାହିତ ହେଉଛି। ଏବେ ନଦୀରେ ଜଳସ୍ତର ବଢୁଥିବାରୁ ନଦୀକୂଳିଆ ଲୋକେ ଆତଙ୍କିତ ଅଛନ୍ତି। ଅନ୍ୟପଟେ ୨୪ ତାରିଖରେ ପୁଣି ଏକ ଲଘୁଚାପ ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଏହା ପ୍ରଭାବରେ ୨୬ ତାରିଖଠାରୁ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ହେବ। ଫଳରେ ଉତ୍ତର ଓଡ଼ିଶା ସମେତ ସାରା ରାଜ୍ୟରେ ସ୍ଥିତି ଉଦବେଗଜନକ ହେବାର ▶ପୃଷ୍ଠା-୧୦

### ■ ସୁପ୍ରିମକୋର୍ଟଙ୍କୁ ଜଣାଇଲା କେନ୍ଦ୍ର

## କରୋନା ମୃତକଙ୍କ ପରିବାରକୁ ମିଳିବ ୫୦ ହଜାର ଟଙ୍କା

■ **ନୂଆଦିଲ୍ଲୀ, ୨୨।୯ (ଏଜେନ୍ସି):** ସୁପ୍ରିମକୋର୍ଟଙ୍କ କଡ଼ା ଭର୍ତ୍ସନା ପରେ କରୋନା ମୃତକଙ୍କ ପରିବାରକୁ ୫୦ ହଜାର ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଦିଆଯିବ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି। ସରକାର ସୁପ୍ରିମକୋର୍ଟରେ ଜବାବ ଦାଖଲ କରି ଏହି ସୂଚନା ଦେଇଛନ୍ତି। ତେବେ ଏହି ଅର୍ଥ ରାଜ୍ୟ ବିପର୍ଯ୍ୟୟ ରିଲିଫ ପାଣ୍ଠି(ଏସଡିଆରଏଫ) ରୁ ଦିଆଯିବ ଏବଂ ରାଜ୍ୟ ସରକାର ଏହାକୁ ବହନ କରିବେ। ଉଦ୍ଧାରକାର୍ଯ୍ୟରେ ସାମିଲ ଥିବା ଲୋକଙ୍କ ପରିଜନଙ୍କୁ ମଧ୍ୟ ଏହି ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯିବ। ପୂର୍ବରୁ ମୃତ୍ୟୁବରଣ କରିଥିବା ଏବଂ ଭବିଷ୍ୟତରେ ମୃତ୍ୟୁ ପାଇଁ ମଧ୍ୟ ଏହି ଅର୍ଥ ଦିଆଯିବ ବୋଲି କୁହାଯାଇଛି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପରେ ଏନଡିଏମଏ ଅନୁକମ୍ପାମୂଳକ ସହାୟତା ନେଇ ମାର୍ଗଦର୍ଶିକା ପ୍ରସ୍ତୁତ କରିଛି। ସୂଚନାଯୋଗ୍ୟ ଯେ କରୋନାରେ ଏ ପର୍ଯ୍ୟନ୍ତ ୪୪୫୭୬୮ ଲୋକ ପ୍ରାଣ ହରାଇଲେଣି। ଏହି ଲୋକଙ୍କ ପରିବାର ବର୍ଗଙ୍କୁ କ୍ଷତିପୂରଣ ଦେବା ଲାଗି ଦୀର୍ଘଦିନରୁ ଦାବି କରାଯାଉଛି। ପରିଶେଷରେ କେନ୍ଦ୍ର ଏ ନେଇ ରାଜି ହୋଇଛି। ଗତ ଶୁଣାଣିରେ କରୋନା ମୃତକଙ୍କ ପରିବାର ସଦସ୍ୟଙ୍କୁ କ୍ଷତିପୂରଣ ଦେବାକୁ ସରକାର ମନା କରିଦେଇଥିଲେ। ଏହାକୁ କୋର୍ଟ ମଧ୍ୟ ସ୍ୱୀକାର କରିନେଇଥିଲେ। କିନ୍ତୁ ବିପର୍ଯ୍ୟୟ ପ୍ରଶମନ ଆଇନ ଅନୁଯାୟୀ କ୍ଷତିପୂରଣ ଦେବା ନିମନ୍ତେ କି ପଦକ୍ଷେପ ନିଆଯାଇଛି ଜଣାଇବାକୁ କୋର୍ଟ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଥିଲେ। ଏହା ଉପରେ ସେପ୍ଟେମ୍ବର ୨୩ ତାରିଖ ସୁଦ୍ଧା କୋର୍ଟଙ୍କୁ ତଥ୍ୟ ଦିଆଯିବ ବୋଲି ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ। ସେହିପରି ଗତ ସୋମବାର କରୋନାରେ ଚାପଗ୍ରସ୍ତ ହୋଇ ଆତ୍ମହତ୍ୟା କରିଥିବା ଲୋକଙ୍କ ମୃତ୍ୟୁକୁ କରୋନା ମୃତ୍ୟୁ ଧରିବାକୁ ସର୍ବୋଚ୍ଚ ନ୍ୟାୟାଳୟ କହିଥିଲେ। ଏ ନେଇ ରାଜ୍ୟସରକାରମାନଙ୍କୁ ନୂଆ ମାର୍ଗଦର୍ଶିକା ଜାରି କରାଯାଉ। କରୋନା ଯୋଗୁଁ ଆତ୍ମହତ୍ୟା କରିଥିବା ଲୋକଙ୍କ ମୃତ୍ୟୁକୁ କରୋନାଜନିତ ନ ମାନିବା ଗ୍ରହଣଯୋଗ୍ୟ ନୁହେଁ। ସେମାନଙ୍କୁ କରୋନା ମୃତ୍ୟୁ ପ୍ରମାଣପତ୍ର ମିଳିବା ଉଚିତ।

ଚଳିତ ବର୍ଷ ଜୁନ ମାସରେ କରୋନା ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଦେବା ସମ୍ଭବ ନୁହେଁ ବୋଲି କେନ୍ଦ୍ର ସୁପ୍ରିମକୋର୍ଟଙ୍କୁ ଜଣାଇଥିଲା। କାରଣ ବିପର୍ଯ୍ୟୟ ପ୍ରଶମନ ଆଇନରେ କେବଳ ଭୂକମ୍ପ, ବନ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଅନୁକମ୍ପାମୂଳକ କ୍ଷତିପୂରଣ ଦେବାର ବ୍ୟବସ୍ଥା ରହିଛି। ଏପରି ସ୍ଥିତିରେ ରୋଗରେ ମୃତ୍ୟୁ ଯୋଗୁଁ କ୍ଷତିପୂରଣ ଦିଆଗଲେ ଏବଂ ଅନ୍ୟ କ୍ଷେତ୍ରରେ ଏହା ଦିଆ ନଗଲେ ଭୁଲ ହେବ ବୋଲି କେନ୍ଦ୍ର କହିଥିଲା।


### ଭିତର ପୃଷ୍ଠାରେ...

ବୁଥ୍‌ରେ ନୁହେଁ; ବ୍ଲକ୍‌ରେ ଗଣତି



www.flyusha.in

USHA TRAVELS

OFFER PRICE

BHUBANESWAR ⇄

| | |
|---|---|
| KOLKATA | 2533/-* |
| CHENNAI | 3433/-* |
| HYDERABAD | 3533/-* |
| BENGALURU | 3533/-* |
| DELHI | 3633/-* |
| MUMBAI | 3733/-* |
| AHMEDABAD | 3833/-* |
| PUNE | 4533/-* |
| ABUDHABI | 10,333/-* |
| DUBAI | 10,333/-* |

T&C Apply*

Mob. : 9937438896

TOLL FREE 1800 890 3566


### ଭିଜିଲାନ୍ସ ଜାଲରେ ମୋଟୁ ଥାନା ଆଇଆଇସି

## କାର୍‌ରୁ ୨.୮ ଲକ୍ଷ ଟଙ୍କା ଜବତ

■ **କଟକ, ୨୨।୯ (ସମିସ):** ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ମାଲକାନଗିରି ଜିଲ୍ଲା ମୋଟୁ ଥାନାଧିକାରୀ ସୁଶାନ୍ତ ସାହୁ। ବୁଧବାର ସନ୍ଧ୍ୟାରେ ଶ୍ରୀ ସାହୁ ମୋଟୁରୁ ଏକ କାର୍ ଯୋଗେ କଟକ ଫୁଲନଖରାସ୍ଥିତ ନିଜ ବାସଭବନକୁ ଆସୁଥିବା ବେଳେ ଖୋର୍ଦ୍ଧା ନିକଟରେ



**ଖୋର୍ଦ୍ଧାରେ ମଧ୍ୟ ଚଢ଼ଉ**

ଭିଜିଲାନ୍ସ ଟିମ ତାଙ୍କୁ ଅଟକାଇଥିଲା। ଶ୍ରୀ ସାହୁ ବିପୁଳ ଅର୍ଥ ନେଇଆସୁଥିବା ସମ୍ପର୍କରେ ଭିଜିଲାନ୍ସ ପୂର୍ବରୁ ସୂଚନା ପାଇଥିଲା। ଭିଜିଲାନ୍ସ ଟିମ କାର୍‌କୁ ତଲାସି କରିବା ପରେ ସେଥିରେ ୨.୮ ଲକ୍ଷ ଟଙ୍କା ଥିବା ଜଣାପଡ଼ିଥିଲା। ଏହି ଟଙ୍କା ସମ୍ପର୍କରେ ଶ୍ରୀ ସାହୁ ଭିଜିଲାନ୍ସକୁ ସନ୍ତୋଷଜନକ ଉତ୍ତର ଦେଇ ନପାରିବାରୁ ଉକ୍ତ ଟଙ୍କାକୁ ଜବତ କରାଯାଇଛି। ଏଥିସହ ଶ୍ରୀ ସାହୁଙ୍କୁ ଭିଜିଲାନ୍ସ ପଚରାଉଚରା ଚଳାଇଥିବା ବେଳେ ତାଙ୍କ କଟକସ୍ଥିତ ବାସଭବନ ସହ ମୋଟୁ ଓ ମାଲକାନଗିରିର ଦୁଇଟି ସ୍ଥାନରେ ଚଢ଼ଉ ଜାରି ରଖିଛି ଭିଜିଲାନ୍ସ।

# ବଲାଙ୍ଗିରରେ ବିକାଶର ସୂର୍ଯ୍ୟୋଦୟ

- ସ୍ମାର୍ଟ ହେଲ୍‌ଥ କାର୍ଡ ବ୍ୟବସ୍ଥାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ
- ଜିଲ୍ଲାରେ ସାଢ଼େ ଚାରି ଲକ୍ଷ ପରିବାର ପାଇବେ ହେଲ୍‌ଥ କାର୍ଡ
- ହରିଶଙ୍କର ପୀଠର ବିକାଶ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ
- ୨୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ
- ୬୦୦ କୋଟି ଟଙ୍କାର ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ
- ଅନ୍ୟ ବିଶ୍ୱବିଦ୍ୟାଳୟ ଲାଗି ଆଦର୍ଶ ହେବ ରାଜେନ୍ଦ୍ର



■ **ଭୁବନେଶ୍ୱର, ୨୨।୯ (ସମିସ):** ମାଲକାନଗିରି ଏବଂ ରାଉରକେଲା ପରେ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଲାଙ୍ଗୀରବାସୀଙ୍କୁ ଉପହାର ଦେଇଛନ୍ତି ସ୍ମାର୍ଟ ସ୍ୱାସ୍ଥ୍ୟ କାର୍ଡ଼। ମୁଖ୍ୟମନ୍ତ୍ରୀ ବଲାଙ୍ଗିର ଜିଲ୍ଲାର ବିଭିନ୍ନ ସ୍ଥାନରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ ହେଲ୍‌ଥ କାର୍ଡ଼ ବଣ୍ଟନ କରିଛନ୍ତି। ଜିଲ୍ଲାର ପ୍ରଥମ ହିତାଧିକାରୀ ଭାବରେ ସରୋଜିନୀ ବହିଦାର ମୁଖ୍ୟମନ୍ତ୍ରୀଙ୍କଠାରୁ ସ୍ୱାସ୍ଥ୍ୟ କାର୍ଡ଼ଗ୍ରହଣ କରିଥିଲେ। ଅନୁରୂପ ଭାବରେ ଟିଟିଲାଗଡ଼, ପାଟଣାଗଡ଼ରେ ମଧ୍ୟ ▶ପୃଷ୍ଠା-୧୦

### ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କଲେ ନରସିଂହ-ସାଲୁଜା

■ **ବଲାଙ୍ଗିର, ୨୨।୯ (ସମିସ):** କେନ୍ଦ୍ର ସରକାରଙ୍କ ପ୍ରବର୍ତ୍ତିତ ଆୟୁଷ୍ମାନ ଯୋଜନାଠାରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ବହୁତ ଭଲ। ରାଜ୍ୟବାସୀଙ୍କ ହିତ ଲାଗି

**ଆୟୁଷ୍ମାନଠାରୁ ଭଲ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା**

ମୁଖ୍ୟମନ୍ତ୍ରୀ ଯେଉଁ ସ୍ମାର୍ଟ ହେଲ୍‌ଥ କାର୍ଡ଼ ପ୍ରଚଳନ କରିଛନ୍ତି ତାହା ସାଧାରଣ ଲୋକଙ୍କ ପାଇଁ ବେଶ୍ ଉପଯୋଗୀ ହେବ ବୋଲି କହିଛନ୍ତି ବଲଙ୍ଗିରର ଦୁଇ ବିଧାୟକ ନରସିଂହ ମିଶ୍ର ଓ ସନ୍ତୋଷ ସିଂହ ସାଲୁଜା। ▶ପୃଷ୍ଠା-୧୦

### ଲୋକକଥା



ବନ୍ୟା, ବାତ୍ୟା, ବଢ଼ି ମରୁଡ଼ିରେ ରାଜ୍ୟ
କଳବଳ ହଉଥାଇ,
କେନ୍ଦ୍ର ସରକାର ଦେଖି ଶୁଣି ସବୁ
ବଲବଲ ଛନ୍ତି ଚାହିଁ।
ଆମର ପ୍ରାପ୍ୟ ନ ଦେଇ
ହଟ ଦେଖୁଛନ୍ତି କୁଟ କପଟିଆ,
ପଦୁଅଁ ଫୁଲିଆ ସାଇଁ... ॥

# ମଉଳିଯିବ କି ଶୀତଳାପଲ୍ଲୀ ରେଳ ୱାଗନ କାରଖାନା ଆଶା!

■ **ବ୍ରହ୍ମପୁର, ୨୨।୯ (ସମିସ):** ବ୍ରହ୍ମପୁର ଉପକଣ୍ଠ ଶୀତଳାପଲ୍ଲୀଠାରେ ନିର୍ମାଣ ହେବାକୁ ଥିବା ୱାଗନ କାରଖାନା ଆଶା ମଉଳିବ। ଏଠାରେ ବିକଳ୍ପ କାରଖାନା ପାଇଁ ଚିନ୍ତା କରୁଛି ରେଳବିଭାଗ। ଆଜି ଖୋର୍ଦ୍ଧାରୋଡ୍ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ବିଦ୍ୟା ଭୂଷଣ ଶୀତଳାପଲ୍ଲୀ ଆସି ପରିଦର୍ଶନ କରିଛନ୍ତି। ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଆସି ଜଗନ୍ନାଥପୁରଠାରେ ଓହ୍ଲାଇବା ସହ ସେଠାରୁ ଶୀତଳାପଲ୍ଲୀ ଯାତ୍ରା କରିଥିଲେ। ତାଙ୍କ ସହିତ ବିଭାଗର ବରିଷ୍ଠ ଅଧିକାରୀମାନେ ମଧ୍ୟ ସାମିଲ ଥିଲେ। ସେ ଏଠାକୁ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଶୀତଳାପଲ୍ଲୀ ଠାରେ ୱାଗନ ଫେକ୍ଟ୍ରି ତିଆରି କରିବା ପାଇଁ ବହୁବର୍ଷ



ପୂର୍ବରୁ ଓଡ଼ିଶା ସରକାରଙ୍କୁ ଜାଗା ମାଗିଥିଲା ରେଳ ବିଭାଗ। ସେତେବେଳର ଚିନ୍ତାଧାରାରକୁ ଦୃଷ୍ଟିରେ ରଖି ୱାଗନ୍ ଫେକ୍ଟ୍ରି କରିବା ପାଇଁ ନିଷ୍ପତି ହୋଇଥିଲା। ଯେ କୌଣସି ଘରୋଇ ଅନୁଷ୍ଠାନକୁ ଧରି ୱାଗନ୍ ଏଠାରେ ତିଆରି କରିବାକୁ ପ୍ରସ୍ତୁତି କରାଯାଇଥିଲା। ବର୍ତ୍ତମାନ ରେଳ ବିଭାଗର

- ବିକଳ୍ପ ପାଇଁ ଚିନ୍ତା କରୁଛି ରେଳ ବିଭାଗ
- ପରିଦର୍ଶନ କଲେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ
- ଲକ୍ଷ୍ୟ ରଖି ଭଲ ଯାଗା ଦେଇଛନ୍ତି ରାଜ୍ୟ ସରକାର

ସମସ୍ତ ୱାଗନ ଘରୋଇ କମ୍ପାନୀମାନଙ୍କ ଠାରୁ ହିଁ କିଣାଯାଉଛି। କିନ୍ତୁ ଉକ୍ତ ମଡ଼େଲ୍ କାର୍ଯ୍ୟ ନ କରିବା ଫଳରେ ଏଠାରେ କେଉଁ ଘରୋଇ କମ୍ପାନୀ କାମ କରିବାକୁ ପ୍ରସ୍ତୁତ ହୋଇ ନ ଥିଲେ ▶ପୃଷ୍ଠା-୧୦

### ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ କାର୍ ଅଟକାଇ ଲୁଟ୍

## ଝାମ୍ପିନେଲେ ୩.୫୦ ଲକ୍ଷ

■ **ଉଦଳା, ୨୨।୯ (ସମିସ):** ମୟୂରଭଞ୍ଜ ଜିଲ୍ଲା ଉଦଳା ଅଞ୍ଚଳରେ ପୁଣି ରାହାଜାନି। ଉଦଳା ଥାନା ଅଞ୍ଚଳର ଧାନଘେରା ରାସ୍ତାରେ ଦୁର୍ବୃତ୍ତମାନେ ଲୁଟିନେଇଛନ୍ତି ୩ ଲକ୍ଷ ୫୦ ହଜାର ଟଙ୍କା। ଧାନଘେରା ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରତିକାନ୍ତ ବେହେରା (୭୩) ବୁଧବାର ମଧ୍ୟାହ୍ନ ପ୍ରାୟ ସାଢେ ବାରଟାରେ ଉଦଳା ଷ୍ଟେଟ୍ ବ୍ୟାଙ୍କ ଶାଖାରୁ ନିଜ ଜମା ଅର୍ଥରୁ ୩ଲକ୍ଷ ୫୦ ହଜାର ଟଙ୍କା ଉଠାଣ କରି ନିଜ ଗ୍ରାମକୁ ଏକ କାର ଯୋଗେ ପତ୍ନୀଙ୍କ ସହ ଫେରୁଥିଲେ। ବି.ସି.ପୁର-ଧାନଘେରା ରାସ୍ତାର ଏକ ନିଛାଟିଆ ସ୍ଥାନରେ ଏକ ବାଇକରେ ଆସି ଦୁଇଜଣ ଯୁବକ ସାମ୍ନାରେ ଗାଡି ରଖି ରାସ୍ତା ପଚାରିବା ବାହାନାରେ ପଛପଟୁ ଅନ୍ୟ ଜଣେ ସହଯୋଗୀ ଲୁଟେରା ଆସି ରତିକାନ୍ତଙ୍କ ପତ୍ନୀଙ୍କ ହାତରେ ଥିବା ଟଙ୍କା ବ୍ୟାଗ୍‌ଟିକୁ ଝାମ୍ପି ନେଇ ବିସିପୁର ଆଡ଼କୁ ଦ୍ରୁତଗତିରେ ଚମ୍ପଟ ମାରିଥିଲେ। ଏ ନେଇ ଉଦଳା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଟଙ୍କା ଉଠାଣର ସମୟ ଓ ବ୍ୟାଙ୍କ ସମ୍ମୁଖସ୍ଥ ସମସ୍ତ ସିସିଟିଭି ଫୁଟେଜ୍‌କୁ ପୁଲିସ ତଦନ୍ତ ପରିସରକୁ ନେଇଛି।

# 'ରାଧେ ଶ୍ୟାମ' ଯୋଡ଼ିଙ୍କ ମଧ୍ୟରେ ଫାଟ



ସାଉଥ୍ ସୁପରଷ୍ଟାର୍ ପ୍ରଭାସ ଓ ପୂଜା ହେଗ୍‌ଡେ ବହୁତ ଜଲ୍‌ଦି ରୋମାଣ୍ଟିକ୍ ଡ୍ରାମା 'ରାଧେ ଶ୍ୟାମ'ରେ ନଜର ଆସିବେ। 'ରାଧେ ଶ୍ୟାମ'ର ଏହି ଯୋଡ଼ିଙ୍କ ମଧ୍ୟରେ ସୁସମ୍ପର୍କ ନାହିଁ ବୋଲି ଏବେ ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଛି। ପ୍ରଭାସ, ପୂଜାଙ୍କ ଅଣ ପେସାଦାର ମନୋବୃତ୍ତିକୁ ନେଇ କ୍ଷୁବ୍ଧ ଥିବା ଜଣାପଡିଛି। ପ୍ରତିଦିନ ସେଟ୍‌କୁ ପୂଜା ବିଳମ୍ବରେ ଆସିବା ନୀତିକୁ ମଧ୍ୟ ସହଜରେ ଗ୍ରହଣ କରିପାରୁନାହାନ୍ତି ପ୍ରଭାସ। ସେ ପୂଜାଙ୍କ ସହିତ କଥାବାର୍ତ୍ତା ମଧ୍ୟ ବନ୍ଦ କରି ଦେଇଥିବା ଖବର ପ୍ରକାଶ ପାଇଛି। ଏଭଳି ଖବର ପ୍ରକାଶ ପାଇବା ପରେ ପ୍ରଯୋଜନା ସଂସ୍ଥା 'ୟୁବି କ୍ରିଏସନ୍' ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି।

ୟୁବି କ୍ରିଏସନ୍ ପକ୍ଷରୁ କୁହାଯାଇଛି ଯେ, 'ଏସବୁ ଖବରରେ କୌଣସି ସତ୍ୟତା ନାହିଁ। ପ୍ରଭାସ ଓ ପୂଜା ପରସ୍ପରକୁ ବହୁତ ସମ୍ମାନ ଦିଅନ୍ତି। ପରଦା ପଛରେ ଉଭୟଙ୍କ ମଧ୍ୟରେ ଭଲ ସମ୍ପର୍କ ରହିଛି। ଯେଉଁଥିପାଇଁ ସେମାନେ ପରଦା ଉପରେ ବେଶ୍ ଭଲ ଅଭିନୟ କରିପାରିଛନ୍ତି। ପୂଜା ଠିକ୍ ସମୟରେ ସେଟ୍‌କୁ ଆସନ୍ତି। ଏଭଳି ଖବର କେବଳ କାହାରି କାଳ୍ପନିକ ଚିନ୍ତାଧାରା। ଫିଲ୍ମର ନାୟକ ନାୟିକାଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିଛି। ପୂରା ଟିମ୍ ଏହି ଫିଲ୍ମକୁ ଦର୍ଶକଙ୍କ ନିକଟକୁ ଆଣିବାକୁ ଆଶାବାଦୀ।'

ରାଧାକୃଷ୍ଣ କୁମାରଙ୍କ ନିର୍ଦ୍ଦେଶିତ ଏହି ପ୍ରେମ କାହାଣୀ ହିନ୍ଦୀ, ତେଲୁଗୁ, ତାମିଲ ଓ ମାଲାୟାଲାମ ଭାଷାରେ ରିଲିଜ୍ ହେବ।


# ଦୁଇଟି ଚେହେରା ଥିବା ବ୍ୟକ୍ତି

କେବେକେବେ ଆମେ କଥା ଛଳରେ କହିଦେଉ ଯେ, ସବୁ ମଣିଷଙ୍କର ଦୁଇଟି ଚେହେରା। ମନ ଭିତରେ କିଛି ଥାଏ ଓ ବାହାରକୁ କିଛି ଦେଖାନ୍ତି। କିନ୍ତୁ ଏହି ଉକ୍ତିଟି ଏକଦା ବାସ୍ତବ ରୂପ ନେଇଥିଲା। ୧୮୦୦ ଶତାବ୍ଦୀରେ ଏଡୱର୍ଡ ମୋର୍‌ଡ୍ରାକେ ନାମକ ଜଣେ ବ୍ୟକ୍ତିଙ୍କର ବାସ୍ତବରେ ଦୁଇଟି ଚେହେରା ଥିଲା। ସାମନାରେ ଗୋଟିଏ ଚେହେରା ଓ ମୁଣ୍ଡ ପଛପଟେ ଆଉ ଏକ ଚେହେରା। ଇଂଲଣ୍ଡର ଅଧିବାସୀ ଏଡୱର୍ଡ ଏକ୍ଷେତ୍ରରେ ବିଶ୍ୱର ଏକମାତ୍ର ବିରଳ ବ୍ୟକ୍ତି, ଯାହାଙ୍କର ଦୁଇଟି ଚେହେରା ଥିଲା। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ତାଙ୍କର ପଛ ପାଖ ଚେହେରାଟି ଦିନସାରା ନିଷ୍କ୍ରିୟ ଥାଏ। କିନ୍ତୁ ଯେତେବେଳେ ସେ ଶୋଇବାକୁ ଚେଷ୍ଟା କରନ୍ତି ଏହା ସକ୍ରିୟ ହୋଇଉଠେ ଏବଂ ରାତିସାରା ସେହି ପଛପାଖ ଚେହେରାଟି ଗୁଣୁଗୁଣୁ ହୋଇ କିଛି କହିଥାଏ। ଏହି କାରଣରୁ ଏଡୱାର୍ଡ଼ ଅନେକ



ଦିନ ପର୍ଯ୍ୟନ୍ତ ଶୋଇ ପାରୁନଥିଲେ। ସେ ଏହାକୁ ନେଇ ଅତ୍ୟନ୍ତ ଚିନ୍ତିତ ହୋଇ ଡାକ୍ତରଙ୍କ ପରାମର୍ଶ ମଧ୍ୟ ନେଇଥିଲେ। କିନ୍ତୁ ସେ ସମୟରେ ବିଜ୍ଞାନର ଏତେଟା ଅଗ୍ରଗତି ହୋଇ ନଥିବାରୁ ତାଙ୍କର ଚିକିତ୍ସା ହୋଇପାରିନଥିଲା। ତେଣୁ ସେ ଅସହାୟ ହୋଇ ଆତ୍ମହତ୍ୟା କରିଥିଲେ।

- ପୁରୁଷଙ୍କ ଅପେକ୍ଷା ମହିଳା ଅଧିକ ଚେହେରା ମନେ ରଖିପାରନ୍ତି।
- ବିଶ୍ୱରେ ଶରଣାର୍ଥୀ ଓ ବିସ୍ଥାପିତଙ୍କ ମଧ୍ୟରେ ୮୦% ମହିଳା ଅଛନ୍ତି।
- ଡଲଫିନ୍ ଖାଦ୍ୟକୁ ନ ଚୋବାଇ ସିଧା ଗିଳି ଦେଇଥାଏ।



# ପେନ୍ଥାଏ ଅଙ୍ଗୁରର ଦାମ୍ ୩୩ ହଜାର !



ଭାରତୀୟ ବଜାରରେ ବିକ୍ରି ହେଉଥିବା ଅଙ୍ଗୁର କେଜି ପ୍ରତି ୧୦୦ରୁ ୨୦୦ ଟଙ୍କା ମଧ୍ୟରେ ହୋଇଥାଏ। କିନ୍ତୁ ପେନ୍ଥାଏ ଅଙ୍ଗୁରର ଦାମ୍ ୩୩ ହଜାର ଟଙ୍କା ଶୁଣି ଯେକେହି ଆଶ୍ଚର୍ଯ୍ୟ ହେବେ। 'ରୁବି ରୋମାନ' ନାମକ ଏହି ପ୍ରଜାତିର ଅଙ୍ଗୁର ପେନ୍ଥାର ଦାମ୍ ୩୩ ହଜାର ଟଙ୍କା। ଏହି ଅଙ୍ଗୁର କେବଳ ଜାପାନରେ ହିଁ ଚାଷ କରାଯାଏ। ସାଧାରଣ ଅଙ୍ଗୁର ତୁଳନାରେ ରୁବି ରୋମାନର ଆକାର ଚାରିଗୁଣ ବଡ଼ ଓ ସ୍ୱାଦ ମଧ୍ୟ ପୂରାପୂରି ନିଆରା। ଅବଶ୍ୟ ଅଙ୍ଗୁରର ଏଭଳି ଆକାଶଛୁଆଁ ଦରକୁ ସହଜରେ କେହି ଗ୍ରହଣ କରିପାରୁ ନାହାନ୍ତି। ଏହାକୁ ବିଶ୍ୱର ସବୁଠୁ ବଡ଼ ତଥା ନାଲି ରଙ୍ଗର ଅଙ୍ଗୁର ବୋଲି କହିଛନ୍ତି ଜାପାନର ଜଣେ ଗବେଷକ। ରୁବି ରୋମାନ ଅଙ୍ଗୁରକୁ ପ୍ରଥମଥର ପାଇଁ ୧୯୯୫ ମସିହାରେ ବିକଶିତ କରାଯାଇଥିଲା। ପ୍ରତ୍ୟେକ ବର୍ଷ ରୁବି ରୋମାନ ଅଙ୍ଗୁରର ମାତ୍ର ୨୪୦୦ ଗୁଚ୍ଛା ଉତ୍ପନ୍ନ କରାଯାାଇଥିଲା। ଏହାର ଆକାର ଓ ରଙ୍ଗ ଯୋଗୁଁ ଦାମ୍ ଅଧିକ ହୋଇଥିବା କୁହାଯାଉଛି। ଅନ୍ୟପଟେ ଏହି ଅଙ୍ଗୁରଗୁଡ଼ିକ ଟମାଟୋ ଆକୃତିର ହୋଇଥାନ୍ତି। ସାଧାରଣ ଅଙ୍ଗୁର ତୁଳନାରେ ଏହାର ସ୍ୱାଦ ୧୮ ଗୁଣ ଅଧିକ। ସୁପରିୟର, ସ୍ପେସାଲ ସୁପରିୟର ଓ ପ୍ରିମିୟମ୍ ତିନିଟି ଶ୍ରେଣୀରେ ଏହାକୁ ବିଭକ୍ତ କରାଯାଇଛି। ଏହି ଅଙ୍ଗୁରଗୁଡ଼ିକ ବଜାରରେ ଉପଲବ୍ଧ ହୋଇନଥାଏ। ଏହା କେବଳ ନିଲାମ ପାଇଁ ଉଦ୍ଦିଷ୍ଟ। ଏହି ଅଙ୍ଗୁରର ଫଟୋ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ଏହା ଏବେ ସଭିଁଙ୍କ ଦୃଷ୍ଟି ଆକର୍ଷଣ କରୁଛି।

## ଅଜବ ବିଶ୍ୱାସ

# ବିବାହ ପାଇଁ ଅଶୁଭ ନଭେମ୍ବର

ଜାତି- ବର୍ଣ୍ଣ-ଧର୍ମକୁ ନେଇ ବିବାହ ପରମ୍ପରାରେ ଭିନ୍ନତା ଦେଖିବାକୁ ମିଳିଥାଏ। ପୁଣି ଅନେକ ବିଶ୍ୱାସ-ଅନ୍ଧବିଶ୍ୱାସ କଥା ମଧ୍ୟ ରହିଛି। କିନ୍ତୁ ଜିମ୍ବାୱେରେ ଏହାକୁ ନେଇ ଏକ ଅଜବ ବିଶ୍ୱାସ ରହିଛି। ଏଠାରେ ନଭେମ୍ବର ମାସରେ କେହି ମଧ୍ୟ ବିବାହ କରନ୍ତି ନାହିଁ। ନଭେମ୍ବର ମାସରେ ବିବାହ କଲେ ବିବାହ ବିଚ୍ଛେଦ ସହ ଗର୍ଭଧାରଣ କ୍ଷେତ୍ରରେ ନାନା ସମସ୍ୟା ଦେଖାଯାଇଥାଏ ବୋଲି ସ୍ଥାନୀୟ ଅଞ୍ଚଳରେ ବିଶ୍ୱାସ ରହିଛି। ତେଣୁ ଜିମ୍ବାୱେରେ ନଭେମ୍ବର ମାସରେ ବିବାହ କାର୍ଯ୍ୟ ଅନୁଷ୍ଠିତ ହୋଇନଥାଏ। ଜିମ୍ବାୱେ ଓ ଦକ୍ଷିଣ ଆଫ୍ରିକାରେ ରହୁଥିବା ସୋନା ସମ୍ପ୍ରଦାୟର ଲୋକଙ୍କ ମଧ୍ୟରେ କାହିଁ କେତେକାଳରୁ ଏଭଳି ଏକ ବିଶ୍ୱାସ ପ୍ରଚଳିତ। କିଛି ଲୋକଙ୍କର ମତାନୁସାରେ, ନଭେମ୍ବର ମାସରେ ଏଠାରେ ଅଧିକ ବର୍ଷା ହୋଇଥାଏ, ଯାହାକି ଜୀବଜନ୍ତୁ ଓ ବନସ୍ପତିର ବିକାଶ ଦିଗରେ ସହାୟକ ହୋଇଥାଏ। ତେଣୁ ଏହି ମାସ ଅତ୍ୟନ୍ତ ପବିତ୍ର ମାସ। ଏହି ସମୟରେ ହୋହାଲ୍ଲା କଲା ଭଳି କିଛି ସାମାଜିକ ସମାରୋହର ଆୟୋଜନ କରାଯିବା ଅନୁଚିତ। କିଛି ବ୍ୟକ୍ତି ଏହି ପ୍ରତିବନ୍ଧକକୁ ମାନୁ ନଥିବାବେଳେ ଏଠାକାର ରଢ଼ିବାଦୀ ଲୋକେ ଏହାକୁ 'କଳା ନଭେମ୍ବର'ର ଆଖ୍ୟା ଦେଇ ପରମ୍ପରାକୁ ଜାବୁଡ଼ି ଧରିଛନ୍ତି। ପ୍ରକୃତି ବିରୋଧରେ ଯାଇ ବିବାହ କଲେ ଅନିଷ୍ଟ ଘଟେ ବୋଲି ସେମାନେ ବିଶ୍ୱାସ କରନ୍ତି।



# 'ଭାଇରସ୍' ଚରିତ୍ରକୁ ନକଲ କରୁଛନ୍ତି ଛାତ୍ରୀ

ପ୍ରତିଭାଧାରୀ ବ୍ୟକ୍ତିମାନେ ତାଙ୍କର ଅନନ୍ୟ କଳା ନୈପୁଣ୍ୟରେ ଅନ୍ୟମାନଙ୍କୁ ପ୍ରଭାବିତ କରିଥାନ୍ତି। ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଛତିଶଗଡ଼ର ରାଜଧାନୀ ରାୟପୁରରେ। କାବ୍ୟା ଚାୱଡ଼ା ନାମକ ଜଣେ ସପ୍ତମ ଶ୍ରେଣୀର ଛାତ୍ରୀ ବଲିଉଡ୍‌ର ବ୍ଲକ୍‌ବଷ୍ଟର୍ ଚଳଚ୍ଚିତ୍ର 'ଥ୍ରି ଇଡିଅଟସ୍'ର 'ଭାଇରସ୍' ଚରିତ୍ରରୁ ପ୍ରେରଣା ପାଇ ଦୁଇ ହାତରେ ଏକା ସାଙ୍ଗରେ ଲେଖିବାର ଏକ ନିଆରା କୌଶଳକୁ ଆପଣାଇ ନେଇଛନ୍ତି। ସେ ଡାହାଣ ହାତରେ ଯେଉଁ ଶବ୍ଦ ଲେଖନ୍ତି ବାମ ହାତରେ ତାକୁ ଓଲଟା କରି ଲେଖିଥାନ୍ତି (ମିରର୍ ଇମେଜ୍ ଭଳି)। କାବ୍ୟା ପ୍ରାୟ ୩-୪ ବର୍ଷ ହେଲା ଏହିଭଳି ଲେଖା ଅଭ୍ୟାସ କରୁଛନ୍ତି। ଏ ସମ୍ପର୍କରେ କାବ୍ୟାଙ୍କ ମା' ନେହା ଚାୱାଡା କହିଛନ୍ତି ଯେ, ପାଠପଢା ସରିବା ପରେ ସେ କାୟାଙ୍କୁ ଆରାମ କରିବାକୁ କହନ୍ତି। କିନ୍ତୁ ସେ ଆରାମ ନ କରି ତାଙ୍କର ଲେଖା ଅଭ୍ୟାସ




କଳାରେ ଲାଗିଯାନ୍ତି। ସେ ନିଜେ ଛଅମାସ ପୂର୍ବରୁ ତାଙ୍କ ଝିଅର ଏହି ପ୍ରତିଭା ବିଷୟରେ ଅବଗତ ହୋଇଥିବା କଥା କହିଛନ୍ତି।

## ଆଜିର ଦିନରେ

- ୧୯୨୯- ବାଲ୍ୟ ବିବାହ ନିରୋଧ ବିଧେୟକ ପାରିତ।
- ୧୯୫୫- ପାକିସ୍ତାନ ବାଗଦାଦ୍ ଚୁକ୍ତିରେ ସ୍ୱାକ୍ଷର କଲା।
- ୧୯୭୯- ସୋମାଲିଆ ସମ୍ବିଧାନକୁ ରାଷ୍ଟ୍ରପତି ମଞ୍ଜୁରୀ ଦେଲେ।
- ୨୦୦୨- ମୋଜିଲା ଫାୟାର ଫକ୍ସ ତା'ର ପ୍ରଥମ ଭର୍ସନ୍ ଲଞ୍ଚ କଲା।
- ୨୦୦୪- ହାଇତିରେ ତୋଫାନ ପରେ ଆସିଥିବା ବନ୍ୟା ଯୋଗୁଁ ପାଖାପାଖି ୧୦୭୦ ଜଣଙ୍କ ମୃତ୍ୟୁ।

# ମଝି ରାସ୍ତାରେ ପାହାଚ

ଆଜିକାଲି ସୋସିଆଲ୍ ମିଡିଆରେ ପ୍ରାଙ୍କ୍ ଭିଡିଓ ଅଧିକ ଟ୍ରେଣ୍ଡରେ ଅଛି। ବିଭିନ୍ନ ପ୍ରକାର ମନୋରଞ୍ଜନ ଭିତ୍ତିକ କୌଶଳରେ ଲୋକମାନଙ୍କୁ ସହଜରେ ବୋକା ବନାଇ ଦିଆଯାଇପାରୁଛି। ଏବେ ସେଭଳି ଏକ ଭିଡିଓ ଭାଇରାଲ୍ ହୋଇଛି, ଯେଉଁଥିରେ ଜଣେ ବ୍ୟକ୍ତି ରାସ୍ତା ଉପରେ ଥ୍ରୀ-ଡି ପେଣ୍ଟିଙ୍ଗ୍ ସାହାଯ୍ୟରେ



ପାହାଚ ଭଳି ଏକ ଚିତ୍ରକଳା ତିଆରି କରିଛନ୍ତି। ଏହା ରାସ୍ତା ଉପରେ ପାହାଚ ତିଆରି ହୋଇଥିବା ଭଳି ମନେ ହେଉଛି। ରାସ୍ତାରେ ଯାଉଥିବା ଲୋକ ଦୁର୍ଘଟଣା ଆଶଙ୍କାରେ ଏଠାରେ ଅଟକି ଯାଉଛନ୍ତି। ସେମାନଙ୍କ ମନରେ କ୍ଷଣକ ପାଇଁ ଭୟ ମଧ୍ୟ ଉଦ୍ରେକ ହେଉଛି। ଏହି ଭିଡିଓ ହେପଗୁଲ୍ ୫ ନାମକ ଏକ ଇନଷ୍ଟାଗ୍ରାମ୍ ମାଧ୍ୟମରେ ସେୟାର୍ ହୋଇଛି। ଭିଡିଓରେ ଦେଖିବାକୁ ମିଳିଛି ଯେ, ପ୍ରଥମେ ଜଣେ ବାଇକ୍ ରାଇଡର୍ ରାସ୍ତା ଉପରେ ଥ୍ରୀଡି ଆର୍ଟକୁ ଦେଖିବା ପରେ ଏହାକୁ ପାହାଚ ବୋଲି ଭାବି ରାସ୍ତା କଡ଼ରେ କଡ଼ରେ ବାଇକ୍ ଚଳାଇ ଯାଇଥିଲେ। ଏହାପରେ ସ୍କୁଟି ଚଳାଇ ଆସୁଥିବା ଦୁଇଜଣ ବ୍ୟକ୍ତି ମଧ୍ୟ ଠିକ୍ ଏଭଳି କରିଥିଲେ। ଶେଷରେ କାର୍‌ଟିଏ ଆସି ଏହି ସ୍ଥାନରେ ଅଟକି ଯାଉଛି। ଏହି ଭିଡିଓ ଦେଖିବାକୁ ବେଶ୍ ମଜାଦାର ଲାଗୁଛି ଏବଂ ଏହାକୁ ୧ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଦେଖି ସାରିଛନ୍ତି।

ଲୋକକଳା ଭାରତୀୟ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ। ସମୟକ୍ରମରେ ଏହି ଲୋକକଳା ଲୋପ ପାଇବାରେ ଲାଗିଛି। ଲୋପ ପାଇ ଯାଉଥିବା ଲୋକକଳା ମଧ୍ୟରୁ ଗୋଟିଏ ହେଉଛି ବହୁରୂପିଆ। ଏହା ବିହାରର ମୁଜଫରପୁରରେ ବହୁଳ ଭାବେ ପ୍ରଚଳିତ। ବିଭିନ୍ନ ପର୍ବପର୍ବାଣି ଅନୁଯାୟୀ, ଏହି ବହୁରୁପୀମାନେ ନିଜକୁ ସଜେଇ ଲୋକମାନଙ୍କୁ ଘରଘର ବୁଲି ହସାନ୍ତି ଏବଂ ମନୋରଞ୍ଜନ କରନ୍ତି। ଏହାର ପ୍ରତିବଦଳରେ ତାଙ୍କୁ କିଛି ଟଙ୍କା ମଧ୍ୟ ଦିଆଯାଇଥାଏ। ଲୋପ ପାଇଯାଉଥିବା ଏହି ଲୋକକଳାକୁ ବଞ୍ଚାଇ ରଖିଛନ୍ତି ମୁଜଫରପୁର ଜଣେ ବହୁରୂପୀଆ। ମଧୁବାଣୀ ଅଞ୍ଚଳରେ ଏହି ବହୁରୂପୀଆ ଜଣକ ପି.କେ. ଚଳଚ୍ଚିତ୍ରର ପି.କେ. ଚରିତ୍ରକୁ ଧାରଣ କରିଛନ୍ତି। ମୁଣ୍ଡରେ ହଳଦିଆ ହେଲମେଟ୍, ଗଳାରେ ରେଡ଼ିଓ ଓ ମାଳା ଆଦି ପିନ୍ଧି ମନୋରଞ୍ଜନ କରୁଛନ୍ତି। ଲୋକମାନଙ୍କୁ ସେ ଏହି ଚଳଚ୍ଚିତ୍ରର ଡାଇଲଗ୍ କହି ମଧ୍ୟ ହସାଉଛନ୍ତି। ଏହାପୂର୍ବରୁ ସେ ନାରଦ ମୁନି, ଭଗବାନ ଶିବ ଶଙ୍କର, ବିଭିନ୍ନ ବଲିଉଡ୍ ଅଭିନେତାଙ୍କ ବେଶ ଧାରଣ କରୁଥିଲେ। ଏହି ବହୁରୂପୀଆ ଜଣକ କହିଛନ୍ତି ଯେ, ପୂର୍ବପୁରୁଷଙ୍କ ପରମ୍ପରାକୁ ବଜାୟ ରଖିବା ପାଇଁ ସେ ଏପରି ବହୁରୂପିଆ ବେଶ ଧାରଣ କରୁଛନ୍ତି।



## ଆଜିର ରାଶିଫଳ

**ମେଷ:** କିଛିଟା ଟେନସନ୍ ଭିତରେ ଆଗେଇ ଚାଲିବେ। ଚାକିରିରେ ଚଳଚଞ୍ଚଳ ରହିବେ। ରାଜନୀତିରେ ପ୍ରତିଦ୍ୱନ୍ଦ୍ୱିତା ରହିବ। ବାଣିଜ୍ୟରେ ପ୍ରସାର ହେବ। ଶିକ୍ଷାର୍ଥୀ ଭ୍ରମଣପ୍ରିୟ ହେବେ। **ଶୁଭ ଅଙ୍କ- ୯, ଶୁଭ ରଙ୍ଗ-ମେରୁନ୍**

**ବୃଷ:** ଅନେକ ଚେଷ୍ଟା କରି ସୁଫଳ ପାଇବେ। ଚାକିରିରେ ବ୍ୟସ୍ତତା ଭିତରେ କଟିବ। ରାଜନୀତିରେ ଲୋକସମ୍ପର୍କ ବୃଦ୍ଧି ପାଇବ। ବାଣିଜ୍ୟରେ ସ୍ୱଳ୍ପ ଲାଭ ମିଳିବ। ଶିକ୍ଷାର୍ଥୀ ସଫଳ ହେବ। **ଶୁଭ ଅଙ୍କ-୬, ଶୁଭ ରଙ୍ଗ-ଧଳା**

**ମିଥୁନ:** ଦିନଟି ସୁଖସମୃଦ୍ଧି ପ୍ରାପ୍ତି ହେବ। ଉଭୟ ପ୍ରେମ ଓ ଦାମ୍ପତ୍ୟ ସୁଖମୟ ରହିବ। ପ୍ରଶାସନିକ ସକ୍ରିୟ ରହିବେ। ବାଣିଜ୍ୟରେ ଉତ୍ତମ ଲାଭ ହେବ। ଶିକ୍ଷାର୍ଥୀ କୃତକାର୍ଯ୍ୟ ହେବେ। **ଶୁଭ ଅଙ୍କ-୮, ଶୁଭ ରଙ୍ଗ-ଆକାଶୀ**

**କର୍କଟ:** ଦିନଟିରେ ଆବଶ୍ୟକତା ପୂରଣ ହେବ। କୌଣସି ସାଂସ୍କୃତିକ କାର୍ଯ୍ୟରେ ଯୋଗ ଦେଇପାରନ୍ତି। ଚାକିରିରେ ଧନସମ୍ମାନ ମିଳିବ। ବାଣିଜ୍ୟରେ ଉନ୍ନତି ହେବ। ଶିକ୍ଷାର୍ଥୀ ଅଧ୍ୟୟନପ୍ରିୟ ହେବେ। **ଶୁଭ ଅଙ୍କ-୧, ଶୁଭ ରଙ୍ଗ-ପିଙ୍କ୍**

**ସିଂହ:** ଦିନଟି ଅସ୍ତବ୍ୟସ୍ତ ଭିତରେ କଟିବ। ଚାକିରିରେ ଅବହେଳା ରହିବ। ପ୍ରଶାସନିକ ଅସହଯୋଗ ରହିବ। ପରିବହନ ଓ ବାଣିଜ୍ୟ ମନ୍ଥର ରହିବ। ଶିକ୍ଷାର୍ଥୀ ଆଳସ୍ୟ ରହିବେ। **ଶୁଭ ଅଙ୍କ-୫, ଶୁଭ ରଙ୍ଗ-ସବୁଜ**

**କନ୍ୟା:** କେତେକ ସମସ୍ୟାକୁ ନେଇ ବିଚଳିତ ରହିବେ। ଚାକିରିରେ ସ୍ଥାନାନ୍ତର ହୋଇପାରେ। ରାଜନୀତିରେ ଜଟିଳସ୍ଥିତି ରହିବ। ବାଣିଜ୍ୟରେ ହାନି ହୋଇପାରେ। ଶିକ୍ଷାର୍ଥୀ ଭ୍ରମରେ ପଡିବେ। **ଶୁଭ ଅଙ୍କ-୬, ଶୁଭ ରଙ୍ଗ-ସିଲଭର୍**

**ତୁଳା:** ବନ୍ଧୁ ସହଯୋଗ ପାଇ ଆଗେଇବେ। ମହିଳାମାନେ ସୁଖୀ ରହିବେ। ରାଜନୀତିରେ ସୁନାମ ପାଇବେ। ବାଣିଜ୍ୟ ଉତ୍ସାହଜନକ ରହିବ। ଶିକ୍ଷାର୍ଥୀ ସଫଳ ହେବେ। **ଶୁଭ ଅଙ୍କ-୪, ଶୁଭ ରଙ୍ଗ-ମେଟାଲିକ୍**

**ବିଛା:** ଦିନଟି କର୍ମତତ୍ପର ରହିବେ। ଚାକିରିରେ ନିଷ୍ଠାପର ରହିବେ। ମହିଳାମାନେ ପରିଶ୍ରମୀ ହେବେ। ପରିବହନ ଓ ବାଣିଜ୍ୟରେ ଲାଭାନ୍ୱିତ ହେବେ। ଶିକ୍ଷାର୍ଥୀ କୃତକାର୍ଯ୍ୟ ହେବେ। **ଶୁଭ ଅଙ୍କ-୭, ଶୁଭ ରଙ୍ଗ-କଫି**

**ଧନୁ:** କୌଣସି ବିଷୟକୁ ନେଇ ଚିନ୍ତାରେ ରହିବେ। ସନ୍ତାନସନ୍ତତିମାନେ ଅବାଧ୍ୟ ହୋଇପାରନ୍ତି। ଚାକିରିରେ ଚାପ ରହିବ। ବାଣିଜ୍ୟରେ ମନ୍ଥର ରହିବ। ଶିକ୍ଷାର୍ଥୀ ଅନ୍ୟମନସ୍କ ରହିବେ। **ଶୁଭ ଅଙ୍କ-୮, ଶୁଭ ରଙ୍ଗ-ବାଇଗଣୀ**

**ମକର:** ପରିଶ୍ରମର ଫଳ ପାଇବେ। ମହିଳାମାନେ ଚଳଚଞ୍ଚଳ ରହିବେ। ରାଜନୀତିରେ ଲୋକସମ୍ପର୍କ ବୃଦ୍ଧି ପାଇବ। ବାଣିଜ୍ୟରେ ପ୍ରସାର ହେବ। ଶିକ୍ଷାର୍ଥୀ ଚଞ୍ଚଳ ରହିବେ। **ଶୁଭ ଅଙ୍କ-୩, ଶୁଭ ରଙ୍ଗ-ହଳଦିଆ**

**କୁମ୍ଭ:** ପ୍ରତିଟି କାର୍ଯ୍ୟରେ ସଫଳତା ପାଇବେ। ମହିଳାମାନେ ଆଦର ସମ୍ମାନ ପାଇବେ। ଚାକିରିରେ ନିଷ୍ଠା ରହିବ। ବାଣିଜ୍ୟରେ ଉତ୍ତମ ହେବ। ଶିକ୍ଷାର୍ଥୀ ପରିଶ୍ରମୀ ହେବେ। **ଶୁଭ ଅଙ୍କ-୪, ଶୁଭ ରଙ୍ଗ-ମେଟାଲିକ୍**

**ମୀନ:** ଆର୍ଥିକ କଥାକୁ କେନ୍ଦ୍ର କରି ଅଶାନ୍ତି ଉପୁଜିପାରେ। ଚାକିରିରେ କାର୍ଯ୍ୟ ବହୁଳ ରହିବ। ରାଜନୀତିରେ ବିରୋଧୀ ବୃଦ୍ଧି ପାଇବେ। ବାଣିଜ୍ୟ ମାନ୍ଦା ରହିବ। ଶିକ୍ଷାର୍ଥୀ ଆଳସ୍ୟ ହେବେ। **ଶୁଭ ଅଙ୍କ-୩, ଶୁଭ ରଙ୍ଗ-କ୍ରିମ୍**

ପଣ୍ଡିତ ଅଭିମନ୍ୟୁ ଦୀକ୍ଷିତ, ବାଲେଶ୍ୱର, ମୋ -୯୭୭୭୭୬୬୨୨୦

■ ଚାନ୍ଦିପୁର ପ୍ରତିରକ୍ଷା ଘାଟି ଗୁପ୍ତଚରୀ

## ଚାଳକବିହୀନ ବିମାନ ଡାଟା ଚୋରି ସନ୍ଦେହ

● ମାୟାବିନୀ ସୁନ୍ଦରୀଙ୍କ ସମ୍ପର୍କରେ ଥିଲେ ସମସ୍ତ ଅଭିଯୁକ୍ତ
● ବିବାହର ପ୍ରଲୋଭନ ଦେଇ ଅଭିଯୁକ୍ତଙ୍କୁ ଫସାଇଥିଲେ

ଭୁବନେଶ୍ୱର/କଟକ,୨୨।୯(ସମିସ): ଚାନ୍ଦିପୁର ପ୍ରତିରକ୍ଷା ଘାଟିରେ ଗୁପ୍ତଚରୀ ଘଟଣାରେ ପଦାକୁ ଆସିଛି ଆଉ କିଛି ସଂଘାତିକ ତଥ୍ୟ। ପାଇଲଟ ବିହୀନ ଏୟାରକ୍ରାଫ୍ଟ ପରୀକ୍ଷଣ ସଂକ୍ରାନ୍ତ ତଥ୍ୟ ଶତ୍ରୁ ରାଷ୍ଟ୍ରକୁ ଲିକ୍ ହୋଇଥିବା ସନ୍ଦେହରେ ତନାଘନା କରୁଛି ଏୟାରଫୋର୍ସର ଏକ ସ୍ୱତନ୍ତ୍ର ଟିମ୍। ୫ ଅଭିଯୁକ୍ତଙ୍କୁ ଏୟାରଫୋର୍ସର ଦୁଇ ଜଣିଆ ତଦନ୍ତକାରୀ ଟିମ୍ ଜେରା କରୁଛନ୍ତି। ଅଭିଯୁକ୍ତଙ୍କୁ ଗୁଡେଇ ତୁଡେଇ ପଚରାଉଚରା କରାଯାଉଛି। କାରଣ ପାଇଲଟ୍ ବିହୀନ ଏୟାରକ୍ରାଫ୍ଟ ପରୀକ୍ଷଣ ନିମନ୍ତେ ଚାନ୍ଦିପୁର ପ୍ରତିରକ୍ଷା ଘାଟିରେ କାର୍ଯ୍ୟକ୍ରମ ଚାଲୁଥିଲା। ଯଦି ଏଭଳି ସୁରାକ୍ ଶତ୍ରୁ ରାଷ୍ଟ୍ରର ଗୁଇନ୍ଦା ହାତରେ ପଡ଼ିଲେ, ଭାରତୀୟ ବାୟୁସେନା ଏୟାରକ୍ରାଫ୍ଟର ସୂଚନା ପ୍ରଘଟ ହେବାର ଆଶଙ୍କା ରହିଛି। ତେଣୁ ବାୟୁସେନାର ତଦନ୍ତକାରୀ ଟିମ୍ ଅଧିକ ଖୋଳତାଡ କରୁଛି।

ସେହିପରି ଅଭିଯୁକ୍ତଙ୍କ 'ହନିଟ୍ରାପ' ଗୁମର ଧିରେ ଧିରେ ଫିଟୁଛି। ୨୦୨୦ ଫେବୃଆରୀ ମାସରୁ ଜଣେ ଅଭିଯୁକ୍ତ ସୁନ୍ଦରୀ ଯୁବତୀଙ୍କ ଯୋଗସୂତ୍ରରେ ଆସିଥିଲେ। ଏହାପରେ ଫେସ୍‌ବୁକ୍ ଓ ହ୍ୱାଟ୍ସଆପରେ ଆଉ ୪ ଅଭିଯୁକ୍ତ ଯୁବତୀଙ୍କ ଜାଲରେ ପଡ଼ିଥିଲେ। ଏଭଳି ଭାବେ ପ୍ରାୟ ଦେଢ଼ବର୍ଷ ହେବ ସୁନ୍ଦରୀ ଯୁବତୀଙ୍କ ସହ ୫ ଅଭିଯୁକ୍ତ ସମ୍ପର୍କରେ ରହିଥିଲେ। ସେମାନଙ୍କ ବିଭିନ୍ନ ପରିଚୟ ଦେଇ ଯୋଗାଯୋଗରେ ରହୁଥିଲେ ସୁନ୍ଦରୀ ଯୁବତୀ। କେତେବେଳେ ସୁନ୍ଦରୀ ତରୁଣୀ ଜଣକ ନିଜକୁ ରାଜସ୍ଥାନର ପ୍ରେସ ଟ୍ରଷ୍ଟ ବ୍ୟୁରୋରେ କର୍ମଚାରୀ ତ ଆଉ କାହାକୁ ପୋର୍ଟବ୍ଲେୟାରରେ ନର୍ସ ଭାବରେ କାର୍ଯ୍ୟ କରୁଥିବା କହୁଥିଲେ। ଅନ୍ୟମାନଙ୍କୁ ସେ ଯଥାକ୍ରମେ ବିଟ୍ରେନ ଲିଭରପୁଲରେ ମିଜାଇଲର ରିସର୍ଚ କରୁଥିବା, ଚଣ୍ଡିଗଡ଼ର ସେନାର ଲୋୟର ଡିଭିଜନ କ୍ଲର୍କ କାମ କରୁଥିବା କହି ବାର୍ତ୍ତାଳାପ କରୁଥିଲେ। ସବୁଠାରୁ ବଡ଼ କଥା ହେଲା ଯୁବତୀ ଜଣକ ୫ଜଣଙ୍କ ସହ ସମ୍ପର୍କ ରଖୁଥିଲେ ମଧ୍ୟ ପରସ୍ପର ଜାଣିପାରୁନଥିଲେ। ଏଭଳିଭାବେ ଯୁବତୀ ମାୟାଜାଲ ବିଛାଇ ଅଭିଯୁକ୍ତଙ୍କ ଠାରୁ ଗୋପନୀୟ ତଥ୍ୟ ନେଉଥିଲେ। ସେପଟେ ନିୟମିତ ସୁନ୍ଦରୀ ଯୁବତୀ ଅଭିଯୁକ୍ତଙ୍କ ସହ ସମ୍ପର୍କରେ ରଖିବା ସହ ବାରମ୍ବାର କଥା ହେଉଥିଲେ। ଦିନରେ ଜଣେ ଅଭିଯୁକ୍ତଙ୍କୁ ୧୦ରୁ ଉର୍ଦ୍ଧ୍ୱ ଥର ଫେସ୍‌ବୁକ୍ କଲ, ଭିଡ଼ିଓ କଲ୍, ମେସେଜ ଓ ମେସେଞ୍ଜର ଜରିଆରେ କରି କଥା ହେଉଥିଲେ। ଏମିତିକି ଯୁବତୀ ଜଣକ ହିନ୍ଦୀ ଓ ଇଂରାଜୀ ଭାଷାରେ ଅଭିଯୁକ୍ତଙ୍କ ସହ କଥା ହେଉଥିଲେ ବୋଲି କ୍ରାଇମ୍‌ବ୍ରାଞ୍ଚର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

ଅନ୍ୟପଟେ ଯୁବତୀ ଜଣକ ଅଭିଯୁକ୍ତଙ୍କୁ ବିବାହ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏପରିକି ଅଭିଯୁକ୍ତଙ୍କ ସହ ଯୁବତୀ ଅଶ୍ଳୀଳ ଭିଡ଼ିଓ ଚାଟିଂ କରୁଥିଲେ। ଟଙ୍କା ଲୋଭ, ବିବାହ ପ୍ରଲୋଭନ ଓ ଲଙ୍ଗଳା ଦେହ ଦେଖାଇ ଏହି କର୍ମଚାରୀମାନଙ୍କୁ ଚକ୍ରବ୍ୟୁହରେ ଫସାଇଥିଲେ ମାୟାବିନୀ ଯୁବତୀ। ଯୁବତୀଜଣକ ଇଂଲଣ୍ଡର ଫୋନ୍ ନମ୍ବର ବ୍ୟବହାର କରୁଥିଲେ। ତେଣୁ ୟୁକେ ସରକାରଙ୍କୁ ହ୍ୱାଟ୍ସଆପ୍ ନମ୍ବରର ଡିଟେଲ୍ସ ମଗାଯିବ ବୋଲି ଅଧିକାରୀ ଜଣକ କହିଛନ୍ତି। ସେହିପରି କେଉଁଠାରୁ ଆଇପି ଆଡ୍ରେସ୍ ବ୍ୟବହାର ହେଉଥିଲା ସେନେଇ ଖୋଳତାଡ କରାଯାଉଛି। ଏଥିସହି ଫେସ୍‌ବୁକ୍ ଓ ହ୍ୱାଟ୍ସଆପ୍‌ରେ ଅଭିଯୁକ୍ତମାନେ କି ତଥ୍ୟ ଦେଇଛନ୍ତି। ସେସବୁକୁ ଜାଣିବା ଲାଗି ଫେସ୍‌ବୁକ୍ ଓ ହ୍ୱାଟ୍ସଆପ୍‌କୁ ଚିଠି ଲେଖିବ କ୍ରାଇମ୍‌ବ୍ରାଞ୍ଚ୍।

ଅନ୍ୟପକ୍ଷରେ ଦୁବାଇରୁ ଜଣେ ଅଭିଯୁକ୍ତର ଜମାଖାତାକୁ ୨ଟି କିସ୍ତିରେ ଦୁବାଇରୁ ୩୮ ହଜାର ଟଙ୍କା ଆସୁଛି। ତେଣୁ ଉକ୍ତ ଟଙ୍କା କିଏ ପଠାଇଛି ଖୋଳତାଡ କରୁଛି କ୍ରାଇମ୍‌ବ୍ରାଞ୍ଚ। ଏଥିସହ ଜଣେ ଯୁବତୀ ଏହାକୁ ଅପରେଟ୍ କରୁଥିଲେ ନା ଏଥିରେ ଆଉ କିଛି ଯୁବତୀଙ୍କ ସମ୍ପୃକ୍ତି ରହିଛି, ଏସବୁକୁ କ୍ରାଇମ୍‌ବ୍ରାଞ୍ଚ ଟିମ୍ ତନାଘନା କରୁଛି। ସେଭଳି ରିମାଣ୍ଡର ୪ର୍ଥ ଦିନରେ ଅଭିଯୁକ୍ତଙ୍କ ଠାରୁ ଏସବୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ କ୍ରାଇମ୍‌ବ୍ରାଞ୍ଚ ହାତେଇଛି। ୭ଦିନିଆ ରିମାଣ୍ଡର ଆଉ ୩ଦିନ ବାକି ଥିବାରୁ ଅଭିଯୁକ୍ତଙ୍କ ଠାରୁ ଆଉ କିଛି ରୋଚକତଥ୍ୟ କ୍ରାଇମ୍‌ବ୍ରାଞ୍ଚ ହାସଲ କରିବ ବୋଲି ଆଶା ରଖିଛି। ଆବଶ୍ୟକ ପଡ଼ିଲେ ପୁଣି ଥରେ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯିବ ବୋଲି କ୍ରାଇମ୍‌ବ୍ରାଞ୍ଚର ଅଧିକାରୀ ଜଣକ ସୂଚନା ଦେଇଛନ୍ତି।

## ଧୋକାଦେଲା ଛତିଶଗଡ଼; ସମ୍ଭାଳିନେଲା ଓଡ଼ିଶା

ସମ୍ବଲପୁର,୨୨।୯(ସମିସ) : ଏଥର ବେଶ୍ ସତର୍କତାର ସହ ମହାନଦୀ ବନ୍ୟାକୁ ରାଜ୍ୟ ସରକାର ପରିଚାଳନା କରିଛନ୍ତି। ଛତିଶଗଡ଼ ସରକାର ରୁଲ୍ କର୍ଭକୁ ବେଖାତିର କରି ହଠାତ ପାଣି ଛାଡ଼ିଦେଇଥିବାରୁ ଓଡ଼ିଶା ପାଇଁ ସଂକଟଜନକ ପରିସ୍ଥିତି ସୃଷ୍ଟି ହୋଇଥିଲା। କିନ୍ତୁ ରାଜ୍ୟ ସରକାରଙ୍କ ଆଗୁଆ ପ୍ରସ୍ତୁତି ଓ ହୀରାକୁଦ ବନ୍ଧ କର୍ତ୍ତୃପକ୍ଷଙ୍କ ଠିକ୍ ସମୟରେ ପଦକ୍ଷେପ ଯୋଗୁ ମହାନଦୀରେ ବଡ଼ ବନ୍ୟା ଆଶଙ୍କାକୁ ଟାଳିଦିଆଯାଇପାରିଛି।

ଗତ କିଛି ଦିନ ପୂର୍ବରୁ ଓଡ଼ିଶାରେ ଲଘୁଚାପ ଜନିତ ଲଗାଣ ବର୍ଷା ହୋଇଥିଲା। ଏପରିକି ଡ୍ୟାମର ଉପରମୁଣ୍ଡ ଅର୍ଥାତ୍ ଛତିଶଗଡ଼ରେ ମଧ୍ୟ ଲଘୁଚାପ ପ୍ରଭାବରେ ବର୍ଷା ଲାଗି ରହିଥିଲା। ତେବେ ବିନା ଆଗୁଆ ସୂଚନାରେ ଛତିଶଗଡ଼ ତିଆରି କରିଥିବା ବ୍ୟାରେଜର ଗେଟ୍ ଖୋଲି ଥିଲା। ଏହା ଫଳରେ ଏକ ସଙ୍ଗରେ ବନ୍ୟା ପାଣି ହୀରାକୁଦ ଡ୍ୟାମ ମଧ୍ୟକୁ ପ୍ରବେଶ କରିଥିଲା। ଲକ୍ଷାଧିକ କ୍ୟୁସେକ ଜଳ ଜଳଭଣ୍ଡାରକୁ ପ୍ରବେଶ କରୁଥିବା ବେଳେ ହୀରାକୁଦ ବନ୍ଧ କର୍ତ୍ତୃପକ୍ଷ ବିଚଳିତ ନ ହୋଇ ସୁପରିଚାଳନା କରିଥିଲେ। ଫଳରେ ଏକ ବଡ ଧରଣର ବନ୍ୟା ଟଳିଥିଲା। ପୂର୍ବରୁ ଏସଆରସି ଏକ ମଧ୍ୟମ ଧରଣର ବନ୍ୟା ହେବ ବୋଲି ସୂଚନା ଦେଇଥିଲେ।

ଚଳିତ ବର୍ଷ ଭଲ ବର୍ଷା ହେବ ବୋଲି ଆଇଏମଡି ପକ୍ଷରୁ ପୂର୍ବାନୁମାନ କରାଯାଇଥିଲା; ମାତ୍ର ଅଗଷ୍ଟ ଶେଷ ସୁଦ୍ଧା ଭଲ ବର୍ଷା ହେଲା ନାହିଁ। ରୁଲ କର୍ଭ ଅନୁଯାୟୀ ହୀରାକୁଦ ଜଳସ୍ତର ତଳେ ରହିଥିଲା। ତେବେ ସେପ୍ଟେମ୍ବର ମଧ୍ୟ ଭାଗରେ ଭଲ ବର୍ଷା ହେବାରୁ ଜଳସ୍ତର ବୃଦ୍ଧି ପାଇଥିଲା। ଅଗଷ୍ଟ ମାସରେ ୭୦ ପ୍ରତିଶତ ବର୍ଷା ହୋଇଥିଲେ ସୁଦ୍ଧା ଉପରମୁଣ୍ଡରୁ ମାତ୍ର ୩୧ ପ୍ରତିଶତ ପାଣି ଜଳଭଣ୍ଡାରରେ ପ୍ରବେଶ କରିଥିଲା। ଶେଷ ସମୟରେ ଜଳଭଣ୍ଡାରକୁ ଉପରମୁଣ୍ଡରୁ ୨ ଲକ୍ଷରୁ ଉର୍ଦ୍ଧ୍ୱ କ୍ୟୁସେକ ଜଳ ପ୍ରବେଶ କରିଥିଲା। ଗତ ୧୯ ତାରିଖ ମଧ୍ୟାହ୍ନ ୧୨ଟାରେ ସର୍ବାଧିକ ୩ ଲକ୍ଷ ୧୯ ହଜାର ୧୩୯ ଘନଫୁଟ ଜଳ ପ୍ରବେଶ କରିଥିଲା। ରୁଲ କର୍ଭ ଅନୁଯାୟୀ ଗେଟ୍ ଖୋଲା ଯାଇଥିଲା। ଚଳିତ ବର୍ଷ ୟୁନିକ ହାଇଡ୍ରୋ ମେଟ୍ରୋଲିଜିକାଲ ଇୟର ଭାବେ ବିବେଚନା କରାଯାଇଛି। ହୀରାକୁଦ ନଦୀବନ୍ଧର ଜଳକୁ ନିୟନ୍ତ୍ରଣ

● ରୁଲ୍ କର୍ଭକୁ ବେଖାତିର
● ଏକାଥରକେ ଖୋଲିଦେଲା ଗେଟ୍



କରାଯାଇ ପାରୁଛି। ତେଲ ନଦୀର ଜଳକୁ ନିୟନ୍ତ୍ରଣ ପାଇଁ ସେଭଳି ବ୍ୟବସ୍ଥା ରହିନାହିଁ। ତେଲ ନଦୀ ଅବବାହିକାରେ ବର୍ଷା ହେଲେ ଜଳସ୍ତର ବୃଦ୍ଧି ପାଇଥାଏ। ଏଭଳି ସ୍ଥଳେ ତେଲ ନଦୀରେ ଭଲ ବର୍ଷା ହୋଇଥିଲା। ସେହି ବର୍ଷା ଜଳ ନିଷ୍କାସନ ପରେ ହୀରାକୁଦ ବନ୍ଧ କର୍ତ୍ତୃପକ୍ଷ ତଳ ମୁଣ୍ଡରେ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜଳ ନିଷ୍କାସନ କରିଥିଲେ ବୋଲି ମହାନଦୀ ଅବବାହିକା ମୁଖ୍ୟ ଯନ୍ତ୍ରୀ ଇଂ. ଆନନ୍ଦ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି।

---

ପଞ୍ଚାୟତ ନିର୍ବାଚନ

## ବୁଥ୍‌ରେ ନୁହେଁ; ବ୍ଲକରେ ଗଣତି

ଭୁବନେଶ୍ୱର,୨୨।୯(ସମିସ): ପଞ୍ଚାୟତ ନିର୍ବାଚନ ଠିକ୍ ସମୟରେ କରିବା ଲାଗି ରାଜ୍ୟ ସରକାର ପାଗ ଭିଡିଛନ୍ତି। ଏଥିପାଇଁ ଗୋଟିଏ ପରେ ଗୋଟିଏ ପଦକ୍ଷେପ ପଞ୍ଚାୟତିରାଜ ବିଭାଗ ନେଇଚାଲିଛି। କେତେ ଶୀଘ୍ର ରାଜ୍ୟ ନିର୍ବାଚନ କମିସନଙ୍କୁ ନିର୍ବାଚନ ପାଇଁ ସରକାର ସଙ୍କେତ ଦେବେ ସେଥିଲାଗି ବିଭାଗରେ ଏବେ ଜୋରଦାର କସରତ ଚାଲିଛି। ଏହି କ୍ରମରେ ଆଜି ବିଭାଗ ଆଉ ପାଦେ ଆଗେଇଛି।

ଭୋଟ ଗଣତି ଏଣିକି ବୁଥ୍‌ରେ ନୁହେଁ ବରଂ ବ୍ଲକ କାର୍ଯ୍ୟାଳୟରେ କରାଯିବ। ଏ ସଂକ୍ରାନ୍ତରେ ଆଇନରେ ସଂଶୋଧନ ପରେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିରେ କୁହାଯାଇଛି ଯେ ନିର୍ବାଚନ ପାଇଁ ମତଦାନ ପ୍ରକ୍ରିୟା ପରେ ଭୋଟ ବାକ୍ସକୁ ପ୍ରାର୍ଥୀ କିମ୍ବା ତାଙ୍କ ଏଜେଣ୍ଟଙ୍କ ଉପସ୍ଥିତିରେ ତୁରନ୍ତ ସିଲ୍ କରାଯିବ



ଓ ଏହାକୁ ଅଧିକାରୀମାନେ ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରିବେ। ନିର୍ଦ୍ଧାରିତ ଭୋଟ ଗଣତି ଦିନ ଏହା ଖୋଲାଯିବ। ସେହିଦିନ ଭୋଟଗଣତି କେନ୍ଦ୍ରରେ ସିଲ୍ ଖୋଲାଯିବା ପୂର୍ବରୁ କେତେ ବ୍ୟକ୍ତି ଭୋଟ ଦେଇଛନ୍ତି ଓ ବାକ୍ସରେ କେତେ ବାଲଟ୍ ଅଛି, ତାହାର ମେଳ ହେବ। ଏହା ପରେ ପ୍ରାର୍ଥୀ କିମ୍ବା ତାଙ୍କ ଏଜେଣ୍ଟଙ୍କ ଉପସ୍ଥିତିରେ ଗଣତି ଆରମ୍ଭ ହେବ। ଯଦି ଗଣତି ବେଳେ କୌଣସି ବିବାଦ ନ ଥାଏ,

**ସଂଶୋଧନ ପରେ ପ୍ରକାଶ ପାଇଲା ଗେଜେଟ୍ ବିଜ୍ଞପ୍ତି**

ତେବେ ସର୍ବାଧିକ ଭୋଟ ପାଇଥିବା ୱାର୍ଡମେମ୍ବର, ସରପଞ୍ଚ,ସମିତି ସଭ୍ୟ ଓ ଜିଲ୍ଲା ପରିଷଦ ସଭ୍ୟଙ୍କ ନାମ ଘୋଷଣା କରିଦିଆଯିବ।

ଅନ୍ୟପଟରେ ରାଜ୍ୟ ସରକାରଙ୍କର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ପଞ୍ଚାୟତ ନିର୍ବାଚନ ସଂରକ୍ଷଣ ସଂକ୍ରାନ୍ତ ବିଲ୍ ବିଧାନସଭାରେ ଅନୁମୋଦନ ପରେ ଏହା ରାଜ୍ୟପାଳଙ୍କ ଅନୁମୋଦନ ଲାଭ କରିଛି। ଗେଜେଟ୍ ବିଜ୍ଞପ୍ତି ଏଯାଏ ପ୍ରକାଶ ପାଇନାହିଁ। ଖୁବ୍ ଶୀଘ୍ର ଏ ସଂକ୍ରାନ୍ତ ପ୍ରକ୍ରିୟା ଶେଷ ହେବ। ଏହା ପରେ ନିର୍ବାଚନ ପାଇଁ ଆସନ ସଂରକ୍ଷଣ ପ୍ରକ୍ରିୟା ତତ୍କାଳ ପଞ୍ଚାୟତିରାଜ ବିଭାଗ ପଦକ୍ଷେପ ନେବେ। ସରକାର ଜିଲ୍ଲା ପରିଷଦ ଆସନ ସଂରକ୍ଷଣ କରିବେ ଓ ଅନ୍ୟ ସବୁ ପଦବି ଲାଗି ଜିଲ୍ଲାସ୍ତରରେ ସଂରକ୍ଷଣ ପାଇଁ ଜିଲ୍ଲାପାଳ ପଦକ୍ଷେପ ନେବ। ଏସବୁ ସରିବା ପରେ ନିର୍ବାଚନ ଲାଗି ରାଜ୍ୟ ନିର୍ବାଚନ କମିସନଙ୍କୁ ସରକାର ଜଣାଇଦେବେ।

## ଆଇଏଏସ୍ ଚାକିରି ଛାଡୁଛନ୍ତି ମନୀଷ

ଭୁବନେଶ୍ୱର,୨୨।୯(ସମିସ): ୨୦୦୦ବ୍ୟାଚ୍ ଓଡ଼ିଶା କ୍ୟାଡର ଆଇଏଏସ୍ ମନୀଷ କୁମାର ବର୍ମା ସରକାରୀ ଚାକିରିକୁ ବାଏ ବାଏ କରିବାକୁ ଯାଉଛନ୍ତି। ସେ ସ୍ୱେଚ୍ଛାକୃତ ଅବସର ନେବା ପାଇଁ ତିନିମାସିଆ ନୋଟିସ ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିବା ଅତି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ରାଜ୍ୟ ସରକାର ଏହି ସମୟ ସୀମା ମଧ୍ୟରେ ଶ୍ରୀ ବର୍ମାଙ୍କ ଆବେଦନ ଉପରେ ବିଚାର କରି ଆବଶ୍ୟକ ପଦକ୍ଷେପ ନେବେ। ସରକାରଙ୍କ ଅନୁମତି ପରେ ତାଙ୍କୁ ସରକାରୀ ଚାକିରିରୁ ଅବ୍ୟାହତି ମିଳିବ।



ମାଲକାନଗିରି, ବାଲେଶ୍ୱର ଆଦି ଜିଲ୍ଲାରେ ଜିଲ୍ଲାପାଳ ଥିବା ଶ୍ରୀ ବର୍ମା ପରବର୍ତ୍ତୀ ସମୟରେ ଆନ୍ତଃ ରାଜ୍ୟ ଡେପୁଟେସନରେ ନିଜ ରାଜ୍ୟ ବିହାରକୁ ଯାଇଥଲେ। ସେଠାରେ ସେ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ଆସ୍ଥାଭାଜନ ହେବା ସହିତ ଢେର୍ ସମୟ ଧରି ତାଙ୍କର ବ୍ୟକ୍ତିଗତ ସଚିବ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ନୀତିଶଙ୍କ ସହିତ ତାଙ୍କର ଘନିଷ୍ଠତା ନେଇ ଅନେକ ଖବର ପୂର୍ବରୁ ଆସିଛି। ଏପରିକି ଶ୍ରୀ ବର୍ମାଙ୍କର ଡେପୁଟେସନ ମିଆଦ ପୂରିଯାଇଥିଲେ ବି କେନ୍ଦ୍ର ସରକାର ନିୟମ କୋହଳ କରି ତାଙ୍କୁ ବିହାରରେ କାମ କରିବା ଲାଗି ସୁଯୋଗ ଦେଇଥିଲେ।

ଇତିମଧ୍ୟରେ ଶ୍ରୀ ବର୍ମା ଓଡ଼ିଶାକୁ ଫେରି କାର୍ଯ୍ୟରେ ଯୋଗ ଦେଇଥିଲେ ହେଁ କୌଣସି ଗୁରୁ ଦାୟିତ୍ୱ ହାତେଇବା ପୂର୍ବରୁ ଗତ ମେ' ୨୧ ତାରିଖରୁ ଛୁଟିରେ ଚାଲିଯାଇଥିଲେ। ମିଳିଥିବା ଖବର ଅନୁସାରେ, ଶ୍ରୀ ବର୍ମା ଓଡ଼ିଶା ଆସିଛନ୍ତି। ହେଲେ ଏଥର ପୂରା ଛୁଟିରେ ଯିବା ପାଇଁ। ଅର୍ଥାତ୍ ସେ ଆଇଏଏସ୍ ଚାକିରି ଛାଡି ଚାଲିଯାଉଥିବା ସୂଚନା ମିଳିଛି। ଇତିମଧ୍ୟରେ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀଙ୍କୁ ସେ ଭେଟି ସାରିଲେଣି ଓ ସେ ସ୍ୱେଚ୍ଛାକୃତ ଅବସର ପାଇଁ ଆବେଦନ କରିଛନ୍ତି। ସେ ବିହାରରେ ସକ୍ରିୟ ରାଜନୀତିରେ ଯୋଗ ଦେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ପୂର୍ବରୁ ଓଡ଼ିଶା କ୍ୟାଡରରୁ ଅତିରିକ୍ତ ମୁଖ୍ୟସଚିବ ପାହ୍ୟାର ଅଫିସର ଡ. ୟୁ ଶରତଚନ୍ଦ୍ରନ୍, ଗଗନ ଧଳ ଏବଂ ଅଶ୍ୱିନୀ ବୈଷ୍ଣବ, ଅପରାଜିତା ଷଡଙ୍ଗୀ, ଡିଏନ୍ ଗୁପ୍ତା ଚାକିରି ଥାଇ ଅବ୍ୟାହତି ନେଇଥିଲେ। ସେମାନଙ୍କ ପୂର୍ବରୁ ଜେ ପି ଦାଶ ମଧ୍ୟ ଆଇଏଏସ ଚାକିରି ମୋହ ତୁଟାଇ ଛାଡି ଚାଲିଯାଇଥିଲେ। ଏମାନଙ୍କ ମଧ୍ୟରୁ ଶ୍ରୀ ବୈଷ୍ଣବ ନିକଟରେ ଓଡ଼ିଶାରୁ ରାଜ୍ୟସଭାକୁ ଓ ଅପରାଜିତା ଭୁବନେଶ୍ୱର ସାଂସଦ ଭାବେ ଲୋକସଭାକୁ ନିର୍ବାଚିତ ହୋଇଛନ୍ତି।

## ଆଦିବାସୀ ଅଞ୍ଚଳର ଲୋକଙ୍କୁ ମିଳିବ ଶୀତଳ ଗୃହ

● ମିଳିବ ୮.୨୫ ଲକ୍ଷ ଓ ୧୦.୫୦ ଲକ୍ଷ ଟଙ୍କାର ସବ୍‌ସିଡି
● କୃଷି ଓ ଜଙ୍ଗଲ ଉତ୍ପାଦ ସଂରକ୍ଷଣ ହେବ ସହଜ

ଭୁବନେଶ୍ୱର,୨୨।୯(ସମିସ): ଆଦିବାସୀ ଅଞ୍ଚଳର ବାସିନ୍ଦା ନିଜ କୃଷି ଏବଂ ଅନ୍ୟ ଉତ୍ପାଦ ସଂରକ୍ଷିତ ରଖିବା ପାଇଁ ସମର୍ଥ ହେବେ। ସେମାନଙ୍କୁ ସୌର ଏବଂ ବିଦ୍ୟୁତ ଚାଳିତ ଶୀତଳ ଗୃହ ସ୍ଥାପନ କରିବା ପାଇଁ ପ୍ରୋତ୍ସାହନ ଦିଆଯିବ। ଓଡ଼ିଶା ଅନୁସୂଚିତ ଜନଜାତି ସଶକ୍ତିକରଣ ଓ ଜୀବିକା ନିର୍ବାହ କାର୍ଯ୍ୟକ୍ରମ ପ୍ଲସ୍ (ଓଟିଇଏଲ୍‌ପି) ଅଧୀନରେ ଥିବା ୭ଟି ଆଦିବାସୀ ବହୁଳ ଜିଲ୍ଲାର ଚାଷୀଙ୍କୁ ଏହି ସୁବିଧା ମିଳିବ। ଆଠ ମେଟ୍ରିକ୍ ଟନ୍ କ୍ଷମତାର ଶୀଳ ଗୃହ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ସହାୟତା ପ୍ରଦାନ କରିବେ। ସେହିପରି ଉକ୍ତ ଅଞ୍ଚଳରେ ଥିବା ସରକାରୀ ଅନୁଷ୍ଠାନ ମଧ୍ୟ ନିଜ ଭାଗର ଖର୍ଚ୍ଚ ବହନ ସର୍ତ୍ତରେ ଏହି ସୁବିଧା ପାଇପାରିବେ। ଉଭୟ ସାଧାରଣ ଓ ଅନୁସୂଚିତ ଅଞ୍ଚଳର ବାସିନ୍ଦାଙ୍କୁ ଏହାର ଲାଭ ମିଳିବ। ତେବେ ସବ୍‌ସିଡି ପରିମାଣ ଭିନ୍ନ ହେବ। ଜିଲ୍ଲା କୃଷି ଅଧିକାରୀଙ୍କୁ ଏ ନେଇ ପ୍ରସ୍ତାବ ପଠାଇବା ପାଇଁ ଓଟିଇଏଲ୍‌ପି କାର୍ଯ୍ୟକ୍ରମ ନିର୍ଦ୍ଦେଶକଙ୍କୁ କୁହାଯାଇଛି।

ହସ୍ତଗତ ସୂଚନା ଅନୁସାରେ ମିଶନ୍ ଫର୍ ଇଣ୍ଟିଗ୍ରେଟେଡ୍ ଡେଭଲପମେଣ୍ଟ ଅଫ୍ ହର୍ଟିକଲ୍‌ଚର୍ (ଏମ୍‌ଆଇଡିଏଚ୍) ଅଧୀନସ୍ଥ ହିତାଧିକାରୀଙ୍କୁ ଶୀଳତ ଗୃହ ସ୍ଥାପନ କରିବା ପାଇଁ ପ୍ରୋତ୍ସାହନ ଯୋଗାଇ ଦିଆଯିବ। ସାଧାରଣ ଅଞ୍ଚଳରେ ଶୀତଳ ଗୃହ ସ୍ଥାପନ କରିବା ପାଇଁ ବ୍ୟକ୍ତିଗତ ଭାବେ ୫୫ ପ୍ରତିଶତ ଅବା ସର୍ବାଧିକ ୮ ଲକ୍ଷ ୨୫ ହଜାର ଟଙ୍କା ଏବଂ ଅନୁସୂଚିତ ଅଞ୍ଚଳ ପାଇଁ ୭୦ ପ୍ରତିଶତ ସବ୍‌ସିଡି ଅବା ୧୦ ଲକ୍ଷ ୫୦ ହଜାର ଟଙ୍କା ମିଳିବ। ସରକାରୀ ପ୍ରତିଷ୍ଠାନ ମଧ୍ୟ ଏହି ସବ୍‌ସିଡି ସୁବିଧା ପାଇପାରିବେ। କିନ୍ତୁ ସେମାନେ ପ୍ରକଳ୍ପର ମୂଲ୍ୟର ନିଜ ଭାଗର ଖର୍ଚ୍ଚ ବହନ କରିବା ଜରୁରୀ। ଏ ନେଇ ଏମ୍‌ଆଇଡିଏଚ୍ ଅନୁଯାୟୀ ପ୍ରସ୍ତାବ ଗୁଡ଼ିକୁ ଜିଲ୍ଲା କୃଷି ଅଧିକାରୀଙ୍କୁ ପ୍ରଦାନ କରିବା ପାଇଁ ଓଟିଇଏଲ୍‌ପିକୁ କୁହାଯାଇଛି। ଏହି ପ୍ରସ୍ତାବ ଗୁଡ଼ିକୁ ଜିଲ୍ଲା ମିଶନ କମିଟି (ଡିଏମ୍‌ସି)ର ଅନୁମୋଦନ ପାଇଁ ଉପସ୍ଥାପନ କରାଯିବ ଏବଂ ଏହା ପରେ ଚୂଡ଼ାନ୍ତ ନିଷ୍ପତ୍ତି ପାଇଁ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟକୁ ପଠାଯିବ। ତେଣୁ ଜିଲ୍ଲା ସ୍ତରରେ ପ୍ରସ୍ତାବ ପ୍ରସ୍ତୁତ କରି ଦାଖଲ କରିବା ପାଇଁ କୁହାଯାଇଛି। ଓଟିଇଏଲ୍‌ପି ଅଧୀନରେ ଏବେ ଗଜପତି, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଓ ରାୟଗଡ଼ା ଜିଲ୍ଲାର ୩୦ଟି ପଛୁଆ ଆଦିବାସୀ ବ୍ଲକକୁ ଅନ୍ତର୍ଭୁକ୍ତ କରାଯାଇଛି।

ରାଷ୍ଟ୍ରାୟତ୍ତ ବୀମା କମ୍ପାନୀରେ ପ୍ରଥମ ଓଡ଼ିଆ ସିଏମ୍‌ଡି

## ସତ୍ୟଜିତ ତ୍ରିପାଠୀ ୟୁନାଇଟେଡ୍ ଇଣ୍ଡିଆ ଇନସୁରାନ୍ସ ମୁଖ୍ୟ

ଭୁବନେଶ୍ୱର,୨୨।୯(ସମିସ): ଦେଶର ରାଷ୍ଟ୍ରାୟତ୍ତ ବୀମା କମ୍ପାନୀର ମୁଖିଆ ପଦରେ ବସିଛନ୍ତି ଜଣେ ଓଡ଼ିଆ ପୁଅ। ଦେଶର ଦ୍ୱିତୀୟ ବୃହତ୍ ସାଧାରଣ ବୀମା କମ୍ପାନୀ ୟୁନାଇଟେଡ୍ ଇଣ୍ଡିଆ ଇନସୁରାନ୍ସ କମ୍ପାନୀ ଲିମିଟେଡ଼ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ (ସିଏମ୍‌ଡି) ଭାବରେ ନିଯୁକ୍ତି ପାଇଛନ୍ତି ସତ୍ୟଜିତ ତ୍ରିପାଠୀ। ଶ୍ରୀ ତ୍ରିପାଠୀ ହେଉଛନ୍ତି ପ୍ରଥମ ଓଡିଆ ଅଧିକାରୀ ଯିଏକି ଏଭଳି ଏକ ଉଚ୍ଚ ପଦରେ ଅଭିଷିକ୍ତ ହୋଇଛନ୍ତି। ଶ୍ରୀ ତ୍ରିପାଠୀ କ୍ୟାପିଟାଲ ହସ୍ପିଟାଲର ପୂର୍ବତନ ସିଏମ୍‌ଓ ତଥା ପୂର୍ବତନ ନିର୍ଦ୍ଦେଶକ ଇଏସ୍‌ଆଇ ସ୍ୱର୍ଗତ ଡ଼ ସୁରେନ୍ଦ୍ର ପ୍ରସାଦ ତ୍ରିପାଠୀ ଏବଂ ସୁନାମଧନ୍ୟା କ୍ଷୁଦ୍ରଗଳ୍ପ ଲେଖିକା ଭାରତୀ ତ୍ରିପାଠୀଙ୍କ ସୁପୁତ୍ର। ସେ ଏନ୍‌ଆଇଟି ରାଉରକେଲା ସିଭିଲ୍ ଇଞ୍ଜିନିୟରିଂ ବିଭାଗର ପୂର୍ବତନ ପ୍ରଫେସର ଡକ୍ଟର ପି କେ ଦାସ ଏବଂ ସ୍ୱର୍ଗତ ଜ୍ୟୋତି ଦାସଙ୍କ ଜାମାତା।



ଶ୍ରୀ ତ୍ରିପାଠୀଙ୍କ ନିଯୁକ୍ତିରେ ଓଡ଼ିଶା ତଥା ଭାରତବର୍ଷର ବିଭିନ୍ନ ଅଞ୍ଚଳରେ କାର୍ଯ୍ୟରତ ଅଧିକାରୀ ଏବଂ କର୍ମଚାରୀଙ୍କ ମହଲରେ ଉତ୍ସାହ ଓ ଆନନ୍ଦ ପ୍ରକାଶ ପାଇଛି। ସେ ଓୟୁଏଟିରୁ ସ୍ନାତକ ଏବଂ ଏକ୍ସଆଇଏମ୍‌ବିରୁ ଡିଗ୍ରୀ ହାସଲ କରିଛନ୍ତି। ସେ ୧୯୮୮ ରେ ଜେନେରାଲ୍ ଇନସ୍ୟୁରାନ୍ସ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଜିଆଇସି) ରେ ପ୍ରତ୍ୟକ୍ଷ ଅଧିକାରୀ ଭାବରେ ଯୋଗ ଦେଇଥିଲେ। ଶ୍ରୀ ତ୍ରିପାଠୀ ୨୦୧୫ରୁ ୨୦୧୮ ପର୍ଯ୍ୟନ୍ତ ଜିଆଇସିରେ ମୁଖ୍ୟ ବିନିଯୋଗ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ ଏବଂ ଚଳିତବର୍ଷ ଅଗଷ୍ଟରେ ଦି ନ୍ୟୁ ଇଣ୍ଡିଆ ଆସୁରାନ୍ସ କମ୍ପାନୀ ଲିମିଟେଡ଼ର ନିର୍ଦ୍ଦେଶକ ତଥା ଜେନେରାଲ ମ୍ୟାନେଜର ଭାବରେ ନିଯୁକ୍ତ ହୋଇଥିଲେ। ସେ ତାଙ୍କର ୩୩ ବର୍ଷର କାର୍ଯ୍ୟକାଳ ମଧ୍ୟରେ ଦେଶର ପୂର୍ବ, ଉତ୍ତର ଏବଂ ପଶ୍ଚିମ ଅଞ୍ଚଳର ବିଭିନ୍ନ କାର୍ଯ୍ୟାଳୟରେ ସଫଳତାର ସହ କାର୍ଯ୍ୟ ସମ୍ପାଦନ କରିଛନ୍ତି।

---

## ଓଏଏସ୍‌ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୨୨।୯(ସମିସ): ବରିଷ୍ଠ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଅଧିକାରୀ ସୀତାରାମ ପଟେଲଙ୍କୁ ଅତିରିକ୍ତ ଆଇ.ଜି ପ୍ରିଜନ୍ ଭାବେ ନିଯୁକ୍ତି ଦିଆଯାଇଛି। ସେ ଭୁବନେଶ୍ୱରସ୍ଥିତ କାରାଗାର ନିର୍ଦ୍ଦେଶାଳୟରେ ଅବସ୍ଥାପିତ ହେବେ। ସେହିପରି ଅନିରୁଦ୍ଧ ପ୍ରଧାନଙ୍କୁ ସମ୍ବଲପୁରସ୍ଥିତ ରାଜସ୍ୱ କମିସନରଙ୍କ କାର୍ଯ୍ୟାଳୟରେ ରେଜିଷ୍ଟ୍ରାର, ଏଲଏଆର ଏଣ୍ଡ ଆର ଭାବେ କାର୍ଯ୍ୟ କରିବେ। ଅନୁରୂପ ଭାବେ ଡକ୍ଟର ବିଜୟାନନ୍ଦ ସେଠୀଙ୍କୁ ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ର ସବ୍-କଲେକ୍ଟର ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ଅକ୍ଷୟ କୁମାର ଖେମୁଣ୍ଡୁଙ୍କୁ ମାଲକାନଗିରି ସବ୍-କଲେକ୍ଟର ଭାବେ ନିଯୁକ୍ତି ଦିଆଯାଇଛି। ଉପରୋକ୍ତ ସମସ୍ତ ନିଯୁକ୍ତି ନେଇ ବୁଧବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ଇଏସ୍‌ଏଲ୍ ହାତେଇଲା ଦ୍ୱିତୀୟ ଖଣି

ଭୁବନେଶ୍ୱର,୨୨।୯(ସମିସ): ଇଏସ୍‌ଏଲ ଷ୍ଟିଲ୍ ଲିଃ ଲଗାତାର ଦ୍ୱିତୀୟ ଖଣି ହାତେଇଛି। ଲୁହାପଥର ଓ ମାଙ୍ଗାନିଜ୍ ଥିବା ନାଦିଡିହ (ଫ୍ରିଗ୍ରେଜ) ଖଣିକୁ ଇଏସ୍‌ଏଲ୍ ୯୨.୩% ପ୍ରିମିୟମ୍ ମୂଲ୍ୟରେ ହାତେଇଛି। ଏହା ପୂର୍ବରୁ ଏହି କମ୍ପାନୀ ନାଦିଡିହ ଲୁହାପଥର ବ୍ଲକ(ବିକୋ)କୁ ମଧ୍ୟ ୯୫.୬% ପ୍ରିମିୟମ୍ ମୂଲ୍ୟରେ ହାତେଇସାରିଛି। ନାଦିଡିହ(ଫ୍ରିଗ୍ରେଡ୍) ଲୁହାପଥର ଓ ମାଙ୍ଗାନିଜ୍ ଖଣି ପ୍ରାୟ ୧୫.୦୬ ମିଲିୟନ୍ ଟନ୍ ଲୁହାପଥର ଏବଂ ୦.୦୫୯ ମିଲିୟନ୍ ଟନ୍ ମାଙ୍ଗାନିଜ୍ ରହିଥିବା କୁହାଯାଉଛି। ଅପରପକ୍ଷରେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ବଲାଙ୍ଗୀର ସ୍ଥିତ କର୍ଲାପାଟ ବକ୍ସାଇଟ୍ ବ୍ଲକ ନିଲାମ ପ୍ରକ୍ରିୟାକୁ ସ୍ଥଗିତ ରଖାଯାଇଛି।

ସୀମା ବିବାଦ ନେଇ ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ ଚିଠି

## ପଦକ୍ଷେପ ସ୍ୱାଗତଯୋଗ୍ୟ; ସନ୍ତୋଷଜନକ ନୁହେଁ

ଭୁବନେଶ୍ୱର,୨୨।୯(ସମିସ): ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶ ମଧ୍ୟରେ ଚାଲିଥିବା ସୀମା ବିବାଦ ସମାଧାନ ପରିବର୍ତ୍ତେ ଅଧିକ ବିବାଦୀୟ ହୋଇପଡ଼ିଛି। ଏପରିକି ସୀମାନ୍ତବର୍ତ୍ତୀ ଗଞ୍ଜେଇପଦର, ଫଗୁଣସେନେରୀ ଓ ଫାଟୁସେନେରୀରେ ପୂର୍ବରୁ ଆନ୍ଧ୍ର ନିର୍ବାଚନ କରାଇଥିବା ବେଳେ ଗତ ୧୯ ତାରିଖରେ ଫଳାଫଳ ଆସିଥିବା ନେଇ ଖବର ଆସିଥିଲା। ତେବେ କୋରାପୁଟ ଜିଲ୍ଲାପାଳ ଖବରକୁ ଖଣ୍ଡନ କରିବା ସହ ଆନ୍ଧ୍ର ନିଜ ସୀମାରେ ନିର୍ବାଚନ କରିଥିବା ନେଇ ସ୍ପଷ୍ଟ କରିବା ପରେ ଓଡ଼ିଶାବାସୀ ଆଶ୍ୱସ୍ତ ହୋଇଥିଲେ। ଏପରିକି ଆଗାମୀ ଦିନରେ ଉପରୋକ୍ତ ସ୍ଥାନଗୁଡ଼ିକରେ ଓଡ଼ିଶା ପକ୍ଷରୁ ତ୍ରି-ସ୍ତରୀୟ ପଞ୍ଚାୟତ ନିର୍ବାଚନ କରାଯିବ ବୋଲି ଜିଲ୍ଲାପାଳ ଅବଦାଲ ମହମ୍ମଦ ଅଖତାର୍ କହିଥିଲେ। ତେବେ ନିକଟ ଅତୀତରେ ଆନ୍ଧ୍ରର ବାରମ୍ବାର ଓଡ଼ିଶା ସୀମା ଅତିକ୍ରମଣ ଏବଂ ବେଆଇନ ନିର୍ମାଣ କାର୍ଯ୍ୟ କରିବାର ମସୁଧା ଦୁଇରାଜ୍ୟ ମଧ୍ୟରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି କରିଛି। କୋରାପୁଟ ଜିଲ୍ଲା ପ୍ରଶାସନ ପରିସ୍ଥିତିର ଧୈର୍ଯ୍ୟପୂର୍ଣ୍ଣ ମୁକାବିଲା କରୁଥିବା ବେଳେ କୋଟିଆ ପ୍ରସଙ୍ଗକୁ ନେଇ ଓଡ଼ିଶା ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ମଧ୍ୟ ହୋଇଥିଲେ। ଗତ ଅଗଷ୍ଟରେ ସୁପ୍ରିମକୋର୍ଟର ଦୁଇଜଣିଆ ଖଣ୍ଡପୀଠ ମାମଲାର ଶୁଣାଣୀ କରି ରାଜନୈତିକ ସ୍ତରରେ ସମସ୍ୟାର ସମାଧାନ ପାଇଁ ପରାମର୍ଶ ଦେଇଥିଲେ। ଏପରିକି ଏଥିପାଇଁ ସୁପ୍ରିମକୋର୍ଟ ଦୁଇରାଜ୍ୟକୁ ୬ ସପ୍ତାହର ମହଲତ୍ ପ୍ରଦାନ କରିଛନ୍ତି। ସୁପ୍ରିମକୋର୍ଟ ରାଜନୈତିକ ସ୍ତରରେ ବିବାଦର ସମାଧାନ ପାଇଁ ପରାମର୍ଶ ଦେଇଥିବା ବେଳେ ଠିକ୍ ଏହି ସମୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ୱାଇ. ଏସ ଜଗନମୋହନ ରେଡ୍ଡୀଙ୍କୁ ଚିଠି ଲେଖିବା ରାଜନୈତିକ ଦୃଷ୍ଟିରୁ ଗୁରୁତ୍ୱ ବହନ କରୁଛି। ଧର୍ମେନ୍ଦ୍ର ଦୁଇରାଜ୍ୟ ମଧ୍ୟରେ ଉପୁଜିଥିବା ବିବାଦର ସମାଧାନ ପାଇଁ ୪ ସୂତ୍ରୀ ପ୍ରସ୍ତାବ ଦେଇଥିବା ବେଳେ ଏହାକୁ ନେଇ ରାଜନୈତିକ ମହଲରେ ସରଗରମ୍ ଆଲୋଚନା ଆରମ୍ଭ ହୋଇଛି। ଧର୍ମେନ୍ଦ୍ରଙ୍କ ଜଗନଙ୍କୁ ଲେଖିଥିବା ଚିଠି ସ୍ୱାଗତଯୋଗ୍ୟ; କିନ୍ତୁ ସମସ୍ୟାର ସମାଧାନ ପାଇଁ ଏହା ଯଥେଷ୍ଟ ନୁହେଁ। କେନ୍ଦ୍ରମନ୍ତ୍ରୀ ଉକ୍ତ

● ଗୃହମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରନ୍ତୁ ଧର୍ମେନ୍ଦ୍ର

ପ୍ରସଙ୍ଗକୁ ପ୍ରସଙ୍ଗକୁ କେନ୍ଦ୍ର ଗୃହମନ୍ତ୍ରୀଙ୍କ ନିକଟକୁ ନିଅନ୍ତୁ। କାରଣ କେନ୍ଦ୍ର ସରକାର ଦୁଇରାଜ୍ୟ ମଧ୍ୟରେ ଉପୁୁଯିଥିବା ବିବୌଦର ସମାଧାନ ପାଇଁ ଆନ୍ତରିକତା ପ୍ରଦର୍ଶନ କରୁନାହାନ୍ତି। ଏପରିସ୍ଥଳରେ ଘଟଣାରେ କେନ୍ଦ୍ର ଗୃହମନ୍ତ୍ରାଳୟ ଯଦି ମଧ୍ୟସ୍ଥତା କରି ଆପୋଷ ବୁଝାମଣା ପାଇଁ ଆଗଭର ହେବ ତାହେଲେ ମାମଲାର ସହଜରେ ସମାଧାନ ହେବାର ସମ୍ଭାବନା ରହିଛି ବୋଲି ରାଜନୈତିକ ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି।

ମୌସୁମୀ ଅଧିବେଶନରେ କେନ୍ଦ୍ର ସ୍ୱରାଷ୍ଟ୍ର ବିଭାଗର ରାଷ୍ଟ୍ର ମନ୍ତ୍ରୀ ନିତ୍ୟାନନ୍ଦ ରାୟ ଆନ୍ତଃରାଜ୍ୟ ସୀମା ବିବାଦକୁ ନେଇ ଲୋକସଭାରେ ଏକ ଉତ୍ତର ରଖିଥିଲେ। ମନ୍ତ୍ରୀଙ୍କ ଉତ୍ତର ଅନୁଯାୟୀ ଦେଶରେ ରାଜ୍ୟ ରାଜ୍ୟ ମଧ୍ୟରେ ସୀମା ବିବାଦ ସମ୍ପର୍କିତ ମୋଟ ୭ଟି ବିବାଦ ରହିଛି। ବିବାଦର ସମାଧାନ ପାଇଁ କେନ୍ଦ୍ର ସରକାର ଆବଶ୍ୟକୀୟ ପଦକ୍ଷେପ ନେଉଛନ୍ତି ବୋଲି ସେ ସୂଚନା ଦେଇଛନ୍ତି। ମାତ୍ର ମନ୍ତ୍ରୀ ପ୍ରଦତ୍ତ ତାଲିକାରେ ଓଡ଼ିଶା ସହ ପଡ଼ୋଶୀଙ୍କ ମଧ୍ୟରେ ଚାଲିଥିବା ବିବାଦ ସମ୍ପର୍କରେ କିଛି ଉଲ୍ଲେଖ ନଥିଲା। ଦୀର୍ଘଦିନ ହେବ ଶାନ୍ତିପ୍ରିୟ ରାଜ୍ୟ ଓଡ଼ିଶା ପଡ଼ୋଶୀ ଆନ୍ଧ୍ର, ପଶ୍ଚିମବଙ୍ଗ ଓ ଛତିଶଗଡ଼ ସହ ସୀମା ବିବାଦକୁ ନେଇ ସନ୍ତୁଳି ହେଉଛି। ଏହାର ନିରାକରଣ କରିବା ପରିବର୍ତ୍ତେ କେନ୍ଦ୍ର ସରକାର ତାଙ୍କ ନିକଟରେ ଏନେଇ ତଥ୍ୟ ଉପଲବ୍ଧ ନଥିବା କଥା କହିବାକୁ ନେଇ ସାଧାରଣରେ କଡ଼ା ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା। ଅନ୍ୟ ୭ଟି ବିବାଦର ସମାଧାନ ପାଇଁ ଯଦି କେନ୍ଦ୍ର ଗୃହ ମନ୍ତ୍ରାଳୟ ନିଜଆଡୁ ପଦକ୍ଷେପ ନେଇପାରୁଛି ତାହେଲେ ଓଡ଼ିଶାର କ୍ଷେତ୍ରରେ କେନ୍ଦ୍ର କାହିଁକି ପଛଘୁଞ୍ଚା ଦେଉଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ତେଣୁ ଧର୍ମେନ୍ଦ୍ର ଯଦି ପ୍ରକୃତରେ ବିବାଦର ସମାଧାନ ପାଇଁ ଉତ୍ସୁକ ଅଛନ୍ତି ତେବେ ଏହି ପ୍ରସଙ୍ଗକୁ ନିଜ ଆଡୁ କେନ୍ଦ୍ର ଗୃହ ମନ୍ତ୍ରାଳୟ ନିକଟରେ ଉପସ୍ଥାପିତ କରନ୍ତୁ। କେନ୍ଦ୍ର ଗୃହମନ୍ତ୍ରୀ ଘଟଣାରେ ଦୁଇରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଡାକି ଆଲୋଚନା କରି ଯଦି ଆପୋସ ବୁଝାମଣା କରନ୍ତି ତାହେଲେ ସମାଧାନର ରାସ୍ତା ବାହାରିପାରିବାର ସମ୍ଭାବନା ରହିଛି। ଓଡ଼ିଶା ସରକାର ଏବଂ କୋରାପୁଟ ଜିଲ୍ଲା ପ୍ରଶାସନ ନିଜ ନିଜ ସ୍ତରରେ ଆଲୋଚନା ଜାରି ରଖିଛନ୍ତି। ଧର୍ମେନ୍ଦ୍ର ଠିକଣା ସମୟରେ ଚିଠି ଲେଖି ଦ୍ୱିପାକ୍ଷିକ ଆଲୋଚନା ଓ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ବ୍ୟକ୍ତିଗତ ସ୍ତରରେ କେନ୍ଦ୍ର ସରକାରଙ୍କ ତରଫରୁ ସମର୍ଥନ ଦେବା ନେଇ ଶ୍ରୀ ପ୍ରଧାନ ପ୍ରତିଶ୍ରୁତି ଦେଇଛନ୍ତି। ଯଦି ଧର୍ମେନ୍ଦ୍ର ନିଜଆଡୁ ଏହା କରିପାରନ୍ତି ତାହା ଅଧିକ ଫଳପ୍ରଦ ହେବ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

### ଧର୍ମେନ୍ଦ୍ରଙ୍କ ୪ ସୂତ୍ରୀ ପ୍ରସ୍ତାବ

ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ଚିଠି ଲେଖି ବିବାଦର ସମାଧାନ ପାଇଁ ୪ ସୂତ୍ରୀ ପ୍ରସ୍ତାବ ଉପରେ ଜୋର୍ ଦେଇଛନ୍ତି। ପ୍ରଥମତଃ ବିବାଦୀୟ ଗ୍ରାମ ଗୁଡ଼ିକରୁ ସଶସ୍ତ୍ର ସୁରକ୍ଷା ବଳକୁ ଅପସାରଣ କରାଯାଉ ଏବଂ ସ୍ଥାନୀୟ ଜନପ୍ରତିନିଧି ଏବଂ ସରକାରୀ ଅଧିକାରୀଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲାକୁ ପ୍ରତ୍ୟାହାର କରାଯାଉ। ଦ୍ୱିତୀୟତଃ ଗ୍ରାମାଞ୍ଚଳର ଭିତ୍ତିଭୂମି, ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ମୌଳିକ ସୁବିଧାକୁ ବାଦ୍ ଦେଇ ନୂତନ ଢାଞ୍ଚାଗତ ନିର୍ମାଣକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଉ। ତୃତୀୟ ପ୍ରସ୍ତାବ ସ୍ୱରୂପ ଏହି ବିବାଦରେ ଆଗାମୀ ଦିନର ରୋଡମ୍ୟାପ ପାଇଁ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି। ଚତୁର୍ଥତଃ ଉଭୟ ରାଜ୍ୟର ମୁଖ୍ୟ ଶାସନ ସଚିବ କିମ୍ବା ଉନ୍ନୟନ କମିଶନରଙ୍କ ସ୍ତରରେ ଜଏଣ୍ଟ ଓ୍ୱାର୍କିଂ କମିଟି ବା ଯୁଗ୍ମ କାର୍ଯ୍ୟକାରୀ କମିଟି ଗଠନ କରାଯାଉ ବୋଲି ଶ୍ରୀ ପ୍ରଧାନ ପ୍ରସ୍ତାବ ଦେଇଛନ୍ତି।





# ଜଳକାରେ ବନ୍ୟା ବିଭୀଷିକା

## ୪୯ ଗାଁ ପ୍ରଭାବିତ, ଉଦ୍ଧାର କାର୍ଯ୍ୟ ଜାରି

**ବାରିପଦା/ତୋଟାପଡ଼ା, ୨୨।୯(ସମିସ):** ଲଘୁଚାପ ଜନିତ ଲଗାଣ ବର୍ଷା ପରେ ଜଳକା ନଦୀରେ ବନ୍ୟା ବିଭୀଷିକା। ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ଓ ରାସଗୋବିନ୍ଦପୁର ବ୍ଲକର ୪୦ରୁ ଅଧିକ ଗାଁର ଲୋକେ ପ୍ରଭାବିତ। ଗତକାଲି ଉପର ମୁଣ୍ଡରେ ବାଦଲ ଫଟା ବର୍ଷା ଯୋଗୁଁ ଏ ଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଜଳକା ନଦୀରେ ହଠାତ ପାଣି ବଢ଼ିଛି। ସାରସକଣା, କୁଳିଅଣା ଓ ଶୁଳିଆପଦା ବ୍ଲକରେ ଯଥାକ୍ରମେ ୧୧୧, ୧୭୪ ଓ ୨୦୫ମିମି ବର୍ଷା ଫଳରେ ଗତକାଲିଠାରୁ ସୃଷ୍ଟି ବନ୍ୟା ପରିସ୍ଥିତି ପାଇଁ ନାହିଁ ନଥିବା ସ୍ଥିତି ଉପଜିଥିଲା। ବୁଧବାର ମୋରଡ଼ା ବ୍ଲକ ଅଞ୍ଚଳରୁ ଜଳକା ନଦୀରେ ଜଳସ୍ତର ଧୀରେ ଧୀରେ ଖସୁଥିବା ବେଳେ ଏବେ ରାସଗୋବିନ୍ଦପୁର ବ୍ଲକର ୨୦ ରୁ ଊର୍ଦ୍ଧ୍ବ ଗାଁର ଲୋକେ ଏବେ ପାଣି ଘେରରେ। ନଦୀରେ ହଠାତ ପାଣି ବଢ଼ିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଅନ୍ୟପକ୍ଷରେ ଶତାଧିକ କଚା ଘର ଭାଙ୍ଗିଯାଇଥିବା ବେଳେ ଚାଷ ଜମିରେ ପାଣି ମାଡ଼ି ନଷ୍ଟ ହୋଇଛି ଚାଷ।

ଆଜି ରାସଗୋବିନ୍ଦପୁର ବ୍ଲକର ଭେଡିସାହି, ପଦ୍ମତୋଳିଆ, ମୁରୁଡ଼ା, ହାଣ୍ଡିଧୁଆ, ପାଞ୍ଚମାଣିଆ, ଡୁହିଲପୁରା, ପିଙ୍ଗୁଡି, ଭୋଗବାଟି, ଏକତାଲି, ସାତଶଗଡ଼ିଆ ଆଦି ୨୦ରୁ ଅଧିକ ଗାଁ ଲୋକେ ପାଣି ଘେରରେ ରହିଛନ୍ତି। ରାସଗୋବିନ୍ଦପୁର ବ୍ଲକ ଜଳକା ନଦୀ କୂଳରେ ଥିବା ବିଭିନ୍ନ ଗାଁରୁ ଓଡ୍ରାଫ ଟିମ ଦ୍ୱାରା ଗ୍ରାମବାସୀଙ୍କୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି ଏବଂ ତୋଟାପଡ଼ା ପଞ୍ଚାୟତର ସରପଞ୍ଚ ପ୍ରମିଳା ଟୁଡୁ, ରଞ୍ଜିତ ଜେନା, ରଞ୍ଜିତ ଗିରି, ୱାର୍ଡ ମେମ୍ବର,ଏବଂ ସାମ୍ବାଦିକ ସୁଦୀପ୍ତ କୁମାର ପଣ୍ଡା, ସଂଯୋଗ ନାୟକଙ୍କ ସହାୟତାରେ ମୋରଡା ଓ ହାଣ୍ଡିଧୂଆ ଗ୍ରାମରେ ରନ୍ଧାଖାଦ୍ୟ ଏବଂ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ରାସଗୋବିନ୍ଦପୁର ତହସିଲଦାର ସ୍ଥିତି ଅନୁଧ୍ୟାନ ଆରମ୍ଭ କରିଛନ୍ତି। ତେବେ କ୍ଷୟକ୍ଷତି ଆକଳନ ଚାଲିଛି ବୋଲି କହିଛନ୍ତି। ମହାମାରୀ କରୋନାରେ ଲୋକଙ୍କ ଆର୍ଥିକ ସ୍ଥିତି ଭୁଶୁଡି ପଡ଼ିଥିବାବେଳେ ଏବେ ବନ୍ୟା ବିଭୀଷିକା ଏ ଅଞ୍ଚଳବାସୀଙ୍କ ଉପରେ ବେଡି ଉପରେ କରୋଡ଼ା ସଦୃଶ ହୋଇଛି। ବନ୍ୟା କ୍ଷତିଗ୍ରସ୍ତ ଲୋକେ ସରକାରୀ ସହାୟତାକୁ ଅପେକ୍ଷା କରିଛନ୍ତି। ବାରମ୍ବାର ବନ୍ୟା ହେଉଥିବା ଯୋଗୁଁ ବାତ୍ୟା ଆଶ୍ରୟ ସ୍ଥଳୀ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



### ୨୦ ଗାଁର ଲୋକେ ପ୍ରଭାବିତ

**ମୋରଡ଼ା, ୨୨।୯ (ସମିସ):** ଲଘୁଚାପଜନିତ ବର୍ଷାରେ ମୟୂରଭଞ୍ଜ ଜିଲ୍ଲା ଜମ୍ବୀରା ନଦୀରେ ବନ୍ୟା ବିଭୀଷିକା। ମୋରଡ଼ା ବ୍ଲକର ୨୦ ଟି ଗାଁ ଲୋକ ପ୍ରଭାବିତ ହୋଇଛନ୍ତି। ତେବେ ଜମ୍ବୀରା ନଦୀ ର ଶୀଳଦା ଓ ମୋରଡ଼ା ନିକଟ ମୁରୁଡି ନଦୀରେ ବନ୍ୟାଜଳ ରାଜରାସ୍ତା ରେ ପ୍ରଭାବିତ ହେବାରୁ ଦୀର୍ଘ ୧୨ ଘଣ୍ଟା ରୁ ଊର୍ଦ୍ଧ ସମୟ ଧରି ଚିତ୍ରଡା ରୁ ରାଜଘାଟ ରାସ୍ତାରେ ଯାତାୟାତ ଠପ ହୋଇଥିଲା।



ଅନ୍ୟପକ୍ଷରେ ଗତକାଲି ସନ୍ଧ୍ୟାରେ ଜମ୍ବୀରା ନଦୀରେ ହଠାତ ପାଣି ବଢ଼ିବାରୁ ବଡ଼େଇଗାଁ ଗ୍ରାମପଞ୍ଚାୟତ ର ମହୁଲ କୁଣ୍ଡିଆ ଗ୍ରାମର ୨୦୦ ଜଣ, ବରକନ୍ଦ ଗ୍ରାମପଞ୍ଚାୟତ ତେନ୍ତୁଳିବାଟି, ରେକଣ ଓ ରତନପୁର ରୁ ୨୦୨ ଜଣ,ଘୋଳମୁହାଁ ଗ୍ରାମପଞ୍ଚାୟତ ର ଘୋଳମୁହା, ଗଣ୍ଡାଗୁହାଳି, ଆଣୁଆ ଗ୍ରାମର ୨୫୫ଜଣ, ଚିତ୍ରଡା ଗ୍ରାମପଞ୍ଚାୟତ ଶୀଳଦା ଗ୍ରାମର ୨୦ ଜଣ ମୋରଡ଼ା ଗ୍ରାମପଞ୍ଚାୟତ ର କଲାନି ସାହି, ପାଞ୍ଚଗୋଛିଆ, ପଟାକୁଣ୍ଡିଆ ଗ୍ରାମରୁ ୨୩୦ ଜଣକୁ ସ୍ଥାନାନ୍ତରିତ କରାଯାଇ ବିଭିନ୍ନ ସ୍କୁଲ ରେ ଅସ୍ଥାୟୀ ବାତ୍ୟା ଆଶ୍ରୟ ସ୍ଥଳୀରେ ରଖାଯାଇ ଶୁଖିଲା ଖାଦ୍ୟ ଏବଂ ରନ୍ଧା ଖାଦ୍ୟର ବ୍ୟବସ୍ଥା କରିଥିଲେ ବ୍ଲକ ପ୍ରଶାସନ। ନଦୀ କୂଳରେ ଥିବା ଗାଁ ଗୁଡ଼ିକରେ ବନ୍ୟା ପାଣି ପଶିଯିବାରୁ ରାତି ଅଧରେ ଅଗ୍ନିଶମ ବିଭାଗ ଓ ଓଡ୍ରାଫ ଟିମ ଗ୍ରାମବାସୀଙ୍କୁ ଉଦ୍ଧାର କରିଥିଲେ।

ଚିତ୍ରଡାରୁ ଶୀଳଦା ରାସ୍ତାରେ ଥିବା ଦିନେଶ କୁମାର ବେହେରାଙ୍କ ଘର ସମ୍ପୂର୍ଣ୍ଣ ବୁଡି ଯାଇ ଘରର ଆସବାବପତ୍ର ସବୁ ନଷ୍ଟ ହୋଇଯାଇଛି। ଏବେ ବି ମୋରଡ଼ା ଓ ବରକନ୍ଦ ଗ୍ରାମପଞ୍ଚାୟତ ର ୨୫୦ ଜଣ ବନ୍ୟା ପ୍ରଭାବିତ ଲୋକ ଅସ୍ଥାୟୀ ବନ୍ୟା ଆଶ୍ରୟସ୍ଥଳୀରେ ଆଶ୍ରୟ ନେଇଥିବା କଥା ମୋରଡ଼ା ବ୍ଲକ ଜିପିଓ ସୁଶାନ୍ତ କୁମାର ରାଉଳ ସୂଚନା ଦେଇଛନ୍ତି।

## ସ୍ତ୍ରୀକୁ ଠେଙ୍ଗାରେ ପିଟି ମାରିଦେଲା ମଦ୍ୟପ ସ୍ୱାମୀ

**ଶରତ, ୨୨।୯(ସମିସ):** ଗତ ମଙ୍ଗଳବାର ବିଳମ୍ବିତ ରାତିରେ କପ୍ତିପଦା ଥାନା ଅନ୍ତର୍ଗତ ପେଡ଼ାଗଡ଼ି ପଞ୍ଚାୟତର କରପଦା ଗ୍ରାମରେ ଜଣେ ବ୍ୟକ୍ତି ମଦ ପିଇ ନିଶାସକ୍ତ ଅବସ୍ଥାରେ ନିଜ ସ୍ତ୍ରୀକୁ ଠେଙ୍ଗାରେ ପିଟିପିଟି ହତ୍ୟା କରିଛି। ମୃତକ ହେଲେ ଫୁଲ ହାଁସଦା। ପ୍ରଥମେ ସ୍ୱାମୀ କାହ୍ନୁ ଓ ସ୍ତ୍ରୀ ଫୁଲ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ତେଜିତ ହୋଇ କାହ୍ନୁ ଫୁଲକୁ ଠେଙ୍ଗାରେ ପିଟି ମାରି ଦେଇଥିଲା। ଗାଁ ଲୋକଙ୍କଠୁ ଖବରପାଇ ଆଜି ସକାଳୁ ପ୍ରାୟ ୯ ଟା ସମୟରେ କପ୍ତିପଦା ପୁଲିସ ସାଇଣ୍ଟିଫିକ ଟିମ ସହ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଜବତ୍ କରିବା ସହିତ ଅଭିଯୁକ୍ତ ସ୍ୱାମୀ କାହ୍ନୁ ହାଁସଦାକୁ ଗିରଫ କରିଛି। ଏଥିସହ ପୁଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

## ମତ୍ସ୍ୟଚାଷ ସମ୍ପର୍କିତ ବୈଠକ

**ଶରତ, ୨୨।୯(ସମିସ):** କପ୍ତିପଦା ବ୍ଲକ ବଡଖଲାଡି ଗ୍ରାମରେ ସମ୍ମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ସହାୟତାରେ ଆଇ ଏମ୍ ଟି ଏସ ସଂସ୍ଥାର ସହଯୋଗରେ ମିଶନ ଜୀବିକା ମାଧ୍ୟମରେ ଆଦିବାସୀ ପରିବାର ଓ ସ୍ୱୟଂସହାୟକ ଗୋଷ୍ଠୀକୁ ମତ୍ସ୍ୟଚାଷ ନିମନ୍ତେ ଏକ ବୈଠକରେ ସହାୟତା ପ୍ରଦାନ କରାଯାଇଛି। ଉକ୍ତ ବୈଠକରେ ଆଦିବାସୀ ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ଅଧିକାରୀ ପ୍ରଦୀପ ପଣ୍ଡା, ଜୀବନ ଜୀବିକା ବିଶେଷଜ୍ଞ ଶଶାଙ୍କ ଶେଖର ସାମଲ, ବଡଖଲାଡି ଗ୍ରାମର ସରପଞ୍ଚ ରାଜଶ୍ରୀ ମାରଣ୍ଡୀ, ବଡଖଲାଡି ଗ୍ରାମର ମିଶନ ଶକ୍ତି ସଭାନେତ୍ରୀ ହେମଲତା ଶଙ୍ଖୁଆ ପ୍ରମୁଖ ଯୋଗଦେଇ ମତ୍ସ୍ୟଚାଷ କରି ରୋଜଗାରକ୍ଷମ ହେବାକୁ ପରାମର୍ଶ ଦେଇଥିଲେ। ମହିଷାସୁରି ଗ୍ରାମର ୯ ଟି, ନଛିପୁର ଗ୍ରାମର ୫ ଟି ପରିବାର ଓ ବଡଖଲାଡି ଗ୍ରାମର ଜାହେରା ଓ ଏସ ଏସ ଜି ଗ୍ରୁପକୁ ଉନ୍ନତ ମାନର ମାଛ ଜାଁଳ, ମାଛ ଖାଦ୍ୟ ପ୍ରଦାନ କରାଯାଇଥିଲା। ଆଶିଷ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଆବର୍ତ୍ତନ ପାଣ୍ଠି ବିନିଯୋଗ ସମ୍ବନ୍ଧୀୟ ତାଲିମ ଶିବିର

**ବିଶୋଇ,୨୨।୯(ସମିସ):** ରାଇରଙ୍ଗପୁର ବନଖଣ୍ଡ ବିଶୋଇ ବନ୍ୟପ୍ରାଣୀ ବନାଞ୍ଚଳର ସରଗଡ଼ା ସେକ୍ସନ ଅନ୍ତର୍ଗତ ବନ ସୁରକ୍ଷା ସମିତି ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ନେଇ ଆବର୍ତ୍ତନ ପାଣ୍ଠି ବିନିଯୋଗ ସମ୍ବନ୍ଧୀୟ ଏକ ଦିବସୀୟ ତାଲିମ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି ।ବନଖଣ୍ଡ ଅଧିକାରୀ ନଳିନୀ କାନ୍ତ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ବିଶୋଇ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ପୃଷ୍ଟି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରି ଆବର୍ତ୍ତନ ପାଣ୍ଠି ବିନିଯୋଗର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ପରିବେଶବିତ ଲଳିତ ମହାନ୍ତ ସମ୍ମାନୀତ ଅତିଥିଭାବେ ଯୋଗଦେଇ ହିତାଧିକାରୀଙ୍କୁ ଆବର୍ତନ ପାଣ୍ଠିର ସୁବିନିଯୋଗ କରିବାକୁ ମାର୍ଗଦର୍ଶନ ଦେଇଥିଲେ ।ବିଷୟ ଭିତ୍ତିକ ବିଶେଷଜ୍ଞ ଲୋକନାଥ ସାହୁ ଓ ତ୍ରିଲୋଚନ ରାଇ ପ୍ରଜେକ୍ଟର ମାଧ୍ୟମରେ ତାଲିମ ପ୍ରଦାନ କରି ଆବର୍ତନ ପାଣ୍ଠି ବିନିଯୋଗର ସମ୍ପର୍କରେ ସୂଚନାଦେଇ ସୂଚାରୁ ରୂପେ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। ସଂଯୋଜକ ରତିରଞ୍ଜନ ମହାନ୍ତ ଓ ତାରାକାନ୍ତ ପଣ୍ଡା ଶିବିରର ଲକ୍ଷ୍ୟ ସମ୍ପର୍କରେ ବୁଝାଇଥିଲେ। ବନପାଳ ଜୀବନ ବଲ୍ଲଭ ପାତ୍ର, ମନୋରଞ୍ଜନ ମହାନ୍ତ, ବନରକ୍ଷୀ ସନତ କୁମାର ବେହେରା କର୍ମଚାରୀ ବୈଦ୍ୟନାଥ ମହାନ୍ତ, ସନ୍ତୋଷ ଦାସ ପ୍ରମୁଖ ଶିବିର ପରିଚାଳନା କରିଥିବା ବେଳେ ସମସ୍ତ ବନ ସୁରକ୍ଷା ସମିତିର କର୍ମକର୍ତା ଓ ଆନିମେଟର ତାଲିମ ନେଇଥିଲେ।

## କମ୍ପ୍ୟୁଟର ଶିକ୍ଷକ ସଙ୍ଘର ନୂତନ କର୍ମକର୍ତ୍ତା

**ରାଇରଙ୍ଗପୁର ଟାଉନ/ବଡଡାଳିମା, ୨୨।୯(ସମିସ):** ମୟୂରଭଞ୍ଜ ଆଇ.ସି.ଟି ସ୍କୁଲ କୋଡ଼ିନେଟର (କମ୍ପ୍ୟୁଟର ଶିକ୍ଷକ) ସଙ୍ଘର ସମସ୍ତ ଏସ.ସି. ମାନଙ୍କୁ ନେଇ ଏକ ଭର୍ଚୁଆଲ ବୈଠକ ହୋଇଥିଲା। ଏଥିରେ ମୟୂରଭଞ୍ଜ ଜିଲ୍ଲାର ସଙ୍ଘକୁ ସଠିକ ମାର୍ଗରେ ଏବଂ ସଦୃଢ଼ କରିବା ନିମନ୍ତେ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସଙ୍ଘର ସଭାପତି ଭାବରେ ରତିକାନ୍ତ ମହାନ୍ତ, ସହ ସଭାପତି ଭାବରେ ଆକାଶ ରାୟ, ସମ୍ପାଦକ ଭାବରେ ସୁବ୍ରତ କୁମାର ସାହୁ, ସହସମ୍ପାଦକ ରାଜୀବ କିସକୁ, କୋଷାଧ୍ୟକ୍ଷ ଭାବରେ ନିହାର ରଞ୍ଜନ ମହାନ୍ତ ଚୟନ କରାଯାଇଥିଲା। ଏହାଛଡା କୋରକମିଟି ମେମ୍ବରରେ ୧୫ ଜଣ ସଦସ୍ୟ ନିର୍ବାଚିତ ହୋଇଛନ୍ତି। ଶେଷର ରରୁଆଁ ବ୍ଲକର ପବିତ୍ର ବେହେରା ଧନ୍ୟବାଦ ଦେଇଥିଲେ।

## କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଡାକ୍ତରଙ୍କ ଯୋଗଦାନ

**କରଞ୍ଜିଆ, ୨୨।୯ (ସମିସ):** କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଫିଜିଓଥେରାପି ଚିକିତ୍ସା ନପାଇ ସ୍ଥାନୀୟ ଲୋକେ କଟକ ଅଲଟପୁର ଯିବାପାଇଁ ବାଧ ହେଉଥିଲେ। ମାତ୍ର ଏହି ଦୁଇ ମାସ ପୂର୍ବରୁ ଡା. ଅର୍ପିତା ବେହେରା ଫିଜିଓଥେରାପି ଡାକ୍ତର ଭାବେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଯୋଗଦାନ କରିଛନ୍ତି। ତାଙ୍କର ଯୋଗଦାନ ଯୋଗୁଁ ଫିଜିଓଥେରାପି ଆବଶ୍ୟକ କରୁଥିବା ଗୋଡ ଅଣ୍ଟା ପିଠି ବଥା, ଦୁର୍ଘଟଣା ଜନିତ ରୋଗୀ ମାନେ କିଛି ପରିମାଣରେ ଆଶ୍ୱାସନା ପାଇଛନ୍ତି। ହେଲେ ଯଦି ଚିକିତ୍ସାଳୟକୁ ଏହାର ଉପଯୋଗୀ ଉପକରଣ, ଯନ୍ତ୍ରପାତି ଯୋଗାଯାଇ ପାରନ୍ତା ତେବେ ରୋଗୀ ମାନେ ଅଧିକ ଚିକିତ୍ସା ପାଇପାରନ୍ତେ। ତେଣୁ ସରକାର ଏହି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବାକୁ ଜନସାଧାରଣ ଦାବି କରୁଛନ୍ତି।

## ଉଚ୍ଛୁଳିଲା ଜମ୍ବୀରା ନଦୀ, ପାଣି ଘେରରେ ୧୪ଗାଁ

**ବାରିପଦା,୨୨।୯(ସମିସ):** ଦୁଇ ଦିନ ଧରି ଲାଗିରହିଥିବା ଲଘୁଚାପ ଜନିତ ଲଗାଣ ବର୍ଷାରେ ମୟୂରଭଞ୍ଜ ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳ ପ୍ରଭାବିତ ହୋଇଛି। ଶୁଳିଆପଦା, ରାସଗୋବିନ୍ଦପୁର ଓ ମୋରଡା ବ୍ଲକର ତଳି ଅଞ୍ଚଳରେ ବନ୍ୟା ଜଳ ପ୍ରବେଶ କରି ବ୍ୟାପକ କ୍ଷୟକ୍ଷତି ଘଟିଛି। ଧାନ ଓ ପରିବା ଚାଷ ଜମି ଜଳମଗ୍ନ ହୋଇଥିବା ବେଳେ ରାସ୍ତାରେ ଘାଇ ସୃଷ୍ଟି ହୋଇ ଚଳପ୍ରଚଳ ବାଧାପ୍ରାପ୍ତ ହୋଇଛି। ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ, ଜିଲାର ଶୁଳିଆପଦା ବ୍ଲକରେ ସର୍ବାଧିକ ୨୦୫ମିମି, କୁଳିଅଣାରେ ୧୭୪ମିମି, ସାରସକଣାରେ୧୧୧ମିମି, ବାଙ୍ଗରିପୋଷିରେ ୮୩.୪ମିମି, ବହଳଦାରେ ୫୭.୨ମିମି ଓ ତିରିଂରେ୧୧୬.୨ମିମି ବର୍ଷା ହୋଇଥିବା ବେଳେ ଠାକୁରମୁଣ୍ଡା ବ୍ଲକରେ ଆଦୌ ବର୍ଷା ହୋଇ ନାହିଁ। ଶୁଳିଆପଦାର ଜମ୍ବୀର ବନ୍ଧରୁ ବାହାରିଥିବା ଜମ୍ବୀରା ନଦୀର ଜଳପତନ ବୃଦ୍ଧି ପାଇବା ଦ୍ୱାରା ରାସଗୋବିନ୍ଦପର, ଶୁଳିଆପଦା ଓ ମୋରଡା ବ୍ଲକର ତଳି ଅଞ୍ଚଳରେ ବନ୍ୟାଜଳ ପ୍ରବେଶ କରିଛି। ଫଳରେ ରାସଗୋବିନ୍ଦୁର ବ୍ଲକର ୧୪ଟି ଗ୍ରାମ ପାଣି ଘେରରେ ରହିଛି। ସେଥିମଧ୍ୟରେ ରାସଗୋବିନ୍ଦପୁର ପଞ୍ଚାୟତର କାଟୁନୀ, ରାଘବପୁର ପଞ୍ଚାୟତର ଏକତାଳୀ, ସାତଶହଗଡ଼ିଆ ଓ ଭୈରଙ୍ଗୀ, ତୋଟାପଡ଼ା ପଞ୍ଚାୟତର ମୋରଡା ଓ ହାଣ୍ଡିଧୁଆ, ସାନମାଣିଦା ପଞ୍ଚାୟତର ପଦ୍ମତଳିଆ, ଦୁଇଲିପୁରା, ଟିଙ୍ଗୁଲୀ, ରାଘବପୁର ପଞ୍ଚାୟତର ସାତଶହଗଡ଼ିଆ,ଏକତାଲୀ ଓ ସୁମିତ୍ରାଦେଇପୁର, ଝୁଂଟାପାଳ ପଞ୍ଚାୟତର ଖାଣ୍ଡିଖାଲ, ଗମ୍ଭାରିଆ, ଫିରିଙ୍ଗିସାହି, ଲୁହାଝୁଂଟା ଓ ଭେଡିସାହି ଗ୍ରାମ ପାଣି ଘେର ଭିତରେ ରହିଛି। ପ୍ରଶାସନ ପକ୍ଷରୁ ୩ଶହରୁ ଊର୍ଦ୍ଧ୍ୱ ପରିବାରର ୨ହଜାର ୯୩୦ଲୋକଙ୍କୁ ଉଦ୍ଧାର କରାଯାଇ ୯ଟି ଆଶ୍ରୟସ୍ଥଳୀରେ ରଖି ଶୁଖିଲା ଓ ରନ୍ଧାଖାଦ୍ୟ ଯୋଗାଇ ଦେଉଛନ୍ତି। ଓଡ୍ରାଫ ଟିମ ଓ ଦମକଳ ବାହିନୀ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ରହିଥିବା ବେଳେ ରାସଗୋବିନ୍ଦପୁର ପୋଲିସ ପହଞ୍ଚି ପାଣିଘେରରେ ଥିବା ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ସହିତ ଖାଦ୍ୟ ଯୋଗାଇ ଦେଉଛନ୍ତି। ସେହିପରି ରାଘବପୁର ପଞ୍ଚାୟତ ବଡାମପୁର-ଏକତାଳୀ ନିକଟରେ ଥିବା ବନ୍ଧରେ ଘାଇ ସୃଷ୍ଟି ହୋଇ ୫ଶହ ହେକ୍ଟରରୁ ଊର୍ଦ୍ଧ୍ୱ ଚାଷଜମି ଜଳମଗ୍ନ ହୋଇ ଚାଷ ନଷ୍ଟ ହୋଇଥିବା ଜଣାପଡ଼ିଛି। ରାସଗୋବିନ୍ଦପୁର ବିଡିଓ ଅରୁଣ କୁମାର ଖଣ୍ଡା, ତହସିଲଦାର ନିର୍ଲିପ୍ତା ମହାନ୍ତି ଓ ଥାନାଧିକାରିଣୀ ଲୋପାମୁଦ୍ରା ନାୟକ ପରିସ୍ଥିତିର ମୁକାବିଲା ପାଇଁ ସଜାଗ ରହି ଲୋକମାନଙ୍କୁ ସଚେତନ କରିବା ସହ ଥଇଥାନ କରୁଛନ୍ତି। ସେହିପରି ଶୁଳିଆପଦା ବ୍ଲକରେ ବନ୍ୟା ପରିସ୍ଥିତି ସ୍ୱାଭାବିକ ହେବାକୁ ବସିଥିବା ବେଳେ ବହୁ ଚାଷ ଜମି ପାଣିରେ ବୁଡି ରହିଛି। କଣ୍ଟିସାହି ପଞ୍ଚାୟତରେ ଥିବା ବିଭିନ୍ନ ଗ୍ରାମରେ ଥିବା ଘର ମଧ୍ୟରେ ପାଣି ପଶି ଥିବାରୁ ଲୋକେ ରୋଷେଇ କରି ଖାଇବା ସମ୍ଭବ ହୋଇପାରି ନାହିଁ। ଫଳରେ ସେହି ଅଞ୍ଚଳର ଲୋକମାନଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି ବୋଲି ବିଡିଓ ପରିକ୍ଷୀତ ଜେନା ପ୍ରକାଶ କରିଛନ୍ତି। ବନ୍ୟାରେ ପ୍ରଭାବିତ ହୋଇଥିବା ଘର ଗୁଡିକୁ ପଲିଥିନ ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିବା ସହିତ କ୍ଷୟକ୍ଷତି ଆକଳନ କରାଯାଇ କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

## ନିଖୋଜ ବିବାହିତା ମହିଳାଙ୍କ ମୃତଦେହ ଉଦ୍ଧାର

**ଯଶିପୁର, ୨୨।୯(ସମିସ);** ଯଶିପୁର ଥାନା ଅନ୍ତର୍ଗତ କପଣ୍ଡ ଖଡିଆ ସାହି ବାସିନ୍ଦା ରାମ ଦେହୁରୀର ପତ୍ନୀ ରତନୀ ଦେହୁରୀ ନିକଟସ୍ଥ ଖଇରୀ ନଦୀରେ ୫ ଦିନ ପୂର୍ବରୁ ଝିଅ ସହିତ ଗାଧୋଉଥିବା ବେଳେ ଗୋଡ ଖସି ଯିବାରୁ ନଦୀର ପ୍ରଖର ସ୍ରୋତରେ ଭାସି ଯାଇଥିଲେ, ସେତେବେଳେ ବହୁ ଖୋଜାଖୋଜି କରିଥିଲେ ସୁଦ୍ଧା ସେ ମହିଳାଙ୍କୁ ଠାବ କରାଯାଇ ପାରି ନଥିଲା। ତଥାପି ଯଶିପୁର ଅଗ୍ନିଶମ ବାହିନୀର କର୍ମଚାରୀ ଓ ପୁଲିସ ସନ୍ଧାନ ଜାରି ରହିଥିଲା। ପରିଶେଷରେ ଷଷ୍ଠ ଦିନ ରେ ସେହି ନଦୀର ଏକ ନବ ନିର୍ମିତ ପୋଲ ନିକଟରୁ ମହିଳାଙ୍କ ମୃତ ଦେହ ଉଦ୍ଧାର କରାଯାଇ ପାରିଥିଲା। ଏ ସମ୍ପର୍କରେ ଯଶିପୁର ଥାନାରେ ୨୧/୨୦୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁକରାଯାଇଛି। ମୃତ ରତନୀର କରଞ୍ଜିଆ ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରାଯାଇଛି।

## ଟୋଲ୍ ଗେଟ୍ କର୍ମଚାରୀ ନିଯୁକ୍ତିରେ ଅନିୟମିତତା ଅଭିଯୋଗ

**ବୈଶିଙ୍ଗା, ୨୨।୯(ସମିସ):** ବୈଶିଙ୍ଗା ଥାନା ଅଧୀନ ୧୮ ନମ୍ବର ଜାତୀୟ ରାଜପଥ ପଦ୍ମନାଭପୁର ଟୋଲ ଗେଟରେ କର୍ମଚାରୀ ନିଯୁକ୍ତି ନେଇ ଅନିୟମିତତା ଏବଂ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ନ ଦେବା ନେଇ ସ୍ଥାନୀୟ ବେକାର ଯୁବକମାନେ ଆଜି ଜିଲ୍ଲାପାଳ ଏବଂ ସ୍ଥାନୀୟ ବୈଶିଙ୍ଗା ପୁଲିସ ପ୍ରଶାସନକୁ ଲିଖିତ ଆକାରରେ ଦୃଷ୍ଟି ଆକର୍ଷଣ କରିଥିଲେ। ମାତ୍ର ସମସ୍ୟାର ସମାଧାନ ନ ହେବାରୁ ଯୁବକମାନେ ଟୋଲ ଗେଟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଟୋଲ ଗେଟ ନିଯୁକ୍ତି ନେଇ ସାର୍ବଜନୀନ ନ କରି ଗୁପ୍ତ ଭାବରେ ନିଯୁକ୍ତି ନେଇ ଅଭିଯୋଗ କରିଛନ୍ତି। ଯାତାୟାତ ସ୍ୱାଭାବିକ ଥିଲେ ମଧ୍ୟ ଖବର ପାଇ ବୈଶିଙ୍ଗା ଥାନା ଅଧିକାରୀ ପ୍ରଭାଂଶୁ ଶେଖର ମିଶ୍ର ଏବଂ ଟୋଲ ଗେଟ ପରିଚାଳକ ଘଟଣା ସ୍ଥଳରେ ପହଁଚି ବିକ୍ଷୋଭ କାରୀଙ୍କୁ ବୁଝା ସୁଝା କରିବା ପରେ ମଧ୍ୟ ଖବର ଲେଖା ଯିବା ବେଳକୁ କିଛି ସମାଧାନର ବାଟ ମିଳିନଥିଲା।

## ଟ୍ରକ ସହ ଗଞ୍ଜେଇ ଜବତ, ଦୁଇ ଅଟକ

**ରାଇରଙ୍ଗପୁର ଟାଉନ, ୨୨।୯(ସମିସ):** ରାଇରଙ୍ଗପୁର ଆଦର୍ଶ ଥାନା ପକ୍ଷରୁ ଥାନାଅଧିକାରୀ ଅଜୟ ସୁଦର୍ଶନ ବାଗେଙ୍କ ନେତୃତ୍ୱରେ ଏକ ଗଞ୍ଜେଇ ନେଇ ଯାଉଥିବା ଟ୍ରକକୁ ଗମ୍ଭାରିଆ ପୋଲ ନିକଟରେ ଧରିବାକୁ ସକ୍ଷମ ହୋଇଛନ୍ତି ଓ ଜାତୀୟ ରାଜପଥ ୨୨୦ ବିଶୋଇ ପଟୁ ଆସୁଥିବା ଏହି ଟ୍ରକ ରାଇରଙ୍ଗପୁର ବାଟ ଦେଇ ଖସିଯାଉଥିଲାବେଳେ ହଠାତ କୌଣସି ଏକ ବିଶେଷ ସୂତ୍ରରୁ ଖବର ପାଇ ଆଇ.ଆଇ.ସି ଶ୍ରୀ ବାଗେ ଓ ତାଙ୍କର ସହକର୍ମୀ ଦଳ ଗମ୍ଭାରିଆ ପୋଲପାଖରେ ଅଟକାଇ ଦୁଇ ଜଣ ମନୋଜ ମୁଣ୍ଡା ଓ ପାଲବନ ନାୟକ ଙ୍କୁ ଠାରୁ ୬ କିଲୋ ଗଂଜେଇ ଜବତ କରିଥିଲେ ଓ ଟ୍ରକକୁ ଜବତ କରିବା ସହିତ ଦୁଇ ଜଣଙ୍କ ବିରୁଦ୍ଧରେ ରାଇରଙ୍ଗପୁର ଥାନାରେ କେସ ନମ୍ବର ୧୯ ୯ରେ ମାମଲା ରୁଜୁ କରାଯାଇଛି।

## ଚିତ୍ରଡ଼ା ଗାଁରେ ପଶିଲା ହାତୀ; ଲୋକେ ଆତଙ୍କିତ

**ମୋରଡ଼ା, ୨୨।୯(ସମିସ):** ରାସଗୋବିନ୍ଦପୁର ରେଞ୍ଜ ତଥା ମୋରଡ଼ା ବ୍ଲକ ଚିତ୍ରଡା ଗ୍ରାମରେ ପଶିଲା ଗୋଠଛଡା ଝାରଖଣ୍ଡି ଦନ୍ତା ହାତୀ। ଆଜି ଭୋର ସମୟରେ ହାତୀ ଟି ଚିତ୍ରଡା ଡୁମୁରୁଡିହା ସାହିରେ ହାତୀକୁ ଦେଖି ଗ୍ରାମବାସୀ ଭୟଭୀତ ହୋଇଥିଲେ। ହାତୀ ଗାଁ ଦାଣ୍ଡରେ ବୁଲିବା ପରେ ଚିତ୍ରଡା ବିଦ୍ୟାଜ୍ୟୋତି ପବ୍ଲିକ ସ୍କୁଲ ନିକଟରେ ଦିନ ତମାମ ରହିଥିଲା। ହାତୀ ଦେଖିବା ପାଇଁ ଶହ ଶହ ଲୋକ ବିଦ୍ୟାଜ୍ୟୋତି ପବ୍ଲିକ ସ୍କୁଲ ନିକଟରେ ରୁଣ୍ଡ ହୋଇଥିଲେ। ଖବର ପାଇ ବନ ବିଭାଗର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହାତୀର ଗତିବିଧି ଉପରେ ନଜର ରଖିଥିବା ଜଣାପଡ଼ିଛି। ହାତୀ ଜଙ୍ଗଲ ଭିତରକୁ ନ ଯାଇ ଦିନ ତମାମ ବିଦ୍ୟାଜ୍ୟୋତି ପବ୍ଲିକ ସ୍କୁଲ ନିକଟ ଜଙ୍ଗଲରେ ରହିଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ହାତୀ ପାଇଁ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି।

## ବିଞ୍ଝୁଆ ଗ୍ରାମରେ ଭାଗବତ ଜନ୍ମ ମହୋତ୍ସବ

**ବହଳଦା,୨୨।୯(ସମିସ):** ବହଳଦା ବ୍ଲକ ଅନ୍ତର୍ଗତ ବିଞ୍ଝୁଆ ଗ୍ରାମର ବହୁ ପୁରାତନ ଭାଗବତ ଟୁଙ୍ଗୀରେ ପ୍ରତିବର୍ଷ ପରି ଭାଗବତ ଜନ୍ମୋତ୍ସବ ଗତ ସମବାର କୋଭିଡ୍ ନିୟମ ଅନୁଯାଇ ପାଳନ କରାଯାଇଛି। ଭାଗବତ ଟୁଙ୍ଗୀ ର ପରିଚାଳକ ସୁଧୀର କୁମାର ବସାଙ୍କ ଅଧକ୍ଷତାରେ ଏକ ଆଧ୍ୟାତ୍ମିକ ପରିବେଶ ଭିତ୍ତିରେ ଭାଗବତ ଜନ୍ମୋତ୍ସବ ପାଳିତ ହୋଇଯାଇଛି।

ସ୍ଥାନୀୟ ଶ୍ରୀରାମ ମନ୍ଦିରର ସଭାପତି ଜୟନ୍ତ କୁମାର ମହାପାତ୍ର,ସମ୍ପାଦକ ବିଜୟ କୁମାର ସାହୁ, କୋଷାଧ୍ୟକ୍ଷ ଉତ୍ତମ କୁମାର ବସା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ହରିହର ମନ୍ଦିରର ପୂଜକ ଗିରିଶଚନ୍ଦ୍ର ଶତପଥି(ଟୁଲୁ ନନା), ଘଟ ସ୍ଥାପନା କରି ବୈଦିକ ରୀତିରେ ପୂଜା ଅର୍ଚ୍ଚନା କରିଥିଲେ। ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ହରିହର ମନ୍ଦିରର କର୍ତ୍ତା ସୁଦର୍ଶନ ବସା ଓ ମାର୍ଗଦର୍ଶକ ଶରତଚନ୍ଦ୍ର ବସା ଆଧ୍ୟାତ୍ମିକ ମାର୍ଗ ଦର୍ଶନ କରି ହରିନାମ ରସାମୃତରେ ଶ୍ରୋତା ମଣ୍ଡଳୀଙ୍କୁ ଅପ୍ୟାୟିତ କରିଥିଲେ। ଅନେକ ଶ୍ରଦ୍ଧାଳୁ ଭକ୍ତବୃନ୍ଦ ଶ୍ରଦ୍ଧାର ସହ ଦୀପ ପ୍ରଜ୍ୱଳନ ଓ ଭୋଗ ନୈବେଦ୍ୟ ଅର୍ପଣ କରିଥିଲେ।ଆଜିର ପବିତ୍ର ଦିନରେ ଘଟ ପରିବର୍ତ୍ତନ ଓ ଭାଗବତ ଗାଦି ପୂଜା ଅର୍ଚ୍ଚନା କରି ସ୍ୱର୍ଗତ ଗୁରୁ ମହାରାଜ ଜାନକୀରାମ ଦାସଗୋସ୍ୱାମୀ, ସ୍ୱର୍ଗତ ଗୁରୁଦେବ ସୀତାରାମ ଦାସ ଗୋସ୍ୱାମୀଙ୍କ ଜୟଧ୍ୱନୀ ସଙ୍ଗେସଙ୍ଗେ ବର୍ତ୍ତମାନର ବଲାଙ୍ଗିର ରାମଜୀ ମଠର ମହନ୍ତ ମାତା କନକ ମଞ୍ଜରୀ ଦେବୀଙ୍କ ଜୟଧ୍ୱନୀ କରାଯାଇଥିଲା। ତତ୍ତ୍ୱାବଧାରକ ସୁଧିର କୁମାର ବସା ଭାଗବତ ଜନ୍ମୋତ୍ସବର ଆଭିମୁଖ୍ୟ ବୁଝାଇ ମହାମନ୍ତ୍ର, ଯୁଗଳମନ୍ତ୍ର ଓ କଳକୀମନ୍ତ୍ର ଗାନ କରି ବିଶ୍ୱର କଲ୍ୟାଣର୍ଥେ ଜୟଧ୍ୱନୀ ପ୍ରଦାନ କରି ଶାନ୍ତିପାଠ କରିଥିଲେ।

## କେନାଲରେ ବୁଡ଼ି ଯୁବକ ମୃତ

**କୁଳିଅଣା, ୨୨।୯(ସମିସ):** ଚାନ୍ଦୁଆ ଥାନା ଅନ୍ତର୍ଗତ କେଉଟୁଣମାରୀ ଦେଇ ଯାଇଥିବା ସୁବର୍ଣ୍ଣରେଖା କେନାଲରେ ବୁଡ଼ି ଜଣେ ଯୁବକର ମୃତ୍ୟୁ ହୋଇଛି। ମୃତ ଯୁବକ ଜଣକ ହେଉଛନ୍ତି ଚାନ୍ଦୁଆ ଥାନା ଅନ୍ତର୍ଗତ କେଉଟୁଣମାରୀ ଗ୍ରାମର ମୁନା ଭକ୍ତା (୩୫) ବୋଲି ଜଣାପଡ଼ିଛି। ସେ ଆଜି କେନାଲ କୁ ମାଛ ଧରିବା ପାଇଁ ଯାଇଥିଲେ ଏବଂ ସେଠାରେ ପାଣି ବୁଡିଯାଇ ମୃତ୍ୟୁ ବରଣ କରିଥିଲେ। ଖବରପାଇ ଚାନ୍ଦୁଆ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବାରିପଦା ପଠାଇଛନ୍ତି। ଏ ସମ୍ପର୍କରେ ଚାନ୍ଦୁଆ ଥାନା ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଆଡମିଶନ ଫି' ହ୍ରାସ ଦାବିରେ ବିକ୍ଷୋଭ

**ବାରିପଦା,୨୨।୯(ସମିସ):** ବାରିପଦା ତଖତପୁରସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟରେ ରି-ଆଡମିଶନ ଫି ହ୍ରାସ କରିବାକୁ ନେଇ ଛାତ୍ରଛାତ୍ରୀମାନେ ବିଶ୍ୱବିଦ୍ୟାଳୟର ମୁଖ୍ୟ ଫାଟକ ନିକଟରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। କୋଭିଡ ମହାମାରୀ ସମୟରେ ବିଶ୍ୱ ବିଦ୍ୟାଳୟ ପକ୍ଷରୁ +୩ ଦ୍ୱିତୀୟ ବର୍ଷର ରି-ଆଡମିଶନ ପାଇଁ ଗତ ୧୮ତାରିଖ ନୋଟିସ ଜାରି କରାଯାଇଥିଲା। ୨୪ତାରିଖ ମଧ୍ୟରେ ଉକ୍ତ ଫି ଦାଖଲ କରିବାକୁ ନିର୍ଦ୍ଦେଶ ରହିଥିବାରୁ ଗରିବ ଛାତ୍ରୀଛାତ୍ରଙ୍କ କ୍ଷେତ୍ରରେ ତାହା ସମ୍ଭବ ହୋଇନଥିଲା। ଏହାକୁ ନେଇ ଛାତ୍ରୀଛାତ୍ରମାନେ କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ଉକ୍ତ ତାରିଖକୁ ଘଞ୍ଚାଇ ଦିଆଯାଇଥିଲା। ରି-ଆଡମିଶନ ଫିକୁ ୭୦ପ୍ରତିଶତ ହ୍ରାସ କରିବା ପାଇଁ ବହୁ ଦିନ ଧରି ଦାବି ହୋଇଆସୁଥିବା ବେଳେ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ଏହାକୁ ନେଇ ଏକ ପ୍ରତିନିଧି ଦଳ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବା ପରେ ମଧ୍ୟ କୌଣସି ସମାଧାନ ହୋଇପାରିନଥିଲା। ଫଳରେ ଛାତ୍ରଛାତ୍ରୀମାନେ ନିରୁପାୟ ହୋଇ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏ ସଂକ୍ରାନ୍ତରେ ଛାତ୍ର ଅଭିଷେକ ପଣ୍ଡା କହନ୍ତି, ଆଡମିଶନ ଫିକୁ କମାଇବା ପାଇଁ କୁଳପତିଙ୍କୁ ଅଭିଯୋଗ କରାଯାଇଥିଲା। ମାତ୍ର ଅଦ୍ୟାବଧି କୌଣସି ବ୍ୟବସ୍ଥା କରାଯାଇନଥିବାରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ପ୍ରଥମ ସେମିଷ୍ଟାର



ପରୀକ୍ଷା ହୋଇନଥିବା ବେଳେ ଦ୍ୱିତୀୟ ବର୍ଷର ରି-ଆଡମିଶନ ଫି ଦେବାକୁ ନୋଟିସ ଜାରି ରହିଛି। ସେଲ୍‌ଫ ଫାଇନାନ୍ସିଂ କୋର୍ସରେ ଛାତ୍ରୀଛାତ୍ରମାନେ ଫି ଦେବା ଅସମର୍ଥ ହେଉଥିବା ବେଳେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆଡମିଶନ ଫିକୁ ହ୍ରାସ କରାଯାଉନାହିଁ ବୋଲି ଛାତ୍ରୀ ସୁମନ ଜେନା କହିଛନ୍ତି। ଆଦିବାସୀ ଅଧ୍ୟୁଷିତ ଜିଲାରେ ବହୁ ଗରିବ ପିଲା ପାଠ ପଢୁଛନ୍ତି। ମହାମାରୀ ସମୟରେ ଠିକ ଭାବେ ପାଠପଢ଼ା ହୋଇନଥିବା ବେଳେ ଆଡମିଶନ ଫିକୁ ହ୍ରାସ କରିବା ନେଇ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଦାବି ପୂରଣ କରାନଗଲେ ଛାତ୍ର ଅଶାନ୍ତ ଜାରି ରହିବ ବୋଲି ଛାତ୍ରଛାତ୍ରୀମାନେ କଡା ଚେତାବନୀ ଦେଇଛନ୍ତି।

## ପୁଣି ଘର ଭାଙ୍ଗିଲା ହାତୀ

**ବେତନଟୀ,୨୨।୯ (ସମିସ):** ବେତନଟୀ ଥାନା ତଥା ରେଞ୍ଜ ଅଧୀନ ଡୁମାପଦା ଗ୍ରାମରେ ପଶି ମଙ୍ଗଳବାର ରାତିରେ ପୁଣି ଘର ଭାଙ୍ଗିଛି ଅମାନିଆ ଦନ୍ତା। ଗ୍ରାମର ଏକାକୀନୀ ଅସହାୟ ମହିଳା ପାର୍ବତୀ ହେମ୍ବ୍ରମ ଘରେ ଶୋଇଥିବା ବେଳେ ମଙ୍ଗଳବାର ବିଳମ୍ବିତ ରାତିରେ ହାତୀ ଆକ୍ରମଣ କରିଥିଲା। ତେବେ ହାତୀ ଆକ୍ରମଣରେ ଘରର କାନ୍ଥ ଏବଂ ଆଜବେଷ୍ଟସ ଭାଙ୍ଗି ଭୁଶୁଡି ପଡ଼ିଥିବା ବେଳେ ଏଥିରୁ ପାର୍ବତୀ କୌଶଳକ୍ରମେ ଜୀବନ ବଞ୍ଚାଇ ପଳାଇ ଆସିବାରେ ସକ୍ଷମ ହୋଇଥିଲେ। ତେବେ ଖଡ଼ିଶୋଳ ପଞ୍ଚାୟତ ଅଧୀନ ଖଡ଼ିଶୋଳ, ଡୁମାପଦା, ଶଙ୍ଖଯୋଡ ପ୍ରଭୃତି ଗାଁ ଗୁଡିକ ଜଙ୍ଗଲ ସଂଲଗ୍ନବର୍ତ୍ତୀ ଗାଁ ହୋଇଥିବାରୁ ଅଧିକାଂଶ ଦିନ ବଣୁଆହାତୀ ଖାଦ୍ୟ ଅନ୍ୱେଷଣରେ ଜନବସତି ମୁହାଁ ହୋଇ ବ୍ୟାପକ କ୍ଷୟକ୍ଷତି ଘଟାଉଛି। ବୁଧବାର ସକାଳେ ଖବର ପାଇ ବାରିପଦା ବ୍ଲକ ବିଜୁଛାତ୍ର ଜନତାଦଳ ସଭାପତି ଭୀଷ୍ମ ମହାନ୍ତ ଘଟଣାସ୍ଥଳରେ ପହଞ୍ଚି ପାର୍ବତୀଙ୍କ ସହିତ ଆଲୋଚନା କରିଥିଲେ। ତେବେ ଲଗାଣବର୍ଷା ସମୟରେ ଘର ଭୁଶୁଡି ପଡ଼ିବାରୁ ପାର୍ବତୀ ଅସହାୟ ହୋଇପଡ଼ିଥିବା ବେଳେ ସରକାରୀ ସହାୟତା ପାଇଁ ସେ ବନବିଭାଗ ଏବଂ ରାଜସ୍ୱ ନିରୀକ୍ଷକଙ୍କ ସହିତ ଆଲୋଚନା କରିବେବୋଲି ଛାତ୍ରନେତା ଭୀଷ୍ମ ମହାନ୍ତ ସାନ୍ତ୍ୱନା ଦେଇଛନ୍ତି। ତେବେ ହାତୀ ଜନିତ କ୍ଷୟକ୍ଷତି ପ୍ରଦାନରେ ଅହେତୁକ ବିଳମ୍ବ ହେଉଥିବାରୁ ଜନଅସନ୍ତୋଷ ବଢ଼ିବାରେ ଲାଗିଛି।





ଜଳକା ଓ ସୁବର୍ଣ୍ଣରେଖା ନଦୀରେ ବନ୍ୟା ଯୋଗୁ ବସ୍ତା ଅଞ୍ଚଳ ଜଳମଗ୍ନ ।

## ସମାଜସେବା ସଂଗ୍ରାମ ପଣ୍ଡା ସମ୍ମାନିତ

ବାଲେଶ୍ୱର,୨୨।୯ (ସମିସ): ବାଲେଶ୍ୱର ସହରରେ ଅସହାୟ ଓ ନିଷ୍ପେସିତ ଲୋକଙ୍କ ସେବାରେ ସର୍ବଦା ନିଜକୁ ନିୟୋଜିତ ରଖୁଥିବା ସମାଜସେବୀ ସଂଗ୍ରାମ ପଣ୍ଡାଙ୍କୁ ଉନ୍ନତ ସେବା ପାଇଁ ବିଭିନ୍ନ ବର୍ଗରେ ଉତ୍ତମ କାର୍ଯ୍ୟ ପାଇଁ ପୁରସ୍କୃତ କରୁଥିବା ଉତ୍ତର ପ୍ରଦେଶର ଏକ୍ସକ୍ଲୁସିଭ୍ ଓ୍ୱାର୍ଲଡ୍ ରେକର୍ଡ ପକ୍ଷରୁ 'ଏକ୍ସକ୍ଲୁସିଭ୍ ସୋସିଆଲ ସେବା ସମ୍ମାନ-୨୦୨୧'ରେ ସମ୍ମାନିତ କରାଯାଇଛି । ସଂଗ୍ରାମ ପଣ୍ଡା ବାଲେଶ୍ୱରରେ 'ଦି ନ୍ୟୁ ହୋପ୍' ନାମକ ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ଗଠନ କରି ଦୀର୍ଘ ପାଞ୍ଚ ବର୍ଷ ହେବ ନିହାତି ଅସୁବିଧାରେ ଥିବା ଲୋକଙ୍କ ପାଇଁ କାର୍ଯ୍ୟ କରିଆସୁଛନ୍ତି । ଆହତ ଲୋକଙ୍କୁ ଡାକ୍ତରଖାନା ନେଇ ଚିକିତ୍ସା କରେଇବା, ସ୍କୁଲ ପିଲାଙ୍କ ଚକ୍ଷୁ ପରୀକ୍ଷା କରିବା, ବୃକ୍ଷରୋପଣ, ରକ୍ତ ଦାନ କରିବା ସହ ନିଜ ଅନୁଷ୍ଠାନ ପକ୍ଷରୁ ଏକ ବସ୍ତ୍ର ଓ ଖାଦ୍ୟ ଭଣ୍ଡାର ପ୍ରତିଷ୍ଠା କରି ଗରିବ ଓ ଅସହାୟ ଲୋକଙ୍କୁ ମାଗଣାରେ ଖାଦ୍ୟ ଓ ବସ୍ତ୍ର ଯୋଗାଉଛନ୍ତି । ଶ୍ରୀ ପଣ୍ଡା ଜୀବନ ବୀମା ନିଗମରେ କାର୍ଯ୍ୟରତ ଥିବା ନୁରୂପୁର ନିବାସୀ ଶ୍ରୀ ହୃଷିକେଶ ପଣ୍ଡା ଏବଂ ସୁଗୃହିଣୀ ସୁଲକ୍ଷଣୀ ପଣ୍ଡାଙ୍କ କନିଷ୍ଠ ପୁତ୍ର ।




## ନିର୍ମାଣ ଶ୍ରମିକଙ୍କୁ ଶୋଷଣ ପ୍ରତିବାଦରେ ବୈଠକ




ବାଲେଶ୍ୱର,୨୨।୯ (ସମିସ): ନିର୍ମାଣ ଶ୍ରମିକମାନଙ୍କ ପଞ୍ଜିକରଣ ଓ ସହାୟତା ପ୍ରଦାନରେ ବହୁ ଅନିୟମିତତା ସମ୍ପର୍କରେ ଅଭିଯୋଗ ହୋଇଆସୁଛି । ନିର୍ମାଣ ଶ୍ରମିକମାନଙ୍କ ସ୍ୱାର୍ଥପାଇଁ କାର୍ଯ୍ୟ କରୁଥିବା ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ସଂଗଠନମାନଙ୍କର ଗତ ୨୦୧୬ ମସିହାରେ ପ୍ରତିଷ୍ଠିତ ନିର୍ମାଣ ଶ୍ରମିକ ସଂଘ ସମୂହ ସମନ୍ୱୟ ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଉଠାଜଳସେଚନ କର୍ମଚାରୀ ଭବନରେ ଅନୁଷ୍ଠିତ ହୋଇଯାଇଛି । ଗଦାଧର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ଗୌରାଙ୍ଗ ପାଣିଗ୍ରାହୀ, ବିକାଶ ଦାସ, ପଦ୍ମଭୂଷଣ ରାୟ, ସଞ୍ଜୟ ସାମଲ, ସର୍ବେଶ୍ୱର ମିଶ୍ର, ବାସନ୍ତି ସାମଲ, ବିଜୟ ପାତ୍ର ଓ ତପନ ସିଙ୍ଗଙ୍କ ସମେତ ପ୍ରାୟ ୨୦ଟି ସ୍ୱାଧୀନ ସଂଗଠନ ପକ୍ଷରୁ ହରିଶ ଚନ୍ଦ୍ର ପାତ୍ର, ପୀତାମ୍ବର ମାଝୀ, ରଞ୍ଜୁକ୍ତା ଓଝା, କେଶବ ଚନ୍ଦ୍ର ଲେଙ୍କା, ବେଣୁଧର ମହାନ୍ତି, ଉମାକାନ୍ତ ଜେନା, କରୁଣାକର ବେହେରା, ସାଗର ମହାନ୍ତି, ଲକ୍ଷ୍ମୀଧର ଗିରି, ପ୍ରତାପ ଚନ୍ଦ୍ର ବେହେରା, ଶଶିକାନ୍ତ ବେହେରା ଓ ବନ୍ଦନା ପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ନିର୍ମାଣ ଶ୍ରମିକମାନଙ୍କ ପଞ୍ଜିକରଣ ଓ ସହାୟତା ଅର୍ଥ ପ୍ରଦାନରେ ବିଭିନ୍ନ ଅନିୟମିତତା ସମ୍ପର୍କରେ ଅଭିଯୋଗ କରିଥିଲେ । କିଛି ବ୍ୟକ୍ତି ନିଜକୁ ସାମ୍ବାଦିକ, ରାଜ୍ୟସ୍ତରୀୟ ନେତା ଆଦି ମିଥ୍ୟା ପ୍ରଚାର କରି ଶ୍ରମିକମାନଙ୍କଠାରୁ ହଜାର ହଜାର ଟଙ୍କା ନେଉଥିବାର ଓ ଶ୍ରମଦପ୍ତରରେ କେତେକ ଅସାଧୁ କର୍ମଚାରୀଙ୍କ ସହାୟତାରେ ଅସଲି ସହ ନକଲି ପଞ୍ଜିକରଣ ପ୍ରମାଣପତ୍ର ଦେଉଥିବାରୁ ସେମାନଙ୍କ ପ୍ରତି ସତର୍କ ରହିବାକୁ ନିବେଦନ କରାଯାଇଛି । ଜିଲ୍ଲା ଶ୍ରମ ଅଫିସରଙ୍କୁ ଉକ୍ତ ସମନ୍ୱୟ ସମିତିର ପ୍ରତିନିଧିମାନେ ସାକ୍ଷାତ କରି ପ୍ରକୃତ ନିର୍ମାଣଶ୍ରମିକଙ୍କୁ ଚିହ୍ନଟ କରି ପ୍ରମାଣପତ୍ର ଦେବାକୁ ଓ ଦଲାଲ ଶ୍ରମିକନେତାମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିବାକୁ ନିଷ୍ପତ୍ତି ନିଆଯାଇଛି । କାରଣ କେତେକ ଦୁର୍ନୀତିଗ୍ରସ୍ତ ବ୍ୟକ୍ତିଙ୍କ ପାଇଁ ସରକାରୀ ଯୋଜନା ବାଟବଣା ହେଉଛି । ଶେଷରେ ଶ୍ୟାମସୁନ୍ଦର ଜେନା ଧନ୍ୟବାଦ ଦେଇଥିଲେ ।

## ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ସ୍ଥଗିତ

ଜଳେଶ୍ୱର, ୨୨।୯ (ସମିସ): ଜଳେଶ୍ୱର ଜନସ୍ୱାସ୍ଥ୍ୟ ଅନୁଖଣ୍ଡ ଅଧିକାରୀ ରତନ କୁମାର ମାଝୀଙ୍କ ବଦଳି ଦାବି ହୋଇଥିଲା ।ସାଧାରଣ ଲୋକଙ୍କୁ ଦୁର୍ବବହାର କରୁଥିବା ପ୍ରତିବାଦରେ ଜଳେଶ୍ୱର ବିଜେପି ନଗର ସଭାପତି ଫାଲ୍ଗୁନୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ସହକାରୀ ଯନ୍ତ୍ରୀ ଜନସ୍ୱାସ୍ଥ୍ୟ ଅନୁଖଣ୍ଡ ଅଧିକାରୀଙ୍କ ଅଫିସ ସାମ୍ନାରେ ଧାରଣା ଦିଆଯାଇଥିଲା । ଅନୁଖଣ୍ଡ ଅଧିକାରୀ ରତନ କୁମାର ମାଝୀଙ୍କୁ ତୁରନ୍ତ ବରଖାସ୍ତ କରାଯାଉ ନ ହେଲେ ଧାରଣା ଏମିତି ଚାଲୁ ରହିବ ବୋଲି ବିଜେପି କର୍ମୀମାନେ ଚେତାବନୀ ଦେଇଥିଲେ । ତେବେ ଆଜି ଦିନ ୧୧.୩୦ ମିନିଟ ସମୟରେ ପି ଏଚ ଡି ଏସ୍‌ଡ଼ିଓ ବିଷ୍ଣୁପ୍ରଶାଦ ଦାଶ ପହଞ୍ଚି ଆନ୍ଦୋଳନ କାରୀଙ୍କ ସହିତ ସମସ୍ତ ଘଟଣା ବିଷୟରେ ଆଲୋଚନା କରି ସମସ୍ତ ଘଟଣା ଜାଣିବା ପରେ ଏସ୍‌ଡ଼ିଓ ମହୋଦୟ ଆନ୍ଦୋଳନ କାରୀଙ୍କୁ ସମ୍ପୃକ୍ତ ଜେଇ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ତାଙ୍କର ଉପରସ୍ଥ ଅଧିକାରୀଙ୍କ ପରାମର୍ଶକ୍ରମେ ଲିଖିତ ପ୍ରତିଶୃତି ଦେଲା ପରେ ଜଳେଶ୍ୱର ବିଜେପି ତରଫରୁ ହେଉଥିବା ଆନ୍ଦୋଳନ ସ୍ଥଗିତ ରଖାଯାଇଥିଲା । ଆଗାମୀ ୧୫ ଦିନ ଭିତରେ ଯଦି ରତନ ମାଝୀଙ୍କୁ ଅନ୍ୟତ୍ର ବଦଳି ସହ କୌଣସି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ତାହାଲେ ପୁଣି ଆଇନ ଅମାନ୍ୟ ଆନ୍ଦୋଳନ ବିଜେପି କରିବ ବୋଲି ସାଧାରଣ ସମ୍ପାଦକ ବରେନ୍ଦ୍ର ପରିଡ଼ା, ନଗର ସମ୍ପାଦକ ଶେକ ସୁଲତାନ, ବିଜେପି ଯୁବମୋର୍ଚ୍ଚା ନଗର ସଭାପତି ରବୀନ୍ଦ୍ର କୁମାର ପାତ୍ର, ବିଜେପି ବରିଷ୍ଠ ନେତା ପ୍ରବୀର ପ୍ରଧାନ, ସମୀର ପାତ୍ର,ଆଦିତ୍ୟ ନାରାୟଣ ପାତ୍ର,ଦେବ ଦତ୍ତ,ଜିଲ୍ଲା ଯୁବମୋର୍ଚ୍ଚା ସମ୍ପାଦକ ରାମକୃଷ୍ଣ ସାହୁ, ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ତନ୍ମୟ ଚାନ୍ଦ ଚେତାବନୀ ଦେଇଛନ୍ତି ।

# ଚିନ୍ତା ବଢ଼ାଉଛି ତାଳସାରି-ଉଦୟପୁର ଓ କୃଷ୍ଣନଗର ସମୁଦ୍ରତଟ

ବାଲେଶ୍ୱର,୨୨।୯ (ସମିସ)



- ଦୁଇ ପ୍ରକଳ୍ପ ପାଇଁ ୪୪.୨୫ କୋଟି ଟଙ୍କାର ଯୋଜନା
- ଡକ୍ୟୁମେଣ୍ଟେସନ କାମ ପାଇଁ ତାଳସାରି-ଉଦୟପୁର କାର୍ଯ୍ୟ ବିଳମ୍ବ
- ଟିଏସି ଅନୁମୋଦନ ସତ୍ତ୍ୱେ କୃଷ୍ଣନଗର ପାଇଁ ଅର୍ଥ ମଞ୍ଜୁର ହୋଇନି

ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅଧିନସ୍ଥ ତାଳସାରି-ଉଦୟପୁର ଓ କୃଷ୍ଣନଗର ସମୁଦ୍ର ତଟ ସ୍ଥାନୀୟ ଅଞ୍ଚଳବାସୀ ଓ ପ୍ରଶାସନର ଚିନ୍ତା ବଢ଼ାଇ ଦେଇଛି । ସମୁଦ୍ରର କରାଳ ରୂପ ଯୋଗୁଁ ଏହି ଅଞ୍ଚଳରେ ଥିବା ୧୦ ରୁ ଉର୍ଦ୍ଧ ଗାଁର ବିସ୍ତୀର୍ଣ୍ଣ ସ୍ଥଳଭାଗ ସମୁଦ୍ର ଗର୍ଭକୁ ଚାଲିଯାଇଛି । ଅମାବାସ୍ୟା ଓ ପୂର୍ଣ୍ଣିମା ତିଥି ସହ ବଙ୍ଗୋପସାଗର ରେ ସୃଷ୍ଟି ଲଘୁଚାପ ସମୟରେ ସ୍ଥାନୀୟ ଲୋକେ ଭୟ ଓ ଆତଙ୍କରେ ଦିନ ବିତାଉଛନ୍ତି । ପର୍ଯ୍ୟଟନ ଭିତ୍ତିଭୂମି ଥିବା ଏହି ଅଞ୍ଚଳର ସୁରକ୍ଷା ନେଇ ସରକାର ଅବିଳମ୍ବେ ପଦକ୍ଷେପ ନେବା ଦରକାର ବୋଲି ସବୁ ମହଲରୁ ଦାବି ହେଉଛି । ୨୭୦୦ ମିଟର ଲମ୍ବର ତାଳସାରି-ଉଦୟପୂର ବେଳାଭୂମି । ଏହି ବେଳାଭୂମିକୁ ପଶ୍ଚିମବଙ୍ଗର ଦୀଘା ସହ ସମକକ୍ଷ କରିବା ପାଇଁ ସରକାର ପ୍ରତିବର୍ଷ ପାଣି ପରି ଟଙ୍କା ଖର୍ଚ୍ଚ କରୁଛନ୍ତି । କିନ୍ତୁ ଗତ କିଛି ବର୍ଷ ଧରି ସମୁଦ୍ରର ଉତ୍ତାଳ ତରଙ୍ଗ ବା ଜୁଆର ଏହି ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି କରୁଛି ।ତଟ ସୁରକ୍ଷା ପାଇଁ ସୃଷ୍ଟି ହେଉଥିବା ଝାଉଁ ବନାନୀ ଧ୍ୱଂସ ମୁଖରେ । ବିଶେଷ କରି ତଟକୁ ଲାଗି ରହିଥିବା ବିନ୍ଧାପଦ୍ମପୁର,ବରବରିଆ, ଗମ୍ଭାରିଆ, ସାହାବାଜିପୁର ଓ ଉଦୟପୁର ଗାଁ ସମୁଦ୍ର ଆଁ ଭିତରେ ରହିଛି । ସବୁଠାରୁ ବଡ଼କଥା ତାଳସାରି-ଉଦୟପୁର ଯାଏଁ ଯେଉଁ ପଥରବନ୍ଧ ନିର୍ମାଣ ହୋଇଥିଲା ତାହା ଜୁଆର ପାଣି ମାଡ ଯୋଗୁଁ ବିପଦ ସଙ୍କୁଳ ଅବସ୍ଥାରେ ରହିଛି । ଏହାକୁ ଆଖି ଆଗରେ ରଖି ପଥର ବନ୍ଧ ବା ସି ଓ୍ୱାଲର ସୁରକ୍ଷା ପାଇଁ ଜିଓ ସିନ୍ଥେଟିକ ଓ ଗବିଓନ ପରି ଅତ୍ୟାଧୁନିକ ପଦ୍ଧତିରେ କାମ ପାଇଁ ପାଖାପାଖି ୫୭ କୋଟି ଟଙ୍କାର ଏକ ଯୋଜନା ଜଳସେଚନ ବିଭାଗ ଦ୍ୱାରା ପ୍ରସ୍ତୁତ ହୋଇଥିଲା । ଯୋଜନାକୁ ରାଜ୍ୟ ସରକାରଙ୍କ ବୈଷୟିକ ପରାମର୍ଶଦାତା କମିଟି(ଟିଏସି) ମଧ୍ୟ ଅନୁମୋଦନ ଦେଇଥିଲା । ତେବେ ଆଶ୍ଚର୍ଯ୍ୟଜନକ ଭାବେ ଏହି ପ୍ରକଳ୍ପ ର ରୂପରେଖ ପୁଣି ବଦଳାଇ ଦିଆଯାଇଛି । ଯଦ୍ୱାରା ୫୭ କୋଟି ଟଙ୍କାର ଏହି ପ୍ରକଳ୍ପର ଖର୍ଚ୍ଚ ଆକଳନ ୨୦.୭୩ ଲକ୍ଷ ଟଙ୍କାକୁ ହ୍ରାସ ପାଇଛି । ପୁନଶ୍ଚ ଏହି ପ୍ରକଳ୍ପ କୁ ରାଜ୍ୟ ସରକାରଙ୍କ ୧୩୫ ତମ ଟିଏସି ମଧ୍ୟ ଅନୁମୋଦନ ଦେଇଛନ୍ତି ।ଏହି ପ୍ରକଳ୍ପ ପାଇଁ ଅର୍ଥ ମଧ ମଞ୍ଜୁର ହୋଇଛି । ଓଡ଼ିଶା ନିର୍ମାଣ ନିଗମ(ଓସିସି) ଏହି କାର୍ଯ୍ୟର ଦାୟିତ୍ୱ ନେବାକୁ ଥିବା ବେଳେ ଏହାର ଡକ୍ୟୁମେଣ୍ଟେସନ କାର୍ଯ୍ୟ ହୋଇ ନଥିବାରୁ କାର୍ଯ୍ୟ ବିଳମ୍ବ ହେଉଛି ବୋଲି ସୂଚନା ମିଳିଛି । ଏହାର ନିର୍ମାଣ କାର୍ଯ୍ୟ ଅବିଳମ୍ବେ ଆରମ୍ଭ ପାଇଁ ସବୁ ମହଲରେ ଦାବି ହୋଇଛି ।

ସେହିପରି ତାଳସାରି ଠାରୁ ସାମାନ୍ୟ ଦୂରତାରେ କୃଷ୍ଣନଗର ଗାଁ ମଧ ସମୁଦ୍ର ଆଁ ଭିତରେ ରହିଛି । ଯଦ୍ୱାରା କୃଷ୍ଣନଗର, କନ୍ୟା ନଗରୀ, ହୁଗୁଳୀ ଓ ଖଡିବିଲ ଆଦି ଗାଁ ପ୍ରତି ବିପଦ ସୃଷ୍ଟି ହୋଇଛି ।ଏହି ୪ ଟି ଗାଁ ର ସୁରକ୍ଷା ପାଇଁ ପଥରବନ୍ଧ ନିର୍ମାଣ ସକାଶେ ଏକ ଯୋଜନା ପ୍ରସ୍ତୁତ ହୋଇଥିଲା । ଯୋଜନା ଅନୁସାରେ ୧୧୦୦ ମିଟର ସ୍ଥାନରେ ସୁଉଚ୍ଚ ପଥରବନ୍ଧ ନିର୍ମାଣ ହେବ ଓ ଏଥିପାଇଁ ୨୩.୫୨ କୋଟି ଟଙ୍କା ଖର୍ଚ୍ଚ ହେବ । ରାଜ୍ୟ ସରକାରଙ୍କ ୧୩୫ ଟିଏସି ମଧ ଏହି ପ୍ରକଳ୍ପ କୁ ଅନୁମୋଦନ ଦେଇଛି । ହେଲେ ଅର୍ଥାଭାବରୁ ପ୍ରକଳ୍ପ କାର୍ଯ୍ୟ କେବେ ଆରମ୍ଭ ହେବ କାହା ପାଖରେ ଉତ୍ତର ନାହିଁ।୪୪.୨୫ କୋଟି ଟଙ୍କାର ଏହି ଦୁଇ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପାନ, ମୀନ, ନଡ଼ିଆ ଓ ଗୁଆ ଅଞ୍ଚଳ କୁହାଯାଉଥିବା ଶ୍ରଦ୍ଧାପୁର,ହୁଗୁଳି ଓ ସାହାବାଜିପୁର ଆଦି ଗାଁର ଉପରୋକ୍ତ ୧୦ ଟି ଗାଁକୁ ସୁରକ୍ଷା ମିଳିପାରିବ । ଏନେଇ ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ପ୍ରଭାସ ପ୍ରଧାନଙ୍କ ସହ ଯୋଗାଯୋଗ କଲାରୁ ସେ କହିଲେ ତାଳସାରି-ଉଦୟପୁର ତଟ ପାଇଁ ଅର୍ଥ ମଞ୍ଜୁର ହୋଇଥିବାରୁ ଖୁବଶୀଘ୍ର କାର୍ଯ୍ୟ ଆରମ୍ଭ ସକାଶେ ପଦକ୍ଷେପ ନିଆଯାଉଛି । ତେବେ କୃଷ୍ଣନଗର ପାଇଁ କୌଣସି ଅର୍ଥ ମଞ୍ଜୁର ହୋଇନାହିଁ ।

## ବନ୍ୟାଞ୍ଚଳ ପରିଦର୍ଶନକଲେ ସାଂସଦ

ବାଲେଶ୍ୱର/ବସ୍ତା,୨୨।୯ (ସମିସ): ବସ୍ତା ବ୍ଲକ ଅନ୍ତର୍ଗତ ଗହିରସିମୁଳି ଗ୍ରାମ ସମ୍ପୂର୍ଣ୍ଣ ରୂପେ ଜଳ ଘେରରେ ରହିଥିବା ଖବର ପାଇ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ବସ୍ତା ନିର୍ବାଚନ ମଣ୍ଡଳୀ ନେତା ରଘୁନାଥ ମହାନ୍ତି, ଜିଲ୍ଲା ଉପସଭାପତି ପ୍ରଦୀପ ପଣ୍ଡା, ଯୁବମୋର୍ଚ୍ଚା ସଭାପତି ରାଜେଶ ମହାପାତ୍ର, ଧିରେନ ସେଠି, ପ୍ରକାଶ କୁଣ୍ଡୁ, ତପନ ବେହେରା, ସୂର୍ଯ୍ୟନାରାୟ ସାହୁ, ଦିବାକର ରାଉତ, ନିହାର ରଞ୍ଜନ ବେହେରା ଗ୍ରାମକୁ ଯାଇ ପରିଦର୍ଶନ କରିଛନ୍ତି । ଜଳ ପ୍ରବାହର ଯଥାର୍ଥ ଆକଳନ ନକରି ପୋଲର ଉଚ୍ଚତାକୁ କମ୍ କରିଥିବାରୁ ବନ୍ୟା ପ୍ରକୋପ ଅଧିକ ହେଉଛି । ଜାତୀୟ ରାଜପଥର ଉଭୟ ପାର୍ଶ୍ୱକୁ ବେଆଇନ ଜବରଦଖଲ କରି ମାଟି ପକାଇ ପୋତି ଦେବା, ତାଉପରେ ପକ୍କା ଘର ବା ପ୍ରାଚୀର ନିର୍ମାଣ କରିବା, ପୋଲର ମୁହଁକୁ ପକ୍କା କାନ୍ଥ ଦ୍ୱାରା ବନ୍ଦ କରିଦେବା କାରଣରୁ ଜଳର ସ୍ୱାଭାବିକ ଗତିପଥ ଅବରୋଧ ହେଉଥିବାରୁ ଜଳକା ନଦୀରେ ବର୍ଷା ଯୋଗୁଁ ପ୍ରବଳ ବନ୍ୟା ଆସୁଛି ଓ ଆଖ ପାଖ ଗାଁ ଗୁଡିକ ଜଳମଗ୍ନ ହେଉଛି । ପ୍ରଭାବିତ ଲୋକଙ୍କୁ କିଛି ଶୁଖିଲା ଖାଦ୍ୟ ବିତରଣ କରିବା ସହିତ ଜିଲ୍ଲାପାଳ ଓ ତହସିଲଦାରଙ୍କୁ ଫୋନ୍ ଯୋଗେ ଏଠାକୁ ଆସି ଘଟଣାର ଅନୁଧ୍ୟାନ କରି ଆଜି ଭିତରେ ପଲିଥିନ ଓ ଖାଦ୍ୟ ଯୋଗେଇ ଦେବା ପାଇଁ ସାଂସଦ ଶ୍ରୀଯୁକ୍ତ ଷଡ଼ଙ୍ଗୀ ନିର୍ଦ୍ଦେଶ ଦେବା ସହିତ ସମସ୍ତ ଜବରଦଖଲକୁ ଉଚ୍ଛେଦ କରିବା ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ କହିଛନ୍ତି । ଏଥିସହିତ ଡ୍ରେନେଜ ବିଭାଗର ନିର୍ବାହୀଯନ୍ତ୍ରୀଙ୍କୁ ଶୀଘ୍ର କେନାଲ ଓ ସମସ୍ତ ଜଳ ମାର୍ଗକୁ ପରିଷ୍କାର କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଜାତୀୟ ରାଜପଥ କର୍ତ୍ତୃପକ୍ଷ, ତହସିଲଦାର, ସ୍ଥାନୀୟ ପୋଲିସ ଓ ବିଡ଼ିଓଙ୍କୁ ନେଇ ଏକ ବୈଠକ ତୁରନ୍ତ ଡାକି ଏ ସବୁ ସମସ୍ୟାର ସ୍ଥାୟୀ ସମାଧାନ କରିବା ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ବନ୍ୟା ପ୍ରଭାବିତ ଲୋକଙ୍କୁ ସହାୟତା



ବାଲେଶ୍ୱର/ବସ୍ତା,୨୨।୯ (ସମିସ): ବସ୍ତା ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମ ପଞ୍ଚାୟତ ଜଳକା ନଦୀର ଜଳସ୍ତର ବୃଦ୍ଧି ଯୋଗୁଁ ଶତାଧିକ ଲୋକ ପାଣି ଘେରରେ ଥିବା ଜାଣି ସ୍ୱେଚ୍ଛାସେବୀ ସଂଗଠନ ଆର୍ଯ୍ୟ ସେବା ସଂଘ ପକ୍ଷରୁ ଶୁଖିଲା ଖାଦ୍ୟ, ଅତ୍ୟାବଶ୍ୟକୀୟ ସାମଗ୍ରୀ ବଣ୍ଟନ କରାଯାଇଛି । ମଥାନୀ ପଞ୍ଚାୟତ, ବାହାର୍ଡା ପଞ୍ଚାୟତର ଶତାଧିକ ଲୋକ ପାଣି ଘେରରେ ରହିଛନ୍ତି । ପ୍ରାୟ ୫୦୦ ଲୋକଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି । ସଂଘର ସଭାପତି ଗଣେଶ କୁମାର ପାଢ଼ୀଙ୍କ ନେତୃତ୍ୱରେ ସଂଘର ସମସ୍ତ କର୍ମକର୍ତ୍ତା ସାମିଲ ହୋଇଥିଲେ ।

# ଦିବ୍ୟାଙ୍ଗ ପରିବାରର ଦୁଃଖ ଦୁଇଗୁଣା

ବାଲେଶ୍ୱର,୨୨।୯ (ସମିସ)



- ବଞ୍ଚିବା ପାଇଁ ନା ଅଛି ଭଲ ଘର ନା ରୋଜଗାର
- ପେଟ ପୋଷିବାକୁ ଭିକ୍ଷାବୃତ୍ତି କରୁଛନ୍ତି

ଜୀବନ ବଞ୍ଚିବା ପାଇଁ ଭିକ୍ଷାବୃତ୍ତି ହିଁ ସେମାନଙ୍କ ପାଇଁ ଏକମାତ୍ର ସାହାରା । ଭିକ୍ଷାବୃତ୍ତିକୁ ଆପଣେଇ ପେଟର ଭୋକ ମାରିବା ଯେତିକି କଷ୍ଟ ତାଠୁ ବଳି ଯାଉଛି ଜୀବନ ଜୀଇଁବା । କାହିଁକିନା ମୁଣ୍ଡ ଗୁଞ୍ଜିବା ପାଇଁ ନା ଅଛି ଭଲ ଘର ନା ପେଟ ପୋଷିବା ପାଇଁ ଅଛି ରୋଜଗାର । ବଞ୍ଚିବା ପାଇଁ ବାଧହୋଇ ପରିବାରର ସମସ୍ତେ କରୁଛନ୍ତି ଭିକ୍ଷାବୃତ୍ତି । ଏ ହେଉଛି ବାଲେଶ୍ୱର ଜିଲ୍ଲା ସଦର ବ୍ଲକ ଶ୍ରୀରାମପୁର ପଞ୍ଚାୟତ ବଳବୃଦ୍ଧି ଗାଁରେ ରହୁଥିବା ଏକ ଅସହାୟ ଦିବ୍ୟାଙ୍ଗ ପରିବାରର କାହାଣୀ ।

ସୂଚନା ଅନୁଯାୟୀ, ବାସନ୍ତୀ ବେହେରାଙ୍କ ପରିବାର କହିଲେ ତିନି ପୁଅ ଓ ଗୋଟିଏ ଝିଅ । ପ୍ରାୟ ୧୨ ବର୍ଷ ତଳେ ବାସନ୍ତୀଙ୍କ ସ୍ୱାମୀ ଚାଲିଯିବା ପରେ ବାସନ୍ତୀ ପିଲାମାନଙ୍କୁ ନେଇ ବହୁ ଦୁଃଖ ଦୁର୍ଦ୍ଦଶାରେ ଜୀବନ କାଟୁଛନ୍ତି । ସବୁଠୁ ବଡ଼ କଥା ହେଲା ବାସନ୍ତୀଙ୍କ ପୁରା ପରିବାର ଦିବ୍ୟାଙ୍ଗ । ବାସନ୍ତୀ ନିଜେ ଜଣେ ଦୃଷ୍ଟିହୀନ ହୋଇଥିବା ବେଳେ ପୁଅ ଝିଅ ବଧିର ଓ ଦୃଷ୍ଟିହୀନ । ତେବେ ସକାଳ ହେଲେ ପେଟର ଭୋକ ଚିନ୍ତା ଘାରିଥାଏ ପରିବାରକୁ । ପେଟର ଭୋକକୁ ମାରିବା ପାଇଁ ପରିବାରର ସମସ୍ତ ଲୋକ ବାହାରି ଯାଆନ୍ତି ଭିକ୍ଷାବୃତ୍ତି କରିବା ପାଇଁ । ଦେଖି ପାରୁଥିବା ପୁଅ ହାତରେ ଖଣ୍ଡେ ବାଡ଼ି ଧରି ଆଗରେ ଚାଲିଥାଏ ଆଉ ସେହି ବାଡିକୁ ଧରି ଅନ୍ୟମାନେ ତା ପଛରେ ଚାଲିଚାଲି ଯାଆନ୍ତି କିଛି ମିଳିଯିବା ଆଶାରେ । ତେବେ ବାସନ୍ତୀ ଓ ତାଙ୍କ ବଡ଼ ପୁଅ ସତ୍ୟରଞ୍ଜନ ଭତ୍ତା ବାବଦକୁ ହଜାରେ ଟଙ୍କା ଓ ସରକାରୀ ସ୍ତରରେ କିଛି ଚାଉଳ ପାଉଛନ୍ତି ସତ ହେଲେ ଏହା ପୁରା ପରିବାରର ପେଟର ଭୋକ ମେଣ୍ଟାଇବା ପାଇଁ ସମ୍ଭବ ହେଉନି । ଏମିତିକି ଅନେକ ସମୟରେ ରୋଗ ହେଲେ ମଧ ସେମାନେ ଔଷଧ କିଣି ଖାଇବା ପାଇଁ ସମର୍ଥ ନୁହଁନ୍ତି । ଏ ପରିବାରର ଏମିତି ଦୁର୍ଦ୍ଦଶା ଦେଖି ଗାଁର କିଛି ବଦାନ୍ୟ ବ୍ୟକ୍ତି ସେମାନଙ୍କୁ ଖାଇବା ପାଇଁ ଦେଇଥାନ୍ତି । ଖାଲି ସେତିକି ନୁହେଁ ଏ ପରିବାର ମୁଣ୍ଡ ଗୁଞ୍ଜିବା ପାଇଁ ଏକ ଭଙ୍ଗା ଦଦରା ଟାଇଲ ଘର ରହିଛି । ଯେଉଁଠି ବର୍ଷା ଦିନରେ ରହିବା ଅସମ୍ଭବ । ବର୍ଷା ଦିନ ଆସିଲେ ଏ ପରିବାରର ଲୋକମାନେ ଭଗବାନଙ୍କ ଭରସାରେ ଜୀବନ କାଟନ୍ତି । ସରକାରୀ ସ୍ତରରେ ଘର କରିବା ପାଇଁ ୧୦ ହଜାର ଟଙ୍କା ଆସିଥିଲା । ସେଥିରେ କେବଳ ଗ୍ରେଡ ବିମ୍ ପକାଇବା ପରେ ଆଉ ଘର କରିବାକୁ ସମର୍ଥ ହୋଇ ପାରିଲେନାହିଁ । ଏମିତି ଦୁଃଖୀ ପରିବାର ଯାହାଙ୍କର ନା ମୁଣ୍ଡ ଗୁଞ୍ଜିବାକୁ ଘର ଅଛି ନା ପ୍ରତିଦିନ ପେଟର ଭୋକ ମେଣ୍ଟାଇବାକୁ ଭାତ ଅଛି । ଭିକ୍ଷାବୃତ୍ତି ହିଁ ଏ ପରିବାରର ଭରସା ପାଲଟିଛି ।

## 'ବାପା' ସଂଗଠନର ବୈଠକ

ବାଲେଶ୍ୱର,୨୨।୯ (ସମିସ): ଏକ ଗଣମାଧ୍ୟମରେ ଶିଳ୍ପୀ କେଶୁ ଦାସଙ୍କ ସମ୍ପର୍କରେ ପ୍ରସାରିତ ହେଉଥିବା ତଥ୍ୟ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ବୁଧବାର ଦିନ ଷ୍ଟେସନ କ୍ଲବ ପ୍ରାଙ୍ଗଣରେ ଏକ ବୈଠକରେ 'ବାପା' ସଂଗଠନ ବିରୋଧ କରିଛି । ଏଥିସହିତ ଏସମ୍ପର୍କରେ ଉକ୍ତ ଗଣମାଧ୍ୟମର ପରିଚାଳନା କର୍ତ୍ତୃପକ୍ଷଙ୍କୁ ଏଦିଗରେ ତଦନ୍ତ କରି ବିହିତ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି । ଏକ ନିର୍ଦ୍ଦିଷ୍ଟ ଗଣମାଧ୍ୟମରେ କେଶୁ ଦାସଙ୍କୁ ପୁରସ୍କୃତ କରିବା ପାଇଁ ସାମାଜିକ ଗଣମାଧ୍ୟମରେ ଲୋକଙ୍କୁ ନିବେଦନ କରିବା ସହ ଭୋଟ୍ ଦେବା ପାଇଁ କୁହାଯାଉଥିବା ଘଟଣାକୁ ମଧ୍ୟ ସଂଗଠନ ଦୃଢ ବିରୋଧ କରିବା ସହ ସମସ୍ତ ତଥ୍ୟ ମିଥ୍ୟା ଉପରେ ଆଧାରିତ ବୋଲି କୁହାଯାଇଛି । ସଂଗଠନର ସଭାପତି ବିଜୟ କୁମାର ପାଣିଗ୍ରାହୀ, ସମ୍ପାଦକ ଗିରିଜା ଶଙ୍କର ଦାସ, ଡା. ଶାନ୍ତନୁ ଦାସ, ଆଶିଷ ପରିଡ଼ା, ଅମୂଲ୍ୟ ମହାନ୍ତି, ପାର୍ଥ କର, ସୁରେଶ ଉପାଧ୍ୟାୟ, ତାପସ ସାହୁ, ନିଶିଥ ବାରିକ, ମନୋରଞ୍ଜନ ଦାସ ଏବଂ ଶିଳ୍ପୀ ତପନ ନନ୍ଦୀ ଉପସ୍ଥିତ ଥିଲେ ।



## ପାଣିଘେରରେ ୧୫ ପରିବାର

ନୀଳଗିରି,୨୨।୯ (ସମିସ): ଲଗାଣବର୍ଷା ଯୋଗୁଁ ନୀଳଗିରି ଏନ୍‌ଏସିର ୫ ନମ୍ବର ୱାର୍ଡ ବରିସାହି ଗ୍ରାମରେ ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଛି। ଏନ୍‌ଏସି ପକ୍ଷରୁ ଡ୍ରେନ୍ ସଫେଇ ସଠିକ୍ ଭାବେ ହୋଇ ନ ଥିବାରୁ ବୁଧବାର ଲଗାଣବର୍ଷା ଯୋଗୁଁ ୧୫ରୁ ଊର୍ଦ୍ଧ୍ୱ ଘର ସମ୍ପୂର୍ଣ୍ଣ ବୁଡ଼ିଯାଇଥିଲାବେଳେ ୧୫ ପରିବାର ଏବେ ପାଣିଘେରରେ ରହିଛନ୍ତି। ଏନେଇ ଅଞ୍ଚଳବାସୀ ଏନ୍‌ଏସି କର୍ତ୍ତୃପକ୍ଷଙ୍କୁ ଫୋନ୍ ଯୋଗେ ଅବଗତ କରାଇଥିଲେ ସୁଦ୍ଧା କିଛି ସୁଫଳ ମିଳିପାରିନାହିଁ। ଡ୍ରେନ୍ ସଫେଇ ପାଇଁ କୋଟି କୋଟି ଟଙ୍କା ଆସୁଥିବାବେଳେ ସଫେଇ ନାଁରେ ଟଙ୍କା ଆତ୍ମସାତ୍ ହେଉଥିବାର ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ। ସ୍ଥାନୀୟ ପ୍ରଶାସନ ସଚେତନ ହେବା ସହ ନୀଳଗିରି ଉପଜିଲ୍ଲାପାଳ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଅନୁରୂପ ଭାବେ ଏନ୍‌ଏସିର ୪ନମ୍ବର ୱାର୍ଡର ନଟବର ପରିଡ଼ା, ଜିତେନ୍ଦ୍ର ପରିଡ଼ା ପାଣିଘେର ମଧ୍ୟରେ ରହିଥିବାର ଦେଖିବାକୁ ମିଳିଛି।

## ନୀଳଗିରିକୁ ପଶିଲା ଝାଡ଼ଖଣ୍ଡୀ ଦନ୍ତା



ନୀଳଗିରି,୨୨।୯ (ସମିସ): ବିଗତ କିଛି ବର୍ଷ ଧରି ଲଗାତାର ଭାବେ ଝାଡ଼ଖଣ୍ଡର ଦଲମା ଜଙ୍ଗଲରୁ ହାତୀପଲ ନଭେମ୍ବର ଡିସେମ୍ବର ମାସରେ ନୀଳଗିରିରେ ପ୍ରବେଶ କରି ବହୁ ଧନଜୀବନ କ୍ଷତି କରିଥାନ୍ତି। ମାତ୍ର ଚଳିତ ବର୍ଷ ଅସମୟରେ ଝାଡ଼ଖଣ୍ଡର ମଣିଷମରା ଦନ୍ତା ନୀଳଗିରିକୁ ପ୍ରବେଶ କରିବା ବନାଞ୍ଚଳବାସୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ପ୍ରାପ୍ତ ସୂଚନା ଅନୁସାରେ ମଙ୍ଗଳବାର ଭୋର୍ ସମୟରେ ନୀଳଗିରିକୁ ଝାଡ଼ଖଣ୍ଡର ମଣିଷମରା ଦନ୍ତା ମିତ୍ରପୁର ଅଞ୍ଚଳର କାଠଗୋଛି ଓ ଅଯୋଧା ଆନନ୍ଦପୁର ଅଞ୍ଚଳରେ ପ୍ରବେଶ କରିଛି। ମଣିଷମରା ଦନ୍ତାକୁ ଦେଖି ଲୋକମାନେ ଭୟଭୀତ ହୋଇ ପଡ଼ିଛନ୍ତି। କାଠଗୋଛି ସମେତ ପୁନ୍ଦାଳ ଅଞ୍ଚଳରେ ୪ଟି ଘର ଭାଙ୍ଗି ଦେଇଥିବାର ସୂଚନା ମିଳିଛି। ଖବର ପାଇ ନୀଳଗିରି ରେଞ୍ଜର ମନୋହର ଖାଁ ଏକ ବନବିଭାଗର ଟିମ୍‌କୁ ନେଇ ହାତୀଟିର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ଯେପରି ଅଞ୍ଚଳବାସୀଙ୍କର କୌଣସି କ୍ଷୟକ୍ଷତି ନ ହୁଏ ସେଥିପ୍ରତି ବନବିଭାଗ ନଜର ରଖିଛନ୍ତି। ତେବେ ମଣିଷମରା ଦନ୍ତାଟି ବହୁ ଧାନ ଫସଲ କ୍ଷତି କରିଥିବା ଶୁଣିବାକୁ ମିଳିଛି। ଏବେ ଦନ୍ତାଟି କାଠଗୋଛି ଜଙ୍ଗଲରେ ରହିଥିବାର ରେଞ୍ଜର ମନୋହର ଖାଁ ସୂଚନା ଦେଇଛନ୍ତି।

## ମେଢ ବିସର୍ଜନବେଳେ ଆକ୍ରମଣ; ୫ ଗିରଫ

ବାଲେଶ୍ୱର,୨୨।୯ (ସମିସ): ଖୁଦୁରୁକୁଣୀ ମେଢ ବିସର୍ଜନ ବେଳେ ବାରବାଟୀ ଅଞ୍ଚଳର ବାବୁଆ ବେହେରା(୩୫)ଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ଟାଉନ ଥାନା ପୁଲିସ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ସେମାନେ ହେଲେ ବାରବାଟୀସ୍ଥିତ ଓଲନ୍ଦାଜସାହିର କାଳିଆ ବେହେରା(୧୯), ରଞ୍ଜନ ବେହେରା(୨୦), ବୃନ୍ଦାବନ ବେହେରା(୧୯), ଯୋଗେନ୍ଦ୍ର ବେହେରା(୩୩) ଏବଂ ମହୀନ୍ଦ୍ର ବେହେରା(୧୮)।

## ହୋଟେଲରୁ ମଦ ଜବତ; ମ୍ୟାନେଜର ଗିରଫ

ନୀଳଗିରି,୨୨।୯ (ସମିସ): ନୀଳଗିରି ଏସ୍‌ଡିପିଓ ରିତେଶ କୁମାର ମହାପାତ୍ର ବୁଧବାର ସନ୍ଧ୍ୟାରେ ସଜନାଗଡ଼ସ୍ଥିତ ମା' ତାରିଣୀ ହୋଟେଲରେ ଅଚାନକ ଚଢ଼ଉ କରି ୧୦.୫ ଲିଟର ବିଦେଶୀ ମଦ ଜବତ କରିବା ସହ ମ୍ୟାନେଜର ଆଦିକନ୍ଦ ସାହୁଙ୍କୁ ଗିରଫ କରିଛନ୍ତି। ଏସ୍‌ଡିପିଓଙ୍କର ଏତାଦୃଶ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

## ୨୫ ୟୁନିଟ୍ ରକ୍ତ ସଂଗ୍ରହ

ଜଳେଶ୍ୱର,୨୨।୯ (ସମିସ): ଜଳେଶ୍ୱର ମ୍ୟୁନିସିପାଲିଟି ଅନ୍ତର୍ଗତ ଦିଗାମ୍ବରୀ ଦେବୀ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଜିଲ୍ଲା ରକ୍ତଦାତା ସଂଘ, ଜଳେଶ୍ୱର ରକ୍ତଦାତା ସଂଘ ସହଯୋଗରେ ଇନଷ୍ଟିଚ୍ୟୁସନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷା ମଧୁଛନ୍ଦା ମହାନ୍ତି ଶିବିରକୁ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଓଡ଼ିଶା ରକ୍ତକେନ୍ଦ୍ର ବାଲେଶ୍ୱରର ଡାକ୍ତର ମହେଶ କୁମାର ବିଶ୍ୱାଳ, ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ କୁମାର ଚକ୍ରବର୍ତ୍ତୀ, ଉପସଭାପତି ସୁବ୍ରତ କୁମାର ରଣା, +୨ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟମୟ ଆଚାର୍ଯ୍ୟ, ଶିଳ୍ପ ତାଲିମ କେନ୍ଦ୍ରର ଅଧ୍ୟକ୍ଷ ପ୍ରକାଶ କୁମାର ଦିନ୍ଦା,ବିରଞ୍ଚି ଭୂୟାଁ, ଅର୍ଣ୍ଣପ ଚେରିଟେବୁଲ ଟ୍ରଷ୍ଟର ସଭାପତି ଦୀପ୍ତି ନନ୍ଦୀ,ସମାଜସେବୀ ଭୋଳାନାଥ ଗିରୀ, ମଧୁସୂଦନ ଦତ୍ତ, ଲକ୍ଷ୍ମୀଧର ବାରିକ ପ୍ରମୁଖ ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ମାନସ ମାଇତି ଶିବିରକୁ ପରିଚାଳନା କରିଥିଲେ। ଶିବିରରୁ ୨୫ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।

## କିଶୋରୀ ସଶକ୍ତିକରଣ ସଚେତନତା ଶିବିର

ଜଳେଶ୍ୱର, ୨୧।୯ (ସମିସ): ଜଳେଶ୍ୱର ବ୍ଲକ ରାୟାରାମଚନ୍ଦ୍ରପୁର ସରପଞ୍ଚ ଶୁଭସ୍ମିତା ଦାସଙ୍କ ପୌରହିତ୍ୱରେ ଏକ କିଶୋରୀ ସଶକ୍ତିକରଣ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲ୍ୟବିବାହକୁ ବିରୋଧ ଓ ତା'ର କୁପରିଣତି ତଥା କିଶୋରୀ ସଶକ୍ତି ଫଳରେ ସାମାଜିକ ଉତ୍‌ଥାନ ସମ୍ପର୍କରେ ଆଲୋଚନା ପର୍ଯ୍ୟାଲୋଚନା ହୋଇଥିଲା। କମଳ କୁମାର ପରିଡ଼ା, ଶ୍ରୀରାମ ମାରାଣ୍ଡି, ଅନନ୍ତ ସାହୁ, ଜୟନ୍ତ ସାହୁ, ଗୀତାଞ୍ଜଳି ପାଣିଗ୍ରାହୀ, ବାସନ୍ତି ସାହୁ ,ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଅଙ୍ଗନବାଡି କର୍ମୀ ନମିତା ଦାସ, ମାହେଶ୍ୱରୀ ନାୟକ, ଜୟସ୍ମିତା ଜେନା, ଯଶୋଦା କରଣ, ଆରତୀ ପାତ୍ର, ନମିତା ସାସମଲ, କାଞ୍ଚନ ପରିଡ଼ା, ସରସ୍ୱତୀ ଧଳ ପ୍ରମୁଖ ଉପସ୍ଥିତ ଥିଲେ। ମନୋରଞ୍ଜନ ଦଳେଇ ଓ ସମ୍ପଦ ଦାସ ପରିଚାଳନା କରିଥିଲେ।

## ଭାଗବତ ଜନ୍ମୋତ୍ସବ ପାଳିତ

ଖଇରା,୨୨।୯ (ସମିସ): ବିବେକାନନ୍ଦ ସେବା ସଂସ୍ଥାନ ଆନୁକୂଲ୍ୟରେ ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକର ଦୁର୍ଗାମଣ୍ଡପଠାରେ ବୁଧବାର ସତ୍ୟବ୍ରତ ନାରାୟଣ ବେହେରାଙ୍କ ଆବାହକତ୍ୱରେ ଭାଗବତ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ସନାତନ ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁକ୍ତିକାନ୍ତ ଶତପଥୀ ମୁଖ୍ୟଅତିଥି, ବିଶିଷ୍ଟ ପ୍ରବଚକ ହରିହର ପାଣିଗ୍ରାହୀ ମୁଖ୍ୟବକ୍ତା, କୈଳାଶ ଚନ୍ଦ୍ର ପୃଷ୍ଟି, କାଞ୍ଚନ ବ୍ରହ୍ମାକୁମାରୀ, ନିରଞ୍ଜନ ବେହେରା, ପଦ୍ମଲୋଚନ ଧର, ରଘୁନାଥ ପତ୍ରୀ, ରାଧାକାନ୍ତ ପାତ୍ର, ସନ୍ତୋଷ ଶତପଥୀ, ଅଧ୍ୟାପକ ପ୍ରବୋଧ ମହାପାତ୍ର, କରୁଣାକର ମହାନ୍ତି ପ୍ରମୁଖ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ମଣିଷ ଦୈନନ୍ଦିନ ଜୀବନରେ ଭାଗବତ ବାଣୀର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ।

### ବିପର୍ଯ୍ୟସ୍ତ ବାଲେଶ୍ୱର-ଧାମରା ସଲ୍ଟ ରୋଡ୍

# ମରଣଯନ୍ତା ରାସ୍ତାକୁ ଅଧା ଜବରଦଖଲ

ବାହାନଗା,୨୨।୯ (ସମିସ)



ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ଲାଇଫ ଲାଇନ କହିଲେ ବାଲେଶ୍ୱର-ଧାମରା ସଲଟ ରୋଡ଼କୁ ବୁଝାଏ। ଉପକୂଳବର୍ତୀ ଅଞ୍ଚଳ ଦେଇ ଏହି ରାସ୍ତା ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାକୁ ସଂଯୋଗ କରିବା ସହିତ ଉଭୟ ଜିଲ୍ଲାର ଆର୍ଥିକ ଓ ବାଣିଜ୍ୟକ କାରବାର ପାଇଁ ଏହି ରାସ୍ତା ଗୁରୁଦାୟିତ୍ୱ ମୁଣ୍ଡାଇଛି। ଦେଶର ପ୍ରତିରକ୍ଷା ବିଭାଗ ପାଇଁ ମଧ୍ୟ ସଲଟ ରୋଡ଼ର ଅବଦାନ ରହିଛି।

ବାଲେଶ୍ୱର ଜିଲ୍ଲାର ଚାନ୍ଦିପୁର ଗୋଳାବାରୁଦ ପରୀକ୍ଷଣ କେନ୍ଦ୍ର ଓ ଭଦ୍ରକ ଜିଲ୍ଲାର ଧାମରାରେ ଅବସ୍ଥିତ ହ୍ୱିଲର ଦ୍ୱୀପ ମଧ୍ୟରେ ଯାତାୟାତ ତଥା ଗୋଳାବାରୁଦ ପରିବହନ ପାଇଁ ଏହି ସଲଟ ରୋଡ଼ ଏକମାତ୍ର ମାଧ୍ୟମ। କହିବାକୁ ଗଲେ ଜିଲ୍ଲାରେ ୧୬ନଂ ଜାତୀୟ ରାଜପଥକୁ ଛାଡିଦେଲେ ଏହି ସଲଟ ରୋଡ଼ ହିଁ ଜିଲ୍ଲା ଆର୍ଥିକ ବିକାଶର ମୁଖ୍ୟ ସୂତ୍ରଧର। ତେବେ ଜିଲ୍ଲା ବିକାଶର ଗୁରୁ ଦାୟିତ୍ୱ ବହନ କରୁଥିବା ସଲଟ ରୋଡ଼ ଏବେ ଘୋର ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। ଦୈନିକ ଲକ୍ଷାଧିକ ଲୋକ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ରାସ୍ତା ଉପରେ ନିର୍ଭରଶୀଳ। ହେଲେ ପୂର୍ତ୍ତବିଭାଗ ଅଧୀନରେ ରହିଥିବା ଏହି ରାସ୍ତା ଏବେ ଖାଲ ଖମାରେ ଭର୍ତି ହୋଇ ମରଣଯନ୍ତା ପାଲଟିଛି। ରାସ୍ତା ମରାମତି ପାଇଁ ବିଭାଗ ତରଫରୁ ସରକାରୀ ତହବିଲରୁ ରାଜସ୍ୱ ବ୍ୟୟ କରାଯାଉଥିଲେ ବି ତାର ସୁଫଳ ଜନତା ପାଇବାରେ ଅସଫଳ। ନିମ୍ନମାନର ମରାମତି ଯୋଗୁଁ ରାସ୍ତାରେ ଚିହ୍ନିତ ଧଳା ରଙ୍ଗ ଉଠିନଥିବା ବେଳେ ପିଚୁ ଉଠିଯାଇ ରାସ୍ତା ସାରା ଖାଲ ହୋଇଛି। ସେହିପରି ସଲଟ ରୋଡର ମୁଖ୍ୟ ସମସ୍ୟା ହେଉଛି ଜବରଦଖଲ। ବାଲେଶ୍ୱର ଠାରୁ ଅନନ୍ତପୁର ପର୍ଯ୍ୟନ୍ତ ସଲଟ ରାସ୍ତାକୁ ପ୍ରଭାବଶାଳୀ ଲୋକେ ଜବରଦଖଲ କରିଛନ୍ତି। ରାସ୍ତାକୁ ଲାଗିଥିବା ମୂଲ୍ୟବାନ ଜମିକୁ ପ୍ରଭାବଶାଳୀ ଲୋକେ ଗୃହ ତଥା ବ୍ୟବସାୟ ପ୍ରତିଷ୍ଠାନ ନିର୍ମାଣ ଉଦେଶ୍ୟରେ ବ୍ୟବହାର କରୁଥିବାରୁ ବର୍ଷ ବର୍ଷ ଧରି ନିର୍ମାଣ ସାମଗ୍ରୀ ରଖିବାରୁ ରାସ୍ତା ସଂକୁଚିତ ହେଉଛି। ଜମା ହୋଇଥିବା ନିର୍ମାଣ ସାମଗ୍ରୀ ଯୋଗୁଁ ରାସ୍ତାରେ ଛୋଟ ବଡ଼ ଦୁର୍ଘଟଣା ଘଟୁଥିଲେ ମଧ୍ୟ ପୂର୍ତ୍ତବିଭାଗ ଏଥିପ୍ରତି କର୍ଣ୍ଣପାତ କରୁନଥିବାର ଦେଖାଯାଇଛି। ଏପରିକି ସଲଟ ରୋଡ଼ ସହିତ ନୟନଜୋରିକୁ ମଧ୍ୟ ପ୍ରଭାବିଶାଳୀ ଲୋକେ ନିଜ ଅକ୍ତିଆରରେ ରଖି ନିଜ ବ୍ୟବସାୟିକ ପ୍ରତିଷ୍ଠାନ ସୁରୁଖୁରୁରେ ଚଳାଇଛନ୍ତି। ବିଶେଷକରି ରସାଲପୁର, ଗୋପାଳପୁର ବଜାର ପାର୍ଶ୍ୱରେ ଏଭଳି ବେଆଇନ ଜବରଦଖଲ ଦେଖିବାକୁ ମିଳୁଛି। ପୂର୍ତ୍ତବିଭାଗ ନାମକୁମାତ୍ର ରାସ୍ତା ମରାମତି ସାରିଦେଇ ବସିଯାଉଥିବା ବେଳେ ରାସ୍ତାରୁ ଜବରଦଖଲ ଉଠାଇବା ପାଇଁ ଆଦୌ ଚେଷ୍ଟା କରୁନାହିଁ। ଫଳରେ ସଲଟ ରୋଡ଼ ଦିନକୁଦିନ ସଙ୍କୁଚିତ ନିଜ ଅସ୍ତିତ୍ୱ ହରାଉଛି। ତେବେ ଦୈନିକ ଉକ୍ତ ରାସ୍ତା ଉପରେ ନିର୍ଭର କରୁଥିବା ବୁଦ୍ଧିଜୀବି ତଥା ସାଧାରଣ ଜନତା ପୂର୍ତ୍ତବିଭାଗର କାର୍ଯ୍ୟଧାରାକୁ ନାପସନ୍ଦ କରିଛନ୍ତି। ଆଗାମୀ ଦିନରେ ପୂର୍ତ୍ତ ପ୍ରଶାସନ ସଲଟ ରୋଡ଼କୁ ମରାମତି ସହିତ ଜବରଦଖଲ ଉଚ୍ଛେଦ ନିମନ୍ତେ ପ୍ରୟାସ କରିବାକୁ ଦାବି କରିଛନ୍ତି। ନହେଲେ ଆଗାମୀ ଦିନରେ ଜନଆନ୍ଦୋଳନ ମୁଣ୍ଡ ଟେକିବାର ଆଭାସ ମିଳିଲାଣି। ଖୋଦ ବାଲେଶ୍ୱର ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଜନସାଧାରଣଙ୍କ ତରଫରୁ ଦାବି ଉଠିଛି।

## ବଣା ରେଳଫାଟକ ରାସ୍ତା ଶୋଚନୀୟ

ସିମୁଳିଆ,୨୨।୯ (ସମିସ): ଦକ୍ଷିଣ-ପୂର୍ବ ରେଳପଥର ଖଡଗପୁର ରେଳ ମଣ୍ଡଳ ଅଧିନରେ ଥିବା ମାର୍କୋଣା ରେଳ ଷ୍ଟେସନର ଉତ୍ତର ପାର୍ଶ୍ୱ ୧୧୦ନମ୍ବର ବଣା ରେଳଫାଟକ ସଂଯୋଗ ରାସ୍ତା ମରଣଯନ୍ତାରେ ପରିଣତ ହୋଇଛି। ପ୍ରତ୍ୟେକ ଦିନ ଛୋଟବଡ ଦୁର୍ଘଟଣା ଘଟୁଛି। ରେଳ କର୍ତ୍ତୃପକ୍ଷ ଏ ବିଷୟରେ ଅବଗତ ଥିଲେ ମଧ୍ୟ ରାସ୍ତା ମରାମତି କରୁ ନାହାନ୍ତି। ଫଳରେ ଯାତାୟାତ କ୍ଷେତ୍ରରେ ଅବ୍ୟବସ୍ଥା ସୃଷ୍ଟି ହୋଇଛି। ବିବରଣୀରୁ ପ୍ରକାଶ ଯେ ଗତ ବର୍ଷ ପ୍ରବଳ ବର୍ଷା ଯୋଗୁଁ ବଣା ରେଳଫାଟକର ପଶ୍ଚିମ ପାର୍ଶ୍ୱ ରାସ୍ତା ଧସି ଯାଇଥିଲା। ଗଣମାଧ୍ୟମରେ ଖବର ପ୍ରକାଶନ ପରେ ବାଲି ଓ କ୍ରସରଗୁଣ୍ଡ ଭର୍ତ୍ତିକରି ପ୍ୟାଚିଂ ଦିଆଯାଇଥିଲା। ଇତି ମଧ୍ୟରେ ଏକ ବର୍ଷ ବିତି ଯାଇଥିଲେ ମଧ୍ୟ ରେଳ କର୍ତ୍ତୃପକ୍ଷ ଉକ୍ତ ରାସ୍ତାର ମରାମତି କଲେ ନାହିଁ। ପୁର୍ନବାର ଚଳିତ ବର୍ଷ ମେ ମାସର ଶେଷ ସପ୍ତାହରେ ହୋଇଥିବା ଘୂର୍ଣ୍ଣିଝଡ ୟାସରେ ମଧ୍ୟ ପ୍ରବଳ ବର୍ଷା ହୋଇ ଜ୍ୟେଷ୍ଠମାସରେ ବନ୍ୟା ହେବା ଯୋଗୁଁ ରେଳଫାଟକ ରାସ୍ତା ଦବି ଯାଇ ଗର୍ତ୍ତଟିଏ ହେବା ଫଳରେ ରାସ୍ତାଟିରେ ଯିବା ଆସିବା କରିବା ବିପଦଜନକ ହୋଇପଡ଼ିଛି। ରେଳ ଫାଟକ ରାସ୍ତାରେ ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟୁଛି। ତୁରନ୍ତ ଦକ୍ଷିଣ-ପୂର୍ବ ରେଳପଥର ଖଡଗପୁର ମଣ୍ଡଳର ପରିଚାଳକ ଦୃଷ୍ଟି ଦେଇ ତୁରନ୍ତ ମରାମତି ପାଇଁ ଜନସାଧାରଣ ନିବେଦନ କରିଛନ୍ତି।






## ୨୦ ଗାଁରେ ପ୍ରବେଶ କଲା ବନ୍ୟାପାଣି

ବାଲିଆପାଳ,୨୨।୯ (ସମିସ)

୫ ଦିନର ବ୍ୟବଧାନ ପରେ ବୁଧବାର ପୁଣି ସୁବର୍ଣ୍ଣରେଖା ନଦୀରେ ବନ୍ୟା ଆସି ପରିସ୍ଥିତିକୁ ଅଧିକ ଗଭୀର କରିଛି। ଏବେ ବି ଅନେକ ଗ୍ରାମ ଜଳବନ୍ଦି ହୋଇ ରହିଥିବାବେଳେ ଏହି ବନ୍ୟା ଲୋକଙ୍କ ଦୁର୍ଦ୍ଦଶାକୁ ବଢ଼ାଇଦେଇଛି। ଗତ ୨ ଦିନ ଧରି ଲଗାଣ ବର୍ଷା ସାଙ୍ଗକୁ ନଦୀର ଉପର ମୁଣ୍ଡରେ ଥିବା ଗାଲୁଡ଼ି ବ୍ୟାରେଜ୍‌ରୁ ଅଧିକ ପାଣି ଛଡ଼ାଯିବା ପରେ ଏହି ପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଉଛି। ଫଳରେ ବାଲିଆପାଳ ବ୍ଲକର ୫ ପଞ୍ଚାୟତର ୨୦ ଗାଁରେ ବନ୍ୟାପାଣି ପ୍ରବେଶ କରିଛି।

ରାଜଘାଟଠାରେ ଏହି ନଦୀର ସର୍ତକ ସଂକେତ ୯.୩୬ ମିଟର ରହିଥିବାବେଳେ ସନ୍ଧ୍ୟା ସୁଦ୍ଧା ଜଳସ୍ତର ୧୦ମିଟର ଉପରେ ପ୍ରବାହିତ ହେଉଛି। ଫଳରେ ତଳମୁଣ୍ଡରେ ଥିବା ବାଲିଆପାଳ ବ୍ଲକର ଅସ୍ତି, ବାଲିଆପାଳ, ବିଷ୍ଣୁପୁର ଜାମକୁଣ୍ଡା, ମଧୁପୁରା ପ୍ରଭୃତି ପଞ୍ଚାୟତର ୨୦ଟି ଗ୍ରାମ ପାଣିଘେରରେ ରହିଛି। ବୁଧବାର ରାତି ସୁଦ୍ଧା ନଦୀର ବିପଦ ସଂକେତ ୧୦.୪୫ ମିଟର ଅତିକ୍ରମ କରିବ ବୋଲି ଜଳସେଚନ ବିଭାଗ ପକ୍ଷରୁ ସୂଚନା ମିଳିଛି। ରାତିରେ ପାଣି ବୃଦ୍ଧି ପାଇବାର ସମ୍ଭାବନା ଥିବାରୁ ପ୍ରଶାସନ ପକ୍ଷରୁ ସୁରକ୍ଷା ଦୃଷ୍ଟିରୁ ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳୀ, ସ୍କୁଲ ଘର କିମ୍ବା ସୁରକ୍ଷିତ ସ୍ଥାନକୁ ଚାଲିଯିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଉଦ୍ଧାର କାର୍ଯ୍ୟ ଏବଂ ଯାତାୟାତ ପାଇଁ ବିଭିନ୍ନ ସ୍ଥାନରେ ୧୦ଟି ଡଙ୍ଗା ମୁତୟନ ହୋଇଛି। ବ୍ଲକରେ ୨ଟି ଓଡ୍ରାଫ ଟିମ୍ ରହିଥିବାରୁ ଦରକାର ପଡ଼ିଲେ ସେମାନଙ୍କୁ ଉଦ୍ଧାର କାର୍ଯ୍ୟରେ ସାମିଲ କରାଯିବ ବୋଲି ତହସିଲଦାର ଦୀପକ କୁମାର ଦାଶ କହିଛନ୍ତି। ବାଲିଆପାଳ-ବିଷ୍ଣୁପୁର, ପଞ୍ଚୁରୁଖି-ଚୌଧୁରୀକୁଦ, ଜାମକୁଣ୍ଡା-ନୟାବାଲି, ଜାମକୁଣ୍ଡା-କୁହ୍ଲାଚଡ଼, ଜାମକୁଣ୍ଡା-ତାଳପଦା, ବାଲିଆପାଳ-କୁଦମାନସିଂ, କୁଦମାନସିଂ-ରାଉତରାପୁର ଗ୍ରାମ୍ୟ ରାସ୍ତା ଉପରେ ୪/୫ଫୁଟ ଉଚ୍ଚରେ ବନ୍ୟାପାଣି ପ୍ରବାହିତ ହେଉଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ବ୍ଲକରେ ୨୪ ଘଣ୍ଟିଆ ବନ୍ୟା ନିୟନ୍ତ୍ରଣ କକ୍ଷ ଖୋଲାଯାଇ ପରିସ୍ଥିତି ଉପରେ ସତର୍କ ଦୃଷ୍ଟି ରଖାଯାଇଛି।

### ପୋଖରୀ ନିଲାମକୁ ନେଇ ବଢୁଛି ବିବାଦ

## ଧାରଣାରେ ବସିଲେ ମୁହଁଚୁଆଁ ଗ୍ରାମବାସୀ

ଖଇରା,୨୨।୯ (ସମିସ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଡୁଙ୍ଗୁରା ଗ୍ରାମ ପଞ୍ଚାୟତ ଅଧୀନ ମୁହଁଚୁଆଁ ଗ୍ରାମରେ ପୋଖରୀ ନିଲାମକୁ କେନ୍ଦ୍ର କରି ପଡ଼ୋଶୀ ଖାନପୁର ଗ୍ରାମ ସହ ସମ୍ପର୍କ ତିକ୍ତ ହେବାରେ ଲାଗିଛି। ତାଙ୍କ ଗ୍ରାମ ପୋଖରୀକୁ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଦିଆଯିବା ପରିବର୍ତ୍ତେ ଖାନପୁର ଗ୍ରାମବାସୀଙ୍କୁ ନିଲାମ ଦିଆଯିବା ପ୍ରତିବାଦରେ ବୁଧବାର ମୁହଁଚୁଆଁ ଗ୍ରାମବାସୀ ଖଇରା ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ପରେ ବିଡିଓ ନିଲାମ ସମ୍ପର୍କୀତ ସମସ୍ତ ନିୟମ ବିଷୟରେ ଗ୍ରାମବାସୀଙ୍କୁ ବୁଝାଇବା ସହ ଆଗାମୀ ଦିନରେ ଏ ବିଷୟରେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଧାରଣାରୁ ଉଠିଥିଲେ।

ମୁହଁଚୁଆଁ ଗ୍ରାମର ୩ ପୋଖରୀ ମଧ୍ୟରୁ ଗୋଟିଏ ମୁହଁଚୁଆଁ ଗ୍ରାମବାସୀ ନିଲାମ ନେଇଥିବାବେଳେ ଅନ୍ୟ ୨ଟିକୁ ପଡ଼ୋଶୀ ଖାନପୁର ଗ୍ରାମବାସୀ ନିଲାମ ନେଇଛନ୍ତି। ପ୍ରଶାସନ ବେଆଇନ ଭାବେ ସେମାନଙ୍କୁ ନିଲାମ ଦେଇଥିବା ନେଇ ମୁହଁଚୁଆଁ ଗ୍ରାମର ମୁଖ୍ୟ ତଥା ସମିତି ସଭ୍ୟା ପ୍ରତିନିଧି କୈଳାସ ନାୟକ କହିଛନ୍ତି। ଗ୍ରାମର ସମସ୍ତ ପୋଖରୀକୁ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ନିଲାମ ଦିଆଯିବାକୁ ଉପଜିଲ୍ଲାପାଳଙ୍କୁ ଲିଖିତ ଭାବେ ଅବଗତ କରାଯାଇଥିଲା। ଉପଜିଲ୍ଲାପାଳ ଏ ସମ୍ପର୍କରେ ପଦକ୍ଷେପ ନେବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏସ୍‌ଏଚ୍‌ଜି ଗ୍ରୁପ୍‌ଙ୍କୁ ନିଲାମ ଦିଆଯିବା ପରିବର୍ତ୍ତେ ଅଗଷ୍ଟ ୫ ତାରିଖରେ ନିଲାମ ଡକାଯାଇଥିଲା। ମୁହଁଚୁଆଁରୁ କୌଣସି ଗ୍ରାମବାସୀ ନ ଆସିବାରୁ ପୁନଶ୍ଚ ଅଗଷ୍ଟ ୧୨ ତାରିଖରେ ମୁହଁଚୁଆଁ ଗ୍ରାମବାସୀଙ୍କ ଅଗୋଚରେ ଖାନପୁର ଗ୍ରାମବାସୀଙ୍କୁ ନିଲାମ ଦିଆଯାଇଥିବା ନେଇ ଶ୍ରୀ ନାୟକ ଅଭିଯୋଗ କରିଛନ୍ତି। ବିଡିଓ ପର୍ଶୁରାମ ପଣ୍ଡାଙ୍କୁ ପଚାରିବାରେ ସବୁ କିଛି ନିୟମ ମଧ୍ୟରେ ହୋଇଛି। ଗ୍ରାମବାସୀମାନଙ୍କ ଦାବି ତଥା ସରକାରୀ ଗାଇଡ୍‌ଲାଇନ୍ ଅନୁଯାୟୀ ଗୋଟିଏ ପୋଖରୀ ମହିଳା ଗ୍ରୁପ୍‌କୁ ଦିଆଯିବା ସହ ଅନ୍ୟ ୨ଟିକୁ ସାଧାରଣରେ ନୋଟିସ୍ ଦିଆଯାଇ ନିଲାମ ଦିଆଯାଇଛି।



## ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ରାସ୍ତା ମରାମତି ଦାବି

ବାଲିଆପାଳ,୨୨।୯ (ସମିସ): ବାଲିଆପାଳ ବ୍ଲକରେ ଥିବା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାର ରାସ୍ତାଗୁଡ଼ିକ ଦୀର୍ଘଦିନ ଧରି ମରାମତି ଅଭାବରୁ ଏବେ ମରଣଯନ୍ତାରେ ପରିଣତ ହୋଇଛି। ଏଗୁଡ଼ିକ ତୁରନ୍ତ ମରାମତି ପାଇଁ ଗଦାଗିରି ସ୍ମୃତି ବିକାଶ ପରିଷଦର ଆବାହକ ବିକାଶ ଗିରି ଦାବି କରିଛନ୍ତି। ଏହି ରାସ୍ତାଗୁଡ଼ିକ ହେଲା ଜାମକୁଣ୍ଡା ଛକରୁ କାଳିପଦା ଭାୟା କଟୁଆପୋଲ, କାଳିପଦାରୁ ପଞ୍ଚୁପାଲି, ସିମୁଳିଆ ବଜାରରୁ ମାନ୍ଧାତା, ପ୍ରତାପପୁର ଡାକ୍ତରଖାନା ଛକରୁ ଚାନ୍ଦମଣି ଭାୟା ଅଳାଡିହା ଏବଂ କଟୁଆଠାରୁ ତାହାଳିଆ। ଶ୍ରୀ ଗିରି ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ଶାସନ ସଚିବଙ୍କୁ ପତ୍ର ମାଧ୍ୟମରେ ଏହି ଦାବି ଉପସ୍ଥାପନ କରିଛନ୍ତି। ବାଲିଆପାଳବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହି ରାସ୍ତାଗୁଡ଼ିକର ମରାମତି ଅତ୍ୟନ୍ତ ଆବଶ୍ୟକ ବୋଲି ଶ୍ରୀ ଗିରି ମତବ୍ୟକ୍ତ କରିଛନ୍ତି। ତେବେ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ରାସ୍ତାଗୁଡ଼ିକ ଏବେ ଶୋଚନୀୟ ହୋଇପଡ଼ିଛି।




## ବିଦ୍ୟୁତ୍ ମରାମତି ନାଁରେ ହରିଲୁଟ୍ ଅଭିଯୋଗ

ନୀଳଗିରି, ୨୨।୯ (ସମିସ)

୧୩ଗୋଟି ୱାର୍ଡକୁ ନେଇ ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ଚାଲିଥିବା ବେଳେ ୧୩ଗୋଟି ୱାର୍ଡରେ ଥିବା ଷ୍ଟ୍ରିଟ ଲାଇଟ ମରାମତି କାର୍ଯ୍ୟ କାର୍ଯ୍ୟାଳୟ ପକ୍ଷରୁ ସ୍ୱଳ୍ପଅର୍ଥରେ ମରାମତି କରାଯାଇ ଆସୁଥିଲା ବେଳେ ଆଜକୁ ପ୍ରାୟ ୩ ବର୍ଷ ଧରି ରାଜ୍ୟ ସରକାର ଇ.ଏସ.ଏସ.ଏଲ ଓ ଗ୍ରିନ୍ ଫିଲ କମ୍ପାନୀକୁ ଏନ.ଏ.ସି. ର ନୂତନ ଲାଇଟ ପୋଷ୍ଟ ଓ ମେଣ୍ଟେନାନ୍ସ ପାଇଁ ଚୁକ୍ତି କରିଛି। ନୀଳଗିରି ଭଳି ଛୋଟ ଏନ.ଏ.ସି.ର ଆୟ ବର୍ଷକୁ ୨୫ ଲକ୍ଷ ଟଙ୍କା ଥିଲା ବେଳେ ମରାମତି ବାବଦରେ ଉକ୍ତ ୨ କମ୍ପାନୀ ବର୍ଷକୁ ୪୦ ଲକ୍ଷ ଟଙ୍କା ନେଉଛନ୍ତି। କ'ଣ ମରାମତି କଲେ, କେତେ କେବୁଲ ଲାଗିଲା, କେତେ ସୁଇଚ ଲାଗିଲା, କେତେ ଏଲ.ଇ.ଡି. ବଲ ଲାଗିଲା, କେତେ ଖୁଣ୍ଟ ଗଡ଼ିଲା ଆଦିର ଭାଉଚର ନ ଦେଇ ମନମୁଖୀ ୪୦ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବାର କାର୍ଯ୍ୟାଳୟକୁ ପ୍ରଦାନ କରିଛନ୍ତି। ନୀଳଗିରି ଏନ.ଏ.ସି.ର ବିଭିନ୍ନ ବିଭାଗକୁ ୨୫ଲକ୍ଷ ଟଙ୍କା ବର୍ଷକୁ ଆୟ ହେଉଥିବା ବେଳେ ୪୦ ଲକ୍ଷ ଟଙ୍କା କମ୍ପାନୀକୁ ପଇଠ କରିବ କେମିତି। ବିଭିନ୍ନ ୱାର୍ଡରେ ବିଦ୍ୟୁତ୍ ଖୁଣ୍ଟ ଗଡ଼ି ପଡ଼ିଥିବା ବେଳେ ଅନେକ ଖୁଣ୍ଟ ତଳେ ପଡ଼ିଥିବାର ଦେଖିବାକୁ ମିଳିଛି। ଏପରିକି ଅନେକ ଖୁଣ୍ଟରେ ଲାଇଟ୍ ଜଳୁ ନ ଥିବାର ଦେଖିବାକୁ ମିଳିଛି। ଏପରି ସ୍ଥଳେ କମ୍ପାନୀ ମରାମତି ବାବଦରେ ୪୦ ଲକ୍ଷ ଟଙ୍କା କିଭଳି ଚଲୁ କରିଛି ଏ ବାବଦରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ନୀଳଗିରି ତହସିଲଦାରଙ୍କୁ ପଚାରିବାରୁ ଉକ୍ତ ଘଟଣାକୁ ମୁଁ ତର୍ଜମା କରିଛି। ଏନ୍‌ଏସିର ବାର୍ଷିକ ୨୫ଲକ୍ଷ ଟଙ୍କା ଆୟ ହେଉଥିବା ବେଳେ ବିଦ୍ୟୁତ୍ ମରାମତି ବାବଦରେ ୪୦ଲକ୍ଷ ଟଙ୍କା ପୈଠ କରାଯିବ କେମିତି ବୋଲି ଗତ ୧୬.୦୯.୨୧ରିଖରେ ଚିଠି ନମ୍ବର ୧୯/୨୨ ସରକାରଙ୍କୁ ଲିଖିତ ଭାବେ ଜଣାଇଥିବାର ସୂଚନା ଦେଇଛନ୍ତି। ଏଥିରେ ଯଦି ରାଜ୍ୟ ସରକାର ସୁଧାର ନ ଆଣନ୍ତି ଆଗାମୀ ଦିନରେ ଏନ.ଏ.ସି. ବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସୂଚନା ଦେଇଛନ୍ତି।

## ଗହନା ବଶିଷ୍ଠଙ୍କ ଗିରଫ ଉପରେ ରୋକ ଲଗାଇଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୨୨।୯(ଏଜେନ୍ସି):** ପର୍ଣ୍ଣ ଫିଲ୍ମ(ଅଶ୍ଳୀଳ ଚଳଚ୍ଚିତ୍ର) ମାମଲାରେ ଅଭିନେତ୍ରୀ ଗହନା ବଶିଷ୍ଠଙ୍କୁ ବଡ ଆଶ୍ୱସ୍ତି ମିଳିଛି। ଏହି ମାମଲାରେ ତାଙ୍କ



ଗିରଫଦାରୀ ଉପରେ ସୁପ୍ରିମକୋର୍ଟ ରୋକ ଲଗାଇଛନ୍ତି। ଏହା ପୂର୍ବରୁ ବମ୍ବେ ହାଇକୋର୍ଟ ଗହନାଙ୍କ ଆଗୁଆ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ। ପରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ସର୍ବୋଚ୍ଚ ନ୍ୟାୟାଳୟ ହାଇକୋର୍ଟଙ୍କ ନିର୍ଦ୍ଦେଶ ଉପରେ ରୋକ ଲଗାଇ ଦେଇଛନ୍ତି ଏବଂ ତଦନ୍ତରେ ସହଯୋଗ କରିବାକୁ ଅଭିନେତ୍ରୀଙ୍କୁ କହିଛନ୍ତି। ସୂଚନାଯୋଗ୍ୟ ଯେ ଏକ ୱେବସାଇଟରେ ଅଶ୍ଳୀଳ ଭିଡିଓ ଅପଲୋଡ ଏବଂ ସୁଟିଂ ଅଭିଯୋଗରେ ଗହନାଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା। ମାଲୱାନୀ ଥାନାରେ ରୁଜୁ ମାମଲାକୁ ମୁମ୍ବଇ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଥିଲା। ପର୍ଣ୍ଣ ଭିଡିଓ ମାମଲାରେ ଅଭିନେତ୍ରୀ ଶିଳ୍ପା ସେଟ୍ଟୀଙ୍କ ବ୍ୟବସାୟୀ ପତି ରାଜ କୁନ୍ଦ୍ରାଙ୍କ ସହିତ ତାଙ୍କ କମ୍ପାନୀର ୩ରୁ ୪ ଫିଲ୍ମ ନିର୍ମାତାଙ୍କ ବିରୋଧରେ ଜଣେ ମଡେଲ ଏଫଆଇଆର ରୁଜୁ କରିଥିଲେ। ରାଜ କୁନ୍ଦ୍ରାଙ୍କ ପୂର୍ବରୁ ଫେବୃଆରୀରେ ଅଶ୍ଳୀଳ ଚଳଚ୍ଚିତ୍ର ମାମଲାରେ ଗହନା ବଶିଷ୍ଠଙ୍କୁ ଗିରଫ କରାଯାଇଥିଲା। ଅଶ୍ଳୀଳ ଚଳଚ୍ଚିତ୍ର ମାମଲାରେ ତାଙ୍କ ବିରୋଧରେ ରୁଜୁ ଏଫଆଇଆରରେ ଗରିଫ ଭୟରେ ସେ ଆଗୁଆ ଜାମିନ ଆବେଦନ କରିଥିଲେ। ତେବେ ସେସନ କୋର୍ଟ ଏବଂ ବମ୍ବେ ହାଇକୋର୍ଟ ଏହାକୁ ଖାରଜ କରିଦେଇଥିଲେ।

## ଜମ୍ମୁ-କାଶ୍ମୀରର ୬ କର୍ମଚାରୀ ବହିଷ୍କୃତ

**ଶ୍ରୀନଗର,୨୨।୯(ଏଜେନ୍ସି):** ଜମ୍ମୁ-କାଶ୍ମୀରରେ ୬ ଜଣ ସରକାରୀ କର୍ମଚାରୀଙ୍କୁ ଚାକିରୀରୁ ବହିଷ୍କାର କରିଦିଆଯାଇଛି । ଆତଙ୍କବାଦୀ ସଙ୍ଗଠନ ସହ ସମ୍ପର୍କରେ ଥିବା ଅଭିଯୋଗରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ୬ କର୍ମଚାରୀଙ୍କ ମଧ୍ୟରେ ଜମ୍ମୁ-କାଶ୍ମୀର ପୁଲିସର ଦୁଇ ଅଧିକାରୀ ମଧ୍ୟ ସାମିଲ ଅଛନ୍ତି। ରିପୋର୍ଟ ଅନୁଯାୟୀ ଆତଙ୍କବାଦୀ ଲିଙ୍କର ତଦନ୍ତ ଲାଗି କେନ୍ଦ୍ରଶାସିତ ପ୍ରଦେଶ ସରକାରଙ୍କ ଦ୍ୱାରା ଏଥିପାଇଁ ଏକ କମିଟି ଗଠନ କରାଯାଇଥିଲା। ଏହି କମିଟିର ସୁପାରିଶ କ୍ରମେ ଏହି କର୍ମଚାରୀଙ୍କୁ ଚାକିରିରୁ ବିଦା କରାଯାଇଛି। ଭାରତୀୟ ପିଙ୍ଗଳ କୋଡର ଧାରା ୩୧୧ (୨)(c) ଅନୁଯାୟୀ ଏହି କମିଟି ଗଠନ ହୋଇଥିଲା। ଏହା ପୂର୍ବରୁ ଜୁଲାଇରେ ୧୧ ଜଣ କର୍ମଚାରୀଙ୍କୁ ଚାକିରୀରୁ ବିହିଷ୍କାର କରାଯାଇଥିଲା। ସେମାନଙ୍କ ମଧ୍ୟରେ ଆତଙ୍କବାଦୀ ସଂଗଠନ ମୁଜାହିଦ୍ଦିନର କମାଣ୍ଡର ସୟଦ ସଲାହୁଦ୍ଦିନଙ୍କ ପୁଅ ସାମିଲ ଥିଲା।

## କେନ୍ଦ୍ର ଆବେଦନକୁ ଖାରଜ କଲେ ସୁପ୍ରିମକୋର୍ଟ

# ନଭେମ୍ବରରୁ ମହିଳାଙ୍କୁ ଏନ୍‌ଡିଏରେ ସାମିଲ କର

**ନୂଆଦିଲ୍ଲୀ,୨୨।୯(ଏଜେନ୍ସି)**

ଚଳିତ ବର୍ଷ ନ୍ୟାସନାଲ ଡିଫେନ୍ସ ଏକାଡେମି(ଏନଡିଏ) ପ୍ରବେଶିକା ପରୀକ୍ଷାରେ ମହିଳାଙ୍କୁ ଅନୁମତି ଦେବା ନିଷ୍ପତ୍ତିକୁ ପ୍ରତ୍ୟାହାର କରିବା ପାଇଁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ଏବେ ଆସନ୍ତା ନଭେମ୍ବର ମାସରୁ ମହିଳା ଏନଡିଏ ପ୍ରବେଶିକା ପରୀକ୍ଷା ଦେଇପାରିବେ। ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି ଯେ ସଶସ୍ତ୍ର ବାହିନୀ ଜରୁରୀକାଳୀନ ସ୍ଥିତିକୁ ମୁକାବିଲା କରିବାରେ ସକ୍ଷମ। ଆମେ ମହିଳାଙ୍କୁ ଏନଡିଏରେ ପ୍ରବେଶ କରାଇବା ସମୟକୁ ଏକ ବର୍ଷ ପାଇଁ ସ୍ଥଗିତ ରଖିପାରିବୁ ନାହିଁ। ଏହା କହି କେନ୍ଦ୍ରର ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଥିଲେ। ସୁପ୍ରିମକୋର୍ଟର ଜଷ୍ଟିସ ଏସକେ କାଉଲଙ୍କ ନେତୃତ୍ୱାଧିନ ଖଣ୍ଡପୀଠଙ୍କ ନିକଟରେ ସରକାର ଚଳିତ ବର୍ଷ ଏନଡିଏ ପରୀକ୍ଷାରେ ମହିଳାଙ୍କୁ ପ୍ରବେଶ କରାଇବା ନିଷ୍ପତ୍ତିକୁ ସ୍ଥଗିତ ରଖିବାକୁ ନିବେଦନ କରିଥିଲେ। ନଭେମ୍ବର ୧୪ରେ ଆଗାମୀ ପ୍ରବେଶିକା ପରୀକ୍ଷା ହେବାକୁ ଯାଉଛି। ଏଥିରେ ମହିଳାଙ୍କୁ ଅନୁମତି ଦିଆ ନଯିବା ଉଚିତ ବୋଲି ପ୍ରତିରକ୍ଷା ମନ୍ତ୍ରାଳୟ ପକ୍ଷରୁ କୁହାଯାଇଥିଲା। କାରଣ ଏବେ ପ୍ରଶିକ୍ଷଣ ପାଇଁ ମାନଦଣ୍ଡ ଧାର୍ଯ୍ୟ କରାଯାଇନାହିଁ। ଏହା ପ୍ରସ୍ତୁତ କରିବାକୁ ୨୦୨୨ ମେ ପର୍ଯ୍ୟନ୍ତ ସମୟ ଲାଗିବ। ତେବେ ସୁପ୍ରିମକୋର୍ଟ ଝିଅମାନଙ୍କୁ ଚଳିତ ବର୍ଷରୁ ଏହି ପରୀକ୍ଷାରେ ସାମିଲ କରାଇବା ପାଇଁ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ। କୋର୍ଟ କହିଛନ୍ତି ଯେ ୨୦୨୧ ନଭେମ୍ବରରେ ହେବାକୁ ଥିବା ପ୍ରବେଶିକା ପରୀକ୍ଷାରେ ମହିଳାମାନଙ୍କୁ ପ୍ରବେଶ ଅନୁମତି ଦିଆଯିବା ଆବଶ୍ୟକ। ଗୋଟିଏ ବର୍ଷ ପାଇଁ ଏହାକୁ ସ୍ଥଗିତ କରିହେବ ନାହିଁ। ଡାକ୍ତରୀ ମାନକକୁ ପରୀକ୍ଷାମୂଳକ ଭାବରେ ସୂଚିତ କରାଯିବା ଉଚିତ୍। ୟୁପିଏସସି ନଭେମ୍ବରରେ ହେବାକୁ ଥିବା ପରୀକ୍ଷା ପାଇଁ ସଂଶୋଧିତ ବିଜ୍ଞପ୍ତି ଜାରି କରୁ।ସୂଚନା ମୁତାବକ ଏହା ପୂର୍ବରୁ ପ୍ରତିରକ୍ଷା ମନ୍ତ୍ରୀ ୨୦୨୨ରେ ହେବାକୁ ଥିବା ଏନ୍‌ଡିଏ ପରୀକ୍ଷାରେ ଝିଅମାନଙ୍କୁ ସାମିଲ କରାଇବା ପାଇଁ କୋର୍ଟକୁ କହିଥିଲେ। ଏନେଇ ସୁପ୍ରିମକୋର୍ଟରେ ଏକ ସତ୍ୟପାଠ ମଧ୍ୟ ଦାଖଲ କରାଯାଇଥିଲା। ସେଥିରେ କୁହାଯାଇଥିଲା ଯେ



ଯୋଗ୍ୟତା ପର୍ଯ୍ୟାୟରେ ଫିଜିକାଲ ଫିଟନେସର ମାନଦଣ୍ଡ ରହିବା ସହ ସେମାନଙ୍କ ପାଇଁ ଉପଯୁକ୍ତ ତାଲିମ ବ୍ୟବସ୍ଥା ଏବଂ ଆବଶ୍ୟକ ଭିତ୍ତିଭୂମି ନିର୍ମାଣ କରାଯିବ। ବିଶେଷକରି ମେଡିକାଲ୍ ଫିଟ୍ ପ୍ରାର୍ଥୀମାନଙ୍କୁ ଅନୁମତି ଦିଆଯିବ। ଯେମିତି ପୁରୁଷ କ୍ୟାଡେଟଙ୍କ ପାଇଁ ମାନଦଣ୍ଡ ଅଛି ସେହିପରି ମହିଳାଙ୍କ ପାଇଁ ଉପଯୁକ୍ତ ମାନକ ପ୍ରସ୍ତୁତ କରାଯିବ। ତେବେ ସବୁ ମହିଳାଙ୍କ ପାଇଁ ଏକ ସମାନ୍ତରାଳ ଶାରୀରିକ ମାନଦଣ୍ଡ ରହିବ ନାହିଁ ଏବଂ ସେଥିପ୍ରତି ମଧ୍ୟ ଧ୍ୟାନ ଦିଆଯିବ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଥିଲା।ତେବେ ଏହି ପ୍ରସ୍ତାବକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। କୋର୍ଟ କହିଛନ୍ତି ଯେ ଚଳିତ ବର୍ଷ ଠାରୁ ଝିଅମାନେ ଏହି ପରୀକ୍ଷାରେ ସାମିଲ ହେବେ। ପରୀକ୍ଷା ପରେ ଯଦି କୌଣସି ସମସ୍ୟା ଆସୁଛି ତେବେ କେନ୍ଦ୍ର ସରକାର କୋର୍ଟକୁ ଜଣାଇବେ। ଏକ ବର୍ଷ ବିଳମ୍ବ ହେବା ଅର୍ଥ ସବୁକିଛି ଶେଷ କରିଦେବ। ଆଜି କୌଣସି ପରୀକ୍ଷା ନାହିଁ, କାଲି ପରୀକ୍ଷା ହେବା' ଏହା ମହିଳାଙ୍କ ଆକାଂକ୍ଷା ବିରୋଧରେ ଯିବ। ମହିଳାଙ୍କ ଅଧିକାରକୁ ସ୍ଥଗିତ ରଖାଯାଇପାରିବ ନାହିଁ। ସରକାର ଏହା ଭାବିବା ଉଚିତ। ପରୀକ୍ଷାକୁ ସ୍ଥଗିତ ରଖିବା କିମ୍ବା ଟାଳିବା ଏକ ସଠିକ୍ ସଙ୍କେତ ହେବ ନାହିଁ, ଏହାକୁ ଚଳିତ ବର୍ଷଠାରୁ ଆରମ୍ଭ କରିବାକୁ କେନ୍ଦ୍ରକୁ କହିଛନ୍ତି।

## ଭାରତର ଚେତାବନୀ ପରେ କୋଭିସିଲ୍ଡକୁ ମଞ୍ଜୁରି ଦେଲା ବ୍ରିଟେନ

**ଲଣ୍ଡନ,୨୨।୯(ଏଜେନ୍ସି):** ଭାରତର ଚେତାବନୀ ପରେ ବ୍ରିଟେନ ନିଜର ଟିକା ନୀତିରେ ପରିବର୍ତ୍ତନ କରିଛି। ଏବେ ସଂଶୋଧିତ ଯାତ୍ରା ନିୟମରେ ସେରମ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର କରୋନା ଟିକା 'କୋଭିଶିଲ୍ଡ' କୁ ବ୍ରିଟେନ ମଞ୍ଜୁରି ଦେଇଛି। ତେବେ ଭାରତର ଟିକା ପ୍ରମାଣପତ୍ରକୁ ସ୍ୱୀକୃତି ମିଳିନାହିଁ । ଏହା ଉପରେ ଭରଷା କରାଯାଇପାରିବ ନାହିଁ ବୋଲି ବ୍ରିଟେନ ପକ୍ଷରୁ କୁହାଯାଇଛି। ଏଥିଯୋଗୁଁ ବ୍ରିଟେନ ଗସ୍ତ କରୁଥିବା ଭାରତୀୟମାନଙ୍କୁ ସେଠାରେ ୧୦ ଦିନ ପର୍ଯ୍ୟନ୍ତ ସଙ୍ଗରୋଧରେ ରହିବାକୁ ପଡିବ ଏବଂ ପରୀକ୍ଷା କରାଇବାକୁ ହେବ। ବ୍ରିଟେନର ଏହି ନିଷ୍ପତ୍ତି ବର୍ଣ୍ଣବୈଷମ୍ୟ ଆଧାରିତ ବୋଲି ଭାରତୀୟ ନାଗରିକ କହିଥିଲେ। ଭାରତ ସରକାର ମଧ୍ୟ ବ୍ରିଟେନର ନୂଆ ଟିକା ନୀତିକୁ ତୀବ୍ର ବିରୋଧରେ କରିଥିଲେ ଏବଂ 'ଯେସାକୁ ତେସା' ନୀତି ଗ୍ରହଣ କରାଯିବ ବୋଲି ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ଚେତାବନୀ ଦେଇଥିଲେ। ବ୍ରିଟେନର ସଂଶୋଧିତ ନିର୍ଦ୍ଦେଶାବଳୀରେ ଉଲ୍ଲେଖ ରହିଛି ଯେ ଅକ୍ଟୋବର ୪ରୁ ବ୍ରିଟେନ, ୟୁରୋପ, ଆମେରିକା ତଥା ଅନ୍ୟ କିଛି ଦେଶ ଦ୍ୱାରା ଅନୁମତି ପାଇଥିବା ଟିକାର ଦୁଇଟି ଡୋଜ୍ ନେଇଥିବା ଲୋକଙ୍କୁ ଦେଶରେ ପ୍ରବେଶ ପାଇଁ ଅନୁମତି ମିଳିବ। ଏବେ ଆଉ କିଛି ଟିକାକୁ ସ୍ୱୀକୃତିପ୍ରାପ୍ତ ତାଲିକାରେ ସାମିଲ କରାଯାଉଛି। ସେଗୁଡିକ ମଧ୍ୟରେ ଅଷ୍ଟ୍ରାଜେନେକା କୋଭିସିଲ୍ଡ, ଅଷ୍ଟ୍ରାଜେନେକା ଭାକ୍ସଜେଭରିଆ ଓ ମଡର୍ଣ୍ଣା ଟାକେଟା ସାମିଲ ରହିଛି। ଏହି ଟିକାର ଉଭୟ ଡୋଜ୍ ନେଇଥିଲେ ବ୍ରିଟେନରେ ପ୍ରବେଶ ପାଇଁ ଅନୁମତି ମିଳିବ। ତେବେ ମାର୍ଗଦର୍ଶିକାରେ କୁହାଯାଇଛି ଯେ କୋଭିସିଲ୍ଡର ଉଭୟ ଡୋଜ୍ ନେଇଥିଲେ ମଧ୍ୟ ଭାରତୀୟଙ୍କୁ ସଙ୍ଗରୋଧରେ

### ଟିକା ପ୍ରମାଣପତ୍ରକୁ ଦେଲାନି ସ୍ୱୀକୃତି

ରହିବାକୁ ପଡ଼ିବ। କୋଭିସିଲ୍ଡକୁ ନେଇ ଆମର କୌଣସି ଅସୁବିଧା ନାହିଁ। କିନ୍ତୁ ଭାରତରେ ଦିଆଯାଉଥିବା ଟିକା ପ୍ରମାଣପତ୍ର ଉପରେ ସନ୍ଦେହ ରହିଛି। ଭାରତ ସରକାରଙ୍କ ସହ ଟିକା ପ୍ରମାଣପତ୍ରର ମାନ୍ୟତାର ସୀମା ବୃଦ୍ଧି କରିବାକୁ କାର୍ଯ୍ୟ କରୁଛୁ।

ଭାରତୀୟ ବାୟୁସେନାର ପରବର୍ତ୍ତୀ ମୁଖ୍ୟ ହେବାକୁ ଯାଉଥିବା ଏୟାର ମାର୍ସାଲ୍ ଭିଆର୍ ଚୌଧୁରୀ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କୁ ନୂଆଦିଲ୍ଲୀରେ ଭେଟିଛନ୍ତି



■ ପଶ୍ଚିମବଙ୍ଗ ନିର୍ବାଚନ ପରବର୍ତ୍ତୀ ହିଂସା

## ଆଉ ଜଣେ ବିଜେପି ନେତାଙ୍କ ମୃତ୍ୟୁ

**କଲକାତା,୨୨।୯(ଏଜେନ୍ସି):** ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପରେ ହୋଇଥିବା ହିଂସାରେ ଆହତ ହୋଇ ଚିକିତ୍ସିତ ହେଉଥିବା ମଥୁରାପୁର ବିଜେପି ଉପାଧ୍ୟକ୍ଷ ମାନସ ଶାହା ବୁଧବାର ପ୍ରାଣ ହରାଇଛନ୍ତି। ନିର୍ବାଚନ ଫଳାଫଳ ଘୋଷଣା ହେବା ଦିନ ଅର୍ଥାତ୍ ମେ' ୨ ତାରିଖରେ ମାନସ ଶାହା ସମେତ ବିଜେପି କର୍ମୀ ଓ ସମର୍ଥକଙ୍କ ଉପରେ ତୃଣମୂଳ କଂଗ୍ରେସ(ଟିଏମସି) ସମର୍ଥକମାନେ ଆକ୍ରମଣ କରିଥିଲେ। ଡାଇମଣ୍ଡ ହାର୍ବର କଲେଜ ମତଗଣନା କେନ୍ଦ୍ରରୁ ଫେରିବା ସମୟରେ ଏହି ଆକ୍ରମଣ ହୋଇଥିଲା। ଏଥିରେ ମାନସ ଗୁରୁତର ଅସୁସ୍ଥ ଥିଲେ।



ବିଜେପି ପକ୍ଷରୁ ଜାରି ବିବୃତ୍ତିରେ କୁହାଯାଇଛି ଯେ ମାନସ ଶାହାଙ୍କୁ ବୁଧବାର ସକାଳେ ଠାକୁରପୁକୁରର ନର୍ସିଂହୋମକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ବିଜେପି ସାଂସଦ ଅର୍ଜୁନ ସିଂ ହସ୍ପିଟାଲରେ ପହଞ୍ଚି ତାଙ୍କ ପରିବାର ସଦସ୍ୟ ଓ ବିଜେପି କର୍ମଚାରୀଙ୍କ ସହ କଥା ହୋଇଥିଲେ। ବିଜେପି ନେତାଙ୍କ ପରିବାର ସଦସ୍ୟ ପୁଲିସ ଏଫଆଇଆର ଦାଖଲ କଲେ ମାମଲାକୁ ସିବିଆଇକୁ ହସ୍ତାନ୍ତର କରାଯିବ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ନିର୍ବାଚନ ପରବର୍ତ୍ତୀ ହିଂସା ମାମଲାରେ ଆଉ ଏକ ଏଫ୍‌ଆଇଆର୍ ରୁଜୁ କରିଛି। ଏ ପର୍ଯ୍ୟନ୍ତ ମୋଟ ୩୯ ଏଫଆଇଆର ରୁଜୁ କରାଗଲାଣି।

## ଦିନକରେ ୨୬୯୬୪ ନୂଆ ସଂକ୍ରମିତ

**ନୂଆଦିଲ୍ଲୀ,୨୨।୯(ଏଜେନ୍ସି):** ଭାରତରେ କରୋନା ସଂକ୍ରମଣ କ୍ରମାଗତ ଭାବେ ହ୍ରାସ ପାଇବାରେ ଲାଗିଛି। ଗତ ୨୪ ଘଣ୍ଟା ମଧ୍ୟରେ ଦେଶରୁ ୨୬୯୬୪ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହି ସମୟରେ ୩୮୩ ଆକ୍ରାନ୍ତ ମଧ୍ୟ ପ୍ରାଣ ହରାଇଛନ୍ତି। ଏହା ସହିତ ମୋଟ ମୃତ୍ୟୁସଂଖ୍ୟା ୪୪୫୭୬୮କୁ ଏବଂ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩୩୫୩୧୪୯୮କୁ ବୃଦ୍ଧି ପାଇଛି। ଏବେ ୩,୦୧,୯୮୯ ରୋଗୀ ଚିକିତ୍ସିତ ହେଉଛନ୍ତି। ଏହା ୧୮୬ ଦିନରେ ସର୍ବନିମ୍ନ। ମୋଟ ସଂକ୍ରମଣରେ ସକ୍ରିୟ ରୋଗୀସଂଖ୍ୟା ୦.୯୦ ପ୍ରତିଶତ ରହିଛି। ଏହା ଗତ ବର୍ଷ ମାର୍ଚ୍ଚ ମାସ ପରଠାରୁ ସବୁଠାରୁ କମ। ଏହି ସମୟରେ ୩୪,୧୬୭ ରୋଗୀ ମଧ୍ୟ ସୁସ୍ଥ ହୋଇଛନ୍ତି। ଏବେ ଦୈନିକ ସଂକ୍ରମଣ ହାର ୧.୬୯ ପ୍ରତିଶତ ଏବଂ ସାପ୍ତାହିକ ସଂକ୍ରମଣ ହାର ୨.୦୮ ପ୍ରତିଶତ ରହିଛି। ଆରୋଗ୍ୟ ହାର ୯୭.୭୭ ପ୍ରତିଶତ ଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ୧୫୯୨୩୯୫ ନମୁନା ପରୀକ୍ଷା କରାଯାଇଛି। ଏ ପର୍ଯ୍ୟନ୍ତ ମୋଟ ୫୫୬୭୫୪୨୮୨ ନମୁନା ପରୀକ୍ଷା କରାଗଲାଣି।

■ ସକ୍ରିୟ ରୋଗୀସଂଖ୍ୟା ୧୮୪ ଦିନରେ ସର୍ବନିମ୍ନ

■ ଦୈନିକ ସଂକ୍ରମଣ ହାର ୧.୬୯%

■ ଆମେରିକା ଗଲେ ପ୍ରଧାନମନ୍ତ୍ରୀ

## ଆଫଗାନିସ୍ତାନ ଦେଇ ଗଲାନି ମୋଦୀଙ୍କ ବିମାନ



**ନୂଆଦିଲ୍ଲୀ, ୨୨।୯(ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ଆମେରିକା ଗସ୍ତରେ ଯାଇଛନ୍ତି। ତେବେ ଆଫଗାନିସ୍ତାନ ବାୟୁସୀମା ଦେଇ ତାଙ୍କ ବିମାନ ଯାଇନାହିଁ। ସୁରକ୍ଷା କାରଣରୁ ଏହି ନିଷ୍ପତ୍ତି ନିଆଯାଇଛି। ସେ ଆମେରିକା ଯିବା ପାଇଁ ପାକିସ୍ତାନ ବାୟୁସୀମାକୁ ବ୍ୟବହାର କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ସହ ଏୟାରଫୋର୍ସ ୱାନରେ ଏନଏସଏ ଅଜିତ ଡୋଭାଲ, ବୈଦେଶିକ ସଚିବ ହର୍ଷବର୍ଦ୍ଧନ ଶ୍ରିଙ୍ଗଲାଙ୍କ ସମେତ ବରିଷ୍ଠ ଅଧିକାରୀ ଆମେରିକା ଗସ୍ତରେ ଯାଇଛନ୍ତି। ସୂଚନା ଅନୁଯାୟୀ ପ୍ରଧାନମନ୍ତ୍ରୀଙ୍କ ବିମାନ ଲାଗି ପାକିସ୍ତାନ ବାୟୁସୀମା ବ୍ୟବହାର ଲାଗି ଅନୁମତି ମଗା ଯାଇଥିଲା। ଇସଲାମାବାଦ ଏ ନେଇ ମଞ୍ଜୁରୀ ଦେଇଥିଲା। ଭାରତରୁ ଆମେରିକା ଯିବା ପାଇଁ ପାକିସ୍ତାନ କିମ୍ବା ଆଫଗାନ ବାୟୁସୀମା ଦେଇ ଯିବାକୁ ପଡିଥାଏ। ଏହା ପରେ ବିମାନ ତାଜାକିସ୍ତାନ ସୀମା ଦେଇ ଉତ୍ତର ଆଟଲାଣ୍ଟିକ ସାଗର ଉପରେ ଯାଇଥାଏ। ତେବେ ଅନ୍ୟ ଆମେରିକୀୟ ସହରକୁ ଯିବାକୁ ହେଲେ ଯାତ୍ରାପଥରେ ପରିବର୍ତ୍ତନ ହୋଇଥାଏ। ନୂଆଦିଲ୍ଲୀରୁ ଆମେରିକା ପହଞ୍ଚିବା ଲାଗି ପ୍ରଧାନମନ୍ତ୍ରୀଙ୍କ ବିମାନକୁ ୧୫ ଘଣ୍ଟା ଲାଗିବ। ତେବେ ଆଫଗାନ ଦେଇଗଲେ ଅଧିକ ସମୟ ଲାଗିଥାଏ। ଆଫଗାନକୁ କବ୍‌ଜା କରିବା ପରେ ତାଲିବାନ ଅଗଷ୍ଟ ୧୬ରେ ବାଣିଜ୍ୟିକ ଉଡାଣ ପାଇଁ ନିଜ ବାୟୁସୀମାକୁ ବନ୍ଦ କରିଦେଇଥିଲା। ଭାରତ ସରକାର ମଧ୍ୟ ଏୟାରଲାଇନ କମ୍ପାନୀଗୁଡିକୁ ଆଫଗାନ ବାୟୁସୀମା ବ୍ୟବହାର ନ କରିବାକୁ କହିଥିଲେ। ଏହା ପୂର୍ବରୁ ୨୦୧୯ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏବଂ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିମାନକୁ ନିଜ ବାୟୁସୀମା ବ୍ୟବହାର ପାଇଁ ପାକିସ୍ତାନ ଅନୁମତି ଦେଇନଥିଲା। ଭାରତ ଏହି ପ୍ରସଙ୍ଗ ସିଭିଲ ଆଭିଏସନ ଅର୍ଗାନାଇଜେସନ(ଆଇସିଏଓ)ରେ ଉଠାଇଥିଲା।

ପ୍ରଧାନମନ୍ତ୍ରୀ ମୋଦୀ ଏହି ୪ ଦିନିଆ ଗସ୍ତରେ ଆମେରିକା ରାଷ୍ଟ୍ରପିତ ଜୋ ବାଇଡେନ, ଉପରାଷ୍ଟ୍ରପତି କମଳା ହ୍ୟାରିସଙ୍କୁ ଭେଟି ଦ୍ୱିପାକ୍ଷିକ ଆଲୋଚନା କରିବା ସହିତ ୟୁଏନଜିଏ ବୈଠକକୁ ସମ୍ବୋଧନ କରିବେ। ସେ କ୍ୱାଡ ରାଷ୍ଟ୍ରଗୁଡିକର ସମ୍ମିଳନୀରେ ମଧ୍ୟ ସାମିଲ ହେବେ। ଏହି ଗସ୍ତ ପୂର୍ବରୁ ମୋଦୀ କହିଛନ୍ତି ଯେ ସେ ବାଇଡେନଙ୍କ ଆମନ୍ତ୍ରଣରେ ୨୦୨୧ ସେପ୍ଟେମ୍ବର ୨୨ରୁ ୨୫ ତାରିଖ ପର୍ଯ୍ୟନ୍ତ ଆମେରିକା ଗସ୍ତରେ ଯିବେ । ଏହି ଅବସରରେ ବାଇଡେନଙ୍କ ସହ ଭାରତ-ଆମେରିକା ବ୍ୟାପକ ଅନ୍ତର୍ଜାତୀୟ ରଣନୀତିକ ସହଯୋଗିତା ଓ ପରସ୍ପର ସ୍ୱାର୍ଥ ସହ ଜଡ଼ିତ ଆଞ୍ଚଳିକ ଓ ଅନ୍ତର୍ଜାତୀୟ ପ୍ରସଙ୍ଗ ଉପରେ ଆଲୋଚନା କରିବେ । ସେ ଉପରାଷ୍ଟ୍ରପତି କମଳା ହାରିସଙ୍କୁ ସାକ୍ଷାତ କରି ଉଭୟ ଦେଶ ମଧ୍ୟରେ ନିର୍ଦ୍ଦିଷ୍ଟ ଭାବେ ବିଜ୍ଞାନ ଓ ପ୍ରଯୁକ୍ତି କ୍ଷେତ୍ରରେ ସହଯୋଗର ସମ୍ଭାବନା ଉପରେ ଆଲୋଚନ କରିବେ । ଏହା ବ୍ୟତୀତ ବାଇଡେନ, ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ ମୋରିସନ ଏବଂ ଜାପାନ ପ୍ରଧାନମନ୍ତ୍ରୀ ୟୋଶିହିଦେ ସୁଗାଙ୍କ ସହ ବ୍ୟକ୍ତିଗତ ଭାବେ ପ୍ରଥମ କ୍ୱାଡ ନେତା ଶିଖର ସମ୍ମିଳନୀରେ ସାମିଲ ହେବେ । ଏହି ସମ୍ମିଳନୀରେ ଚଳିତବର୍ଷ ମାର୍ଚ୍ଚରେ ହୋଇଥିବା ନିର୍ଯ୍ୟାସଗୁଡ଼ିକର ପ୍ରଗତି ସଂକ୍ରାନ୍ତରେ ବିଚାରବିମର୍ଶ କରାଯିବ। ଏହା ଭାରତ-ପ୍ରଶାନ୍ତ ମହାସାଗର କ୍ଷେତ୍ର ନିମନ୍ତେ ମିଳିତ ଦୃଷ୍ଟିକୋଣ ଆଧାରରେ ଭବିଷ୍ୟତ କାର୍ଯ୍ୟକଳାପର ପ୍ରାଥମିକତାଗୁଡ଼ିକୁ ରେଖାଙ୍କିତ ପାଇଁ ସୁଯୋଗ ପ୍ରଦାନ କରିବ ।ଏହି ଗସ୍ତରେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ମୋରିସନ ଓ ଜାପାନ ପ୍ରଧାନମନ୍ତ୍ରୀ ସୁଗାଙ୍କୁ ମଧ୍ୟ ମୋଦୀ ସାକ୍ଷାତ କରି ଦ୍ୱିପାକ୍ଷିକ ସମ୍ପର୍କ ବାବଦରେ ତଥା ଆଞ୍ଚଳିକ ଏବଂ ଅନ୍ତର୍ଜାତୀୟ ପ୍ରସଙ୍ଗ ସହ ଜଡ଼ିତ ପ୍ରସଙ୍ଗରେ ଆଲୋଚନା କରିବେ।

### ୟୁଏନଜିଏରେ କାଶ୍ମୀର ପ୍ରସଙ୍ଗ ଉଠାଇଲା ତୁର୍କୀ

# ସାଇପ୍ରସକୁ ନେଇ କଡ଼ା ଜବାବ ଦେଲେ ଜୟଶଙ୍କର

**ନ୍ୟୁୟର୍କ, ୨୨।୯(ଏଜେନ୍ସି)**

ମିଳିତ ଜାତିସଂଘ ମହାସଭା (ୟୁଏନଜିଏ)ର ୭୬ତମ ଅଧିବେଶନରେ ତୁର୍କୀକୁ କଡ଼ା ଜବାବ ଦେଇଛି ଭାରତ। ତୁର୍କୀ ରାଷ୍ଟ୍ରପତି ରେସେପି ତାଇପେ ଏରୋଡଗାନ ୟୁଏନଜିଏରେ ଅଭିଭାଷଣ ରଖି କାଶ୍ମୀର




ପ୍ରସଙ୍ଗ ଉଠାଇବାରୁ ଏହାର କଡା ଜବାବ ଦେଇଥିଲେ ଭାରତର ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର। ସେ ସାଇପ୍ରସ ପ୍ରସଙ୍ଗ ଉଲ୍ଲେଖ କରି ତୁର୍କୀକୁ ଘେରିଥିଲେ। ତୁର୍କୀ ଅନେକ ଦଶନ୍ଧି ହେଲା ସାଇପ୍ରସର ସିଂହ ଭାଗକୁ ବେଆଇନ ଭାବେ କବ୍‌ଜା କରିନେଇଛି। ଏହି ପ୍ରସଙ୍ଗରେ ଜାତିସଂଘରେ ମଧ୍ୟ ପ୍ରସ୍ତାବ ପାରିତ ହୋଇଛି। କିନ୍ତୁ ତୁର୍କୀ ଏହାକୁ ମାନୁନାହିଁ। ଜୟଶଙ୍କର ନିଜର ସାଇପ୍ରସ ସମକକ୍ଷ ନିକୋସ କ୍ରିଷ୍ଟୋଡୌଲାଇଡ୍ସଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ଏହି ସମୟରେ ସେ ମିଳିତ ଜାତିସଂଘ ସୁରକ୍ଷା ପରିଷଦ(ୟୁଏନଏସସି)ରେ ସାଇପ୍ରସ ପ୍ରସଙ୍ଗରେ ପାରିତ ପ୍ରସ୍ତାବ ପାଳନର ଆବଶ୍ୟକତା ଉପରେ ଜୋର ଦେଇଥିଲେ। ଜୟଶଙ୍କର ବୁଧବାର ଟ୍ୱିଟ କରି କହିଛନ୍ତି ଯେ ଉଭୟ ଦେଶ ଆର୍ଥିକ ସମ୍ବନ୍ଧକୁ ଆହୁରି ବୃଦ୍ଧି କରିବା ପାଇଁ କାର୍ଯ୍ୟ କରୁଛନ୍ତି। ଜୟଶଙ୍କର କ୍ରିଷ୍ଟୋଡୌଲାଇଡ୍ସଙ୍କ ଆଞ୍ଚଳିକ ଜ୍ଞାନକୁ ପ୍ରଶଂସା କରିଛନ୍ତି। ସମସ୍ତେ ସାଇପ୍ରସ ପ୍ରସଙ୍ଗରେ ପାରିତ ପ୍ରସ୍ତାବକୁ ପାଳନ କରିବା ଉଚିତ ବୋଲି ସେ କହିଥିଲେ।

ଏରୋଡଗାନ ମଙ୍ଗଳବାର ୟୁଏନଜିଏରେ କହିଥିଲେ ଯେ କାଶ୍ମୀରକୁ ନେଇ ୭୪ ବର୍ଷ ହେଲା ଜାରି ରହିଥିବା ସମସ୍ୟାକୁ ଉଭୟ ରାଷ୍ଟ୍ର ଆଲୋଚନା ତଥା ଜାତିସଂଘର ପ୍ରାସଙ୍ଗିକ ପ୍ରସ୍ତାବ ମାଧ୍ୟମରେ ସମାଧାନ କରିବା ଉଚିତ। ଏହା ପୂର୍ବରୁ ମଧ୍ୟ ସେ ଜାତିସଂଘରେ କାଶ୍ମୀର ପ୍ରସଙ୍ଗ ଉଠାଇଥିଲେ। ତେବେ ଭାରତ ଏହାକୁ କଡା ବିରୋଧ କରିଥିଲା। ସୂଚନାଯୋଗ୍ୟ ଯେ ୧୯୭୪ରେ ୟୁନାନ ସରକାରର ସମର୍ଥନରେ ସେନା କ୍ଷମତା ଦଖଲ କରିବା ପରଠାରୁ ସାଇପ୍ରସରେ ସଂଘର୍ଷ ଆରମ୍ଭ ହୋଇଥିଲା। ଏହା ପରେ ତୁର୍କୀ ୟୁନାନର ଉତ୍ତର ଭାଗରେ ଆକ୍ରମଣ କରିଥିଲା। ଭାରତ ଜାତିସଂଘ ପ୍ରସ୍ତାବ ମାଧ୍ୟମରେ ଏହି ମାମଲାର ଶାନ୍ତିପୂର୍ଣ୍ଣ ସମାଧାନ ଦାବି କରିଛି। ପାକିସ୍ତାନ ପରେ ତୁର୍କୀ ଭାରତ ବିରୋଧୀ କାର୍ଯ୍ୟକଳାପର କେନ୍ଦ୍ର ବନିଯାଇଛି। ରିପୋର୍ଟ ଅନୁଯାୟୀ କେରଳ ଏବଂ କାଶ୍ମୀର ସମେତ ଦେଶର ଅନେକ ଭାଗରେ ଚାଲିଥିବା ଚରମପନ୍ଥୀ କାର୍ଯ୍ୟକଳାପ ପାଇଁ ତୁର୍କୀ ପାଣ୍ଠି ଯୋଗାଉଛି। ତୁର୍କୀ ଭାରତରେ ମୁସଲମାନଙ୍କ ମଧ୍ୟରେ ଚରମପନ୍ଥୀ ଚିନ୍ତାଧାର ବୃଦ୍ଧି କରୁଛି ଏବଂ ସେମାନଙ୍କୁ ନିଯୁକ୍ତି କରିବାକୁ ପ୍ରୟାସ କରୁଛି। ଦକ୍ଷିଣ ଏସିଆର ମୁସଲମାନଙ୍କ ମଧ୍ୟରେ ପ୍ରଭାବ ବିସ୍ତାର କରିବା ପାଇଁ ତୁର୍କୀ ଏପରି କରୁଛି।

## ଜାତିସଂଘ ପ୍ରତିନିଧିଙ୍କ ନାମ ଘୋଷଣା କଲା ତାଲିବାନ


**କାବୁଲ, ୨୨।୯(ଏଜେନ୍ସି):** ଆଫଗାନିସ୍ତାନକୁ କବ୍‌ଜା କରି ସରକାର ଗଠନ କରିବା ପରେ ତାଲିବାନ ବିଶ୍ୱ ସମୁଦାୟର ସ୍ୱୀକୃତି ପାଇବା ଉଦ୍ୟମ ଆରମ୍ଭ କରିଛି। ତାଲିବାନ ଏଥିପାଇଁ ବିଶ୍ୱ ନେତାଙ୍କୁ ସମ୍ବୋଧନ କରିବାକୁ ଚାହୁଁଛି। ମିଳିତ ଜାତିସଂଘ ମହାସଭା(ୟୁଏନଜିଏ)ରେ କହିବା ପାଇଁ ଏହି ଚରମପନ୍ଥୀ ସଂଗଠନ ଅନୁମତି ମାଗିଛି। ତାଲିବାନର ମୁଖପାତ୍ର ସୁହେଲ ସାହିନକୁ ଜାତିସଂଘ ପାଇଁ ରାଷ୍ଟ୍ରଦୂତ ଭାବରେ ଘୋଷଣା କରିଛି। ତାଲିବାନକୁ ବୟକଟ୍ ନ କରିବା ପାଇଁ ବିଶ୍ୱ ନେତାଙ୍କୁ କତାରର ଏମିର(ମୁଖ୍ୟ ଶାସକ) ତମିମ ବିନ ହମଦ ଅଲ ଥାନି ନିବେଦନ କରିଛନ୍ତି। ଏଭଳି କରିବା ଦ୍ୱାରା କୌଣସି ସମଧାନ ହେବ ନାହିଁ। ବିଶ୍ୱ ତାଲିବାନକୁ ମାନ୍ୟତା ଦେଉ ବୋଲି ସେ ଚାହୁଁଛନ୍ତି। ତେବେ ତାଲିବାନ ସହ ଆଲୋଚନା କରିବାକୁ ଚାହୁଁନଥିବା ରାଷ୍ଟ୍ରମାନଙ୍କ ଉଦେଶ୍ୟରେ ସେ ଏପରି କହିଛନ୍ତି।

ସୋମବାର ତାଲିବାନର ବୈଦେଶିକ ମନ୍ତ୍ରୀ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁତରେସେଙ୍କୁ ଚିଠି ଲେଖି ୟୁଏନଜିଏ ଉଚ୍ଚସ୍ତରୀୟ ବୈଠକରେ ସମ୍ବୋଧନ ଲାଗି ଅନୁମତି ଦେବାକୁ ଅନୁରୋଧ କରିଛନ୍ତି। ଏହି ଚିଠି ଗୁତରେସେ ପାଇଥିବା ମଧ୍ୟ କହିଛନ୍ତି। ଆଫଗାନର ପୂର୍ବତନ ରାଷ୍ଟ୍ରଦୂତ ଗୁଲାମ ଏସ ଇସାକଜଇଙ୍କୁ ତାଲିବାନ ହଟାଇବାକୁ ଚାହୁଁଛି। ତେବେ ଏହି ଅନୁରୋଧ ଉପରେ କମିଟି ନିଷ୍ପତ୍ତି ନେବ ବୋଲି ମହାସଚିବଙ୍କ ମୁଖପାତ୍ର କହିଛନ୍ତି।



ସକାଳ
THE SAKALA

# ସଂପାଦକୀୟ



ବିଶ୍ୱ ଇତିହାସରେ ସବୁବେଳେ ସତ୍ତାଧାରୀ ଶକ୍ତି ଓ ସାମାଜିକ ନ୍ୟାୟ ମଧ୍ୟରେ ହିଁ ସଂଘର୍ଷ ହୋଇଆସିଛି
-ବିଶ୍ୱବିଖ୍ୟାତ ଐତିହାସିକ ଆର୍‌ନଲ୍ଡ ଟୟନବି

### ଓଡ଼ିଶାରେ କୋଭିଡ୍ ଟିକାକରଣ କାର୍ଯ୍ୟକ୍ରମ

## ଡିସେମ୍ବର ସୁଦ୍ଧା ସମସ୍ତଙ୍କୁ ପ୍ରଥମ ପାନ

ଓଡ଼ିଶାରେ କରୋନା ସଂକ୍ରମଣ କମିଛି ସତ; କିନ୍ତୁ ଏହା ସମ୍ପୂର୍ଣ୍ଣଭାବେ ନିୟନ୍ତ୍ରଣକୁ ଆସିନାହିଁ। ଦୈନିକ ସଂକ୍ରମଣ ସଂଖ୍ୟା କ୍ରମାଗତ ଭାବେ କିଛିଦିନ ଧରି ୫୦୦ ତଳେ ରହୁଛି। ଏବେ କେବଳ ଖୋରଧା ଜିଲ୍ଲାର ସଂକ୍ରମଣସ୍ଥିତି ଚିନ୍ତାଜନକ ଅଛି। ଏଠାରେ ସଂକ୍ରମିତଙ୍କ ହାର ମୋଟ ରାଜ୍ୟ ସଂକ୍ରମିତଙ୍କ ହାରର ପ୍ରାୟ ୪୦ ଶତାଂଶ। ରାଜଧାନୀ ଭୁବନେଶ୍ୱର ଭଳି ଜନବହୁଳ ସହର ପାଇଁ ଖୋରଧା ଜିଲ୍ଲାରେ ଯେ ସଂକ୍ରମଣ ହାର ଅଧିକ ରହୁଛି ଏହା ସ୍ପଷ୍ଟ। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ କେବଳ ଭୁବନେଶ୍ୱର ନଗରୀ ଉପରେ ଦୃଷ୍ଟି କେନ୍ଦ୍ରୀତ କରିନାହାନ୍ତି, ଅନ୍ୟାନ୍ୟ ସଂକ୍ରମଣ ପ୍ରବଣ ଜିଲ୍ଲା ଓ ସହର ଉପରେ ମଧ୍ୟ ଧ୍ୟାନ ଦେଇ କାମ କରୁଛନ୍ତି। ଇତିମଧ୍ୟରେ ରାଜ୍ୟ ସରକାର ଘୋଷଣା କରିଛନ୍ତି ଯେ ଆସନ୍ତା ଡିସେମ୍ବର ମାସ ସୁଦ୍ଧା ରାଜ୍ୟର ସବୁ ବୟସବର୍ଗର ଲୋକଙ୍କୁ ଅତିକମ୍‌ରେ ଗୋଟିଏ ଡୋଜ୍ ଟିକା ଦେବେ। ସମୟ କମ୍ ଥିବା ଦୃଷ୍ଟିରୁ ଲକ୍ଷ୍ୟ ବଡ଼ ଲାଗୁଛି; କିନ୍ତୁ ଅସମ୍ଭବ ନୁହେଁ। ଆବଶ୍ୟକୀୟ ଦ୍ରୁତ ଟିକାକରଣ ପାଇଁ ରାଜ୍ୟରେ ଯଥେଷ୍ଟ ପ୍ରଶିକ୍ଷିତ କର୍ମଚାରୀ ଅଛନ୍ତି ଏବଂ ଏହା ଆଗରୁ ମଧ୍ୟ ଦୈନିକ ରେକର୍ଡ ଟିକାଦାନ ସଂଖ୍ୟା ହାସଲ କରାଯାଇପାରିଛି। ଆଗଭଳି ଏବେ ଆଉ ଟିକା ନେବା ପାଇଁ ଲୋକଙ୍କ ମନରେ ଦ୍ୱିଧା ନାହିଁ।

ଚଳିତବର୍ଷ ଜାନୁଆରୀ ୧୬ ତାରିଖରୁ ରାଜ୍ୟରେ ଟିକାକରଣ ଆରମ୍ଭ ହୋଇଥିଲା। ଏ ପର୍ଯ୍ୟନ୍ତ ୨.୮୩ କୋଟିରୁ ଅଧିକ ଡୋଜ୍ ଟିକା ଦିଆଯାଇସାରିଲାଣି। ବ୍ୟକ୍ତି ହିସାବରେ ଗଣନା କଲେ ୨.୦୮ କୋଟି ଲୋକ ରାଜ୍ୟରେ ପ୍ରଥମ ଡୋଜ୍ ଟିକା ନେଇଛନ୍ତି ଓ ମାତ୍ର ୭୫ ଲକ୍ଷଙ୍କୁ ସମ୍ପୂର୍ଣ୍ଣ (ଦୁଇଡୋଜ୍) ଟିକା ଦିଆଯାଇଛି। ଅବଶ୍ୟ ଆମକୁ ମନେ ରଖିବାକୁ ପଡ଼ିବ ଯେ ଏବେ ମଧ୍ୟ ରାଜ୍ୟର ପ୍ରାୟ ୩ କୋଟି ଲୋକ ପ୍ରଥମ ଡୋଜ୍ ଟିକା ଅପେକ୍ଷାରେ ଅଛନ୍ତି। ଏଥିରେ ୧୮ ବର୍ଷରୁ ତଳ କିଶୋର,କିଶୋରୀ ଓ ଶିଶୁ ସାମିଲ୍ ଅଛନ୍ତି। ରାଜ୍ୟରେ ଯେଉଁ ବେଗ ଓ ଗତିରେ ଟିକାଦାନ ଚାଲିଥିଲା କେନ୍ଦ୍ରରୁ ଟିକା ମିଳିବାରେ ବିଳମ୍ବ ଯୋଗୁଁ ତାହା ଧିମେଇ ଯାଇଥିଲା। ଏବେ ଟିକା ଯୋଗାଣ ବଢ଼ିବା ପରେ ପୁନର୍ବାର ସେ କାମ ତ୍ୱରାନ୍ୱିତ ହେଉଛି। ସଂକ୍ରମଣ ଧିମେଇବା ସତ୍ତ୍ୱେ ଟିକାଦାନ କେନ୍ଦ୍ରରେ ଲୋକଙ୍କର ଅସମ୍ଭବ ଭିଡ଼ ହେଉଛି ଏବଂ କେତେକ ସ୍ଥାନରେ ଗଣ୍ଡଗୋଳ ମଧ୍ୟ ଘଟୁଛି। ତେଣୁ ଏହି ଟିକାଦାନ ପ୍ରକ୍ରିୟାକୁ ଅଧିକ ସୁସଂହତ ତଥା ଶୃଙ୍ଖଳିତ କରିବାର ଆବଶ୍ୟକତା ରହିଛି।

ରାଜ୍ୟ ପାଖରେ ଗତ ମଙ୍ଗଳବାର ସୁଦ୍ଧା ୨୦.୫୧ ଲକ୍ଷ ଡୋଜ୍ କୋଭିସିଲ୍ଡ ଓ ୧.୮୪ ଲକ୍ଷ ଡୋଜ୍ କୋଭାକ୍ସିନ୍ ଟିକା ମହଜୁଦ୍ ଥିଲା। ଟିକାର ଅଭାବ ନଥିବାରୁ ରେକର୍ଡ ୪.୧୬ ଲକ୍ଷ ଲୋକଙ୍କୁ ଗୋଟିଏ ଦିନରେ ଟିକା ପ୍ରଦାନ କରାଯାଇପାରିଛି। ଏହି ହାର ଅବ୍ୟାହତ ରହିଲେ ରାଜ୍ୟ ସରକାର ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ତାହା ପୂରଣ ହେବା ଅସମ୍ଭବ ମନେ ହୁଏ ନାହିଁ। ଏହାସହିତ ପିଲାଙ୍କ ପାଇଁ ଯଦି କୋଭିଡ୍ ଟିକା ଶୀଘ୍ର ଆସିଯାଏ, ତା'ହେଲେ ଟିକାଦାନ କ୍ଷେତ୍ରରେ ଏହି ସମୟରେ ଅତିରିକ୍ତ ଚାପ ନିଶ୍ଚିତ ପଡ଼ିବ।

ଟିକା ନେଲେ ଯେ କରୋନା ହେବ ନାହିଁ- ଏ କଥା ନୁହେଁ, କିନ୍ତୁ ଗୋଟିଏ ହେଉ ଅବା ଦୁଇଟି ଡୋଜ୍ ଟିକା ନେଇଥିବା ଲୋକ ସଂକ୍ରମିତ ହେଲେ ରୋଗ ବିଶେଷ ପ୍ରଭାବ ଦେଖାଇ ପାରୁନାହିଁ ଓ ମୃତ୍ୟୁ ଆଶଙ୍କା ଅନେକାଂଶରେ ଦୂର ହେଉଛି। ସେଥିପାଇଁ ଟିକା ନେବାକୁ ଲୋକଙ୍କ ମଧ୍ୟରେ ବିଶେଷ ଆଗ୍ରହ ପ୍ରକାଶ ପାଉଛି। ଟିକା କ୍ଷେତ୍ରରେ ଦେଶ ଆତ୍ମନିର୍ଭରସ୍ତରରେ ପହଞ୍ଚିଲାଣି। ଆସନ୍ତା ମାସରୁ କେନ୍ଦ୍ର ସରକାର ବିଦେଶକୁ ଟିକା ରପ୍ତାନୀ କରିବାକୁ ନିଷ୍ପତ୍ତିରୁ ପ୍ରତୀୟମାନ ହେଉଛି ଯେ ଆଉ ରାଜ୍ୟମାନଙ୍କୁ ଟିକା ଯୋଗାଣରେ ଅସୁବିଧା ହେବ ନାହିଁ। ଏବେ ଦୁଇ ଡୋଜ୍ ଟିକା ନେବା ମଧ୍ୟରେ ଯେଉଁ ବ୍ୟବଧାନ ରହିଥିଲା ତାହା ମଧ୍ୟ କମିବା ଉଚିତ୍। ତାହା ହେଲେ ଟିକାଦାନ ପ୍ରକ୍ରିୟାର ଗତି ତ୍ୱରାନ୍ୱିତ ହେବ।

ଗୋଟିଏ ଦିନରେ ରେକର୍ଡ ଚାରିଲକ୍ଷରୁ ଅଧିକ ଡୋଜ୍ ଟିକା ଦିଆଯିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ ପ୍ରଶାସନ ଓ ସ୍ୱାସ୍ଥ୍ୟସେବା କର୍ମଚାରୀଙ୍କୁ ପ୍ରଶଂସା କରି ସେମାନଙ୍କର ଉତ୍ସାହ ବଢ଼ାଇଛନ୍ତି। ଏହି ସଫଳତା ପ୍ରମାଣିତ କରିଛି ଯେ ଆମର ବହୁ ଅଧିକ ଟିକା ଦେବାର ସାମର୍ଥ୍ୟ ରହିଛି। ତେଣୁ ସମ୍ଭାବ୍ୟ ତୃତୀୟ ଲହର ଆସୁ କି ନ ଆସୁ ଆମେ ସମସ୍ତେ ଯେତେଶୀଘ୍ର ଅତିକମ୍‌ରେ ଗୋଟିଏ ଡୋଜ୍ ଟିକା ନେଇପାରିବା ସେତେ ଭଲ ହେବ।

ଟିକାଦାନ ତ୍ୱରାନ୍ୱିତ ବେଗରେ ଚାଲୁ; ଏଥିସହିତ ସାଧାରଣ କୋଭିଡ୍ ନିୟମ ପାଳନ ମଧ୍ୟ ଜାରି ରହୁ। ଆମେ ଦେଖୁଛନ୍ତି ଯେ ଭିଡ଼, ଗହଳି, ଅସାବଧାନତା ଓ ତ୍ରୁଟିବିଚ୍ୟୁତିର ସୁଯୋଗ ନେଇ କରୋନା ନୂଆ ରୂପରେ ଆକ୍ରମଣ କରୁଛି। ଆସନ୍ନ ପାର୍ବଣ ସମୟ ସେ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ସରକାର ଓ ଜନସାଧାରଣ ଉଭୟଙ୍କୁ ବିଶେଷ ସତର୍କ ରହିବାକୁ ପଡ଼ିବ।

### ତାଲିବାନ୍ କବଳରେ ଆଫଗାନିସ୍ତାନ

# ଭାରତୀୟ କୂଟନୀତି ପାଇଁ ଜଟିଳ ପ୍ରଶ୍ନ



ସନ୍ତୋଷ କୁମାର ମିଶ୍ର
କଟକ, ମୋ: ୯୪୩୭୧୨୮୪୬୪

ଆଫଗାନିସ୍ତାନରୁ ମାର୍କିନ ସୈନ୍ୟ ପ୍ରତ୍ୟାହୃତ ହେବା ପରେ ତାଲିବାନ ପୁଣି ଥରେ ସେଠାରେ ଶାସନ କ୍ଷମତା ଦଖଲ କରିଛି। ବିଗତ ୨୦ ବର୍ଷ ଧରି କିଛିଟା ଆଶ୍ୱସ୍ତ ଥିବା ଆଫ୍‌ଗାନିସ୍ତାନବାସୀ ପୁଣି ଥରେ ଆତଙ୍କିତ ଓ ଅସ୍ଥିର ଅବସ୍ଥାରେ ରହିଛନ୍ତି। ଆଫ୍‌ଗାନିସ୍ତାନ ତାଲିବାନୀ ହାତକୁ ଆସିବା ପରେ କେବଳ ସେଠାରେ ଶାନ୍ତି ଓ ସ୍ଥିରତା ବ୍ୟାହତ ହୋଇନାହିଁ, ବରଂ ଦକ୍ଷିଣ-ମଧ୍ୟ-ଏସିଆରେ ରାଜନୀତି ଓ କୂଟନୀତିର ନୂଆ ସମୀକରଣ ସୃଷ୍ଟି ହୋଇଛି।

୨୦୦୧ରେ ଆତଙ୍କବାଦୀ ସଂଗଠନ ଅଲକାଏଦାର ଭୟଙ୍କର ଆକ୍ରମଣରେ ଆମେରିକାର ବିଶ୍ୱ ବାଣିଜ୍ୟ କେନ୍ଦ୍ରର ଦୁଇଟି ନଭଶ୍ଚୁମ୍ବୀ ଅଟ୍ଟାଳିକା ଧୂଳିସାତ ହେବା ପରେ ଆମେରିକୀୟ ଓ ନାଟୋ ମେଣ୍ଟର ମିଳିତ ସେନାବାହିନୀ ଆଫ୍‌ଗାନିସ୍ତାନରେ ଆକ୍ରମଣ କରି ତାଲିବାନକୁ ସେଠାକାର ଶାସନ କ୍ଷମତାରୁ ବିତାଡ଼ିତ କରିଥିଲେ। ଘନଘନ ବୋମା ଓ କ୍ଷେପଣାସ୍ତ୍ର ମାଡ଼ରେ ସେତେବେଳେ ଆଫଗାନିସ୍ତାନରେ ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ ଯୋଗାଣ, ପାନୀୟ ଜଳଯୋଗାଣ ସହିତ ରେଳ ଓ ସଡ଼କ ପଥଗୁଡ଼ିକ ଧ୍ୱଂସ ହୋଇଯାଇଥିଲା। ତେଣୁ ଆଫ୍‌ଗାନିସ୍ତାନର ପୁନଃନିର୍ମାଣ ସହିତ ସେଠାରେ ଗଣତାନ୍ତ୍ରିକ ସରକାର ପ୍ରତିଷ୍ଠା ଥିଲା ମୁଖ୍ୟ ଆହ୍ୱାନ। ଏହାର ଭାର ଆମେରିକା ନେଇଥିଲେ ହେଁ ଆଫ୍‌ଗାନିସ୍ତାନ ପୁନଃନିର୍ମାଣରେ ଭାରତର ଅବଦାନକୁ ମଧ୍ୟ ଅସ୍ୱୀକାର କରାଯାଇପାରିବ ନାହିଁ।

ଭାରତ ଓ ଆଫଗାନିସ୍ତାନ ସମ୍ପର୍କ ବହୁ ପୁରାତନ। ତେଣୁ ଯୁଦ୍ଧବିଧ୍ୱସ୍ତ ଆଫ୍‌ଗାନିସ୍ତାନରେ କେବଳ ପରିଯୋଜନାର ରୂପରେଖ ପ୍ରସ୍ତୁତ କରିବା କିମ୍ବା ପୁଞ୍ଜି ବିନିଯୋଗରେ ଭାରତର ଭୂମିକା ସୀମିତ ନ ଥିଲା। ତିନି ଶହରୁ ଅଧିକ ଭାରତୀୟ ଯନ୍ତ୍ରୀ ଓ ୧୫୦୦ରୁ ଅଧିକ ଶ୍ରମିକ ଆଫଗାନିସ୍ତାନରେ ଦିବାରାତ୍ର ଅକ୍ଲାନ୍ତ ପରିଶ୍ରମ କରି ଏହାକୁ ଆଧୁନିକ ମାନବ ବାସ ଉପଯୋଗୀ କରିବାକୁ ଚେଷ୍ଟା କରିଥିଲେ। ଭାରତର ରାଷ୍ଟ୍ରଦୂତ ଓ ଉନ୍ନୟନ ଅଧିକାରୀମାନେ ମୁଖ୍ୟତଃ ଆଫ୍‌ଗାନିସ୍ତାନର ଦାରିଦ୍ର୍ୟ ଦୂରୀକରଣ, ଜୀବନ ଶୈଳୀରେ ଉନ୍ନତିକରଣ, ନାରୀଶିକ୍ଷା ଓ ମହିଳାଙ୍କ ସଶକ୍ତୀକରଣ ଦିଗରେ ଅଧିକ ଧ୍ୟାନ ଦେଇଥିଲେ। ଭାରତ ସରକାରଙ୍କ ଏହି ଉଦ୍ୟମ ବେଶ୍ ସଫଳ ମଧ୍ୟ ହୋଇଥିଲା ଏବଂ ଭାରତ-ଆଫ୍‌ଗାନିସ୍ତାନ ଦୁଇପାକ୍ଷିକ ସମ୍ପର୍କ ଅଧିକ ଦୃଢ଼ ହୋଇଥିଲା।

୨୦୨୦, ନଭେମ୍ବର ୨୦୨୦ରେ ଜେନେଭାଠାରେ ଅନୁଷ୍ଠିତ ସମ୍ମିଳନୀରେ ଭାରତର ବୈଦେଶିକ ମନ୍ତ୍ରୀ ସୁବ୍ରମନ୍ୟମ ଜୟଶଙ୍କର ସୂଚନା ଦେଇଥିଲେ ଯେ ଆଫଗାନିସ୍ତାନର ୩୪ଟି ପ୍ରଦେଶରେ ଭାରତର ଚାରିଶହରୁ ଅଧିକ ଯୋଜନା ଚାଲିଛି। ଭାରତ ସରକାର ଆଫଗାନିସ୍ତାନର ବିଭିନ୍ନ ଭିତ୍ତିଭୂମି ବିକାଶ ଯୋଜନାରେ ତିନିଶହ କୋଟି ଡଲାରରୁ ଅଧିକ ନିବେଶ କରିଛନ୍ତି। ଅନ୍ୟ ଦେଶର ଭିତ୍ତିଭୂମି ବିକାଶ ପାଇଁ ଏଯାବତ ଭାରତ ସରକାରଙ୍କ ଏହା ସର୍ବବୃହତ୍ ପୁଞ୍ଜି ବିନିଯୋଗ ରୂପେ ପରିଗଣିତ ହୋଇ ଆସୁଛି। ଭାରତ ୨୦୦୩ରୁ ସ୍କୁଲ ବହି ଛାପି ଆଫ୍‌ଗାନିସ୍ତାନରେ ମାଗଣାରେ ବିତରଣ କରିବାଠାରୁ ଆରମ୍ଭ କରି ନଦୀ ବନ୍ଧ ନିର୍ମାଣ କାର୍ଯ୍ୟ ପର୍ଯ୍ୟନ୍ତ କୌଣସି କ୍ଷେତ୍ରରେ ଆର୍ଥିକ ଓ ବୈଷୟିକ ସହାୟତା ଯୋଗାଇ ଦେବାକୁ କୁଣ୍ଠାବୋଧ କରିନାହିଁ। ଆଫଗାନିସ୍ତାନର



ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ତାଲିବାନୀମାନେ ନିଜର ଶିବିର ସ୍ଥାପନ କରି ନିଜ ଅକ୍ତିଆରରେ ରଖିଥିଲେ। ଆମେରିକୀୟ ସୈନିକମାନେ ସେଠାରୁ ତାଲିବାନୀମାନଙ୍କୁ ଘଉଡ଼ାଇ ଦେଇଥିଲେ ମଧ୍ୟ ସେଠାରେ ପୂର୍ବପରି ଶିକ୍ଷାଦାନ ବ୍ୟବସ୍ଥା ବାହଲ କରିବା ସମ୍ଭବ ହୋଇ ପାରି ନ ଥିଲା। କୋଠା, ବେଞ୍ଚ, ଟେବୁଲ, ପରୀକ୍ଷାଗାର ସରଞ୍ଜାମ ସବୁ ନଷ୍ଟ ହୋଇସାରିଥିଲା। ତାଲିବାନୀମାନେ ଶୀତ ଋତୁରେ ନିଜନିଜର କକ୍ଷକୁ ଉଷ୍ମ ରଖିବା ପାଇଁ ବିଶ୍ୱବିଦ୍ୟାଳୟର ପାଠାଗାରର ପୁସ୍ତକସବୁକୁ ଜାଳି ଦେଉଥିଲେ। ଆଫ୍‌ଗାନିସ୍ତାନର ଧ୍ୱଂସପ୍ରାପ୍ତ ଅନେକ ବିଶ୍ୱବିଦ୍ୟାଳୟର ଅଟ୍ଟାଳିକାକୁ ଭାରତ ସରକାର ପୁନଃନିର୍ମାଣ କରିବା ସହିତ ପରୀକ୍ଷାଗାର ଓ ପାଠାଗାରର ପୁନରୁଦ୍ଧାର କରିଥିଲେ। ଶିକ୍ଷକ, ଶିକ୍ଷୟିତ୍ରୀ ଅନ୍ୟ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଛାତ୍ର ବୃତ୍ତି ମାଧ୍ୟମରେ ପ୍ରତିବର୍ଷ ଦୁଇହଜାର ଛାତ୍ରଛାତ୍ରୀଙ୍କୁ ଭାରତର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଅନେକ ବିଷୟରେ ଉଚ୍ଚଶିକ୍ଷା ନିମନ୍ତେ ସୁଯୋଗ ପ୍ରଦାନ କରୁଛନ୍ତି। ସେଠାକାର ଚିକିତ୍ସାଳୟର ପୁନଃନିର୍ମାଣ, ଉପକରଣ ଯୋଗାଣ ଓ ପ୍ରଶିକ୍ଷଣ ପ୍ରଦାନ କରିବାରେ ମଧ୍ୟ ଭାରତ ଉଲ୍ଲେଖନୀୟ ଯୋଗଦାନ କରିଥିଲା। ଏତଦ୍‌ବ୍ୟତୀତ ବିଦ୍ୟୁତ ଶକ୍ତି ଯୋଗାଣ ନିମନ୍ତେ ଗ୍ରୀଡ୍ ଓ ସବ୍‌ଷ୍ଟେସନ ନିର୍ମାଣ, ଅକ୍ଷୟ ଶକ୍ତି ଉତ୍ପାଦନ ପାଇଁ ମଧ୍ୟ ଆବଶ୍ୟକ ଭିତ୍ତିଭୂମି ବିକାଶରେ ଭାରତ ଉଲ୍ଲେଖନୀୟ ଭୂମିକା ନିର୍ବାହ କରିଥିଲା।

୨୦୧୧ରେ ଭାରତ ଓ ଆଫଗାନିସ୍ତାନ ମଧ୍ୟରେ କୂଟନୈତିକ ଭାଗୀଦାରୀ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ଏହି ଚୁକ୍ତିନାମା ଫଳରେ ଭାରତର ଦାୟିତ୍ୱ ଅଧିକ ବଢ଼ି ଥିଲା। ୪୨ ମେଗା ୱାଟ ବିଶିଷ୍ଟ ସଲମା ଡ୍ୟାମ ନିର୍ମାଣ ୨୦୧୬ରେ ସମ୍ପୂର୍ଣ୍ଣ ହୋଇଛି। ଏହି ଡ୍ୟାମଟି ଭାରତ-ଆଫଗାନିସ୍ତାନ ବନ୍ଧୁତ୍ୱ ଡ୍ୟାମ ନାମରେ ପରିଚିତ। ଜଳବିଦ୍ୟୁତ ଶକ୍ତି ଉତ୍ପାଦନ ସହିତ ଏହି ଡ୍ୟାମ ମାଧ୍ୟମରେ ଜଳସେଚନ ପ୍ରଣାଳୀକୁ ମଧ୍ୟ ଅଧିକ କ୍ରିୟାଶୀଳ କରାଯାଇଛି। ସଡ଼କ ପଥରେ ଗମନାଗମନ ବ୍ୟବସ୍ଥାକୁ ସୁଧାରିବା ପାଇଁ ଭାରତ ଜରଞ୍ଜ ଓ ଡେଲାରାମ ମଧ୍ୟରେ ୨୦୧୮ରେ ୨୧୮ କିଲୋମିଟରର ସୁଗମ୍ୟ ରାଜପଥ ନିର୍ମାଣ ସମ୍ପୂର୍ଣ୍ଣ କରିଛି। ଜରଞ୍ଜ ଇରାନର ସୀମା ପାଖର ସହର ହୋଇଥିବାରୁ ଭାରତ ଭବିଷ୍ୟତରେ ଚାବାହାର ବନ୍ଦର ଜରିଆରେ ବାଣିଜ୍ୟ କାରବାରକୁ ବୃଦ୍ଧି କରିବାକୁ ସେଠାରେ ୧୧୨୫ କୋଟି ଟଙ୍କା ପୁଞ୍ଜି ବିନିଯୋଗ କରିଥିଲା। ଏଥିସହିତ ଆଫଗାନିସ୍ତାନରେ ସାଧାରଣ ନାଗରିକଙ୍କ ଯାତାୟାତକୁ ସହଜ କରିବା ପାଇଁ ଚାରିଶହ ବଡ଼ ବସ୍ ଓ ୨୦୦ଟି ଛୋଟ ବସ୍ ପର୍ଯ୍ୟାୟକ୍ରମେ ଆଫଗାନିସ୍ତାନକୁ ପ୍ରଦାନ କରିଥିଲା। ସେଠାକାର ବିଭିନ୍ନ ପ୍ରଦେଶରେ ଥିବା ପୌରସଂସ୍ଥାକୁ ଭାରତ ୧୫୦ଟି ବିଭିନ୍ନ ପ୍ରକାର ଯାନବାହନ ପ୍ରଦାନ କରିଥିଲା। ଆଫଗାନ ସୈନିକମାନଙ୍କୁ ମଧ୍ୟ ୨୮୫ଟି ବିଭିନ୍ନ ପ୍ରକାର ଯାନବାହନ ସହିତ ଚାରୋଟି ମି-୨୫ ଲଢୁଆ ବିମାନ ମଧ୍ୟ ଭାରତ ଉପହାର ଭାବେ ଦେଇଛି।

ଦୁଇ ଦେଶ ମଧ୍ୟରେ ସମ୍ପର୍କ କିପରି ଗଭୀର ହେବ ସେ ଦିଗରେ ଭାରତ ଚେଷ୍ଟା ଜାରି କରିଛି। ଆଫ୍‌ଗାନିସ୍ତାନର ପ୍ରାଚୀନ ଐତିହାସିକ ଷ୍ଟୋର ରାଜମହଲକୁ ଆଗା ଖାନ ସଂସ୍ଥା ସହାୟତାରେ ଭାରତ ନବୀକରଣ କରାଇଥିଲା। ସେଠାକାର ସଂସଦ ଭବନକୁ ୯୭୦ କୋଟି ଟଙ୍କା ବ୍ୟୟ କରି ଆଧୁନିକୀକରଣ କରିଥିଲା। ଆଫଗାନିସ୍ତାନରେ ବିମାନ ସେବା ପ୍ରଦାନ କରୁଥିବା ଆରିଆନା ଆଫ୍‌ଗାନ ଏୟାରଲାଇନସକୁ ଏକ ବିମାନ ଉପହାର ସ୍ୱରୂପ ପ୍ରଦାନ କରିଥିଲା। ପୂର୍ବରୁ କେବଳ କାନ୍ଦାହର ସହର ସହିତ ବିମାନ ସେବା ଉପଲବ୍ଧ ଥିବା ବେଳେ କାବୁଲ ଓ ହେରତରେ ମଧ୍ୟ ବିମାନ ବନ୍ଦର ନିର୍ମାଣ କରାଯାଇ ବିମାନ ଚଳାଚଳ ଆରମ୍ଭ ହୋଇଥିଲା। ଏଥିରେ ଭାରତ ଆର୍ଥିକ ଓ ବୈଷୟିକ ସହାୟତା ଯୋଗାଇ ଦେଇଥିଲା। କାବୁଲ ନଦୀ ଉପରେ ଶାହାତୁତ ନଦୀ ବନ୍ଧ ପରିଯୋଜନାରେ ପ୍ରାୟ ୧୭୬୦ କୋଟି ଟଙ୍କା ବ୍ୟୟ କରିବା ପାଇଁ ଭାରତ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଏହି ନଦୀ ବନ୍ଧ ମାଧ୍ୟମରେ ଆଫଗାନିସ୍ତାନରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ଆଧୁନିକୀକରଣ କରାଯିବା ପାଇଁ ଲକ୍ଷ୍ୟ ରଖା ଯାଇଥିଲା। ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଗତ ବର୍ଷ ତିନି ବିଲିୟନ ଡଲାରର ବାଣିଜ୍ୟ କାରବାର ହୋଇଥିଲା।

ଆଫଗାନିସ୍ତାନରେ ତାଲିବାନ ଯେ ପୁନର୍ବାର କ୍ଷମତା ଦଖଲ କରିବା ପାଇଁ ଅହରହ ଚେଷ୍ଟା କରି ଆସୁଛି, ଏକଥା ପ୍ରତି ଭାରତ ସରକାର ସଚେତନ ଥିଲେ। ତେଣୁ ବୈଦେଶିକ ମନ୍ତ୍ରୀ ଜୟଶଙ୍କର ପୂର୍ବରୁ ବିଶ୍ୱସମୁଦାୟକୁ ସୂଚାଇ ଦେଇଥିଲେ ଯେ ତାଲିବାନକୁ ପ୍ରତିରୋଧ କରାଯାଉ; ଅନ୍ୟଥା ସେଠାରେ ଭାରତ ସରକାରଙ୍କ ବିକାଶମୂଳକ କାର୍ଯ୍ୟ ବାଧା ପ୍ରାପ୍ତ ହେବ।

ଏହାସତ୍ତ୍ୱେ ଭାରତ ଆଫ୍‌ଗାନିସ୍ତାନରେ ପୁନଃନିର୍ମାଣ ଓ ଭିତ୍ତିଭୂମି ପ୍ରକଳ୍ପ ଜାରି ରଖିଥିଲା। ଏହାର ପ୍ରଥମ କାରଣ ହେଉଛି ସେଠାରେ ଉପଯୁକ୍ତ ସାମାଜିକ ଓ ଆର୍ଥିକ ବିକାଶ ଘଟିଲେ ତାଲିବାନର ପ୍ରତ୍ୟାବର୍ତ୍ତନ ସମ୍ଭବପର ହେବ ନାହିଁ ବୋଲି ଭାରତ ବିଶ୍ୱାସ ରଖିଥିଲା। ଏହାଦ୍ୱାରା କେବଳ ଆଫ୍‌ଗାନିସ୍ତାନରେ ସ୍ଥିରତା ଆସିବ ନାହିଁ, ବରଂ ଦକ୍ଷିଣ-ଏସିଆରେ ଶାନ୍ତି ପ୍ରତିଷ୍ଠା ସମ୍ଭବ ହେବାର ସମ୍ଭାବନା ଥିଲା। ଦ୍ୱିତୀୟ କାରଣଟି ହେଉଛି ଆଫଗାନିସ୍ତାନ ଦୁର୍ଲ୍ଲଭ ଖଣିଜ ସମ୍ପଦରେ ଭରପୂର। କ୍ରମାଗତ ଗୃହଯୁଦ୍ଧ ଫଳରେ ତାହାର ସଦୁପଯୋଗ ହୋଇପାରୁ ନାହିଁ। ଏହି ଦୁର୍ଲ୍ଲଭ ଖଣିଜକୁ ସଂଗ୍ରହ କରିବା ପାଇଁ ଚୀନ ତାଲିବାନକୁ ପ୍ରସ୍ତାବ ଦେଇଛି। ଏହାପରେ ତାଲିବାନ ପାଇଁ ଅର୍ଥ ପ୍ରତିବନ୍ଧକ ହେବ ନାହିଁ। ଭାରତ ଯେଉଁ କଥାକୁ ଡରୁଥିଲା ଶେଷରେ ତାହା ହିଁ ହେବାକୁ ଯାଉଛି। ଭାରତ ଲକ୍ଷ୍ୟ ରଖିଥିଲା ଯେ ଖଣିଜ ଉତ୍ତୋଳନ ଓ ରପ୍ତାନି ଜରିଆରେ ଆଫଗାନିସ୍ତାନ ନିଜର ଆର୍ଥିକ ସ୍ଥିତିକୁ ବିଶ୍ୱବଜାରରେ ଅଧିକ ମଜ୍‌ଭୁତ କରି ପାରିବ। ଏଥିପାଇଁ ଧାନବାଦ ସ୍ଥିତ ଭାରତୀୟ ଖଣିଜ ସଂସ୍ଥାନରେ ପଚାଶ ଜଣ ଆଫଗାନ ଛାତ୍ରଙ୍କୁ ଖଣି ବିଷୟରେ ଉଚ୍ଚ ଶିକ୍ଷା ପ୍ରଦାନ କରାଯାଇଛି।

ଗତ କୋଡ଼ିଏ ବର୍ଷ ଧରି ଆଫଗାନିସ୍ତାନକୁ ନିଜ ଗୋଡ଼ରେ ଠିଆ କରାଇବା ପାଇଁ ଭାରତ ଆପ୍ରାଣ ଚେଷ୍ଟା କରିଆସୁଛି। କିନ୍ତୁ ତାଲିବାନର ପ୍ରତ୍ୟାବର୍ତ୍ତନ ଫଳରେ ଭାରତର ଆର୍ଥିକ କ୍ଷତି ହେବା ସହିତ ରାଜନୈତିକ ଓ କୂଟନୈତିକ ସମ୍ପର୍କ ମଧ୍ୟ ପ୍ରଭାବିତ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ତେଣୁ ଭାରତ ପାଇଁ ଅପେକ୍ଷା କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ପନ୍ଥା ଏବେ ଖୋଲା ନଥିବା ଜଣାପଡୁଛି। ଆଜିର ଆଫ୍‌ଗାନିସ୍ତାନ ଭାରତ ପାଇଁ ପ୍ରକୃତରେ ହୋଇଛି କୂଟନୀତିର ଏକ ଜଟିଳ ପ୍ରଶ୍ନ।

### ପତ୍ନୀ ଧର୍ମ

ସାମ୍ୟବାଦର ପ୍ରବକ୍ତା ହେଉଛନ୍ତି କାର୍ଲମାକ୍ସ। ତାଙ୍କ ଜୀବନର ଅମର କୃତି ହେଉଛି ତାଙ୍କ ଦ୍ୱାରା ଲିଖିତ ଏକ ପୁସ୍ତକ ଯାହାର ନାମ ହେଉଛି 'ଦାସ କ୍ୟାପିଟାଲ୍'। ଜର୍ମାନର ଏହି ବିଶିଷ୍ଟ ଦାର୍ଶନିକ ତଥା ସର୍ବକାଳୀନ ମହାନ୍ ଅର୍ଥନୀତିଜ୍ଞ ୧୮୬୭ ମସିହାରେ ଏହି ପୁସ୍ତକଟି ରଚନା କରିଥିଲେ। ବିଚିତ୍ର କଥା ହେଉଛି ଯେ ଏହି ପୁସ୍ତକଟିକୁ ଲେଖିବାକୁ କାର୍ଲମାକ୍ସଙ୍କୁ ପ୍ରାୟ ୩୦ ବର୍ଷ ଲାଗିଥିଲା। ଏଥିରେ ଇତିହାସ, ଅର୍ଥନୀତି ଏବଂ ସାମାଜିକ ବିଜ୍ଞାନକୁ ଭିତ୍ତିକରି ତିନିଟି ବିଭାଗ ଅଛି। 'ଦାସ୍ କ୍ୟାପିଟାଲ୍' ରଚନା କରିବା ପାଇଁ କାର୍ଲମାକ୍ସଙ୍କୁ ଯେତିକି ପରିଶ୍ରମ କରିବାକୁ ନ ପଡ଼ିଛି, ତତୋଧିକ ପରିଶ୍ରମ ଏବଂ ଦୁଃଖ ଭୋଗିବାକୁ ପଡ଼ିଛି ତାଙ୍କ ପତ୍ନୀଙ୍କୁ।

କଥାରେ ଅଛି ଲେଖକଟିଏ ହେବାକୁ ହେଲେ ପ୍ରଥମେ ଜଣେ ପାଠକ ହେବାକୁ ପଡ଼ିବ। ପାଠକ ହୋଇ ପଢୁଥିବାବେଳେ ପୁସ୍ତକ ସହିତ ଏକାକାର ହୋଇଯିବାକୁ ପଡ଼ିବ। ସେତେବେଳେ 'ମୁଁ ଯେ ଲେଖକଟିଏ ହେବି ବା ହେବାକୁ ଯାଉଛି'- ଏ ଭାବନା ମନରୁ ପରିହାର କରିବାକୁ ପଡ଼ିବ। ପାଠକଟିଏ ପଢ଼ିବାର ନିଘାରେ ପଢ଼ିଗଲେ ତା' ଅଜ୍ଞାତରେ ତା' ନିଜ ଭିତରେ ଲେଖକୀୟ ସତ୍ତାଟିର ଅଙ୍କୁରୋଦ୍‌ଗମ ହୋଇଯାଇଥାଏ। ତା'ପରେ ଯେଉଁ ସୃଷ୍ଟିର ସର୍ଜନା ହୁଏ, ତାହା କାଳଜୟୀ ହୋଇଥାଏ। ତେଣୁ ଲେଖକୀୟ ଗୁଣ ହେଉଛି ଏକ ସାଧନା। ତେଣୁ ଲେଖକଟିଏ ହେବାର କଳା ବା ସାଧନା କାର୍ଲମାକ୍ସଙ୍କଠାରୁ ଶିଖିବାକୁ ମିଳେ।

**ଜ୍ଞାନାଞ୍ଜନ**
ପରିବ୍ରାଜକ

କାର୍ଲମାକ୍ସ ସବୁବେଳେ ପଢ଼ାପଢ଼ିରେ ବ୍ୟସ୍ତ। କେତେବେଳେ ପାଠାଗାରରେ ଯାଇ ପଢ଼ନ୍ତି ତ ଆଉ କେତେବେଳେ ଘରେ ପଢ଼ନ୍ତି। ତାଙ୍କର ଦିନ ଆରମ୍ଭ ହୁଏ ପଢ଼ାରୁ ଶେଷ ହୁଏ ମଧ୍ୟ ପଢ଼ାରେ। ଏମିତି କଲେ ପରିବାର କେମିତି ଚାଲିବ? ପିଲାଛୁଆର ପରିବାର ପାଳିତ କିପରି ହେବେ; କିନ୍ତୁ ପଢ଼ାପଢ଼ିରେ ନିମଗ୍ନ କାର୍ଲମାକ୍ସ ପରିବାର କଥା ସମ୍ପୂର୍ଣ୍ଣ ଭୁଲି ଯାଇଥିଲେ। ଏପରି ସ୍ଥିତିରେ ଅନ୍ୟ କେଉଁ ମହିଳା ଥିଲେ ସେ ସ୍ୱାମୀଙ୍କୁ ଛାଡ଼ପତ୍ର ଦେଇ ପଳାଇଯାଇଥା'ନ୍ତା। କିନ୍ତୁ କାର୍ଲମାକ୍ସଙ୍କ ପତ୍ନୀ ସେପରି ନଥିଲେ। ପତିଙ୍କର ଏପରି ଅବସ୍ଥା ଏବଂ ପରିବାରର ଦାରିଦ୍ରତାକୁ ଦେଖି ପତ୍ନୀ ଜେନି ଘରୁ ଗୋଡ଼ କାଢ଼ିଲେ। ପିଲାଛୁଆ କ'ଣ ଖାଇବେ, କ'ଣ ପିନ୍ଧିବେ, କିପରି ରହିବେ- ଏ ବାବଦରେ ପଦୁଟିଏ ବି ସ୍ୱାମୀଙ୍କୁ କହିଲେନି କି ତାଙ୍କୁ ବିଚଳିତ କରିବାକୁ ଚାହିଁଲେନି। ଜେନି ନିଜେ ଗୋଟିଏ ଛୋଟ ବ୍ୟବସାୟ ଆରମ୍ଭ କଲେ। ତାଙ୍କ ଦେଶର କବାଡ଼ିଆ ଦୋକାନମାନଙ୍କ ପାଖକୁ ଯାଇ ସେଠାରୁ ପୁରୁଣା ଓ ଚିରା କୋଟ୍‌ମାନ ଆଣି ସେଗୁଡ଼ିକୁ ସଫା କରି ସେଥିରୁ ଛୋଟ ଛୋଟ ପିଲାମାନଙ୍କ ପାଇଁ ପୋଷାକ ତିଆରି କରି ବିକ୍ରି କରିବା ଆରମ୍ଭ କଲେ। ଏଥିରୁ ବେଶୀ ଆୟ ନ ହେଉଥିଲେ ବି ପରିବାର ଏକପ୍ରକାର ଚଳିଯାଉଥିଲା। ହୁଏତ ଏମିତି ବି କୁହାଯାଇ ପାରେ ଯେ 'ଦାସ କ୍ୟାପିଟାଲ୍' ପରି ପ୍ରସିଦ୍ଧ ପୁସ୍ତକଟିର ଶ୍ରେୟ ଯେତିକି କାର୍ଲମାକ୍ସଙ୍କୁ ଦିଆଯିବ, ତତୋଧିକ ଶ୍ରେୟ ତାଙ୍କ ପତ୍ନୀଙ୍କ ପାଖକୁ ମଧ୍ୟ ଯିବ। ସେ ଦୁଃଖ କଷ୍ଟ ସହି ନଥିଲେ ଏପରି ପୁସ୍ତକଟିଏ ରଚନା କରିବାକୁ କାର୍ଲମାକ୍ସ ହୁଏତ ସକ୍ଷମ ହୋଇପାରି ନଥା'ନ୍ତେ।

### ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଲେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# 'ମୃତ-ସାଗର'ର ସଞ୍ଜୀବନୀ



ଡ. ପ୍ରମୋଦ କୁମାର ମହାପାତ୍ର
କଟକ, ମୋ: ୯୮୬୧୨୪୯୨୦୨

ବିନା ଜଳରେ ଜୀବନ ତିଷ୍ଠିରହିବା ଆଶା କରାଯାଇପାରେ ନାହିଁ। ଆମର ସୌଭାଗ୍ୟ ଯେ ପୃଥିବୀ ଜଳଗର୍ଭା। ଏହାର ପୃଷ୍ଠଦେଶର ତିନି-ଚତୁର୍ଥାଂଶ ଅଞ୍ଚଳରେ ରହିଛି ନୀଳସାଗର। ଏହା ବ୍ୟତୀତ ସ୍ଥଳଭାଗରେ ଅନେକ ନଦୀ, ହ୍ରଦର ଉପସ୍ଥିତି ପୃଥିବୀ ପାଇଁ ଆଣିପାରିଛି ଏକ ସ୍ୱତନ୍ତ୍ର ପରିଚୟ। ତେବେ ଅନେକ ବିସ୍ମୟର କ୍ଷେତ୍ର ପୃଥିବୀ ପୃଷ୍ଠରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିବା ଭଳି ଜଳପୂର୍ଣ୍ଣ ଏକ ସାଗର ରହିଛି ଯେଉଁଠାରେ ଆଦୌ ଜଳଚର ଜୀବ ନାହାନ୍ତି। ଏହି ସାଗରରେ କୌଣସି ଜୀବ ନଥିବାରୁ ଏହାର ନାମ 'ମୃତ ସାଗର' ବା 'ଡେଡ୍ ସି'। ମଧ୍ୟପ୍ରାଚ୍ୟର ଇସ୍ରାଏଲ୍ ଓ ଜୋର୍ଡାନ୍ ଦେଶର ମଧ୍ୟବର୍ତ୍ତୀ ସ୍ଥାନରେ ଲୁଣା ଜଳ ଥିବା ଏହି ସାଗର ଅବସ୍ଥିତ। ଏହାର ଲମ୍ବା ୭୭ କିଲୋମିଟର ହୋଇଥିବା ବେଳେ ପ୍ରସ୍ଥ ବିଭିନ୍ନ ସ୍ଥାନରେ ୫ରୁ ୧୮ କିଲୋମିଟର। ଏହି ସାଗରର ସବୁଠାରୁ ଆଶ୍ଚର୍ଯ୍ୟଜନକ ତଥା ଉଲ୍ଲେଖନୀୟ ବିଷୟ ହେଉଛି ଏହାର ଜଳସ୍ତର ସାରା ପୃଥିବୀର ସମସ୍ତ ସାଗର, ହ୍ରଦ ଓ ଜଳଭାଗର ସ୍ତରଠାରୁ ସର୍ବନିମ୍ନ ଗଭୀରତାରେ ରହିଛି, ଯାହାକି ସାଧାରଣ ସମୁଦ୍ର ପତ୍ତନଠାରୁ ପ୍ରାୟ ୪୦୦ ମିଟର ବା ୧୩୦୦ ଫୁଟ୍ ଖାଲ ବା ନିମ୍ନରେ।

ଗବେଷକଙ୍କ ମତରେ ପ୍ରାୟ ୧୦ ଲକ୍ଷ ବର୍ଷ ତଳେ ଏହି ମୃତ ସାଗରର ଜଳସ୍ତର ବର୍ତ୍ତମାନର ସ୍ତରଠାରୁ ପ୍ରାୟ ୧୪୦୦ ମିଟର ଉଚ୍ଚତାରେ ରହିଥିଲା। କ୍ରମାଗତ ଅନାବୃଷ୍ଟି ପାଇଁ ଏହି ମୃତ ସାଗରର ଜଳ ଶୁଖିଯାଇ ଏଭଳି ଅବସ୍ଥାରେ ଆସି ପହଞ୍ଚିଛି। ଅନ୍ୟ ଏକ ବିସ୍ମୟ ହେଉଛି କେବଳ ଜୋର୍ଡାନ ନଦୀ ବ୍ୟତୀତ ଅନ୍ୟ କୌଣସି ପ୍ରମୁଖ ଜଳବାହୀ ନଦୀ ଏହି ସାଗରରୁ ସୃଷ୍ଟି ହୋଇନାହାନ୍ତି। ତେବେ ସେ ସମୟରେ ପ୍ରମୁଖଭାବେ ଜୋର୍ଡାନ ନଦୀ ଓ ଅନ୍ୟ କେତୋଟି ଛୋଟ ଜଳଧାରା ଦ୍ୱାରା ଧୋଇ ହୋଇ ଆସିଥିବା ଦ୍ରବୀଭୂତ ଖଣିଜ ପଦାର୍ଥ ଓ କେତେକ ଲବଣ ଇତ୍ୟାଦି ଏଠାରେ ଜମା ହୋଇଛି। ପୃଥିବୀ ପୃଷ୍ଠର ଯେ କୌଣସି ସମୁଦ୍ର ଜଳରେ ଲବଣାଂଶ ସାଧାରଣତଃ ୪ ରୁ ୬ ଭାଗ ରହିଥିବାବେଳେ ମୃତ ସାଗରର ଜଳରେ ଲବଣାଂଶ ଭାଗ ୨୩ରୁ ୨୫ ଭାଗ। ତେଣୁ ଏହି ବହଳିଆ ଜଳରେ



କୌଣସି ଜୀବଜନ୍ତୁ ତ ନାହାନ୍ତି, ପରନ୍ତୁ ଏଠାରେ ଅନ୍ୟ ଜଳାଶୟ ପରି ମଣିଷ ବୁଡ଼ିଯିବାର ଆଶଙ୍କା ମଧ୍ୟ ନାହିଁ। ଯେ କୌଣସି ବ୍ୟକ୍ତି ଏଥିରେ ପଡ଼ିଗଲେ ଭାସି ରହିବ। ଏହି ଜଳରେ ପଟାସ, ମ୍ୟାଗ୍ନେସିୟମ କ୍ଲୋରାଇଡ୍, କ୍ୟାଲସିୟମ କ୍ଲୋରାଇଡ୍, ବ୍ରୋମିନ ଓ ଅନ୍ୟ କେତେକ ଖଣିଜ ପଦାର୍ଥ ଓ ଲବଣ ବହୁଳଭାବେ ଥିବାର ପରୀକ୍ଷାରୁ ଜଣାପଡ଼ିଛି। ତେବେ ପଟାସର ମାତ୍ରା ଏହି ଜଳରେ ସର୍ବାଧିକ।

ମୃତ ସାଗର ଅଞ୍ଚଳର ତାପମାତ୍ରା ବର୍ଷ ସାରା ୩୮ ଡିଗ୍ରୀ ବା ତା'ଠାରୁ ଅଳ୍ପ କମ୍ ରହୁଥିବାରୁ ଏଠାରେ ଅନେକ ପର୍ଯ୍ୟଟକଙ୍କ ଭିଡ଼ ଜମେ। ଏହି ସ୍ଥାନର ଆକର୍ଷଣୀୟ ତଥା ଉଲ୍ଲେଖନୀୟ ଦୃଶ୍ୟ ହେଲା ପଙ୍କ ଚିକିତ୍ସା। ଅଧିକାଂଶ ଗୋରା ପର୍ଯ୍ୟଟକ ହ୍ରଦର କଳା ପଙ୍କ ସାରା ଦେହ, ମୁହଁରେ ବୋଳି ହୋଇ ଚିକିତ୍ସିତ ହେଉଥିବା ଦୃଶ୍ୟ ବାସ୍ତବିକ ବିରଳ। ହ୍ରଦ କୂଳରେ ଅନ୍ୟ ହ୍ରଦ ଭଳି ବାଲି ଭର୍ତ୍ତି ଉପକୂଳ ନଥାଇ ରହିଛି ଜଳକୁ ସ୍ପର୍ଶ କରୁଥିବା କଳା ପଙ୍କ ବା କାଦୁଅର ଉପକୂଳ। ସ୍ୱର୍ଯ୍ୟସ୍ନାନ, ପଙ୍କ ସ୍ନାନ ତଥା ବହଳିଆ ଖଣିଜପଦାର୍ଥ ଓ ଲବଣପୂର୍ଣ୍ଣ ଜଳରେ ସମୁଦ୍ର ସ୍ନାନ ହିଁ ଏହି ସ୍ଥାନରେ ପର୍ଯ୍ୟଟକମାନଙ୍କ ପାଇଁ ସବୁଠାରୁ ଆକର୍ଷଣୀୟ। ହ୍ରଦଟି ନିମ୍ନ ସ୍ଥଳଭାଗରେ ଥିବାରୁ ସୂର୍ଯ୍ୟରଶ୍ମି ଅନ୍ୟ ସ୍ଥାନ ତୁଳନାରେ ଏଠାରେ ଅଧିକ ସ୍ୱଚ୍ଛ ବା ଛାଣି ହୋଇ ମଣିଷର ଚର୍ମ ପାଇଁ ଅତ୍ୟନ୍ତ ଉପକାରୀ ସାବ୍ୟସ୍ତ ହୋଇଥାଏ। ହ୍ରଦର ପଙ୍କ ନିଜ ଦେହରେ ବୋଳି ହେବା ମାଧ୍ୟମରେ ଏହା ଶରୀରର ଚର୍ମ ଓ ସମସ୍ତ ଗଣ୍ଠି ପାଇଁ ଅତ୍ୟନ୍ତ ଉପକାରୀ ହୋଇଥାଏ। ତେବେ ଅଳ୍ପ ସମୟ ପାଇଁ ଏହି ଜଳରେ ଭାସି ରହିବା ହିଁ ବିଜ୍ଞତାର କାରଣ। ନଚେତ୍ ଅଧିକ ସମୟ ଏହି ଜଳରେ କଟାଇବା ଦ୍ୱାରା ଚର୍ମରେ ଅନେକ ମନ୍ଦା ମନ୍ଦା କଷ୍ଟଦାୟକ କ୍ଷତ ଭଳି ଅବସ୍ଥା ସୃଷ୍ଟି ହେବାର ସମ୍ଭାବନା ରହିଛି। ଲୋକମାନଙ୍କୁ ମୃତ ସାଗର ଜଳର ସୁଚିକିତ୍ସା ପ୍ରଦାନ କରିବା ପାଇଁ ଏଠାରେ ଅନେକ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟ ଖୋଲିଛି। ହୃଦ୍‌ରୋଗ, ଶ୍ୱାସ ଜନିତ ସମସ୍ୟାର ଆରୋଗ୍ୟ ପାଇଁ ମୃତ ସାଗରର ଜଳ ଉପକାରୀ ବୋଲି କୁହାଯାଏ।

ଡେଡ୍ ସି ବା ମୃତ ସାଗରର ଅବସ୍ଥିତି, ପ୍ରକୃତି ଓ ଏହା ଜଳର ଆଶ୍ଚର୍ଯ୍ୟଜନକ ଔଷଧୀୟ ଗୁଣ ନିଶ୍ଚିତଭାବେ ପୃଥିବୀ ପୃଷ୍ଠର ଏକ ବିସ୍ମୟ। ଏହା କୂଳରେ ଇଚ୍ଛାକୃତ ଭାବେ କଳା ପାଲଟୁଥିବା ଧଳା ମଣିଷମାନଙ୍କୁ ଦେଖିଲେ ଓ ଏମାନଙ୍କଠାରୁ ବହୁବିଧି ହ୍ରଦଜଳର ଉପକାର ସମ୍ପର୍କରେ ଶୁଣିଲେ ସ୍ୱତଃ ମୃତ ସାଗରର ଗୁରୁତ୍ୱକୁ ଆମେ ଉପଲବ୍ଧି କରିଥାଉ। ଜୀବନର ଧାରକ ଜଳ ଗର୍ଭରେ ଗୋଟିଏ ହେଲେ ଜୀବନ ନଥିବା କଥା ଶୁଣିଲେ ଆମେ ହୁଏତ ପ୍ରଥମେ ବିଶ୍ୱାସ କରିପାରିବା ନାହିଁ, ମାତ୍ର ଲକ୍ଷ ଲକ୍ଷ ଜୀବନଧାତ୍ରୀ ଧରିତ୍ରୀର ଅବିଶ୍ୱସନୀୟ ବୈଚିତ୍ର୍ୟ ସମ୍ପର୍କରେ ଆଲୋଚନା କଲେ ଆମେ ଏହାକୁ ସହଜରେ ବିଶ୍ୱାସକୁ ନେଇ ଏହାର ଉପାଦେୟତାକୁ ନିଶ୍ଚୟ ସ୍ୱୀକାର କରିବା।

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୭୩.୧୫ ● ପାଉଣ୍ଡ ୧୦୧.୧୧
- ୟୁରୋ ୮୬.୯୦ ● ୟେନ୍ ୦.୬୬

**ସୁନାରୁପା ଦର**

୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୪୫,୨୬୦ (ଭୁବନେଶ୍ୱର)
- ରୁପା : ୬୩,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୫୮,୯୨୭.୦୦
- ନିଫ୍ଟି ୧୭,୫୪୭.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୧୯ (ନୂଆଦିଲ୍ଲୀ)
- ଡିଜେଲ୍ - ୮୮.୬୨

## ଆଉ ଏକ ଲେହମ୍ୟାନ୍ ବ୍ରଦର୍ସ ଭଳି ସ୍ଥିତି


# ଏଭରଗ୍ରାଣ୍ଡ ସଙ୍କଟ

- ଦିନକରେ ୫୦୦ ଧନୀ ହରାଇଲେ ୧୩୫ ବିଲିୟନ୍ ଡଲାର
- ମୂଲ୍ୟ ମୁକେଶ ଅମ୍ବାନୀଙ୍କ ସମ୍ପତ୍ତି ପରିମାଣଠାରୁ ଦେଢ଼ ଗୁଣ ଅଧିକ
- ସର୍ବାଧିକ କ୍ଷତି ସହିଲେ ଏଲନ୍ ମସ୍କ, ବାଦ୍ ପଡ଼ିଲେନି ଜେଫ୍ ବେଜୋସ୍
- ଚାଇନାର ରିଏଲ୍ ଇଷ୍ଟେଟ୍ କମ୍ପାନୀ ଏଭରଗ୍ରାଣ୍ଡ ଦେବାଳିଆ
- ଭାରତର ଅନେକ କମ୍ପାନୀ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ପ୍ରଭାବିତ

ନୂଆଦିଲ୍ଲୀ,୨୨।୯ (ଏଜେନ୍ସି)

କୋଭିଡ୍ ମହାମାରୀ ଯୋଗୁ ଚାରିଆଡେ ଆର୍ଥିକ କାରବାର ମାନ୍ଦା ରହିଥିବାବେଳେ ଏଭଳି ସମୟରେ ଆଉ ଏକ ଲେହମ୍ୟାନ୍ ବ୍ରଦର୍ସ ଭଳି ସ୍ଥିତି ସୃଷ୍ଟି ହୋଇଛି। ଏଭରଗ୍ରାଣ୍ଡ ଦେବାଳିଆ ପରିସ୍ଥିତିକୁ ଆସିଯାଇଥିବାରୁ ସମଗ୍ର ବିଶ୍ୱ ଉପରେ ଏବେ ଆଉ ଏକ ଆର୍ଥିକ ମାନ୍ଦାବସ୍ଥା ମାଡ଼ିଆସିଛି। ଏଭରଗ୍ରାଣ୍ଡ ହେଉଛି ଚାଇନାର ଦ୍ୱିତୀୟ ବୃହତ୍ ରିଏଲ୍ ଇଷ୍ଟେଟ୍ କମ୍ପାନୀ। କମ୍ପାନୀ ଉପରେ ଏବେ ପ୍ରାୟ ୩୦୦ ବିଲିୟନ ଡଲାରର ଋଣ ବୋଝ। ଏଭରଗ୍ରାଣ୍ଡ ଏହି ଋଣ ପରିଶୋଧ କରିବା ସ୍ଥିତିରେ ନାହିଁ। ଚୀନ୍‌ର ବୈଦେଶିକ ବଣ୍ଡରେ କମ୍ପାନୀର ପ୍ରାୟ ୯ ପ୍ରତିଶତ ଅଂଶଧନ ରହିଛି। ଏଭରଗ୍ରାଣ୍ଡ ସଙ୍କଟର ପ୍ରଭାବ ବିଶ୍ୱର ପୁଞ୍ଜି ବଜାରଗୁଡିକ ଉପରେ ପଡ଼ିବା ଆରମ୍ଭ ହୋଇଯାଇଛି। ଏଥିରେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ, ଏଭରଗ୍ରାଣ୍ଡ ସଙ୍କଟ ଯୋଗୁ ସୋମବାର ଦିନ ସାରା ବିଶ୍ୱରେ ଷ୍ଟକ୍ ବଜାର କାରବାରରେ ହ୍ରାସ ଘଟିଛି। ଏମିତିକି ମାତ୍ର ଦିନକର କାରବାରରେ ୫୦୦ ଧନୀ ହରାଇଛନ୍ତି ୧୫୦ କୋଟି ଡଲାର ମୂଲ୍ୟର ସମ୍ପତ୍ତି। ଏହି ଧନୀମାନେ ହରାଇଥିବା ସମ୍ପତ୍ତି ପରିମାଣ ଏସିଆର ସବୁଠୁ ଧନୀ ଭାରତର କୁବେରପତି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ମୁଖ୍ୟ ମୁକେଶ ଅମ୍ବାନୀଙ୍କ ସମ୍ପତ୍ତି ପରିମାଣଠାରୁ ଦେଢ଼ ଗୁଣ ଅଧିକ। ଏହାର ପରିମାଣ ପ୍ରାୟ ୧୩୫ ବିଲିୟନ୍ ଡଲାର ହେବ। ତେବେ ଧନୀମାନଙ୍କ ମଧ୍ୟରେ ସର୍ବାଧିକ କ୍ଷତି ସହିଛନ୍ତି ଟେସ୍‌ଲା ମୁଖ୍ୟ ଏଲନ୍ ମସ୍କ। ଅନ୍ୟପକ୍ଷରେ ପୁଞ୍ଜି ବଜାରର ଏହି ଘାଟାରୁ ବାଦ୍ ପଡ଼ିନାହାନ୍ତି ଆମାଜନ ପ୍ରତିଷ୍ଠାତା ଜେଫ୍ ବେଜୋସ୍। ଏଭରଗ୍ରାଣ୍ଡ ଦେବାଳିଆ ପ୍ରଭାବରେ ଭାରତର ଅନେକ କମ୍ପାନୀ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ପ୍ରଭାବିତ ହୋଇଥିବା ଜଣାଯାଇଛି।

କେତେକ ଆର୍ଥିକ ବିଶେଷଜ୍ଞ ଆଶଙ୍କା କରିଛନ୍ତି ଯେ, ଏଭରଗ୍ରାଣ୍ଡ ସଙ୍କଟ ଚାଇନାରେ ୨୦୦୮ ରେ ବିଶ୍ୱରେ ଆମେରିକାର ଲେହମାନ ବ୍ରଦର୍ସ ଯୋଗୁ ସୃଷ୍ଟି ହୋଇଥିବା ପରିସ୍ଥିତି ସୃଷ୍ଟି କରିପାରେ। ଏହାର ଅର୍ଥ ହେଉଛି ଆର୍ଥିକ ବିଶେଷଜ୍ଞମାନେ ବର୍ତ୍ତମାନ ଲେହମାନ ବ୍ରଦର୍ସ ସଙ୍କଟର ପୁନରାବୃତ୍ତି ଆଶଙ୍କା କରୁଛନ୍ତି। ଏ ସମ୍ପର୍କରେ ଭେଟେରାନ ବ୍ୟାଙ୍କର ଉଦୟ କୋଟାକ୍ କହିଛନ୍ତି ଯେ, ଏଭରଗ୍ରାଣ୍ଡ ସଙ୍କଟ ଲେହମାନ ସଙ୍କଟର ସ୍ମାରକ। ଯଦିଓ କେତେକ ବିଶେଷଜ୍ଞଙ୍କ ମତରେ ଏଭରଗ୍ରାଣ୍ଡ ସଙ୍କଟ ଚୀନ୍ ପାଇଁ ଏକ ବଡ଼ ଏବଂ ଗୁରୁତର ପରୀକ୍ଷା, ଏହା



ଲେହମାନ ସଙ୍କଟ ସହିତ ସମାନ ନୁହେଁ। ଆମେରିକାର ବ୍ୟାଙ୍କିଙ୍ଗ ସଂସ୍ଥା ଲେହମାନ୍ ବ୍ରଦର୍ସ ୧୫ ସେପ୍ଟେମ୍ବର ୨୦୦୮ରେ ଆନୁଷ୍ଠାନିକ ଭାବରେ ଦେବାଳିଆ ଘୋଷିତ ହୋଇଥିଲା। ଏହାର ପ୍ରଭାବ ବିଶ୍ୱ ଅର୍ଥନୀତି ଉପରେ ଅନୁଭୂତ ହୋଇଥିଲା। ଏହି ଘଟଣାର ଦୀର୍ଘ ୧୩ ବର୍ଷ ପରେ ବର୍ତ୍ତମାନ ଏଭରଗ୍ରାଣ୍ଡ ଜରିଆରେ ଚାଇନାରୁ ଏକ ବିଶ୍ୱରେ ଆର୍ଥିକ ମାନ୍ଦାବସ୍ଥାର ପଦଧ୍ୱନୀ ଶୁଣିବାକୁ ମିଳୁଛି। ଏଭରଗ୍ରାଣ୍ଡ କାରଣରୁ ଗୋଟିଏ ଦିନରେ ଦୁନିଆର ୫୦୦ ଧନୀ ବ୍ୟକ୍ତିଙ୍କୁ ୧୩୫ ବିଲିୟନ ଡଲାର ହରାଇବାକୁ ପଡ଼ିଛି। ମୁକେଶ ଅମ୍ବାନୀଙ୍କ ମୋଟ ସମ୍ପତ୍ତି ପରିମାଣ ୯୨.୨ ବିଲିୟନ ଡ଼ଲାର ରହିଥିବାବେଳେ ୫୦୦ ଧନୀଙ୍କ କ୍ଷତି ପରିମାଣ ଏହାରଦେ଼ଢ଼ଗୁଣରୁ ଅଧିକ ହେବ ବୋଲି ଆକଳନ କରାଯାଇଛି। ଇଲେକ୍ଟ୍ରିକ୍ କାର ନିର୍ମାତା ଟେସଲା ମାଲିକ ଏଲୋନ୍ ମସ୍କ ଗୋଟିଏ ଦିନରେ ତାଙ୍କ ସମ୍ପତ୍ତିର ୭.୨ ପ୍ରତିଶତ ହରାଇଛନ୍ତି। ଜେଫ୍ ବେଜୋସ୍‌ଙ୍କ ନେଟ୍ ସମ୍ପତ୍ତିରେ ମଧ୍ୟ ସୋମବାର ୫.୬ ବିଲିୟନ ଡ଼ଲାରରେ ହ୍ରାସ ପାଇଛି। ବର୍ତ୍ତମାନ ସେ ୧୯୪ ବିଲିୟନ ଡଲାରର ସମ୍ପତ୍ତି ସହିତ ବିଶ୍ୱ ଧନୀ ତାଲିକାରେ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଏଭରଗ୍ରାଣ୍ଡ କହିଛି ଯେ, ନଗଦ ଅର୍ଥ ହ୍ରାସ ପାଇଁ ସମାଧାନ ଖୋଜିବା ଲାଗି ଏହା ଆର୍ଥିକ ପରାମର୍ଶଦାତାଙ୍କୁ ନିୟୋଜିତ କରିଛି। କିନ୍ତୁ ଏହା ମଧ୍ୟ କହିଛି ଯେ, ଏଭଳି କମ୍ପାନୀର ର ଆର୍ଥିକ ଦାୟିତ୍ୱ ପୂରଣ କରିବାରେ ସକ୍ଷମ ହେବ ବୋଲି କୌଣସି ଗ୍ୟାରେଣ୍ଟି ନାହିଁ। ଏଠାରେ ସୂଚନାଯୋଗ୍ୟ, ଚାଇନାର ସମଗ୍ର ସମ୍ପତ୍ତି ବଜାରର ୬.୫ ପ୍ରତିଶତ ଭାଗ ହେଉଛି ଏଭରଗ୍ରାଣ୍ଡର। କମ୍ପାନୀର ଗ୍ରେଣ୍ଡର ଷ୍ଟକ୍ ଚଳିତବର୍ଷ ପ୍ରାୟ ୮୦ ପ୍ରତିଶତ ହ୍ରାସ ପାଇଛି। ୨୦ ସେପ୍ଟେମ୍ବର ୨୦୨୧ରେ ଏହା ୧୧ ବର୍ଷର ସର୍ବନିମ୍ନ ସ୍ତରରେ ରହିଥିଲା। ଏଭରଗ୍ରାଣ୍ଡର ପ୍ରାୟ ୩୫୫ ବିଲିୟନ ଡଲାରର ସମ୍ପତ୍ତି ରହିଛି। ତଥାପି କମ୍ପାନୀ ଦେବାଳିଆ ପଥରେ ରହିଛି। ଏହାର ଆକ୍ରମଣାତ୍ମକ ରଣନୀତି ଯୋଗୁଁ ଏଭରଗ୍ରାଣ୍ଡର ଋଣ ଭାର ବୃଦ୍ଧି ପାଇଛି। ବ୍ୟାଙ୍କଗୁଡିକରୁ ବହୁ ମାତ୍ରାରେ ଋଣ ନେଇ କମ୍ପାନୀ ପ୍ରକଳ୍ପ ସମ୍ପ୍ରସାରଣ ଲକ୍ଷ୍ୟ ରଖି ଋଣ ପରିଶୋଧ କରି ନ ଥିଲା। ତେବେ ଏଭରଗ୍ରାଣ୍ଡ ଚାଲାକି କରି ଚୀନ୍ ସମେତ ବିଶ୍ୱ ବଜାରକୁ କମ୍ପାନୀ ଆଦୌ ଋଣଗ୍ରସ୍ତ ଥିବା ଅନୁଭବ କରିବାକୁ ଦେଇ ନ ଥିଲା। ଯେତେବେଳେ ବଜାର ନିୟମ ପରିବର୍ତ୍ତନ ହେଲା ସେତେବେଳେ ଚୀନ୍ ସରକାର ଏହି ସମ୍ପର୍କର ଜାଣିବାକୁ ପାଇଥିଲେ। ପ୍ରଥମ ଥର ପାଇଁ ଏଭରଗ୍ରାଣ୍ଡ ଆନୁଷ୍ଠାନିକ ଭାବେ ୩୦୦ ବିଲିୟନ ଡଲାରରୁ ଅଧିକ ଋଣ ଚାପରେ ଥିବା ସ୍ୱୀକାର କରିଛି। ଏଭରଗ୍ରାଣ୍ଡ ଗ୍ରୁପ୍ ଚାଇନାରେ ୧୩୦୦ରୁ ଅଧିକ ସମ୍ପତ୍ତିର ମାଲିକ ଏବଂ ପ୍ରାୟ ୨୮୦୦ ରିଅଲ୍ ଇଷ୍ଟେଟ୍ ପ୍ରକଳ୍ପ ପରିଚାଳନା କରିଥାଏ। କମ୍ପାନୀରେ ପ୍ରାୟ ୨ ଲକ୍ଷ କର୍ମଚାରୀ ନିଯୁକ୍ତି ପାଇଛନ୍ତି। କମ୍ପାନୀ ପ୍ରତିବର୍ଷ ଚାଇନାରେ ପ୍ରାୟ ୩୮ ଲକ୍ଷ ନିଯୁକ୍ତି ସୃଷ୍ଟି କରୁଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏଭରଗ୍ରାଣ୍ଡର ୮୦୦ ରିଅଲ ଇଷ୍ଟେଟ୍ ପ୍ରକଳ୍ପ ଅସମ୍ପୂର୍ଣ୍ଣ ରହିଛି। ଯଦି ଏଭରଗ୍ରାଣ୍ଡ ଦେବାଳିଆ ହୋଇଯାଏ, ଯେଉଁମାନେ ଏହାର ପ୍ରକଳ୍ପରେ ଟଙ୍କା ଖଟାଇଛନ୍ତି ସେମାନଙ୍କୁ ବଡ଼ ଧରଣର ଆର୍ଥିକ କ୍ଷତି ସହିବାକୁ ପଡ଼ିବ। ଏଥିରେ ବ୍ୟାଙ୍କ, ଆର୍ଥିକ ସଂସ୍ଥା, ଯୋଗାଣକାରୀ ଏବଂ ଘର କ୍ରେତା ସମସ୍ତେ ପ୍ରଭାବିତ ହେବେ। ଏହା ବ୍ୟତୀତ, ଏଭରଗ୍ରାଣ୍ଡ ସହ ବ୍ୟବସାୟ କରୁଥିବା କମ୍ପାନୀଗୁଡିକ ମଧ୍ୟ ବଡ କ୍ଷତି ସହିବା ଆଶଙ୍କା ରହିଛି। ଏହା ସହିତ ଅନ୍ୟ କେତେକ କମ୍ପାନୀ ମଧ୍ୟ ବୁଡ଼ିଯାଇପାରନ୍ତି।

ଭାରତର ଅନେକ କମ୍ପାନୀ ମଧ୍ୟ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ଏଭରଗ୍ରାଣ୍ଡ ସହିତ ବ୍ୟବସାୟିକ ଦୃଷ୍ଟିରୁ ଜଡିତ। ବିଶେଷକରି ଇସ୍ପାତ, ରାସାୟନିକ ପଦାର୍ଥ ଏବଂ ଧାତୁ କ୍ଷେତ୍ରର କମ୍ପାନୀଗୁଡିକ କମ୍ପାନୀ ସହ ବ୍ୟବସାୟ କରିଥାନ୍ତି। ଏଭରଗ୍ରାଣ୍ଡ ଦେବାଳିଆ ହେବାର ପ୍ରଭାବରେ ଘରୋଇ ଷ୍ଟକ ବଜାର ସେନସେକ୍ସ ଭୁଷୁଡ଼ିଛି। ଏହା ବ୍ୟତୀତ ଅନ୍ୟ ଦେଶଗୁଡିକର ଷ୍ଟକ୍ ମାର୍କେଟ ମଧ୍ୟ ଏଥିରେ ପ୍ରଭାବିତ ହୋଇଥିବା ଜଣାପଡିଛି।

## ଆକାଶ ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ଜାତୀୟ ସ୍କଲାରସିପ୍ ଏଏନ୍‌ଟିଏଚ୍‌ଇ ୨୦୨୧

ଭୁବନେଶ୍ୱର,୨୨।୯(ସମିସ): ଆକାଶ ନ୍ୟାସନାଲ୍ ଟ୍ୟାଲେଣ୍ଟ ହଣ୍ଟ ପରୀକ୍ଷା (ଏଏନ୍‌ଟିଏଚ୍‌ଇ) ୨୦୨୧, ଆକାଶ ଏଡୁକେସନାଲ୍ ସର୍ଭିସେସ୍ ଲିମିଟେଡ୍ (ଏଇଏସଏଲ୍)ର ଦ୍ୱାଦଶ ସଂସ୍କରଣ। ଏହା ୭ମ-୧୨ଶ ଶ୍ରେଣୀର ଆଶାୟୀ ଡାକ୍ତର ଓ ଇଞ୍ଜିନିୟର ଛାତ୍ରମାନଙ୍କୁ ନିଟ୍ ଓ ଆଇଆଇଟି-ଜେଇଇ କୋଚିଂ ପ୍ରୋଗ୍ରାମ ପାଇଁ ୧୦୦% ସ୍କଲାରସିପ ପ୍ରଦାନ କରିବାକୁ ଯାଉଛି। ଏଏନଟିଏଚଇ ୨୦୨୧ ଉଭୟ ଅନଲାଇନ୍ ଓ ଅଫଲାଇନ ମାଧ୍ୟମରେ ଆସନ୍ତା ଡିସେମ୍ବର ୪ରୁ ୧୨ ମଧ୍ୟରେ ସାରା ଦେଶରେ ୨୪ ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ କରାଯିବ। ଟ୍ୟୁସନ ଫି'ରେ ସ୍କଲାରସିପ ସହିତ, ଟପ୍ ସ୍କୋରଧାରୀମାନଙ୍କୁ ଗଦ ଅର୍ଥ ପୁରସ୍କାର ପ୍ରଦାନ କରାଯିବ। ଚଳିତ ବର୍ଷ ସମସ୍ତ ଗ୍ରେଡର ୫ ଜଣ ପ୍ରତିଭାବାନ ଛାତ୍ରଙ୍କୁ ଜଣେ ଲେଖାଏଁ ଅଭିଭାବକଙ୍କ ସହିତ ନାସାକୁ ମାଗଣାରେ ଯାତ୍ରା ସୁଯୋଗ ପୁରସ୍କାର ଭାବରେ ପ୍ରଦାନ କରାଯିବ।ଅତିରିକ୍ତ ଲାଭ ଭାବରେ, ଏଏନଟିଏଚଇ ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ଛାତ୍ରମାନେ ମାଗଣାରେ ମେରିଟନେସନ ସ୍କୁଲ ବୁଷ୍ଟର ପାଇବେ। ଏହି ଏକ ଘଣ୍ଟିଆ ପରୀକ୍ଷା ଏଏନଟିଏଚଇ ଅନଲାଇନ୍ ସକାଳ ୧୦ଟା ରୁ ଅପରାହ୍ନ ୭.୦୦ ଘଣ୍ଟା ମଧ୍ୟରେ ସମସ୍ତ ପରୀକ୍ଷା ଦିବସରେ କରାଯିବ। ଏହା ସହିତ ଅଫଲାଇନ୍ ପରୀକ୍ଷା ଡିସେମ୍ବର ୫ ଓ ୧୨ରେ ରେ ଦୁଇଟି ସିଫ୍ଟରେ ସକାଳ ୧୦ଟା ୩୦ ମିନିଟ୍‌ରୁ ୧୧ଟା ୩ରୁ ଓ ଅପରାହ୍ନ ୪ଟାଠାରୁ ୫ଟା ମଧ୍ୟରେ ସାରା ଦେଶରେ ଥିବା ଆକାଶ ଇନଷ୍ଟିଚ୍ୟୁଟର ୨୧୫ରୁ ଅଧିକ ସେଣ୍ଟରରେ କରାଯିବ। ଏହି ସମୟରେ ପ୍ରଯୁଜ୍ୟ ରାଜ୍ୟ/ କେନ୍ଦ୍ର ଶାସିତ ଅଞ୍ଚଳର କୋଭିଡ-୧୯ର ଅନୁପାଳନ କରାଯିବ। ଛାତ୍ରମାନେ ସେମାନଙ୍କ ପାଇଁ ଉପଯୋଗୀ ଏକ ଘଣ୍ଟିଆ ସ୍ଲଟ୍‌କୁ ବାଛିପାରିବେ।

## ବିଦେଶୀ ନିବେଶକ ଏଲ୍‌ଆଇସି ଆଇପିଓରେ ୨୦% ଅଂଶଧନ କିଣିପାରିବେ

ନୂଆଦିଲ୍ଲୀ,୨୨।୯ (ଏଜେନ୍ସି): ଏଣିକି ବିଦେଶୀ ନିବେଶକମାନେ ରାଷ୍ଟ୍ରାୟତ୍ତ ଭାରତୀୟ ଜୀବନ ବୀମା ନିଗମ(ଏଲ୍‌ଆଇସି)ର ପ୍ରାରମ୍ଭିକ ପବ୍ଲିକ୍ ଅଫର (ଆଇପିଓ)ର ୨୦% ପର୍ଯ୍ୟନ୍ତ ସେୟାର କିଣିପାରିବେ। କାରଣ କେନ୍ଦ୍ର ସରକାର ଏଥିପାଇଁ ଅନୁମତି ଦେବାକୁ ବିଚାର କରୁଛନ୍ତି। ଏଲ୍‌ଆଇସିର ଅଂଶଧନ ବିକ୍ରୟରୁ ସରକାର ୯୦୦ ବିଲିୟନ ଟଙ୍କା (୧୨.୨ ବିଲିୟନ ଡ଼ଲାର) ସଂଗ୍ରହ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ବର୍ତ୍ତମାନ ସୁଦ୍ଧା ଯଦିଓ ବିଦେଶୀ ସଂସ୍ଥାଗତ ନିବେଶକମାନଙ୍କୁ ବେସରକାରୀ ବୀମା କମ୍ପାନୀରେ ୭୪% ଏବଂ ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ୨୦% ପର୍ଯ୍ୟନ୍ତ ଅଂଶଧନ କ୍ରୟ ଅନୁମତି ଦିଆଯାଇଛି। ଏହାକୁ ସକ୍ଷମ କରିବା ଦ୍ୱାରା ବିଦେଶୀ ପେନସନ୍ ପାଣ୍ଠି, ବୀମା କମ୍ପାନୀ ଏବଂ ମ୍ୟୁଚୁଆଲ୍ ଫଣ୍ଡ ଭାରତର ବୃହତ ଜୀବନ ବୀମାକାରୀଙ୍କ ଆଇପିଓରେ ଅଂଶଗ୍ରହଣ କରିବାକୁ ଅନୁମତି ଦେବ।

## ସୋନୀ ପିକ୍‌ଚର୍ସ ସହ ଜୀ ଏଣ୍ଟରଟେନ୍‌ମେଣ୍ଟର ହେବ ମିଶ୍ରଣ

ମୁମ୍ବାଇ ୨୨।୯(ଏଜେନ୍ସି): ସୋନୀ ପିକଚର୍ସ ଇଣ୍ଡିଆ ସହ ସହ ଜୀ ଏଣ୍ଟରଟେନମେଣ୍ଟର ହେବ ମିଶ୍ରଣ। ସୋନୀ ଗ୍ରୁପର ଭାରତୀୟ ୟୁନିଟ୍ ଦେଶର ସର୍ବ ବୃହତ ଟେଲିଭିଜନ ନେଟୱାର୍କ ଜି ଏଣ୍ଟରଟେନମେଣ୍ଟ ଏଣ୍ଟରପ୍ରାଇଜର୍ସ କ୍ରୟ ଲାଗି ଏକ ରାଜିନାମା ସ୍ୱାକ୍ଷର କରିଛି। ସଂସ୍ଥାର ପ୍ରମୁଖ ଅଧିକାରୀଙ୍କ ଅପସାରଣ ଲାଗି ଅଂଶୀଦାରଙ୍କ ଆଡୁ ଦାବି ହେବାପରେ ଏହି ପଦକ୍ଷେପ ନିଆଯାଇଛି। ଫଳରେ ସଂସ୍ଥାର ୫୩ ପ୍ରତିଶତ ଅଂଶଧନ ସୋନୀ ଇଣ୍ଡିଆ ମାଲିକାନାକୁ ଆସିଥିବା ବେଳେ ବଳକା ଅଂଶ ସେୟାରଧାରୀଙ୍କ ଅଧୀନରେ ରହିବ ବୋଲି ବୁଧବାର ଏକ ମିଳିତ ବିବୃତ୍ତିରେ କୁହାଯାଇଛି। ସୋନୀର ଏହି ୟୁନିଟ୍‌ରେ ଅଂଶୀଦାରମାନେ ପୁଞ୍ଜିନିବେଶ କରିବେ। ଫଳରେ ମୋଟ ପୁଞ୍ଜିର ପରିମାଣ ୧.୫୮ ବିଲିୟନ ଡଲାରରେ ପହଞ୍ଚିବ। ତେବେ ବୋର୍ଡର ଅଧିକାଂଶ ପଦପଦବୀ ସୋନୀ ହାତରେ ରହିବ। ରାଜିନାମାରେ ଉଭୟ କମ୍ପାନୀଙ୍କୁ ୯୦ ଦିନିଆ ଅବଧି ଦିଆଯାଇଛି। ଏହି ଅବଧି ଉଭୟ କମ୍ପାନୀ ବାଇଣ୍ଡିଂ ଏଗ୍ରିମେଣ୍ଟ ଲାଗି ସ୍ୱତନ୍ତ୍ର ଆଲୋଚନା କରିବେ। ଏହି ସମୟରେ ୟୁନିଟର ନେତୃତ୍ୱ ଜୀ ଏଣ୍ଟରଟେନମେଣ୍ଟର ସିଇଓ ପୁନିତ ଗୋଏଙ୍କା ନେବେ। ଗତ ସପ୍ତାହରେ ଜୀ ନେଟୱାର୍କରେ ୧୭.୯ ପ୍ରତିଶତ ସେୟାରର ମାଲିକ ଇନଭେଷ୍କୋ ଡେଭଲପିଙ୍ଗ ମାର୍କେଟ ଫଣ୍ଡ ଏବଂ ଓଏଫଆଇ ଗ୍ଲୋବାଲ ଚାଇନା ଫଣ୍ଡ ଏଲଏଲସି ଗୋୟଙ୍କାଙ୍କ ସମେତ ଅନ୍ୟ ୨ ଜଣଙ୍କ ବହିଷ୍କାର ଲାଗି ଏକ ସ୍ୱତନ୍ତ୍ର ବୈଠକ ଆହ୍ୱାନ କରିଥିଲେ। ଫଳରେ ସଂକଟଗ୍ରସ୍ତ ଜୀରେ ନୂଆ ମୋଡ ଆସିଛି। ୧୯୯୨ରେ ସ୍ଥାପିତ କମ୍ପାନୀରେ ସୁଭାଷ ଚନ୍ଦ୍ରା ଓ ତାଙ୍କ ପରିବାରଙ୍କ କର୍ତ୍ତୃତ୍ୱ ସମାପ୍ତ କରିବା ଲାଗି ନିବେଶକଙ୍କ ଏହା ଏକ ଉଦ୍ୟମ ଥିବାବେଳେ ବୋର୍ଡର ୨ ଜଣ ସଦସ୍ୟ ତତ୍କାଳ ଇସ୍ତଫା ଦେଇଥିଲେ। ମିଡ଼ିଆ ବାଦ୍‌ଶାହା ଏକଦା ଜୀ ରୁପର୍ଟ ମୋଡ୍ରକଙ୍କ ଭାରତୀୟ ଅଂଶୀଦାର ରହିଥିଲା।

## ୨୫ରୁ ଆଇଫୋନ୍ ୧୩ ସିରିଜ୍ ବିକ୍ରି ଆରମ୍ଭ

ନୂଆଦିଲ୍ଲୀ, ୨୨।୯ (ଏଜେନ୍ସି)

ଆପଲ୍ ଆଇଫୋନ ୧୩ ସିରିଜ୍‌ର ବିକ୍ରି ସେପ୍ଟେମ୍ବର ୨୫ରୁ ଆରମ୍ଭ ହେବ। ଯେଉଁ ଗ୍ରାହକମାନେ ଏହାକୁ ପ୍ରି-ବୁକ୍ କରିଥିଲେ ସେମାନଙ୍କ ପାଇଁ କମ୍ପାନୀ ୨୪ ସେପ୍ଟେମ୍ବରରୁ ଡେଲିଭରି ଆରମ୍ଭ କରିବ। ତେବେ କଥା ହେଉଛି କମ୍ପାନୀ ଏହି ସିରିଜ୍‌ର ସ୍ମାର୍ଟଫୋନରେ କୌଣସି ଫ୍ଲାଟ ରିଆତି ଦେଉନାହିଁ। ତଥାପି ଏହାକୁ ଆପଣ ୬୦୦୦ ଟଙ୍କା କ୍ୟାସବ୍ୟାକ୍‌ରେ କିଣାଯାଇପାରିବ। ତେବେ ଆଇଫୋନ ୧୩ ସିରିଜ୍‌ର ମୂଲ୍ୟ ଆଇଫୋନ ୧୨ ଭଳି ରହିବ। ଗତବର୍ଷ ବଜାରକୁ ଆସିଥିବା ଆଇଫୋନ ୧୨ ତୁଳନାରେ ଚଳିତବର୍ଷ ଆସିଥିବା ଆଇଫୋନ ୧୩ ସିରିଜ୍‌ର ମୂଲ୍ୟ କମ୍ପାନୀ ପରିବର୍ତ୍ତନ କରିନାହିଁ। ଏହା ସତ୍ତ୍ୱେ ବି ଗ୍ରାହକଙ୍କ ପାଇଁ ଆଇଫୋନ ୧୩ ସିରିଜ୍‌ର ଯେକୌଣସି ବି ଫୋନ କିଣିବା ମହଙ୍ଗା ପଡ଼ିବ।

### କ୍ରେଡିଟ୍ କିମ୍ବା ଡେବିଟ୍ କାର୍ଡରେ ପେମେଣ୍ଟ କଲେ କ୍ୟାସବ୍ୟାକ୍

ଆଇଫୋନ ୧୩ ସିରିଜ୍‌ରେ କମ୍ପାନୀ ୪ଟି ମଡେଲ୍‌ର ସ୍ମାର୍ଟଫୋନ ଯଥା- ଆଇଫୋନ






୧୩, ଆଇଫୋନ ୧୩ ମିନି, ଆଇଫୋନ ୧୩ ପ୍ରୋ, ଆଇଫୋନ ୧୩ ପ୍ରୋ ମାକ୍ସ ବଜାରକୁ ଛାଡିଛି। ଏଥିରୁ କୌଣସି ବି ସ୍ମାର୍ଟଫୋନକୁ ଗ୍ରାହକ ୬୦୦୦ ଟଙ୍କା କ୍ୟାସବ୍ୟାକ ସହିତ କିଣିପାରିବେ। ୬୦୦୦ ଟଙ୍କାର କ୍ୟାସବ୍ୟାକ ପାଇଁ ଆପଣଙ୍କୁ ଏଚ୍‌ଡିଏଫ୍‌ସି ବ୍ୟାଙ୍କର କ୍ରେଡିଟ୍ କିମ୍ବା ଡେବିଟ୍ କାର୍ଡ ବ୍ୟବହାର କରିବା ପାଇଁ ପଡ଼ିବ। ଆଇଫୋନ ୧୩ରେ ମିଳୁଥିବା ଏହି କ୍ୟାସବ୍ୟାକ ପ୍ରି-ବୁକ କରୁଥିବା ଗ୍ରାହକମାନଙ୍କ ପାଇଁ ଉପଲବ୍ଧ। ଏହାର ଶେଷ ତାରିଖ ସେପ୍ଟେମ୍ବର ୨୩ ପର୍ଯ୍ୟନ୍ତ ରହିଛି। ବର୍ତ୍ତମାନ ଆଇଫୋନ ୧୩ ଓ ଆଇଫୋନ ୧୩ ମିନିର ୧୨୮ ଜିବି ଭାରିଆଣ୍ଟର ଫୋନ ପ୍ରି ବୁକିଙ୍ଗ ପାଇଁ ଉପଲବ୍ଧ ନାହିଁ। କମ୍ପାନୀ ବିକ୍ରି ପାଇଁ ଆଇଫୋନ ୧୩ ପ୍ରୋ ଓ ପ୍ରୋମାକ୍ସକୁ ଉପଲବ୍ଧ କରିଛି। କିନ୍ତୁ ଏହି ଦୁଇଟି ମଡେଲ ବର୍ତ୍ତମାନ ଉପଲବ୍ଧ ନାହିଁ। ଏହି ଦୁଇଟି ଫୋନ ବଜାରକୁ ଆସିବା ପାଇଁ ୫ ରୁ ୬ ସପ୍ତାହ ସମୟ ଲାଗିବ।

## ଏୟାର ଇଣ୍ଡିଆ ସିଏମଡି ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ସଚିବ



ନୂଆଦିଲ୍ଲୀ,୨୨।୯ (ଏଜେନ୍ସି): ସରକାର ବୁଧବାର ରାଜୀବ ବନସଲ୍‌ଙ୍କୁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟର ସଚିବ ଭାବେ ନିଯୁକ୍ତ କରିଛନ୍ତି। ବନସଲ୍ ବର୍ତ୍ତମାନ ସରକାରୀ ବିମାନ କମ୍ପାନୀ ଏୟାର ଇଣ୍ଡିଆର ସିଏମ୍‌ଡି ଭାବରେ କାର୍ଯ୍ୟ କରୁଛନ୍ତି। ଏହାପୂର୍ବରୁ ସେ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରାଳୟର ପରାମର୍ଶଦାତା ରହିଥିଲେ। ବନସଲ୍ ପ୍ରଦୀପ ସିଂ ଖରୋଲାଙ୍କ ସ୍ଥାନରେ ସଚିବ ଭାବେ ନିଯୁକ୍ତି ପାଇଛନ୍ତି, ଯେ କି ଚଳିତ ମାସ ଶେଷ ଅବସରରେ ଅବସର ଗ୍ରହଣ କରିବେ। ବନସଲ୍ ନାଗାଲାଣ୍ଡ କ୍ୟାଡରର ୧୯୮୮ ବ୍ୟାଚ୍ ଆଇଏଏସ୍ ଅଧିକାରୀ। ସେ ଏହା ପୂର୍ବରୁ ୨୦୦୬ ରୁ ୨୦୦୮ ମଧ୍ୟରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟରେ କାର୍ଯ୍ୟ କରିଥିଲେ।

## ବିନା ଇଣ୍ଟରନେଟ୍‌ରେ କେମିତି କରିବେ ୟୁପିଆଇ ପେମେଣ୍ଟ





ନୂଆଦିଲ୍ଲୀ ୨୨।୯ (ଏଜେନ୍ସି)

ସ୍ମାର୍ଟଫୋନ୍ ୟୁଜର୍ସଙ୍କ ପାଇଁ ୟୁପିଆଇ ମାଧ୍ୟମରେ ପେମେଣ୍ଟ କରିବା ଏବେ ଏକ ସୁବିଧାଜନକ ମାଧ୍ୟମ। ଏହା ଜରିଆରେ ୟୁଜର୍ସ ଯେକୌଣସି ସ୍ଥାନରେ ପାଖରେ ଟଙ୍କା ନ ଥିଲେ ବି ଟଙ୍କା ପୈଠ କରିପାରୁଛନ୍ତି। ୟୁପିଆଇ ପେମେଣ୍ଟ କରିବାକୁ ହେଲେ ଫୋନ୍‌ରେ ଇଣ୍ଟରନେଟ୍ ସଂଯୋଗ ଥିବା ଜରୁରୀ। ଅନେକ ସମୟରେ ଇଣ୍ଟରନେଟ ସଂଯୋଗ ନ ଥିଲେ କିମ୍ବା ମନ୍ଥର ଥିଲେ ଅନ୍‌ଲାଇନ୍ ପେମେଣ୍ଟ କରିବା ମୁସ୍କିଲ ହୋଇଯାଏ। ଯଦି କୌଣସି ସମୟରେ ଆପଣ ଏମିତି କିଛି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତେବେ ଆପଣଙ୍କୁ କିଛି ଖାସ୍ ଟ୍ରିକ୍ ଜାଣିବାକୁ ହେବ। ଏହି ଟ୍ରିକ୍ ଜରିଆରେ ଫୋନ୍‌ରେ ଇଣ୍ଟରନେଟ୍ ସଂଯୋଗ ନ ଥିଲେ ମଧ୍ୟ ଆପଣ ୟୁପିଆଇ ପେମେଣ୍ଟ କରିପାରିବେ।

### *୯୯# ସର୍ଭିସ୍ ମାଧ୍ୟମରେ ୟୁପିଆଇ ପେମେଣ୍ଟ

ୟୁପିଆଇ ପେମେଣ୍ଟ କରିବାକୁ ହେଲେ ସବୁଠୁ ଜରୁରୀ ଆପଣଙ୍କ ବ୍ୟାଙ୍କରେ ପଞ୍ଜୀକୃତ ଏବଂ ୟୁପିଆଇ ସହ ଲିଙ୍କ୍ ହୋଇଥିବା ଫୋନ୍ ନମ୍ବର ଦରକାର। ଏହାପରେ ଆପଣଙ୍କ ଫୋନ୍‌ରେ *୯୯# ସର୍ଭିସ୍ ଆକ୍ଟିଭ୍ ଅଛି କି ନାହିଁ ଯାଞ୍ଚ କରିନିଅନ୍ତୁ। *୯୯# ଡାଏଲର କୋଡ୍ ଭାରତରେ ସମସ୍ତ ମୋବାଇଲ୍ ୟୁଜର୍ସଙ୍କ ପାଇଁ ଆରମ୍ଭ କରାଯାଇଥିଲା। ଏହାର ଅର୍ଥ ଆପଣ ୟୁପିଆଇ ଇକୋସିଷ୍ଟମର ଏକ ଅଂଶ।

**ବିନା ଇଣ୍ଟରନେଟ୍‌ରେ କିଭଳି କରିବେ ପେମେଣ୍ଟ**

- ସର୍ବପ୍ରଥମେ ଫୋନ୍‌ରେ *୯୯# ଡାଏଲ କରନ୍ତୁ।
- ଏହାପରେ ଆପଣଙ୍କୁ ଅନେକ ମେନ୍ୟୁ ଦେଖାଯିବ। ଏଥିରେ ଆପଣ ପ୍ରଥମ ମେନ୍ୟୁ (ସେଣ୍ଡ ମନି) ଉପରେ କ୍ଲିକ୍ କରନ୍ତୁ।
- ଯାହାଙ୍କୁ ଟଙ୍କା ପଠାଇବେ ତାଙ୍କର ସବିଶେଷ ତଥ୍ୟ ଦିଅନ୍ତୁ।
- ୟୁପିଆଇ ଆକାଉଣ୍ଟ ସହ ଲିଙ୍କ୍ ନମ୍ବର ଦିଅନ୍ତୁ।
- କେତେ ଟଙ୍କା ପଠାଇବେ ଟାଇପ୍ କରନ୍ତୁ। ପରେ ସେଣ୍ଡ ଉପରେ କ୍ଲିକ୍ କରନ୍ତୁ।
- ଟ୍ରାଞ୍ଜାକ୍ସନ ପୂରା କରିବାକୁ ଆପଣଙ୍କୁ ୟୁପିଆଇ ପିନ୍ ଦେବାକୁ ହେବ।



# ଡଃ ରାଜେନ୍ଦ୍ର ପ୍ରସାଦ ମିଶ୍ର ପାଇବେ ଗଙ୍ଗା ଶରଣ ସିଂହ ପୁରସ୍କାର

ଭୁବନେଶ୍ୱର ୨୨।୯ (ସମିସ): ଆଗ୍ରାସ୍ଥିତ ଭାରତ ସରକାରଙ୍କ ପ୍ରଖ୍ୟାତ ହିନ୍ଦୀ ପ୍ରଶିକ୍ଷଣ ସଂସ୍ଥା 'କେନ୍ଦ୍ରୀୟହିନ୍ଦୀ ସଂସ୍ଥାନ'୨୦୧୮ ବର୍ଷ ପାଇଁ ସମ୍ମାନଜନକ 'ହିନ୍ଦୀ ସେବୀ ସମ୍ମାନ' ପୁରସ୍କାର ଘୋଷଣା କରିଛି। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ହିନ୍ଦୀ ଭାଷାର ବିକାଶ, ପ୍ରଚାର ପ୍ରସାର ଓ ପ୍ରୋତ୍ସାହନ ନିମନ୍ତେ କାର୍ଯ୍ୟରତ ୧୨ଟି ଶ୍ରେଣୀର ୨୬ ଜଣ ବିଦ୍ୱାନ ଲେଖକଲେଖିକାଙ୍କୁ ଏଥିରେ ପୁରସ୍କୃତ କରାଯିବ। ତନ୍ମଧ୍ୟରୁ ହିନ୍ଦୀ ଭାଷାର ପ୍ରଚାର, ପ୍ରସାର ତଥା ଶିକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁରର ଡଃ



ରାଜେନ୍ଦ୍ର ପ୍ରସାଦ ମିଶ୍ରଙ୍କୁ 'ଗଙ୍ଗା ଶରଣ ସିଂହ' ପୁରସ୍କାରରେ ସମ୍ମାନିତ କରାଯିବ। ଏହି ସମ୍ମାନ ପ୍ରଦାନ ଅବସରରେ ରାଷ୍ଟ୍ରପତି ତାଙ୍କୁ ନଗଦ ପାଞ୍ଚ ଲକ୍ଷ ଟଙ୍କା ସହ ମାନପତ୍ର ଓ ଉପଢୌକନ ପ୍ରଦାନ କରିବେ।

ଡଃ ପ୍ରସାଦ ନୂଆଦିଲ୍ଲୀସ୍ଥିତ ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟରେ ୧୯୯୬ରୁ ୧୯୯୭ ପର୍ଯ୍ୟନ୍ତ ସହକାରୀ ପ୍ରାଧ୍ୟାପକ ଭାବେ କାର୍ଯ୍ୟ କରିଥିଲେ। ଡଃ ମିଶ୍ର ଏନ୍‌ଟିପିସିର ମହାପ୍ରବନ୍ଧକ(ମାନବସମ୍ବଳ-ରାଜଭାଷା) ଭାବେ ମଧ୍ୟ ସୁଚାରୁରୂପେ କାର୍ଯ୍ୟ ତୁଲାଇଛନ୍ତି। ସେ ବିଶ୍ୱ ହିନ୍ଦୀ ସଚିବାଳୟ ମରିସସ୍ ପକ୍ଷରୁ ପ୍ରକାଶିତ ତ୍ରୟମାସିକ ହିନ୍ଦୀ ପତ୍ରିକା 'ବିଶ୍ୱ ହିନ୍ଦୀ ସମାଚାର' ଓ ବାର୍ଷିକ ହିନ୍ଦୀ ପତ୍ରିକା 'ବିଶ୍ୱ ହିନ୍ଦୀ'ର ସଂପାଦନା ଦାୟିତ୍ୱ ନିର୍ବାହ କରିଛନ୍ତି। ଏହାବାଦ୍ ସେ ୯୭ରୁ ଅଧିକ ଓଡ଼ିଆ ପୁସ୍ତକକୁ ହିନ୍ଦୀରେ ଅନୁବାଦ କରିଛନ୍ତି। ସାହିତ୍ୟ ଓ ଅନୁବାଦ କ୍ଷେତ୍ରରେ ଅତୁଳନୀୟ ଅବଦାନ ରଖିଥିବା ଡଃ ମିଶ୍ରଙ୍କୁ 'ସାହିତ୍ୟ ଅକାଦେମି', 'ଅଣ ହିନ୍ଦୀ ଲେଖକ ସମ୍ମାନ', 'ସୌହାର୍ଦ୍ଦ ପୁରସ୍କାର', 'ସଂହତି ପୁରସ୍କାର', 'ସେତୁବନ୍ଧ ପୁରସ୍କାର', 'ବଙ୍କିମ ଚନ୍ଦ୍ର ପୁରସ୍କାର' ପ୍ରଭୃତି ଏକାଧିକ ସମ୍ମାନରେ ସମ୍ମାନିତ କରାଯାଇଛି।

ଉଲ୍ଲେଖନୀୟ ଯେ ହିନ୍ଦୀ ସେବୀ ସମ୍ମାନ ଯୋଜନା ୧୯୮୯ ମସିହାରୁ ଆରମ୍ଭ ହୋଇଥିଲା। ଉକ୍ତ ଅନୁଷ୍ଠାନ ପ୍ରତିବର୍ଷ ୨୬ ଜଣ ଲେଖକ ଲେଖିକାଙ୍କୁ ଏହି ସମ୍ମାନରେ ସମ୍ମାନିତ କରି ଆସୁଛି।

### ନବୀକରଣ ଯୋଗ୍ୟ ଶକ୍ତି , ଯନ୍ତ୍ରାଂଶ ନିର୍ମାଣ, ପ୍ରସାରଣ ଏବଂ ଆବଣ୍ଟନ

# ୨୦ ବିଲିୟନ୍ ଡଲାର ନିବେଶ କରିବ ଆଦାନୀ ଗ୍ରୁପ

ଭୁବନେଶ୍ୱର,୨୨।୯ (ସମିସ): ନବୀକରଣ ଯୋଗ୍ୟ ଶକ୍ତି , ଯନ୍ତ୍ରାଂଶ ନିର୍ମାଣ, ପ୍ରସାରଣ ଏବଂ ଆବଣ୍ଟନ କ୍ଷେତ୍ରରେ ଆସନ୍ତା ୧୦ ବର୍ଷରେ ୨୦ ବିଲିୟନ୍ ଡଲାର ନିବେଶ କରିବ ଆଦାନୀ ଗ୍ରୁପ। ଗ୍ରୁପ ଗ୍ରୀନ୍ ଟେକ୍ନୋଲୋଜି କ୍ଷେତ୍ରରେ ରଖିଥିବା ନିଜର ଲକ୍ଷ୍ୟ ସ୍ପଷ୍ଟ କରିବାକୁ ଯାଇ ଜେପି ମୋର୍ଗାନ୍ ଇଣ୍ଡିଆ ନିବେଶକ ସମ୍ମିଳନୀରେ ଆଦାନୀ ଗ୍ରୁପ ଅଧ୍ୟକ୍ଷ ଗୌତମ ଆଦାନୀ ଏହା କହିଛନ୍ତି। ଗ୍ରୁପ ୨୦୨୫ ସୁଦ୍ଧା ଗ୍ରୀନ୍ ଟେକ୍ନୋଲୋଜି କ୍ଷେତ୍ରରେ ୭୫ ପ୍ରତିଶତରୁ ଅଧିକ ପୁଞ୍ଜି ବ୍ୟୟ ଲକ୍ଷ୍ୟ ରଖିଛି। ଆସନ୍ତା ୪ବର୍ଷରେ ଗ୍ରୁପ ନବୀକରଣ ଯୋଗ୍ୟ ଶକ୍ତି କ୍ଷେତ୍ରରେ ଉତ୍ପାଦନ କ୍ଷମତାକୁ ଦୁଇ ଗୁଣ କରିବ ବୋଲି କହିଛି। ବିଶ୍ୱର କୌଣସି ବି କମ୍ପାନୀ ଏହି ଭଳି ମାଇଲଖୁଣ୍ଟ ପ୍ରତିଷ୍ଠା କରିପାରିବନାହିଁ। କମ୍ପାନୀ ଏହି ଉତ୍ପାଦନ କ୍ଷମତାକୁ ୨୧ ପ୍ରତିଶତରୁ



୬୩ ପ୍ରତିଶତକୁ ବୃଦ୍ଧି ଘଟାଇଛି। ୨୦୩୦ ସୁଦ୍ଧା ଆଦାନୀ ପ୍ରଥମ ଭାରତୀୟ କମ୍ପାନୀ ଭାବେ ତାହାର ସମସ୍ତ ଡାଟା କେନ୍ଦ୍ରକୁ ନବୀକରଣ ଯୋଗ୍ୟ ଶକ୍ତି ଦ୍ୱାରା ପରିଚାଳିତ କରିବ। ସ୍ମାନ୍ ଡାଟା ସେଣ୍ଟର, ଇଣ୍ଡଷ୍ଟ୍ରିଆଲ କ୍ଲାଉଡ୍ ଏବଂ ଆଦାନୀ ଡିଜିଟାଲ ଲ୍ୟାବ୍ ଭଳି କେତେକ ଡିଜିଟାଲ ସମ୍ପର୍କିତ ଉଦ୍ୟୋଗ ଜରିଆରେ ଗ୍ରୁପ ଦେଶରେ ଡିଜିଟାଲ କ୍ଷେତ୍ରକୁ ପ୍ରୋତ୍ସାହିତ କରୁଥିବା ସେ କହିଛନ୍ତି। ଭାରତ କୋଭିଡ୍ ମହାମାରୀର ସବୁଠାରୁ ଖରାପ ସମୟ ମୁକାବିଲା କରିଛି। ଭାରତ ଯେଉଁଭଳି ଭାବେ ଏହାର ଟିକାକରଣ କାର୍ଯ୍ୟକ୍ରମକୁ ଆଗେଇ ନେଇଛି ତାହା ଅତୁଳନୀୟ ବୋଲି ଆଦାନୀ କହିଛନ୍ତି।

# ଶିକ୍ଷୟିତ୍ରୀଙ୍କ ଗଳାକାଟି ହତ୍ୟା ଉଦ୍ୟମ; ସ୍ୱାମୀ ଅଟକ

ବଲାଙ୍ଗିର,୨୨।୯ (ସମିସ): ବଲାଙ୍ଗିର ଜିଲ୍ଲା ପୁଇଁତଳା ଥାନା ଅର୍ନ୍ତଗତ ଦୁର୍ଗାପାଲି ଗାଁରେ ଜଣେ ଶିକ୍ଷୟିତ୍ରୀଙ୍କୁ ଗଳାକାଟି ହତ୍ୟା ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ଶିକ୍ଷୟିତ୍ରୀ ଜଣକ ଦୁର୍ଗାପାଲି ସରକାରୀ ଉଚ୍ଚବିଦ୍ୟାଳୟର ସଂସ୍କୃତ ଶିକ୍ଷୟିତ୍ରୀ ସଞ୍ଜୁରାଣୀ ଦେବତା ବୋଲି ଜଣାପଡ଼ିଛି। ତାଙ୍କୁ ଭୀମଭୋଇ ମେଡିକାଲରେ ଭର୍ତ୍ତି କରାଯାଇଛି। ଯୌତୁକ ନିର୍ଯାତନା ଦେଇ ତାଙ୍କ ସ୍ୱାମୀ ଏଭଳି କାଣ୍ଡ ଭିଆଇଥିବା ସେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ଅଭିଯୁକ୍ତ ସ୍ୱାମୀ ପ୍ରଦୀପ ପଣ୍ଡା ଟିଟିଲାଗଡ଼ସ୍ଥିତ ସିଲୁଁଆ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଥିବା ସୂଚନା ମିଳିଛି।



ସୂଚନା ଅନୁସାରେ ସଞ୍ଜୁ ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ ଅର୍ନ୍ତଗତ ବଣ୍ଡାବାହାଲ ଗାଁର ପ୍ରଦୀପ ପଣ୍ଡାଙ୍କୁ ଏକ ବର୍ଷ ତଳେ ବିବାହ କରିଥିଲେ। ତେବେ ସେ କମ୍ ଯୌତୁକ ଆଣିଥିବା ଯୋଗୁଁ ବିବାହର ମାତ୍ର ୫ ଦିନ ପରେ ପ୍ରଦୀପ ତାଙ୍କୁ ମାଡ ମାରିଥିଲେ। ବିବାହର ଏକ ବର୍ଷ ମଧ୍ୟରେ ସବୁବେଳେ ତାଙ୍କ ସହିତ ଝଗଡ଼ା କରିବାରୁ ସେ ତାଙ୍କ ସ୍ୱାମୀଙ୍କୁ ଛାଡପତ୍ର ଦେବାକୁ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ସେ ତାଙ୍କ ସ୍କୁଲ ନିକଟରେ ଏକ ଭଡା ଘର ନେଇ ରହୁଥିଲେ। ଅଲଗା ରହିବା ଦିନଠାରୁ ତାଙ୍କ ସ୍ୱାମୀ ତାଙ୍କୁ ହତ୍ୟା ଧମକ ଦେଉଥିବା ସେ କହିଛନ୍ତି। ବୁଧବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ପ୍ରଦୀପ ଦୁର୍ଗାପାଲି ସ୍କୁଲକୁ ଆସି ସଞ୍ଜୁଙ୍କୁ ସାକ୍ଷାତ କରିବାକୁ କହିଥିଲେ। ସଞ୍ଜୁ କଥା ହେବାକୁ ମନା କରିବାରୁ ଏକ ଧାରୁଆ ଛୁରୀରେ ତାଙ୍କୁ ଆକ୍ରମଣ କରିଥିଲେ। ପ୍ରଦୀପ ତାଙ୍କ ଗଳା କାଟି ହତ୍ୟା କରିବାକୁ ଉଦ୍ୟମ କରୁଥିବାବେଳେ କୌଶଳକ୍ରମେ ସେ ଖସି ପଳାଇଆସିଥିଲେ। ତାଙ୍କ ଗଳାରେ କ୍ଷତ ହୋଇଥିଲା। ପରେ ଗ୍ରାମବାସୀ ପ୍ରଦୀପଙ୍କୁ କାବୁ କରି ପୁଇଁତଳା ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ପ୍ରଦୀପଙ୍କୁ ଥାନା ଅଟକ ରଖିଛି। ତେବେ ଏହାକୁ ଯୌତୁକଜନିତ ହତ୍ୟା ଉଦ୍ୟମ ହୋଇଥିବାରୁ ତାଙ୍କ ସ୍ୱାମୀ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

### ■ ଇଞ୍ଜିନରେ ଯାନ୍ତ୍ରିକ ତ୍ରୁଟି

# ବେତନଟୀ ଷ୍ଟେସନରେ ୩ ଘଣ୍ଟା ଅଟକିଲା ଡିଏମୟୁ



ବେତନଟୀ,୨୨।୯ (ସମିସ): ଯାନ୍ତ୍ରିକ ତ୍ରୁଟି ଯୋଗୁ ବୁଧବାର ବେତନଟୀ ରେଳ ଷ୍ଟେସନରେ ୩ ଘଣ୍ଟା ଅଟକିଗଲା ବାଙ୍ଗିରିପୋଷି -ରୁପ୍ସା ମଧ୍ୟରେ ଚଳାଚଳ କରୁଥିବା ଡିଏମୟୁ ଟ୍ରେନ। ଧାର୍ଯ୍ୟ ସମୟ ଅନୁସାରେ ବୁଧବାର ଅପରାହ୍ନ ୧ଟା ୪୫ରେ ରୁପ୍ସା ଯିବାପାଇଁ ବେତନଟୀ ଷ୍ଟେସନରେ ପହଞ୍ଚିଥିଲା ଏହି ଡ଼ିଏମୟୁ ଟ୍ରେନ, ମାତ୍ର ଇଞ୍ଜିନରେ କୌଣସି ଯାନ୍ତ୍ରିକ ସମସ୍ୟା ପାଇଁ ଷ୍ଟାର୍ଟ ବନ୍ଦ ହୋଇଯିବା ସହିତ ଟ୍ରେନ ୩ଘଣ୍ଟାରୁ ଅଧିକ ସମୟ ଧରି ବେତନଟୀ ଷ୍ଟେସନରେ ଅଟକି ରହିଥିଲା। ଯଦ୍ୱାରା ଶତାଧିକ ଯାତ୍ରୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। କିଛି ଯାତ୍ରୀ ଅଟୋ ଏବଂ ବସ ଯୋଗେ ଯାଇଥିବା ବେଳେ ଅଧିକାଂଶ ଯାତ୍ରୀ ବେତନଟୀ ଷ୍ଟେସନରେ ଅଟକି ରହିଥିଲେ। ତେବେ ୩ଘଣ୍ଟା ଧରି ମରାମତି ପରେ ଅପରାହ୍ନ ୪ଟା ୪୮ ରେ ଡ଼ିଏମୟୁ ଟ୍ରେନ ନିଜର ଲକ୍ଷ୍ୟସ୍ଥଳ ରୁପ୍ସା ଅଭିମୁଖେ ଯାତ୍ରା କରିଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମା' ଓ ଦୁଇ...

କୌଣସି ଶବ୍ଦ ଆସି ନଥିଲା। ବାହାର କବାଟ ଖୋଲା ଥିବା ବେଳେ କ୍ଷୀର ନେବାକୁ କେହି ନ ଆସିବାରୁ ସନ୍ଦେହରେ ସେ ଘର ଭିତରକୁ ଦେଖିଥିଲେ। ଘର ଚଟାଣରେ ୩ ଜଣଙ୍କ ମୃତ ଶରୀର ଦେଖି ସେ ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଘରେ ନାରାୟଣ ନ ଥିବାବେଳେ ମା' ଓ ୨ ଝିଅଙ୍କ ମୃତଦେହ ପଡ଼ିଥିବା ଦେଖି ଗ୍ରାମବାସୀ ପୁଲିସକୁ ଖବର ଦେଇଥିଲେ। ବ୍ରଜରାଜନଗର ଆଇଆଇସି ବୈକୁଣ୍ଠ ସେଠ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଖବରପାଇ ଝାରସୁଗୁଡ଼ା ଏସ୍‌ପି ବିକାଶ କୁମାର ଦାଶ, ଅତିରିକ୍ତ ଏସ୍‌ପିଙ୍କ ସମେତ ବରିଷ୍ଠ ପୁଲିସ ଅଧିକାରୀମାନେ ସାଇଣ୍ଟିଫିକ୍ ଦଳ ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ୩ ମୃତ ଶରୀରକୁ ଆଜି ବ୍ୟବଚ୍ଛେଦ କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁ ରହସ୍ୟ ଉନ୍ମୋଚନ ହେବ ବୋଲି ପୁଲିସ ପକ୍ଷରୁ କୁହାଯାଉଛି। ମୃତ ମହିଳାଙ୍କ ସ୍ୱାମୀ ନାରାୟଣ ଫେରାର୍ ଥିବାରୁ ତାଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଥିବା ତଦନ୍ତକାରୀ ଥାନା ଆଇଆଇସି ଶ୍ରୀ ସେଠ୍ କହିଛନ୍ତି। ଅନ୍ୟପକ୍ଷ୍ୟରେ ମୃତ ମହିଳାଙ୍କ ମା' ସଙ୍ଗୀତା ମୁଣ୍ଡା କହିଛନ୍ତି ପରିବାର ଲୋକେ ଚକ୍ରାନ୍ତ କରି ତାଙ୍କ ଝିଅକୁ ମାରି ଦେଇଛନ୍ତି। ବିଭିନ୍ନ ସମୟରେ ସ୍ୱାମୀ ଓ ଦିଅର ତାଙ୍କ ଝିଅକୁ ନିର୍ଯ୍ୟାତନା ଦେଉଥିବା ମଧ୍ୟ ଅଭିଯୋଗ ଆଣିଛନ୍ତି। ପ୍ରକାଶ ଯେ, ପୂର୍ବରୁ ମୃତ ମହିଳାଙ୍କୁ ତାଙ୍କ ଦିଅର ଦୁଷ୍କର୍ମ ଉଦ୍ୟମ କରି ଗିରଫ ହୋଇଥିଲେ। ୩ ମାସରୁ ଊର୍ଦ୍ଧ୍ୱ ହେବ ସେ ଖଲାସ ହୋଇ ଘରକୁ ଫେରିଥିଲେ।

### କୂଳ ଲଂଘିଲା...

ବନ୍ୟାଞ୍ଚଳ ଗସ୍ତ କରିଛନ୍ତି। ବନ୍ୟା ମୁକାବିଲା ପାଇଁ ବିଡିଓ ଏବଂ ତହସିଲଦାରଙ୍କୁ ସତର୍କ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ବସ୍ତାରେ ଅଗ୍ନିଶମ ଓ ଓଡ୍ରାଫର ଏକାଧିକ ଟିମକୁ ନିୟୋଜିତ କରାଯାଇଛି। ପାଣିଘେରରେ ରହିଥିବା ଲୋକଙ୍କୁ ଓଡ୍ରାଫ ଓ ଅଗ୍ନିଶମ ବିଭାଗର ଉଦ୍ଧାରକାରୀ ଦଳ ଦ୍ୱାରା ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଉଛି। ଜଳକା ବନ୍ୟା ଯୋଗୁଁ ବସ୍ତା ଓ ସଦର ବ୍ଲକର ପତ୍ରଝଡ଼ା, ସଦାନନ୍ଦପୁର, ବ୍ରହ୍ମଣଦା, ରସୁଲପୁର, ଶ୍ରୀରାମପୁର ଆଦି ପଞ୍ଚାୟତ ସମ୍ପୂର୍ଣ୍ଣ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି। ସଦାନନ୍ଦପୁର ପଞ୍ଚାୟତର ବିଭିନ୍ନ ଗାଁରେ ବହୁ କଚ୍ଚା ଘର ଧରାଶାୟୀ ହୋଇଛି। ସେହିପରି ଖରସ୍ରୋତା ସୁବର୍ଣ୍ଣରେଖା ବନ୍ୟା ସ୍ଥିତି ନିୟନ୍ତ୍ରଣକୁ ଆସୁଥିବା ବେଳେ ନଦୀର ଉପର ମୁଣ୍ଡ ବର୍ଷା ସହ ଗାଲୁଡିହି ବ୍ୟାରେଜରୁ ପାଣି ନିଷ୍କାସନ ଯୋଗୁଁ ପୁଣି ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି।

ଗତକାଲି ସକାଳ ୮ ଠାରୁ ଆଜି ସକାଳ ୮ ଟା ମଧ୍ୟରେ ଅର୍ଥାତ ଏହି ୨୪ ଘଣ୍ଟାରେ ଜାମସେଦପୁର ରେ ୪୪.୨ ଏମଏମ, ଫେକଘାଟରେ ୧୯୨.୨ ଏମଏମ, ଘାଟଶୀଳାରେ ୫୪.୦ ଏମଏମ, ଜାମଶୋଳା ଘାଟରେ ୧୫୭.୬ ଏମଏମ ଓ ରାଜଘାଟ ରେ ୩.୨ ଏମଏମ ବର୍ଷା ହୋଇଥିବାର ରେକର୍ଡ କରାଯାଇଛି। ଗତକାଲି ମଧ୍ୟାହ୍ନରେ ଗାଲୁଡିହି ବ୍ୟାରେଜ ୧୦୦୦ କ୍ୟୁମେକ ପାଣି ନଦୀକୁ ନିଷ୍କାସିତ କରିଥିବା ବେଳେ ପୁଣି ପ୍ରବଳ ବର୍ଷା ଯୋଗୁଁ ସୁବର୍ଣ୍ଣରେଖାର ଜଳପତ୍ତନ ଆଜି ଅକସ୍ମାତ ବୃଦ୍ଧି ପାଇବାରେ ଲାଗିଛି।ରାଜଘାଟ ରେଳବାଇ ପୋଲ ନିକଟରେ ନଦୀର ଜଳପତ୍ତନ ଅପରାହ୍ନ ୩ ଟା ସୁଦ୍ଧା ସତର୍କ ସଙ୍କେତ ଉପରେ ଅର୍ଥାତ ୯.୯୧ ମିଟରରେ ପ୍ରବାହିତ ହେଉଛି।ଗାଲୁଡିହି ବ୍ୟାରେଜର ସମସ୍ତ ଗେଟକୁ ବନ୍ଦ କରାଯାଇଥିବା ବେଳେ ଆଗକୁ ଯଦି ବର୍ଷା ନ ହୁଏ ତେବେ ସୁବର୍ଣ୍ଣରେଖା ବନ୍ୟା ସ୍ଥିତି ନିୟନ୍ତ୍ରଣରେ ରହିବ ବୋଲି ଜଳସେଚନ ବିଭାଗ ତରଫରୁ କୁହାଯାଇଛି। ବୁଢ଼ାବଳଙ୍ଗ ନଦୀର ଜଳପତ୍ତନ ମଧ୍ୟ ଫୁଲୁଛି। ବୁଢ଼ାବଳଙ୍ଗ ନଦୀର ଅବବାହିକା ବାଲିମୁଣ୍ଡଳୀରେ ୪୪ ଏମଏମ, ବାରିପଦାରେ ୨୦.୬ ଏମଏମ, ଜୟପୁର ରେ ୩୧.୬ ଏମଏମ, ଏନଏଚ-୫ ରେ ୬ ଏମଏମ ଓ ବାଲେଶ୍ୱରରେ ୭.୦ ଏମଏମ ବର୍ଷା ହୋଇଛି ବୋଲି ସରକାରୀ ଭାବେ କୁହାଯାଇଛି। ଏନଏଚ-୫ ଠାରେ ନଦୀର ବିପଦ ସଙ୍କେତ ୮.୧୩ ଥିବାବେଳେ ଅପରାହ୍ନ ୨ଟା ସୁଦ୍ଧା ୬ ମିଟରରେ ନଦୀ ପ୍ରବାହିତ ହେଉଛି।

### ବଲାଙ୍ଗିରରେ ବିକାଶର...

ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ କାର୍ଡ଼ ବଣ୍ଟନ କରିଛନ୍ତି। ଏହି ସ୍ୱାସ୍ଥ୍ୟ କାର୍ଡ଼ ଯୋଗୁଁ ଜିଲ୍ଲାର ସାଢ଼େ ଚାରି ଲକ୍ଷ ପରିବାର ସିଧାସଳଖ ଭାବେ ଉପକୃତ ହେବେ। ଏହି ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ଜିଲ୍ଲାର ୨୦୦ କୋଟି ଟଙ୍କାର ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ କରିବା ସହିତ ୫୯୭ କୋଟି ଟଙ୍କାର ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ରଖିଥିଲେ। ସେହିପରି ପାଟଣାଗଡ଼ରେ ମୁଖ୍ୟମନ୍ତ୍ରୀ ହରିଶଙ୍କର ପୀଠର ବିକାଶ ପାଇଁ ମଧ୍ୟ ଭିତ୍ତିପ୍ରସ୍ତର ରଖିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ସଭିଙ୍କୁ ନୂଆଖାଇ ଜୁହାର କରିବା ସହ ବଲାଙ୍ଗୀର ଗସ୍ତ କରିଥିବାରୁ ନିଜର ଆନନ୍ଦବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ ସ୍ମାର୍ଟ ହେଲ୍‌ଥ କାର୍ଡର ବ୍ୟବସ୍ଥା ସାଧାରଣ ଲୋକଙ୍କର ଚିକିତ୍ସା ବ୍ୟବସ୍ଥାରେ ରୂପାନ୍ତର ଆଣିପାରିବ। ଦେଶର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏହା ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିଜୁ ସ୍ୱାସ୍ଥ୍ୟ

କଲ୍ୟାଣ ଯୋଜନାକୁ ନୂଆ ରୂପରେ କାର୍ଯ୍ୟକାରୀ କରାଯାଇ ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ସବୁ ହିତାଧିକାରୀଙ୍କୁ ସ୍ମାର୍ଟ କାର୍ଡ ଦିଆଯାଉଛି। ଏଭଳି ବ୍ୟବସ୍ଥା କରିବାରେ ଓଡ଼ିଶା ସାରା ଦେଶର ଏକମାତ୍ର ରାଜ୍ୟ। ସମଗ୍ର ଓଡ଼ିଶାରେ ୯୬ ଲକ୍ଷ ପରିବାର ଏହି ସୁବିଧା ପାଉଥିବା ବେଳେ, ବଲାଙ୍ଗୀର ଜିଲ୍ଲାର ସାଢ଼େ ଚାରି ଲକ୍ଷ ପରିବାର ଏହି ସୁବିଧା ପାଇବେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି କାର୍ଡ ପାଖରେ ରହିଲେ, ଚିକିତ୍ସା ପାଇଁ କୌଣସି ଡକୁମେଣ୍ଟ ଦରକାର ନାହିଁ। କେବଳ କାର୍ଡଟିକୁ ନେଇ ଲୋକମାନେ ଦେଶର ୨୦୦ ବଡ ବଡ ହସପିଟାଲରେ ବିନା ଖର୍ଚ୍ଚରେ ଗୁଣାତ୍ମକ ଚିକିତ୍ସା ପାଇପାରିବେ। ପରିବାର ପାଇଁ ବର୍ଷକୁ ୫ ଲକ୍ଷ ଟଙ୍କା ଏବଂ ମହିଳା ମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ମିଳିପାରିବ। ଚିକିତ୍ସା ପାଇଁ କିଏ ସୁନା ବିକେ, କିଏ ଶଙ୍ଖା। ସେଥିପାଇଁ ମତେ ବହୁତ ଦୁଃଖ ଲାଗେ। ଏହି ଦୁଃଖ ଦୂର କରିବାରେ ଏହି କାର୍ଡ ସାହାଯ୍ୟ କରିବ। ସଞ୍ଚୟ କରିଥିବା ଟଙ୍କା ପରିବାରର ବିକାଶ ଓ ପିଲାଙ୍କ ପାଠ ପଢ଼ାରେ ଖର୍ଚ୍ଚ କରିପାରିବେ। ଟଙ୍କା ପାଇଁ କେହି ଉତ୍ତମ ଚିକିତ୍ସା ସୁବିଧାରୁ ବଞ୍ଚିତ ନ ହୁଅନ୍ତୁ, ଏହା ହିଁ କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ସେ କହିଥିଲେ। ପ୍ରତିଟି ଜୀବନ ତାଙ୍କ ପାଇଁ ମୂଲ୍ୟବାନ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସମସ୍ତେ ସୁସ୍ଥରେ ରହିଲେ ହିଁ ରାଜ୍ୟର ପ୍ରଗତି ହୋଇପାରିବ।

ମୁଖ୍ୟମନ୍ତ୍ରୀ ପ୍ରଥମେ ଟିଟିଲାଗଡ଼ ଗସ୍ତ କରି ସେଠାରେ ଅନେକ ନୂଆ ପ୍ରକଳ୍ପ ଆରମ୍ଭ କରିଥିଲେ। ଟିଟିଲାଗଡ଼-ସଇଁତଳା ବ୍ଲକରେ ସମ୍ପୂର୍ଣ୍ଣ ହୋଇଥିବା ପାଇପ ପାଣି ପ୍ରକଳ୍ପର ଉଦ୍‌ଘାଟନ କରିବା ସହିତ ଟିଟିଲାଗଡ଼ ଟାଉନ୍‌କୁ ସବୁ ଘରକୁ ପାଇପ ପାଣି ପ୍ରକଳ୍ପର ଭିତ୍ତିପ୍ରସ୍ତର ରଖିଥିଲେ। ପାଟଣାଗଡ଼ରେ ମୁଖ୍ୟମନ୍ତ୍ରୀ ଅନେକ ପ୍ରକଳ୍ପ ମଧ୍ୟରେ ପ୍ରସିଦ୍ଧ ହରିଶଙ୍କର ପୀଠର ବିକାଶ ପାଇଁ ଭିତ୍ତିପ୍ରସ୍ତର ରଖିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ହରିଶଙ୍କର ପୀଠ ରାଜ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ତୀର୍ଥକ୍ଷେତ୍ର ଓ ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଅତି ମନୋରମ। ଏଠାକୁ ଆସୁଥିବା ଭକ୍ତମାନଙ୍କୁ ଏକ ସୁନ୍ଦର, ଆଧ୍ୟାତ୍ମିକ ଅନୁଭୂତି ଦେବା ପାଇଁ '୫-ଟି' କାର୍ଯ୍ୟକ୍ରମରେ ଏହି ପୀଠର ବିକାଶ କରାଯାଉଛି। ଏହାଦ୍ୱାରା ଏ ଅଞ୍ଚଳର ଧାର୍ମିକ ଓ ସାଂସ୍କୃତିକ ପରମ୍ପରାର ପ୍ରଚାର ପ୍ରସାର ବୃଦ୍ଧି ହେବ ବୋଲି ସେ ମତବ୍ୟକ୍ତ କରିଥିଲେ। ଶେଷରେ ମୁଖ୍ୟମନ୍ତ୍ରୀ ବଲାଙ୍ଗୀର ଗସ୍ତ କରି ସେଠାରେ ମଧ୍ୟ ଅନେକ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଶିକ୍ଷା ଓ ସ୍ୱାସ୍ଥ୍ୟ ହେଉଛି ଆମ ସବୁ ବିକାଶର ମୂଳଦୂଆ। ସେଥିପାଇଁ '୫-ଟି' କାର୍ଯ୍ୟକ୍ରମରେ ଏହି ଦୁଇଟି କ୍ଷେତ୍ରର ବିକାଶ ପାଇଁ ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ଆରୋପ କରୁଛନ୍ତି। ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଉନ୍ନତି ସହିତ ସବୁ ସରକାରୀ ହସ୍‌ପିଟାଲରେ ସମ୍ପୂର୍ଣ୍ଣ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରୁଛନ୍ତି। '୫-ଟି'ରେ ରାଜ୍ୟର ସ୍କୁଲ ଗୁଡିକର ରୂପାନ୍ତର କରାଯାଉଛି ଓ ପ୍ରଥମ ପର୍ଯ୍ୟାୟରେ ୧୦୭୨ଟି ସ୍କୁଲର ରୂପାନ୍ତର କରାଯାଉଛି ବୋଲି ସେ କହିଥିଲେ।

ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସନ୍ଥ ଭୀମଭୋଇ ମେଡିକାଲ କଲେଜ ପରେ ଏହା ହେଉଛି ଜିଲ୍ଲାର ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ। ଏହାକୁ ଏକ ଆଦର୍ଶ ବିଶ୍ୱବିଦ୍ୟାଳୟ ରୂପେ ଗଢ଼ିତୋଳିବା ପାଇଁ ରାଜ୍ୟ ସରକାର ସବୁ ସହଯୋଗ ଯୋଗାଇ ଦେବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ରାଜ୍ୟର ବିକାଶରେ ମୁଖ୍ୟମନ୍ତ୍ରୀ ଲୋକଙ୍କ ସହଯୋଗ କାମନା କରି ଏହାଦ୍ୱାରା ବିକାଶ ଓ ସେବା ପାଇଁ ତାଙ୍କର ସଂକଳ୍ପ ଆହୁରି ମଜବୁତ ହେବ ବୋଲି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ମନ୍ତ୍ରୀ ମଣ୍ଡଳର ସଦସ୍ୟ ବିକ୍ରମ କେଶରୀ ଆରୁଖ, ନିରଞ୍ଜନ ପୂଜାରୀ, ପଦ୍ମନାଭ ବେହେରା, ସୁଶାନ୍ତ ସିଂ, ନବ ଦାସ, ଟୁକୁନି ସାହୁ ଦିବ୍ୟଶଙ୍କର ମିଶ୍ର, ସାଂସଦ ସଙ୍ଗୀତା ସିହଦେଓ, ବିଧାୟକ ନରସିଂହ ମିଶ୍ର, ସରୋଜ ମେହେର, ସନ୍ତୋଷ ସିଂ ସାଲୁଜା, ମୁକେଶ ମହାଲିଙ୍ଗ, ଓଟିଡିସିର ଅଧ୍ୟକ୍ଷା ଶ୍ରମତୀ ଶ୍ରୀମୟୀ ମିଶ୍ର ଏବଂ ଅନେକ ବରିଷ୍ଠ ନେତୃବୃନ୍ଦ ଯୋଗ ଦେଇଥିଲେ।

### ୨୪ରେ ସୃଷ୍ଟି ହେବ...

ଆଶଙ୍କା ରହିଛି। ବର୍ତ୍ତମାନ ପର୍ଯ୍ୟନ୍ତ ନଦୀଗୁଡ଼ିକରେ ଜଳସ୍ତର ହ୍ରାସ ପାଇ ନ ଥିବା ବେଳେ ପୁଣି ଏକ ଲଘୁଚାପ ବନ୍ୟା ଆଶଙ୍କା ବଢ଼ାଇବ ବୋଲି ଆକଳନ କରାଯାଉଛି। ବର୍ତ୍ତମାନ ଥିବା ଲଘୁଚାପ ଝାଡ଼ଖଣ୍ଡକୁ ଚାଲିଯାଇଥିବାରୁ ଗୁରୁବାର ଓ ଶୁକ୍ରବାର ପାଇଁ ରାଜ୍ୟର କୌଣସି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇ ନାହିଁ। କିନ୍ତୁ ୨୪ ତାରିଖ ଲଘୁଚାପ ଯୋଗୁଁ ପୁଣି ବର୍ଷା ଥିବାରୁ ୨୫ ତାରିଖଠାରୁ ବିଭିନ୍ନ ଜିଲ୍ଲା ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି। ପାଣିପାଗ କେନ୍ଦ୍ରର ବୈଜ୍ଞାନିକ ଉମାଶଙ୍କର ଦାସ କହିଛନ୍ତି ଯେ ମ୍ୟାଁମାର ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ଉତ୍ତର ପଶ୍ଚିମ ଦିଗରେ ଗତି କରିବ। ଏହା ପ୍ରଭାବରେ ଉତ୍ତରପୂର୍ବ ତତସଲଗ୍ନ ପୂର୍ବକେନ୍ଦ୍ରୀୟ ବଙ୍ଗୋପସାଗରେ ୨୪ ତାରିଖ ସନ୍ଧ୍ୟା ସୁଦ୍ଧା ଏକ ଲଘୁଚାପ ସୃଷ୍ଟି ହେବ। ୪୮ ଘଣ୍ଟା ମଧ୍ୟରେ ଏହା ଓଡ଼ିଶା ଉପକୂଳକୁ ଗତି କରିବାର ସମ୍ଭାବନା ଥିବାରୁ ରାଜ୍ୟରେ ଏହାର ପ୍ରଭାବ ବଢ଼ିବ।

୨୫ ତାରିଖଠାରୁ ଏହାର ପ୍ରଭାବ ଓଡ଼ିଶା ଉପରେ ଥିବା ବେଳେ ସେହିଦିନ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାରେ ପ୍ରବଳ ବର୍ଷା ହେବ। ସେହିପରି ଏହି ଜିଲ୍ଲାଗୁଡ଼ିକ ସମେତ କଟକ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦୁଝର ଓ ମୟୂରଭଞ୍ଜରେ ବିଜୁଳି ଘଡ଼ଘଡ଼ି ସହିତ ବର୍ଷା ହେବ। ଏହାକୁ ଦୃଷ୍ଟିରେ ରଖି ଉପରୋକ୍ତ ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି। ଅନ୍ୟପଟେ ଗତ ୨୪ ଘଣ୍ଟାରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ଚାନ୍ଦବାଲିରେ ସର୍ବାଧିକ ୪୭ ମିମି ବର୍ଷା ହୋଇଥିବା ବେଳେ ବାଲେଶ୍ୱରରେ ୩୬ ମିମି ବର୍ଷା ରେକର୍ଡ କରାଯାଇଛି। ବାରିପଦାରେ ମଧ୍ୟ ୧୭ ମିମି ବର୍ଷା ହୋଇଛି ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

### ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କଲେ...

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦିନିକିଆ ବଲାଙ୍ଗିର ଗସ୍ତ ଅବସରରେ ଶ୍ରୀ ସାଲୁଜା କହିଛନ୍ତି ଯେ ଆୟୁଷ୍ମାନ ଯୋଜନା ପରିବର୍ତ୍ତେ ରାଜ୍ୟ ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଯେଉଁ ସ୍ମାର୍ଟ କାର୍ଡ଼ ବାଣ୍ଟୁଛନ୍ତି ତାହା ସାଧାରଣ ଲୋକଙ୍କ କାମରେ ଆସିବ। ରାଜ୍ୟରେ ଆୟୁଷ୍ମାନ ଯୋଜନା ଲାଗୁ କରାଯିବାର କୌଣସି ଆବଶ୍ୟକତା ନାହିଁ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଲାଗୁ କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଏହି ଅବସରରେ ଶ୍ରୀ ସାଲୁଜା ଧନ୍ୟବାଦ ଦେଇଛନ୍ତି। ଅନ୍ୟପକ୍ଷରେ ଅନ୍ୟତମ ବିଧାୟକ ତଥା କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ମଧ୍ୟ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ପ୍ରଶଂସା କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। ସେ କହିଛନ୍ତି ଯେ ସ୍ୱାସ୍ଥ୍ୟ ସେବା ନିମନ୍ତେ ସରକାର ଯେଉଁ ରୂପରେଖ ପ୍ରସ୍ତୁତ କରିଛନ୍ତି ତାହା ଠିକ୍ ବାଟରେ ଚାଲିଲେ ଯୋଜନା ସଫଳ ହେବ। ମୁଖ୍ୟମନ୍ତ୍ରୀ ଆମ ଅଞ୍ଚଳର ବିକାଶ ପାଇଁ ଆସିଛନ୍ତି ବୋଲି ଉଲ୍ଲେଖ କରି ନରସିଂହ ବଲାଙ୍ଗିରରେ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ନିମନ୍ତେ ଦାବି କରିଛନ୍ତି।

### ମଉଳିଯିବ କି ଶୀତଳାପଲ୍ଲୀ...

ବୋଲି ମହାପ୍ରବନ୍ଧକ ବିଦ୍ୟାଭୂଷଣ ଏଠାରେ କହିଛନ୍ତି। ତେଣୁ ଦୀର୍ଘଦିନ ଧରି ଏହି ଯାଗା ଖାଲିରେ ପଡ଼ିରହିଛି। ବର୍ତ୍ତମାନ ଅଶ୍ୱିନୀ ବୈଷ୍ଣବ ରେଳମନ୍ତ୍ରୀ ହେବା ପରେ ଏହି ସ୍ଥାନରେ ବିକଳ୍ପ କିଛି କରିବା ପାଇଁ ଚିନ୍ତା କରାଯାଉଛି। ମନ୍ତ୍ରୀ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବାରୁ ରାଜ୍ୟର ବିକାଶକୁ ସେ ପ୍ରାଥମିକତା ଦେଇଛନ୍ତି ବୋଲି ମହାପ୍ରବନ୍ଧକ କହିଛନ୍ତି। ବର୍ତ୍ତମାନ ଏଠାକୁ ଆସି ପରିଦର୍ଶନ କରିବା ପରେ ଶୀତଳାପଲ୍ଲୀରେ କ'ଣ ସୁବିଧା କରାଯାଇପାରିବ ସେ ଉପରେ ପରବର୍ତ୍ତୀ ସମୟରେ ଚିନ୍ତା କରାଯିବ। ରେଳ ବିଭାଗର କିଛି ଯଦି ଫେକ୍ଟ୍ରି ହେଉ ଅଥବା ଯେଉଁ ସାମଗ୍ରୀ ଗୁଡ଼ିକ ରେଳ ବିଭାଗ ବିଭିନ୍ନ ଘରୋଇ କମ୍ପାନୀ ମାନଙ୍କଠାରୁ କ୍ରୟ କରୁଛି ସେଗୁଡ଼ିକ ଉପରେ ପ୍ରାଧାନ୍ୟ ଦିଆଯିବ। ଏଠାକୁ ଯେ କୌଣସି କମ୍ପାନୀକୁ ଆମନ୍ତ୍ରଣ କରି ଫେକ୍ଟ୍ରି ବସାଇବାକୁ ଚେଷ୍ଟା କରାଯିବ ଓ ସେଥିରୁ ତିଆରି ସାମଗ୍ରୀ ରେଳ ବିଭାଗ କ୍ରୟ କରିବ। ବର୍ତ୍ତମାନ ଏଠାରେ କ'ଣ କରାଗଲେ ସ୍ଥାନୀୟ ବାସିନ୍ଦାକୁ ଜୀବିକା ମିଳିପାରିବ ସେ ଉପରେ ଗୁରୁତ୍ୱ ଦିଆଯିବ। ଏଠାରେ ଫେକ୍ଟ୍ରି ହେଲେ ସ୍ଥାନୀୟ ବାସିନ୍ଦା ଉପକୃତ ହୋଇପାରିବେ। ଏହି ଇଲାକାରେ କୃଷିକୁ ଅଧିକା ପ୍ରାଧାନ୍ୟ ଦିଆଯାଉଛି। ଉଦ୍ୟୋଗ ଗଢ଼ିଉଠିଲେ ଗାଁ ଲୋକେ ନିକଟରେ ଜୀବିକା ପାଇପାରିବେ। ବର୍ତ୍ତମାନ ଏଠାରେ ୯୯ ଏକର ଯାଗା ସରକାରଙ୍କ ଅଧୀନରେ ରହିଛି। ଏଥିପାଇଁ ଲ୍ୟାଣ୍ଡମାର୍କ ପ୍ରକ୍ରିୟା ସରିବା ସହ ରେଳ ବିଭାଗକୁ ଦିଆଯାଇଛି। ଏଥିନିମନ୍ତେ ପେପର ୱାର୍କ ବାକି ରହିଛି। ୱାଗନ୍ ଫେକ୍ଟ୍ରି ହେବାର ସମ୍ଭାବନା କମ୍ ରହିଥିବା ବେଳେ ମେଣ୍ଟେନାନ୍ସ ଫେକ୍ଟ୍ରି ଅଥବା ଗୁଡ୍‌ସ୍ କାରଖାନା ତିଆରି ପାଇଁ ଯୋଜନା କରାଯାଉଛି ବୋଲି ବିଦ୍ୟାଭୂଷଣ କହିଛନ୍ତି। ରେଳ ବିଭାଗର କମ୍ପନେଣ୍ଟ ପାଇଁ ମଧ୍ୟ ଚିନ୍ତା କରାଯିବା ସହ ଏଠାରେ କେଉଁ କାରଖାନା ହେବ ଆସନ୍ତା ୬ମାସ ମଧ୍ୟରେ ଜଣାପଡ଼ିବ ବୋଲି ମହାପ୍ରବନ୍ଧକ କହିଛନ୍ତି। ଏହି ଇଲାକା ଉପରେ ରେଳମନ୍ତ୍ରୀଙ୍କ ସ୍ୱତନ୍ତ୍ର ଧ୍ୟାନ ରହିଛି। ଏଠାରେ ଭଲ ପ୍ରକଳ୍ପ କରିବାକୁ ଯୋଜନା ମଧ୍ୟ ରହିଛି। ଜଗନ୍ନାଥପୁର ଷ୍ଟେସନଠାରୁ ଏହା ୪ କିମି ଦୂରରେ ଅଛି। ରେଳଧାରଣା ଏଠାକୁ ସଂଯୋଗ କରିବାରେ କିଛି ଅସୁବିଧା ହେବ ନାହିଁ। ବିକାଶକୁ ଲକ୍ଷ୍ୟ ରଖି ରାଜ୍ୟ ସରକାର ଭଲ ଜାଗା ଚିହ୍ନଟ କରିଛନ୍ତି। ଯେ କୌଣସି ପ୍ରକଳ୍ପ ଏଠାରେ ହେବ ପ୍ରଥମେ ସ୍ଥାନୀୟ ବାସିନ୍ଦାଙ୍କୁ ପ୍ରାଧାନ୍ୟ ଦିଆଯିବ ବୋଲି ସେ କହିଛନ୍ତି। ଆସନ୍ତା ୨୦୨୪ ମସିହା ମାର୍ଚ୍ଚ ମାସ ଭିତରେ ଏଠାରେ ଯେ କୌଣସି ପ୍ରକଳ୍ପ ହେବାର ଥୟ ବୋଲି ମହାପ୍ରବନ୍ଧକ ବିଦ୍ୟାଭୂଷଣ ଏଠାରେ କହିଥିଲେ। ତେବେ ଏଠାରେ କେଉଁ ପ୍ରକଳ୍ପ ତାହା ଆଗାମୀ ୬ମାସ ମଧ୍ୟରେ ଜଣାପଡ଼ିବାକୁ ଥିବା ବେଳେ ସ୍ଥାନୀୟ ବାସିନ୍ଦାଙ୍କ ମନରେ ଅନେକ ପ୍ରଶ୍ନ ଉଙ୍କି ମାରିଛି। ଟାଟା ବିସ୍ଥାପିତଙ୍କୁ ଶୀତଳାପଲ୍ଲୀ ଇଲାକାରେ ଥଇଥାନ୍ କରାଯାଇଛି। ବହୁଦିନରୁ ଏହି ଜାଗା ପଡ଼ିଥିବା ବେଳେ ସ୍ଥାନୀୟ ଯେ କୌଣସି ପ୍ରକଳ୍ପ ହେଲେ ସ୍ଥାନୀୟ ଲୋକଙ୍କ ରୋଜଗାର ଉପରେ ଗୁରୁତ୍ୱ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଦୀର୍ଘଦିନ ହେବ ଏହି ଜମି ସରକାରଙ୍କ ଅଧିନରେ ପତିତ କିସମରେ ରହିଛି। ମହାପ୍ରବନ୍ଧଙ୍କ ଏହି ଗସ୍ତରେ ଖୋର୍ଦ୍ଧାରୋଡ ଡିଭିଜିନାଲ୍ ରେଳ ପ୍ରବନ୍ଧକ ରିଙ୍କେଶ ରାୟ, ପିସିଓଏମ୍ ପିକେ ଜେନା, ପିସିଇ ଏନ୍‌ଏସ୍ ଉକେଙ୍କ ସହବହୁ ବରିଷ୍ଠ ଅଧିକାରୀ ଏବଂ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କ ସହ ରାଜସ୍ୱ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ।


**AFFIDAVIT**

By virtue of an affidavit sworn before the Notary Public, Bhubaneswar, in consequence upon my marriage with Binay Charan Dixit, I, Urmila Debi, has changed my surname from Debi to Dixit. Henceforth, I shall be known as **Urmila Dixit** for all purposes.

**AFFIDAVIT**

By an affidavit before Notary Public, BBSR dt. 21.09.2021, **I Pratham Priyadarshan Mohapatra,** S/o: Bishnu Charan Mohapatra, At- Darakhapatna, Po- Kalyani Nagar, Ps.- Madhupatna, Dist.- Cuttack declared that first name of my son has changed **Debansu Mohapatra to Debanshu Mohapatra** for all purposes.

**DISTRICT EDUCATION OFFICE, MALKANGIRI**

**Notification**

Applications are invited for procurement of materials for Girls' Hostel of Odisha Adarsh Vidyalayas Four Nos. of Odisha Adarsh Vidyalayas i.e. 1. Julunibahal of Mathili Block, 2. Gunduriguda of Kudumulugumma Block and 3. Podaghat of Khairput Block and 4. Gandhipally of Malkangiri Block of Malkangiri district. The application forms and guidelines are available in the district website **"www.malkangiri.nic.in.**

Sd/-
District Education Officer,
Malkangiri

OIPR-15016/11/0003/2122 F-145

**ତହସିଲ କାର୍ଯ୍ୟାଳୟ, ବୋଡେନ, ଜିଲ୍ଲା: ନୂଆପଡା**

F-146 ଇସ୍ତାହାର ସଂଖ୍ୟା ୨୫୮୪ / ତାରିଖ ୨୧.୦୯.୨୦୨୧

**ଲଘୁଖଣିଜ ଉତ୍ସ (ପଥରଖାଦାନ) ପାଞ୍ଚ ବର୍ଷିଆ ଲିଜ୍ ନିମନ୍ତେ ଜମମୁଦ ଟେଣ୍ଡର ଆହ୍ୱାନ**

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ବୋଡେନ ତହସିଲ ଅନ୍ତର୍ଗତ ବିଭିନ୍ନ ମୌଜା ସ୍ଥିତ ଲଘୁ ଖଣିଜ ଉତ୍ସ (ପଥରଖାଦାନ) ଗୁଡିକ ଟେଣ୍ଡର ମାଧ୍ୟମରେ ଦୀର୍ଘ ମିଆଦ ସୂତ୍ରରେ ୫ ବର୍ଷ ପାଇଁ ଲିଜ୍ ନିମନ୍ତେ ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଛି। ଏଥି ପାଇଁ ଇଚ୍ଛୁକ ବ୍ୟକ୍ତି ବିଶେଷ ନିର୍ଦ୍ଦିଷ୍ଟ ଫର୍ମରେ ଆବେଦନ କରିପାରିବେ। ଟେଣ୍ଡର ଫର୍ମ (ସମସ୍ତ ବିବରଣୀ, ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ, ୨୦୧୬ ଅନୁଯାୟୀ ନିର୍ଦ୍ଦିଷ୍ଟ ଫର୍ମରେ "M" ଟ. ୨୦୦୦ଙ୍କା ମୂଲ୍ୟରେ ତହସିଲ କାର୍ଯ୍ୟାଳୟ ରୁ ତା.୨୩.୦୯.୨୦୨୧ରିଖ ଠାରୁ ତା.୦୭.୧୦.୨୦୨୧ରିଖ ଘ. ୫.୩୦ଘଟିକା ପର୍ଯ୍ୟନ୍ତ କେବଳ ସରକାରୀ କାର୍ଯ୍ୟଦିବସ ସମୟରେ ଉପଲବ୍ଧ ହେବ। ଉକ୍ତ ରାଶି ଫେରସ୍ତ ହେବ ନାହିଁ।

ସବିଶେଷ ବିବରଣୀ ନିମନ୍ତେ ତହସିଲଦାରଙ୍କ କାର୍ଯ୍ୟାଳୟ, ବୋଡେନ ତହସିଲ ଅନ୍ତର୍ଗତ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରୁ କାର୍ଯ୍ୟଦିବସରେ ପାଇପାରିବେ ତଥା ନୂଆପଡା ଜିଲ୍ଲା ୱେବସାଇଟ (www.nuapada.nic.in)ରେ ମଧ୍ୟ ଉପଲବ୍ଧ ଅଟେ।

OIPR-24214/11/0002/2122 ସା/- ତହସିଲଦାର, ବୋଡେନ

**JAN SHIKSHAN SANSTHAN-MAYURBHANJ**
(MINISTRY OF SKILL DEVELOPMENT & ENTREPRENEURSHIP, GOVT. OF INDIA)
Skill India

**ADVERTISEMENT**

We are working in the field of Literacy linked vocational skill development training to non/neo literates & rudimentary level education. We are looking for dynamic staff.

| Post | Eligible | Minimum Experience | Openings |
|---|---|---|---|
| Director | Graduate & desirable vocational degree/diploma/experience in skill development sector | 7 years | 1 |
| Programme Officer | Graduate & desirable vocational degree/diploma with experience in skill development sector | 5years | 1 |
| Assistant Project Officer | Graduation or Post graduate (NSQF Level-7) with Experience | 3years | 1 |
| Accountant-Cum-Manager | | 3years | 1 |
| Computer Operator | Intermediate/ Diploma/Graduation | 3Years | 1 |
| Field Assistant-Cum-Clerk | Post Graduation course in information Technology/Computer Science (NSQF Level-5) with Experience | 3years | 1 |
| Driver-Cum-Attendance | School Level Education (NSQF Level-2) | 3years | 1 |

Term and condition: the position shall be filled on contract basis for period of ordinarily not exceeding five years out of which the first year of the first term will be the probation period. Applicant exceeding 55 years may not apply. The board of Management may consider renewal of the contract/extension of the contract period of Director for a further period of five years on expiry of each five year tenure or termination of the scheme whichever is earlier. Outstanding candidates call for interview. Interested candidate apply online by Dt. 27.09.2021 and the shortlisted candidate walk an interview on Dt. 29.09.2021 at 11AM at JSS-Mayurbhanj office.

(*) Trainer required in following sector on contractual basis:

| Sl. No. | Name of Sector | Opening |
|---|---|---|
| 1 | Self Employed Tailor | 2 |
| 2 | Taxi Driver | 1 |
| 3 | Assistant Beauty Therapist | 1 |
| 4 | Beekeeper | 1 |
| 5 | Mushroom Grower (small entrepreneur) | 1 |
| 6 | Electrical Technician | 1 |
| 7 | Jam, Jelly and ketchup Processing Technician | 1 |
| 8 | Bamboo Basket Maker | 1 |
| 9 | Frontline health Worker | 1 |
| 9 | Domestic data entry operator | 1 |
| 10 | Hand Spinning Operator (Traditional Charkha/New Model Charkha/Solar Operated New Model Charkha) | 1 |
| 11 | Field Technician-(Home Appliance) | 1 |

- Candidates have experience on skill development sector.
- Candidates have communication skill on writing and oral.
- Interested candidates have send your Bio-Data form in our Mail Id- jssmayurbhanj@gmail.com and also submit your bio-data in our office **Jan Shikshan Sansthan-Mayurbhanj, At Raghunathpur (Near-Tulasi Mandap) , Baripada, Mayurbhanj-757001 (Odisha)**

Chairman
Jan Shikshan Sansthan
Mayurbhanj

**■ ଧାନ ଉତ୍ପାଦନରେ ଗୋପବନ୍ଧୁ ନଗର ବଳକା ବ୍ଲକ**

# ନାହିଁ ଧାନ ମିଲ୍ କି ସଂରକ୍ଷଣ ସୁବିଧା

**ଗୋପବନ୍ଧୁନଗର,୨୨।୯ (ସମିସ):** ଗୋପବନ୍ଧୁ ନଗର ବ୍ଲକ ଶସ୍ୟ ଉତ୍ପାଦନରେ ଜିଲ୍ଲାର ଅଗ୍ରଣୀ ରହିଆସିଥିବା ବେଳେ ପ୍ରାୟ ସମୟରେ ଉକ୍ତ କ୍ଷେତ୍ରରେ ନିଜକୁ ଏକ ବଳକା ବ୍ଲକ ଭାବେ ପ୍ରମାଣିତ କରିଆସିଛି। ସାମ୍ପ୍ରତିକ ସ୍ଥିତିରେ ଆବଶ୍ୟକତା ମେଣ୍ଟିବା ପରେ ବାର୍ଷିକ ୬୦ ହଜାର କୁଇଣ୍ଟାର ଚାଉଳ ବଳକା ରହୁଛି। ବ୍ଲକର ୧୩ ହଜାର ୫୦୦ ହେକ୍ଟର ବିସ୍ତୀର୍ଣ୍ଣ ଚାଷ ଜମି ମଧ୍ୟରୁ ୧୦ ହଜାର ହେକ୍ଟର ଜମିରେ କେବଳ ଧାନ ଚାଷ କରାଯାଇଥାଏ। ତେବେ ସେଥିମଧ୍ୟରୁ ମାତ୍ର ୧ହଜାର ହେକ୍ଟର ହେଉଛି ଜଳସେଚିତ ଚାଷ ଜମି। ମୟୂରଭଞ୍ଜ ଜିଲାର ଗୋପବନ୍ଧୁ ନଗର ବ୍ଲକର ଭୌଗଳିକ ଅବସ୍ଥିତି ଯୋଗୁ ବାର୍ଷିକ ବୃଷ୍ଟିପାତ ଉପରେ ଚାଷୀମାନେ ନିର୍ଭରଶୀଳ ଅଟନ୍ତି। ଖରିଫ ଋତୁରେ ବ୍ଲକର ବାର୍ଷିକ ଧାନ ଉତ୍ପାଦନ ପରିମାଣ ୩ ଲକ୍ଷ କୁଇଣ୍ଟାଲ ହେଉଥିବା ବେଳେ ବଳକା ଶସ୍ୟ ମହଜୁଦ କିମ୍ବା ପ୍ରକ୍ରିୟାକରଣ ପାଇଁ ଏହି ବ୍ଲକରେ ଅନୁଷଙ୍ଗିକ ସୁବିଧା ପ୍ରତି ଆଜି ଯାଏ ଦୃଷ୍ଟି ଦିଆଯାଇନାହିଁ। ଦଶ ବର୍ଷ ପୂର୍ବେ ୨୦୧୦-୧୧ମସିହାରେ ହେକ୍ଟର ପିଛା ୧୯ରୁ ୨୦ କୁଇଣ୍ଟାଲ ଧାନ ଉତ୍ପାଦନ ହେଉଥିବାବେଳେ କୃଷିକ୍ଷେତ୍ରରେ ଗବେଷଣା ଓ ଉନ୍ନତ ଜ୍ଞାନ କୌଶଳର ପ୍ରୟୋଗ ଫଳରେ ୨୦୨୦ମସିହା ସୁଦ୍ଧା ବାର୍ଷିକ ଶସ୍ୟ ଉତ୍ପାଦନ ହେକ୍ଟର ପିଛା ୩୨ କୁଇଣ୍ଟାଲ ଯାଏ ଅମଳ ହେଉଛି। ଅର୍ଥାତ ୧୦ ହଜାର ହେକ୍ଟର ଚାଷ ଜମିରୁ ବାର୍ଷିକ ହେକ୍ଟର ପ୍ରତି ହାରାହାରି ୩୦ କୁଇଣ୍ଟାଲ ହିସାବରେ ମୋଟ ୩ ଲକ୍ଷ କୁଇଣ୍ଟାଲ କେବଳ ଧାନ ଉତ୍ପାଦନ ହେଉଛି। ଅମଳ ଧାନରୁ ୬୫ପ୍ରତିଶତ



ଚାଉଳ ଉତ୍ପାଦନ ହେଉଥିବା ବେଳେ ସେହି ଚାଉଳର ପରିମାଣ ହେଉଛି ୧ଲକ୍ଷ ୯୫ ହଜାର କୁଇଣ୍ଟାଲ। ଗୋପବନ୍ଧୁ ନଗର ବ୍ଲକର ଜନସଂଖ୍ୟା ଓ ଖାଦ୍ୟ ପାଇଁ ସେମାନଙ୍କର ବାର୍ଷିକ ଆବଶ୍ୟକତା ମେଣ୍ଟିବା ପରେ ଉତ୍ପାଦିତ ଚାଉଳର ଏକ ବଡ ଭାଗ ବଳକା ରହୁଛି। ବ୍ଲକର ଏକ ଲକ୍ଷ ଜନସାଧାରଣଙ୍କ ପାଇଁ ଦୈନିକ ସର୍ବନିମ୍ନ ଜଣ ପିଛା ୪୦୦ ଗ୍ରାମ ଚାଉଳର ଆବଶ୍ୟକତା ରହିଛି। ସେହି ଦୃଷ୍ଟିରୁ ମୋଟାମୋଟି ଭାବେ ବାର୍ଷିକ ୧ଲକ୍ଷ ୫୦ ହଜାର କୁଇଣ୍ଟାଲ ଚାଉଳ ଖାଦ୍ୟ ପାଇଁ ଆବଶ୍ୟକ ପଡୁଛି। ଉତ୍ପାଦିତ ଚାଉଳରୁ ଖାଦ୍ୟ ପାଇଁ ଥିବା ଆବଶ୍ୟକ ଚାଉଳ ପରିମାଣ ବାଦ ଦେଲେ ଅବଶିଷ୍ଟ ୪୫ ହଜାର କୁଇଣ୍ଟାଲ ଚାଉଳ ବଳକା ରହିଯାଉଛି।

ଅପରପକ୍ଷେ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ୬୪ ହଜାରରୁ ଅଧିକ ହିତାଧିକାରୀଙ୍କ ପାଇଁ ମାସକୁ ୫ କେଜି ଲେଖାଏ ୪୦ହଜାର କୁଇଣ୍ଟାଲ ଚାଉଳ ବ୍ଲକକୁ ଆସୁଥିବାରୁ ବ୍ଲକରେ ମୋଟ ଚାଉଳ ପରିମାଣ ବୃଦ୍ଧି ପାଇ ୮୫ ହଜାର କୁଇଣ୍ଟାଲ ପହଞ୍ଚୁଛି। ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଆବଶ୍ୟକ ଥିବା ଚାଉଳ ଯଦି ବ୍ଲକରେ ଉତ୍ପାଦନ ହୋଇପାରୁଛି ତେବେ ତାର ସୁବିନିଯୋଗ ଏକାନ୍ତ ଆବଶ୍ୟକ। ବ୍ଲକରେ ଶସ୍ୟ ମହଜୁଦ ପାଇଁ ସୁବିଧା ନାହିଁ କିମ୍ବା ଧାନ ମିଲଟିଏ ନଥିବାରୁ ବଳକା ଧାନ ସବୁ ବ୍ଲକ ବାହାରକୁ ଚାଲିଯାଉଛି। ଲୋକେ ପର୍ବ ପର୍ବାଣୀ ଓ ଜରୁରୀ ଅବଶ୍ୟକତା ସମୟରେ କମ ଦାମରେ ମଧ୍ୟ ନିଜର ଉତ୍ପାଦିତ ଧାନକୁ ବେପାରୀଙ୍କୁ ଶସ୍ତାରେ ବିକ୍ରି କରିଦେଉଛନ୍ତି। ଥରେ ଧାନ ବ୍ଲକ ବାହାରକୁ ଯିବାପରେ ସେ ସବୁ ପ୍ରକ୍ରିୟାକରଣ କରାଯାଇ ପ୍ୟାକେଟ ଚାଉଳ ଭାବେ କିମ୍ବା ସାଧାରଣ ବଣ୍ଟନ ବ୍ୟବସ୍ଥାରେ ପୁଣି ବ୍ଲକକୁ ଫେରୁଛି। ବ୍ଲକରେ ୧୩୪୦ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମଧ୍ୟରୁ ସକ୍ରିୟ ରହିଥିବା ଗୋଷ୍ଠୀଙ୍କୁ ନେଇ କ୍ଷୁଦ୍ର ଶିଳ୍ପ ଆଧାରରେ ଛୋଟ ଛୋଟ ଧାନ ମିଲ ସ୍ଥାପନ କରାଗଲେ ହୁଏତ ବ୍ଲକ ବଳକା ଶସ୍ୟ ବ୍ଲକ ଭିତରେ ପ୍ରକ୍ରିୟାକରଣ କରାଯାଇ ଆବଶ୍ୟକତା ମେଣ୍ଟାଯାଇପାରନ୍ତା ଓ ଏକ ନିଶ୍ଚିତ ଆର୍ôଥକ ସ୍ରୋତ ସୃଷ୍ଟି କରାଯାଇ ପାରନ୍ତା। ଯାହା ଗୋପବନ୍ଧୁ ନଗର ବ୍ଲକର ବିକାଶରେ ସହାୟକ ହୁଅନ୍ତା।

## ଭୂତକୋଠି ପାଲଟିଛି କୃଷକ ପରାମର୍ଶ କେନ୍ଦ୍ର

**ଦେବକୁଣ୍ଡ,୨୨।୯ (ସମିସ):** ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାର ଉଦଳା ବ୍ଲକ ଅଧୀନରେ ଥିବା ଶ୍ରୀଦାମଚନ୍ଦ୍ରପୁର ଗ୍ରାମପଞ୍ଚାୟତରେ ସରକାରଙ୍କ ଦ୍ୱାରା ୨୦୧୭ ମସିହାରେ କୃଷିର ବିକାଶ ପାଇଁ ସରକାର ଏକ କୃଷକ ପରାମର୍ଶ କେନ୍ଦ୍ର ଗୃହ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କରିଥିଲେ। ସେଠାରେ କୃଷକ ଭାଇମାନଙ୍କୁ ଠିକ୍ ସମୟରେ ଉନ୍ନତମାନର ବିଭିନ୍ନ ବିହନ, ରାସାୟନିକ ସାର ଓ କିଟନାଶକ ଔଷଧ ବ୍ୟବହାର ସମ୍ପର୍କରେ ପରାମର୍ଶ ଦେବା ପାଇଁ ସରକାର ପ୍ରତ୍ୟେକ ପଞ୍ଚାୟତରେ ଜଣେ ଜଣେ ଭିଏଡ଼ବ୍ଲୁଙ୍କୁ ନିଯୁକ୍ତି ଦେଇଛନ୍ତି କିନ୍ତୁ ଭିଏଡ଼ବ୍ଲୁ ମାନେ ସେଠାରେ ନରହି ଉଦଳା ସହରରେ ଭଡ଼ାଘର ନେଇ ବେଶ ଆରାମ କରୁଛନ୍ତି। ଚାଷୀମାନେ ଠିକ୍ ସମୟରେ କି ପ୍ରକାର ରାସାୟନିକ ସାର ଓ କିଟନାଶକ ଔଷଧ କ୍ଷେତରେ ସିଞ୍ଚନ କରିବେ ତାହାର ପରାମର୍ଶ ନପାଇ ସେମାନେ ନାହିଁନଥିବା ଅସୁବିଧାରେ ସମ୍ମୁଖୀନ ହେଉଥିବାର ଚାଷୀମାନେ ପ୍ରକାଶ କରିଛନ୍ତି। ଶ୍ରୀଦାମଚନ୍ଦ୍ରପୁର କୃଷି ପରାମର୍ଶ କେନ୍ଦ୍ର ପାଇଁ କେଉଁ ଭିଏଡ଼ବ୍ଲୁଙ୍କୁ ନିଯୁକ୍ତି ଦିଆଯାଇଛି ତାଙ୍କୁ ମଧ୍ୟ ଚାଷୀଭାଇମାନେ ଦେଖି ନାହାଁନ୍ତି କି ଚିହ୍ନି ନାହାଁନ୍ତି ବୋଲି ପ୍ରକାଶ କରିଛନ୍ତି। ୫ ବର୍ଷ ହେଲାଣି ପରାମର୍ଶ କେନ୍ଦ୍ରରେ ବଡ଼ତାଲା ଝୁଲୁଛି। ଏଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତଦନ୍ତ କରି ତୁରନ୍ତ ଭିଏଡ଼ବ୍ଲୁଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସ୍ଥାନୀୟ ଚାଷୀମାନଙ୍କ ତରଫରୁ ଦାବି ହେଉଛି।

## ୫ଫୁଟ୍ ଲମ୍ବର ନାଗ ଉଦ୍ଧାର

ବିଶୋଇ,୨୨।୯ (ସମିସ): ବିଶୋଇ ବ୍ଲକ ଓ ପଞ୍ଚାୟତ ଅଧୀନ କଟାସ ଗ୍ରାମର ମନୋରଞ୍ଜନ ବେହେରାଙ୍କ ରୋଷେଇ ଘରୁ ମଙ୍ଗଳବାର ସକାଳେ ଏକ ୫ ଫୁଟ ଲମ୍ବର ନାଗ ସାପ ଉଦ୍ଧାର କରାଯାଇଥିବା ସୂଚନା ମିଳିଛି। ମନୋରଞ୍ଜନ ନିଜ ରୋଷେଇ ଘର ଚାଳ ଉପରେ ନାଗ ସାପଟିକୁ ଦେଖି ବନ ବିଭାଗକୁ ଜଣାଇଥିଲେ। ବିଶୋଇ ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ପୃଷ୍ଟିଙ୍କ ନିର୍ଦ୍ଦେଶକ୍ରମେ ବନକର୍ମଚାରୀ ଘଟଣାସ୍ଥଳକୁ ପହଞ୍ଚି ନାଗକୁ ଉଦ୍ଧାର କରି ଖଡମବେଡା ସଂରକ୍ଷିତ ଜଙ୍ଗଲରେ ଛାଡିଥିବା ଜଣାପଡ଼ିଛି।

## ଲୋକଙ୍କଠୁ ଲୁଟୁଛି ଜନସେବା କେନ୍ଦ୍ର

**ବୈଶିଙ୍ଗା,୨୨।୯ (ସମିସ):** ଇ-ଶ୍ରମ କାର୍ଡକୁ ଭାରତ ସରକାରଙ୍କର ଶ୍ରମ ଏବଂ ରୋଜଗାର ମନ୍ତ୍ରାଳୟ ଏବଂ ଭାରତ ସରକାରଙ୍କ ଦ୍ୱାରା ଜାରି ହୋଇଛି। ଜାତୀୟ ମହାମାରୀ କରୋନା ସମୟରେ ଯେଉଁମାନେ କୌଣସି ସଂସ୍ଥା ସହିତ ଜଡିତ ନୁହଁନ୍ତି ସେହିମାନେ ଆବେଦନ କରିପାରିବେ। ବୟସ ସୀମା ୧୮-୫୯ ମଧ୍ୟରେ ହୋଇଥିବା ଆବଶ୍ୟକ। ଇ-ଶ୍ରମ କାର୍ଡ ରେଜିଷ୍ଟ୍ରେସନ କରିବା ପାଇଁ ଜନସେବା କେନ୍ଦ୍ରକୁ ଅନୁମତି ମିଳିଥିବା ବେଳେ ଜଣଙ୍କ ପିଛା ୧୭ ଟଙ୍କା କେନ୍ଦ୍ର ସରକାର ଦେଉଥିବା ବେଳେ ଜନସେବା କେନ୍ଦ୍ରରେ କିଛି ଅସାଧୁ ଉପାୟରେ ୧୦୦ ରୁ ୧୫୦ଟଙ୍କା ମନଇଚ୍ଛା ନେଉଥିବା ଦେଖିବାକୁ ମିଳୁଛି। ଗରିବ ଖଟିଖିଆଙ୍କ ଉପରେ ବୋଝ ଉପରେ ନଳିତା ବିଡା ସଦୃଶ ହୋଇଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ନିବେଦନ କରିଛନ୍ତି।

## ଲୋକେ ଭୁଲିଗଲେ କରୋନା କଟକଣା

**ଉଦଳା,୨୨।୯ (ସମିସ):** ମହାମାରୀ କରୋନା ସାରା ବିଶ୍ୱକୁ ଅସ୍ତବ୍ୟସ୍ତ କରିରଖିଥିବା ବେଳେ କଟକଣା ସାମାନ୍ୟ କୋହଳ ନେଇ ଏବେ ବେଫିକର ହୋଇ ପଡ଼ିଛନ୍ତି ଲୋକେ। ନା ମାନୁଛନ୍ତି ସାମାଜିକ ଦୁରତ୍ୱ, ନା ମୁହଁରେ ଅଛି ମାସ୍କ। ଏମିତି ଅବସ୍ଥାରେ ଉଦଳା ସହର ତଥା ଅଞ୍ଚଳରେ କରୋନା କଟକଣା ସମ୍ପୂର୍ଣ୍ଣ ଉଠିଯାଇଥିବା ପରି ଲକ୍ଷ୍ୟ କରାଯାଇଛି। କୌଣସି ଜନଗହଳି ପୂର୍ଣ୍ଣ ସ୍ଥାନ କି ବଜାର ଘାଟ, ହାଟ, ଦୋକାନ, ବ୍ୟାଙ୍କ, ସରକାରୀ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବେସରକାରୀ ଅନୁଷ୍ଠାନରେ କରୋନା ନିୟମ ମାନୁ ନାହାଁନ୍ତି ଲୋକେ। ଉଦଳା ସାପ୍ତାହିକ ହାଟ, ଦୈନିକ ବଜାର, ଡାକ୍ତରଖାନାରେ କେହିବି ମାନୁନାହାନ୍ତି ସାମାଜିକ ଦୁରତ୍ୱ କି ମାସ୍କ। ଅପରପକ୍ଷରେ ପାର୍ବଣଋତୁରେ ତୃତୀୟ ଲହର ତାଣ୍ଡବ ରଚିବ ବୋଲି ବିଶେଷଜ୍ଞ ସତର୍କ କରାଇଥିଲେ ହେଁ ଉଦଳା ଉପଖଣ୍ଡର ଲୋକେ ଏହାକୁ ମାନୁନଥିବା ଦେଖାଯାଉଛି।

## ସେବା ସପ୍ତାହ ପାଳନ

ତିରିଂ/ବଡ଼ଡାଳିମା,୨୨।୯ (ସମିସ): ତିରିଂ ସରକାରୀ ଡାକ୍ତରଖାନାରେ ପଶ୍ଚିମ ମୟୂରଭଞ୍ଜ ଭାରତୀୟ ଜନତା ପାର୍ଟି ମୋଦି ଜନ୍ମ ଦିବସ ଅବସରରେ ସେବା ସପ୍ତାହ ପାଳନ କରାଯାଇଛି। ଏଥିରେ ତିରିଂ ଜିଲ୍ଲା ଆଦିବାସୀ ମୋର୍ଚ୍ଚା ସାଧାରଣ ସମ୍ପାଦକ ଫାଗୁ ମାରାଣ୍ଡି, ବଡଡାଳିମା ମଣ୍ଡଳ ସଭାପତି ସୁନୀଲ ସାୟାନ, ତିରିଂ ମଣ୍ଡଳ ସଭାପତି ଶଙ୍କର ମହାନ୍ତି, ଜିଲ୍ଲା ଏସି ମୋର୍ଚ୍ଚା ସଭାପତି କିଶୋର ରଜତ, ମହିଳା ମୋର୍ଚ୍ଚା ସଭାନେତ୍ରୀ ମିଥିଳା ଟୁଡୁ, ଅଞ୍ଜନ ଗିରି, ଏସି ମୋର୍ଚ୍ଚା ସଭାପତି ତିରିଂ ମଣ୍ଡଳ ବାବୁଲୁ ଟୁଡୁ, ଜେନେରାଲ ସେକ୍ରେଟାରୀ ତପନ ବେହେରା, ଜିଲ୍ଲା ଏକଜୁକୁଟିଭ ମେମ୍ବର ଶଙ୍କର ବିନ୍ଧାଣି ଡାକ୍ତରଖାନ ଭିତରେ ବୁଲି ରୋଗୀମାନଙ୍କୁ ଶୁଖିଲା ଖାଦ୍ୟ, ଫଳ ବଣ୍ଟନ କରିଥିଲେ।

## ଭାଗବତ ପାଠ ସପ୍ତାହର ଶୁଭାରମ୍ଭ

ବିଶୋଇ,୨୨।୯ (ସମିସ): ସୋମବାର ପବିତ୍ର ଇନ୍ଦୁ ପୂର୍ଣ୍ଣିମା ଦିନ ଭାଗବତ ଜନ୍ମ ଉପଲକ୍ଷେ ବିଶୋଇଠାରେ ସପ୍ତାହବ୍ୟାପୀ ଅଖଣ୍ଡ ଭାଗବତ ପାଠର ଶୁଭାରମ୍ଭ ହୋଇଛି। ଆଜି ଭାଦ୍ରବ ଶୁକ୍ଳପକ୍ଷ ଇନ୍ଦ୍ର ପୂର୍ଣ୍ଣିମାଠାରୁ ଆରମ୍ଭ ହୋଇଥିବା ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆସନ୍ତା ଆଶ୍ୱିନ କୃଷ୍ଣପକ୍ଷ ଗଜଷଷ୍ଠୀ ରବିବାର ଦିନ ଉଦ୍‌ଯାପିତ ହେବ ବୋଲି ସୂଚନା ମିଳିଛି। ସ୍ଥାନୀୟ ଭାଗବତ ପ୍ରେମୀ କାଳୀଚରଣ ଶର୍ମା ଓ ପ୍ରତିଭା ଶର୍ମାଙ୍କ ପରିବାରର ନିଷ୍ଠାପର ଉଦ୍ୟମକ୍ରମେ ପୁଣିଥରେ ଦୀର୍ଘ ବର୍ଷର ବ୍ୟବଧାନରେ ପରେ ଅଖଣ୍ଡ ଭାଗବତ ପାଠ ସପ୍ତାହର ଆୟୋଜନ କରାଯାଇଥିବାରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି।

## ଶିକ୍ଷକଙ୍କ ବିୟୋଗରେ ଶୋକସଭା

**ଉଦଳା,୨୨।୯ (ସମିସ):** ବୈରାଟପୁର ଉଚ୍ଚ ବିଦ୍ୟାଳୟର ପୂର୍ବତନ ହିନ୍ଦୀ ଶିକ୍ଷକ ଉପେନ୍ଦ୍ର କୁମାର ସାହୁଙ୍କ ବିୟୋଗରେ ସ୍କୁଲରେ ପ୍ରଧାନଶିକ୍ଷକ ସାବିତ୍ରୀ ସୋରେନଙ୍କ ସଭାପତିତ୍ୱରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତଃ ସାହୁ ଜଣେ ଛାତ୍ର ବତ୍ସଳ ତଥା ସହକର୍ମୀ ପ୍ରବଣ ଶିକ୍ଷକ ଥିଲେ। ଜଣେ ଆଦର୍ଶ ଶିକ୍ଷକ ଭାବେ ବହୁ ଛାତ୍ରଛାତ୍ରୀଙ୍କୁ ଗଢ଼ି ତୋଳିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ବିଦ୍ୟାଳୟର ଜଣେ ଅଂଶ ଭାବେ ସବୁଦିନ ମନେ ରହିବେ ବୋଲି ଶିକ୍ଷକ ଓ କର୍ମଚାରୀମାନେ ସ୍ମୃତିଚାରଣ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ପ୍ରତ୍ୟୁଷା ମଞ୍ଜରୀ ବେହେରା ସମେତ ସମସ୍ତ ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଚିକିତ୍ସା ଅପେକ୍ଷାରେ ମାନସିକ ବିକୃତ

**କରଞ୍ଜିଆ,୨୨।୯ (ସମିସ):** ସରକାର ଭିନ୍ନକ୍ଷମ, ମାନସିକ ଭାରସାମ୍ୟ ହରାଇ ଥିବା ଲୋକମାନଙ୍କ ପାଇଁ ଅନେକ ଯୋଜନା ମାଧ୍ୟମରେ ସାହାର୍ଯ୍ୟ ପ୍ରଦାନ କରିଆସୁଛନ୍ତି। କରଞ୍ଜିଆ ବଜାରରେ ମାସେ ହେବ ଜଣେ ମାନସିକ ଭାରସାମ୍ୟ ହରାଇଥିବା ଘୁରି ବୁଲୁଥିବା ଲୋକଟିଏ ଯାହାର କେହି ନାହାନ୍ତି ଆଜି ସାହାଯ୍ୟ ପାଇଁ ଆକୁଳ ବୀନତି କରୁଛି। ତାହାର ହାତରେ ଘାଆ ହୋଇ ପୋକ ହୋଇଗଲେଣି। ତେଣୁ ସରକାର ବା କେହି ସହୃଦୟ ବ୍ୟକ୍ତି ସାହାର୍ଯ୍ୟର ହାତ ବଢ଼ାଇ ତାକୁ ଯଦି ଆରୋଗ୍ୟ କରନ୍ତି ତେବେ ସେ ନିଶ୍ଚିତ ମୃତ୍ୟୁମୁଖରୁ ବଞ୍ଚି ଯାଆନ୍ତେ।

## ରାସନ କାର୍ଡ ଅପେକ୍ଷାରେ ମୋହନ

ବଡ଼ଡାଳିମା/ତିରିଂ,୨୨।୯ (ସମିସ): ତିରିଂ ବ୍ଲକ ଅନ୍ତର୍ଗତ ବଡଡାଳିମା ଗ୍ରାମ ଜଲଡିହା ସାହିର ଅତି ଗରିବ ଫାଗୁ ଟିପିରିଆ ଗ୍ରାମ୍ୟ ପଞ୍ଚାୟତର ଭିଏଲଡବ୍ଲୁ ମୋହନ ପାତ୍ରଙ୍କୁ ବାରମ୍ବାର ଅନୁରୋଧ କଲାପରେ ମଧ୍ୟ ଦୀର୍ଘଦିନ ହେଲା ରାସନ କାର୍ଡଟିଏ ନ ପାଇ ବହୁ ଦୁଃଖ କଷ୍ଟରେ ଜୀବନ ଯାପନ କରୁଛନ୍ତି। ଫାଗୁ ଟିପିରିଆଙ୍କ ଆଗରୁ ରାସନ କାର୍ଡଟିଏ ଥିଲା କିନ୍ତୁ ପରବର୍ତ୍ତୀ ସମୟରେ ତାହାକୁ ପାଞ୍ଚବର୍ଷ ତଳେ ବିନା କାରଣରେ ବନ୍ଦ କରିଦିଆଯାଇଥିଲା। ଶେଷରେ ଭିଏଲଡବ୍ଲୁ ତାଙ୍କ ପୁରୁଣାକାର୍ଡକୁ ରଖି ନୂଆକାର୍ଡ କରିଦେବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳିପାରିନାହିଁ।

## ସାମ୍ବାଦିକଙ୍କ ପିତୃ ବିୟୋଗ

**କରଞ୍ଜିଆ,୨୨।୯ (ସମିସ):** କରଞ୍ଜିଆ ପ୍ରଗତିବାଦୀ ସାମ୍ବାଦିକ ପାର୍ଥ ପ୍ରସନ୍ନ ମିଶ୍ରଙ୍କ ପିତା ଉମା ଶଙ୍କର ମିଶ୍ରଙ୍କ ବିୟୋଗ ହୋଇଯାଇଛି। ମଙ୍ଗଳବାର ସକାଳେ କଟକ ବଡ଼ ଡ଼ାକ୍ତରଖାନାରେ ତାଙ୍କ ପରଲୋକ ହୋଇଛି। କିଛିଦିନ ହେବ ସେ ମିଶ୍ର ରକ୍ତଚାପ ଜନିତ ରୋଗରେ ପୀଡିତ ଥିଲେ। ତାଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ପରବର୍ତ୍ତୀ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ନିଆଯାଇଥିଲା। ମୃତ୍ୟୁବେଳକୁ ତାଙ୍କୁ ୭୪ବର୍ଷ ହୋଇଥିଲା। ତାଙ୍କର ପାର୍ଥିବ ଶରୀରକୁ କଟକରୁ ଆଣି ତାଙ୍କ କରଞ୍ଜିଆସ୍ଥିତ ବାସଭବନରେ ଶେଷ ଦର୍ଶନ ନିମନ୍ତେ କିଛି ସମୟ ରଖାଯିବା ପରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

## କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା

**ମୋରଡ଼ା,୨୨।୯ (ସମିସ):** ମୋରଡ଼ା ବ୍ଲକ ନୂଆଗାଁ ସ୍ଥିତ ହରପ୍ରସାଦ ସରକାରୀ ଉଚ୍ଚ ବିଦ୍ୟାଳୟରେ 'ମୋ ସ୍କୁଲ ଅଭିଯାନ'ର ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ନୂତନ କୁମାର ସେଠୀଙ୍କ ଆବାହାକତ୍ୱରେ ଆୟୋଜିତ ଏହି ସଭାରେ ବିଦ୍ୟାଳୟର ପ୍ରତିଷ୍ଠାତା ଦେବେନ୍ଦ୍ର ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ୨୦୨୧ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି କୃତକାର୍ଯ୍ୟ ହୋଇଥିବା ସ୍କୁଲର ଛାତ୍ର କୁମାର କାହ୍ନା ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଶିଶୁ ସୁରକ୍ଷା କମିଟି ଟାସ୍କଫୋର୍ସ ବୈଠକ

**କରଞ୍ଜିଆ,୨୨।୯ (ସମିସ):** କରଞ୍ଜିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଆନୁକୂଲ୍ୟରେ କରଞ୍ଜିଆ ବ୍ଲକ ସଭା ଗୃହରେ ବ୍ଲକସ୍ତରୀୟ ଶିଶୁ ସୁରକ୍ଷା କମିଟି ଟାସ୍କଫୋର୍ସ 'ଶିଶୁପାଇଁ ଦିନ ଟିଏ'ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କରଞ୍ଜିଆ ବ୍ଲକ ଅଧ୍ୟକ୍ଷ ହରିଶ ଚନ୍ଦ୍ର ନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ କରଞ୍ଜିଆ ତହସିଲଦର ସ୍ମୃତି ରଞ୍ଜନ ସାହୁ, କରଞ୍ଜିଆ ବିଏସଏସ ଓ ଭୁବନେଶ୍ୱରୀ ମହାନ୍ତ, କରଞ୍ଜିଆ ଏବିଓ ବିପିନ ବିହାରୀ ବାରିକ, କରଞ୍ଜିଆ ଥାନା ଏଏସଆଇ ପ୍ରତିମା ମହାନ୍ତ ଯୋଗଦେଇ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ଆବାହିକା ସମ୍ମାନୀତ ଶିଶୁ ବିକାଶ ପ୍ରକଳ୍ପର ଅଧିକାରିଣୀ ଶ୍ରୀମତି ଭାରତୀ ସାହୁ କିଶୋରୀ ସଶକ୍ତିକରଣ, ବାଲ୍ୟ ବିବାହ ସମାପ୍ତ ପାଇଁ ଥିବା ଯୋଜନା ମାନ ଉପସ୍ଥାପନା କରିଥିଲେ।

## ତୃତୀୟ ଦିନରେ ଦୀନବନ୍ଧୁଙ୍କ ଆନ୍ଦୋଳନ

**ଉଦଳା, ୨୨।୯ (ସମିସ):** ଏକ ଦୋକାନ ଗୃହକୁ କେନ୍ଦ୍ର କରି ନ୍ୟାୟ ଦାବିରେ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ୨ ନଂ ୱାର୍ଡର ବାସିନ୍ଦା ୭୯ ବର୍ଷିଆ ବରିଷ୍ଠ ନାଗରିକ ଦୀନବନ୍ଧୁ ବାରିକ ଉଦଳା ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ତିନିଦିନିଆ ଧାରଣାରେ ବସିଥିବା ବେଳେ ୩ୟ ଦିନରେ ମଧ୍ୟ ଧାରଣା ଜାରି ରହିଛି। ୩ୟ ଦିନରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଆସନ୍ତା ୨୪ ତାରିଖରେ ଦିନ ୧୧ ଟା ସମୟରେ ନିଜର ପକ୍ଷ ରଖିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଅପରପକ୍ଷରେ ବରିଷ୍ଠ ନାଗରିକ ଦୀନବନ୍ଧୁ ବାରିକ କାଲିଠାରୁ ଆମରଣ ଅନଶନ କରିବାରୁ ନିବୃତ ରହିବେ ନାହିଁ ବୋଲି କହିଥିବା ବେଳେ ପକ୍ଷ ରଖିବେ ବୋଲି ମଧ୍ୟ ସ୍ପଷ୍ଟ କରିଛନ୍ତି। ଦୀର୍ଘ ୩୫ ବର୍ଷ ଧରି ନ୍ୟାୟ ପାଇଁ ଲଢେଇ କରିଆସୁଥିବା ଦୀନବନ୍ଧୁଙ୍କୁ ପ୍ରଶାସନ କେବେ ନ୍ୟାୟ ପ୍ରଦାନ କରୁଛି ବୋଲି ସହରରେ ଚର୍ଚ୍ଚା ଚାଲିଛି।

## ଏମ୍‌ପିସି ହାଇସ୍କୁଲକୁ ଥର୍ମାଲ ସ୍କାନର ପ୍ରଦାନ

**ବେତନଟୀ,୨୨।୯ (ସମିସ):** ସିଙ୍ଗାପୁରରେ ଅବସ୍ଥାପିତ ବୈଜ୍ଞାନିକ ବେତନଟୀ ହାଇସ୍କୁଲକୁ ଏକ ଥର୍ମାଲ ସ୍କାନର ପ୍ରଦାନ କରିଛନ୍ତି। ସିଙ୍ଗାପୁରରେ କାର୍ଯ୍ୟରତ ବରିଷ୍ଠ ବୈଜ୍ଞାନିକ ସୁଧୀ ରଞ୍ଜନ ତ୍ରିପାଠୀ ଏହି ସ୍କାନର ପ୍ରଦାନ କରିଛନ୍ତି। ବିଶ୍ୱମହାମାରୀ କରୋନା କଟକଣା ମଧ୍ୟରେ ବର୍ତ୍ତମାନ ପିଲାମାନଙ୍କର ପାଠପଢ଼ା ଆରମ୍ଭ ହୋଇଥିବା ବେଳେ ଏନେଇ ସମସ୍ତଙ୍କର ଶରୀରର ତାପମାତ୍ରା ଯାଞ୍ଚ କରିବା ଅପରିହାର୍ଯ୍ୟ ହୋଇପଡ଼ିଛି। ଏଭଳି କ୍ଷେତ୍ରରେ ଥର୍ମାଲ ସ୍କାନରର ସର୍ବାଧିକ ଆବଶ୍ୟକତା ଥିବାବେଳେ ବିଦେଶରେ ଥାଇ ମଧ୍ୟ ସେ ନିଜ ଦେଶ ଏବଂ ଅଞ୍ଚଳକୁ ଭୁଲିଯାଇ ନାହାନ୍ତି। ବରିଷ୍ଠ ଶିକ୍ଷକ ଗୋବିନ୍ଦଚନ୍ଦ୍ର ରାଉତ, ଅମିତାଭ ମିଶ୍ର, ଡ଼ ସରୋଜ କୁମାର ନାୟକଙ୍କ ସଂଯୋଜନାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏମପିସି ହାଇସ୍କୁଲର ପ୍ରଧାନଶିକ୍ଷକ ଶ୍ରୀକୃଷ୍ଣ ପାତ୍ର, ଶିକ୍ଷୟିତ୍ରୀ ତପସ୍ୱିନୀ ବେହେରା ପ୍ରମୁଖ ଏହାକୁ ଗ୍ରହଣ କରିଥିଲେ। ଏହାପରେ ବିଦ୍ୟାଳୟକୁ ଆସୁଥିବା ଛାତ୍ରଛାତ୍ରୀଙ୍କର ଥର୍ମାଲ ସ୍କାନିଂ କରାଯାଇଥିଲା। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ବରିଷ୍ଠ ବୈଜ୍ଞାନିକ ସୁଧୀ ରଞ୍ଜନ ତ୍ରିପାଠୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।



## ରୋଗପୋକ ସର୍ବେକ୍ଷଣ ସମ୍ପର୍କିତ ତାଲିମ୍ ଶିବିର

ବେତନଟୀ,୨୨।୯ (ସମିସ): ବେତନଟୀ କୃଷିଜିଲ୍ଲା କାର୍ଯ୍ୟାଳୟ ସଂଲଗ୍ନ କୃଷି ସୂଚନା ଏବଂ ଉପଦେଷ୍ଟା କେନ୍ଦ୍ର ପରିସରରେ ରୋଗପୋକ ଚିହ୍ନଟ ଏବଂ ନିରାକରଣ ସମ୍ପର୍କିତ ଏକଦିବସୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବେତନଟୀ ବ୍ଲକ କୃଷି ଅଧିକାରୀ ସୁଧାଂଶୁ ଶେଖର ପଣ୍ଡାଙ୍କ ପରିଚାଳନାରେ ଆୟୋଜିତ ତାଲିମ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲା କୃଷି ଅଧିକାରୀ ରବୀନ୍ଦ୍ର କୁମାର ଖଟୁଆ, ବେତନଟୀ କୃଷି ଜିଲ୍ଲା ଅଧିକାରୀ ଅନ୍ତର୍ଯ୍ୟାମୀ ମଣ୍ଡଳ, ମୃତ୍ତିକା ରାସାୟନବିତ୍ତ ମନୋଜ କୁମାର ଚାନ୍ଦ, ମୋରଡା ବ୍ଲକ କୃଷି ଅଧିକାରୀ ତୁଷାରକାନ୍ତି ତୁଙ୍ଗଙ୍କ ସମେତ ୪ଟି ବ୍ଲକ ବେତନଟୀ, ବଡ଼ସାହି, ମୋରଡା ଏବଂ ରାସଗୋବିନ୍ଦପୁର ବ୍ଲକରୁ ସମସ୍ତ ସହକାରୀ କୃଷି ଅଧିକାରୀ, କ୍ଷେତ୍ରୀୟ କର୍ମଚାରୀ, ଅଧିକୃତ କୀଟନାଶକ ବିକ୍ରେତାଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀଗଣ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବିଶେଷକରି ଧାନଫସଲରେ ହେଉଥିବା ବିଭିନ୍ନ ରୋଗପୋକର ସର୍ବେକ୍ଷଣ ସହିତ ଏହାର ନିରାକରଣ ଉପରେ ତାଲିମ୍ ପ୍ରଦାନ କରାଯାଇଥିଲା। ପରିଚାଳନାରେ ବେତନଟୀ ବ୍ଲକ କୃଷି କାର୍ଯ୍ୟାଳୟର ଓଭରସିଅର ଅଭିମନ୍ୟୁ ପରିଡ଼ାଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ସକ୍ରିୟ ଦାୟୀତ୍ୱ ତୁଲାଇଥିଲେ।

## ସୁରେଶ କିଶୋର ସ୍ମାରକୀ ଗ୍ରାମାଞ୍ଚଳ ଫୁଟବଲ ଟୁର୍ଣ୍ଣାମେଣ୍ଟ



**କରଞ୍ଜିଆ ଟାଉନ୍ / ଡାଟୋ, ୨୨।୯ (ସମିସ):** କରଞ୍ଜିଆ ଆଥଲେଟିକ ଆସୋସିଏସନ ପକ୍ଷରୁ ଆୟୋଜିତ ସୁରେଶ କିଶୋର ସ୍ମାରକୀ ଗ୍ରାମାଞ୍ଚଳ ଟୁର୍ଣ୍ଣାମେଣ୍ଟର ଆଜି ତୃତୀୟ ଦିବସରେ ମିଲୁଡ଼ିହି ଦଳ ସହ ବଡ଼ସରେଇ ଦଳର ଖେଳ ଅନୁଷ୍ଠିତ ହୋଇଯାଇଛି। ମ୍ୟାଚକୁ ଉଦଘାଟନ କରିଥିଲେ ସହକାରୀ ଜିଲ୍ଲାପାଳ ମନ୍ମଥ ନାଥ ମଲ୍ଲିକ। ମ୍ୟାଚ ପ୍ରାରମ୍ଭରେ ପୂର୍ବତନ ଖେଳାଳି ତଥା ପୂର୍ଣ୍ଣେଶ୍ୱର ମନ୍ଦିର ପୂଜକ ଉମାକାନ୍ତ ମିଶ୍ରଙ୍କ ବିୟୋଗରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ମିଲୁଡ଼ିହି ଦଳ ଟସ ଜିଣି ଖେଳ ଆରମ୍ଭ କରିଥିଲେ। କଲ୍ୟାଣ କୁମାର ନାଏକ, ସନ୍ତୋଷ କୁମାର ଦାସ, ମନୋଜ କୁମାର ସେଠୀ ଓ ଅଭିମନ୍ୟୁ ତ୍ରିପାଠୀ ରେଫରି ଭାବେ ଖେଳକୁ ପରିଚାଳନା କରିଥିଲେ। ଖେଳର ପ୍ରଥମାର୍ଦ୍ଧ ଓ ଦ୍ୱିତୀୟାର୍ଦ୍ଧରେ ଦୁଇ ଦଳ ଖେଳାଳିଙ୍କ ମଧ୍ୟରେ ସଂଘର୍ଷପୂର୍ଣ୍ଣ ଖେଳ ହେବା ଯୋଗୁଁ କେହି କାହାରିକୁ ଗୋଲ ଦେବାରେ ସମର୍ଥ ହୋଇନଥିଲେ। ଶେଷାର୍ଦ୍ଧରେ ଟାଇବ୍ରେକର ଜରିଆରେ ବଡସରେଇ ଦଳ ୪-୨ ଗୋଲରେ ବିଜୟୀ ଘୋଷିତ ହୋଇଥିଲା। ଗୌରୀଶଙ୍କର ସିହ୍ନା, କାବୁଲୁ ଚନ୍ଦ୍ର ରାଉଳ, ଡ଼.ଜନାର୍ଦ୍ଦନ ଚୌଧୁରୀ, ଗଜେନ୍ଦ୍ର ନାଥ ସାହୁ, ଶ୍ରୀକାନ୍ତ ପରିଡ଼ା, ନଳିନୀ ଚନ୍ଦ୍ର ଘଣା, ପ୍ରଭାକର ବାଗସିଂ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

# ଉଦଳା ଉପଖଣ୍ଡରେ ନାହାଁନ୍ତି ସୂଚନା ଓ ଲୋକସମ୍ପର୍କ ଅଧିକାରୀ

**ଉଦଳା,୨୨।୯ (ସମିସ)**

ଗଣତାନ୍ତ୍ରିକ ରାଷ୍ଟ୍ରରେ ସୂଚନା ଏକ ଅମୋଘ ଅସ୍ତ୍ର ରୁପେ ବିବେଚନା ହୋଇଥାଏ। ସ୍ୱଚ୍ଛତା ସହିତ କାର୍ଯ୍ୟଦକ୍ଷତାର ସଠିକ ମାପଦଣ୍ଡ ଭାବେ ସରକାରୀ ସ୍ତରରେ ସୂଚନା ଏକ ନିୟନ୍ତ୍ରକ ହୋଇଥିବା ବେଳେ ସରକାର ସୂଚନାକୁ ଏକ ଆଇନ ଭାବେ ବିବେଚନା କରି ୨୦୦୫ ମସିହାରେ ଆଇନରେ ପରିଣତ କରିଛନ୍ତି। ଯାହାଫଳରେ ସାଧାରଣ ନାଗରିକଟିଏ ମଧ୍ୟ ବିଭିନ୍ନ ଯୋଜନାର ସବିଶେଷ ତଥ୍ୟ ସଂଗ୍ରହ କରିପାରିବା ସହ ବିକାଶର ଧାରାରେ ନିଜକୁ ସାମିଲ କରିପାରିବ। ତେଣୁ ସରକାର ସବୁ ଯୋଜନା, ସବୁ ବିଭାଗର କାର୍ଯ୍ୟ ସମ୍ପର୍କରେ ସବୁ ତଥ୍ୟ ଜାଣିବାର ଅଧିକାର ସାଧାରଣ ଲୋକକୁ ଦେଇଛନ୍ତି। ତେବେ ଏହାର ସମ୍ପୂର୍ଣ୍ଣ ବ୍ୟତିକ୍ରମ ଦେଖିବାକୁ ମିଳିଛି ଆଦିବାସୀ ବହୁଳ ଉଦଳା ଉପଖଣ୍ଡରେ। ସରକାରଙ୍କ ଅଧୀନରେ ଥିବା ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପଖଣ୍ଡ କାର୍ଯ୍ୟା।ଳୟ ସଦର ମହକୁମା ଉଦଳାରେ ରହିଛି। ଉପଖଣ୍ଡସ୍ତରୀୟ ଜଣେ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପଦ ମଧ୍ୟ ରହିଛି। ଯିଏକି ଉପଖଣ୍ଡର ସମସ୍ତ ସରକାରୀ ଯୋଜନା ହେଉ କି ବିଭିନ୍ନ ବିଭାଗର ସମସ୍ତ ଲୋକାଭିମୁଖି କାର୍ଯ୍ୟର ସବିଶେଷ ବିବରଣୀ ଲୋକଙ୍କ ନିକଟରେ ଉପସ୍ଥାପିତ କରିବା ସହ ଏହାର ପ୍ରଚାର ପ୍ରସାର ଓ ସଚେତନତା ଦିଗରେ ଏକ ଗୁରୁତ୍ୱପର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ଲୋକାଭିମୁଖି ଯୋଜନାଗୁଡିକୁ କିପରି ସାମଜର ତୃଣମୂଳସ୍ତରରେ ପହଞ୍ଚିପାରିବ ସେନେଇ ପ୍ରସାର ଦିଗରେ ପ୍ରମୁଖ ଭୂମିକା ନିଭାଇଥାନ୍ତି। ହେଲେ




ଉପଖଣ୍ଡରେ ଥିବା ଏହି ବିଭାଗଟି ଏବେ ସ୍ଥାଣୁ ଅବସ୍ଥାରେ ପଡ଼ିରହିଛି। ୫ ମାସ ହେବ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ପଦନ୍ନତି ଜନିତ ବଦଳି ପରେ ଏହି ପଦ ଖାଲି ପଡ଼ିଛି। ଏପରିକି ଏହି ବିଭାଗ ଅଧିନରେ ଥିବା ଉପଖଣ୍ଡ ପାଠାଗାର କେବଳ ଔପଚାରିକ ଢଙ୍ଗରେ ଚାଲିଛି। ଏହି ବିଭାଗର କାର୍ଯ୍ୟାଳୟ ଏକପ୍ରକାରର ବନ୍ଦ କହିଲେ ଭୁଲ ହେବ ନାହିଁ। ଏହି ବିଭାଗରେ ଜଣେ ଗ୍ରନ୍ଥାଗାରିକ( ଲାଇବ୍ରେରିଆନ) ଓ ଦୁଇ ଜଣ କର୍ମଚାରୀ ରହିଥିବା ବେଳେ ଅଧିକାରୀ ବିହୀନ ଏହି କାର୍ଯ୍ୟାଳୟ ଏବେ ଅଲୋଡା ଅବସ୍ଥାରେ। ଉଦଳା ଉପଖଣ୍ଡ ଡାକ୍ତରଖାନା ନିକଟରେ ଥିବା ଏହି ପାଠାଗାରଟି ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ଅବସ୍ଥାରେ। ପାଠକମାନେ ବସିବାକୁ ଭୟ କରୁଥିବାବେଳେ ଗଣମାଧ୍ୟମ ଯୋଗାଯୋଗ ପ୍ରକୋଷ୍ଠଟି ଅସ୍ଥାୟୀ ଆର୍ୟୁବେଦିକ ଚିକିତ୍ସାଳୟ ଭାବେ କାର୍ଯ୍ୟ କରୁଛି। ସରକାର, ପ୍ରଶାସନ ସହିତ ଗଣମାଧ୍ୟମର ସୂଚନା ଭିତିକ ଯୋଗସୂତ୍ର ରକ୍ଷାକରୁଥିବା ଏହି ବିଭାଗ ଏବେ କେବଳ ସାଇନବୋର୍ଡରେ ସୀମିତ ହୋଇରହିଛି। ଅପରପକ୍ଷରେ ଉପଖଣ୍ଡ ପ୍ରଶାସନ ହେଉ କି ବ୍ଲକ ପ୍ରଶାସନ ହେଉ, ପୁଲିସ ହେଉ କି ସ୍ୱାସ୍ଥ୍ୟ ବିଭାଗ କୃଷି ବିଭାଗ ହେଉ କି ଆଦିବାସୀ କଲ୍ୟାଣ ବିଭାଗ ଏବେ ଗଣମାଧ୍ୟମକୁ ସୂଚନା ପ୍ରଦାନ ନ କରିବା ଦିଗରେ ବେଶ ସୁବିଧା ଜନକ ସ୍ଥିତିରେ ରହିଛନ୍ତି। ଯୋଜନାର ଲୋକାଭିମୁଖି ସଚେତନତା କେବଳ କାର୍ଯ୍ୟାଳୟ ମଧ୍ୟରେ ସୀମିତ ରଖିବାକୁ ସଠିକ ବି ସୁରକ୍ଷିତ ବି ମଣୁଛନ୍ତି। ଏପରିକି ଦାୟିତ୍ୱରେ ଥିବା ଭାରପ୍ରାପ୍ତ ଅଧିକାରୀଙ୍କୁ ସୂଚନା ଦେବାକୁ କିମ୍ବା ବିଭିନ୍ନ ସମୀକ୍ଷା ବୈଠକର ବିବରଣୀ ପ୍ରଦାନ ଦିଗରେ ସହେଯାଗ କରୁନଥିବାର ଅସହାୟତା ଦେଖିବାକୁ ମିଳୁଛି। ସୂଚନା ଅଧିକାର ଆଇନ ହୋଇଥିବା ବେଳେ ୫ ମାସ ଧରି ସୂଚନା ଲୋକ ଓ ସମ୍ପର୍କ ଅଧିକାରୀ ପଦ ଖାଲି ପଡ଼ିବା ପ୍ରଶାସନିକ ଅପାରଗତା ବୋଲି ଗଣମାଧ୍ୟମ ପ୍ରତିନିଧିମାନେ ଅଭିଯୋଗ କରିଛନ୍ତି। ଏଣୁ ତୁରନ୍ତ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପଦ ପୂରଣ କରିବା ସହ ପାଠାଗାରର ଭିତ୍ତିଭୂମିର ଆଧୁନିକୀକରଣ ସହ ସ୍ୱତନ୍ତ୍ର ପ୍ରକୋଷ୍ଠ କରିବାକୁ ଉଦଳା ସାମ୍ବାଦିକ ସଂଘର ସଦସ୍ୟ ସମେତ ଉପଖଣ୍ଡର ବହୁ ବରିଷ୍ଠ ସାମ୍ବାଦିକମାନେ ବିଭାଗୀୟ ମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି।



## ଅଜଣା ଗାଡ଼ି ଧକ୍କାରେ ଢାବା କର୍ମଚାରୀ ମୃତ

**କେନ୍ଦୁଝର,୨୨।୯ (ସମିସ):** କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ହାତିବାରୀ ନିକଟରେ ଅଜଣା ଟ୍ରକ୍ ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ତୁରୁମୁଙ୍ଗା ଥାନା ଯାମଦା ଗ୍ରାମର ସନ୍ତୋଷ ନାଏକ। ସେ ହାତିବାରୀଠାରେ ଥିବା ଏକ ଢାବାରେ କାମ କରୁଥିଲେ। ବୁଧବାର ସକାଳୁ ଶୌଚ ହେବାକୁ ଯାଉଥିବା ସମୟରେ ଏକ ଟ୍ରକ୍ ଧକ୍କା ଦେଇଥିଲା। ଦୁର୍ଘଟଣା ଘଟାଇ ଟ୍ରକ୍‌ଟି ଫେରାର୍ ହୋଇଯାଇଛି। ଘଟଣା ସ୍ଥଳରେ ତୁରୁମୁଙ୍ଗା ପୁଲିସ ପହଞ୍ଚି ମୃତଦେହକୁ ଜବତ କରି ତଦନ୍ତ ଚଳାଇଛି।

## କୋଟିପତି ଏସ୍‌ଡିଓ ଗିରଫ

**କେନ୍ଦୁଝର,୨୨।୯ (ସମିସ):** ଶେଷରେ ଭିଜିଲାନ୍ସ ହାତରେ ବନ୍ଧା ହୋଇଛନ୍ତି ବିଦ୍ୟୁତ୍ ବିଭାଗର କୋଟିପତି ଏସ୍‌ଡିଓ ମହେଶ୍ୱର ସେଠୀ। ମଙ୍ଗଳବାର ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସର ୫ ଟିମ୍ ତାଙ୍କ କେନ୍ଦୁଝର ସ୍ୱଞ୍ଜି କଲୋନୀ ଘର ସମେତ ୫ଟି ସ୍ଥାନରେ ଚଢ଼ଉ କରି ୨.୫୭ କୋଟି ଟଙ୍କାର ସମ୍ପତ୍ତି ଠାବ ହୋଇଥିଲା। ତାଙ୍କୁ ଅଟକ ରଖି ପଚରାଉଚରା କରାଯାଇଥିଲା। ତାଙ୍କ ବିରୁଦ୍ଧରେ ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ପ୍ରମାଣ ମିଳିବା ପରେ ବୁଧବାର ବାଲେଶ୍ୱର ଭିଜିଲାନ୍ସ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ମିଳିଛି।

## ବନବିଭାଗ ପକ୍ଷରୁ ବିଭିନ୍ନ ପୁରସ୍କାର ବିତରଣ

**ତେଲକୋଇ,୨୨।୯ (ସମିସ):** ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଓଡ଼ିଶା ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ବିଜୁ ପଟ୍ଟନାୟକ ପୁରସ୍କାର, ପ୍ରକୃତି ମିତ୍ର ଓ ପ୍ରକୃତି ବନ୍ଧୁ ପୁରସ୍କାର ବିତରଣ କରାଯାଇଛି। ପରିବେଶ ଓ ଜଙ୍ଗଲ ସଂରକ୍ଷଣ ପାଇଁ କେନ୍ଦୁଝର ବନ ଉପଖଣ୍ଡର ତେଲକୋଇ ବ୍ଲକ ଦୋବଲାପାଳ ମା' ତାରିଣୀ ବନ ସୁରକ୍ଷା ସମିତି ପ୍ରଥମ ସ୍ଥାନ ଅଧିକାର କରି ବିଜୁ ପଟ୍ଟନାୟକ ପୁରସ୍କାର ପାଇଛନ୍ତି। ସେହିପରି ପ୍ରକୃତିମିତ୍ର ପୁରସ୍କାର ମଧ୍ୟ ଦୋବଲାପାଳର ସେହି ମା' ତାରିଣୀ ଭିଏସ୍‌ଏସ୍ ତରଫରୁ ସଭାପତି ନିର୍ମଳ ଚନ୍ଦ୍ର ମହାକୁଡ଼ ମାନପତ୍ର ସହିତ ୨୦ ହଜାର ଟଙ୍କାର ଅର୍ଥରାଶି ଗ୍ରହଣ କରିଛନ୍ତି। ଅନ୍ୟ ପକ୍ଷରେ ବିଭାଗ ପକ୍ଷରୁ ପ୍ରକୃତି ବନ୍ଧୁ ପୁରସ୍କାର ତେଲକୋଇ ବାଳିକା ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଚିତ୍ତରଞ୍ଜନ ପଟ୍ଟନାୟକଙ୍କୁ ମଧ୍ୟ ମାନପତ୍ର ସହ ୧୦ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମ ତେଲକୋଇ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଥିବାବେଳେ ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ସେଠୀ, ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବାସୁଦେବ ମହାନ୍ତ ଏବଂ ବନପାଳ ଭୂପତି ସେଠୀଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ହୋଇଥିଲେ।

## ବିଧାୟକଙ୍କ ଦ୍ୱାରା ପାୱାର ସ୍ପ୍ରେୟର ବଣ୍ଟନ



**କେନ୍ଦୁଝର,୨୨।୯ (ସମିସ):** ସଦର ବ୍ଲକ କୃଷି କାର୍ଯ୍ୟାଳୟରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, କେନ୍ଦୁଝର ତରଫରୁ ଏପିସି ପ୍ରକଳ୍ପ ଓ ଏଫ୍‌ଏଡିସି ତରଫରୁ ୫୦ ଜଣ ଆଦିବାସୀ ମହିଳା ଚାଷୀଙ୍କୁ ପାୱାର ସ୍ପ୍ରେୟର ବଣ୍ଟନ କରାଯାଇଛି। ଏହି ଅବସରରେ କେନ୍ଦୁଝର ସଦର ବିଧାୟକ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତ ମହିଳା ଚାଷୀଙ୍କୁ ଉତ୍ସାହିତ କରିବା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ ହୋଇ ଲାଭ ପାଇବା ପାଇଁ ଜଣାଇଥିଲେ। ଏହି ଅବସରରେ ଆଇଟିଡିଏର ପ୍ରକଳ୍ପ ସହାୟକ ବିଜନ ଥମ୍ବ ସମସ୍ତ ମହିଳା ଚାଷୀ ଖରିଫ୍ ଚାଷ କରି ଲାଭ ପାଇଥିବା ଜଣାଇବା ସହ ଚାଷୀଙ୍କ ମୁହଁରୁ ଅନୁଭୂତି ଜଣାଇଥିଲେ। ଏହି ଅବସରରେ ବ୍ଲକ କୃଷି ଅଧିକାରୀ ଲକ୍ଷ୍ମୀଦେବୀ ଶର୍ମା, ଓଭରସିଅର କର୍ଣ୍ଣଲୋଚନ ପୃଷ୍ଟି, ଆଇଟିଡିଏର ଡମ୍ବରୁ ସେଠୀ, ପ୍ରମୋଦ ବଗର୍ତ୍ତି ଉପସ୍ଥିତ ଥିଲେ। ଶେଷରେ ଆଇଟିଡିଏର ବିଷୟବସ୍ତୁ ବିଶେଷଜ୍ଞ ଭାନୁମତୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

### ଜଗନ୍ନାଥ ଷ୍ଟିଲ୍ କାରଖାନା କର୍ତ୍ତୃପକ୍ଷଙ୍କୁ ଏତେ ଦରଦ କାହିଁକି

# ବିନା ଅନୁମତିରେ ଜଙ୍ଗଲ ଜମିରେ ପାଉଁଶ ଗଦା

**କେନ୍ଦୁଝର,୨୨।୯ (ସମିସ):**

କେନ୍ଦୁଝର ଜିଲ୍ଲାର ବଡ଼ବିଲ ତହସିଲ ଅନ୍ତର୍ଗତ ଉଲିବୁରୁ ମୌଜାରେ ଜଗନ୍ନାଥ ଷ୍ଟିଲ୍ କାରଖାନା ସ୍ଥାପିତ ହୋଇଛି। ଏହି କାରଖାନାର ନାମ ପୂର୍ବରୁ ବିକେ ଷ୍ଟିଲ୍ ନାମରେ ନାମିତ ଥିଲା। କାରଖାନାର ନାମ ବଦଳିଛି ଏବଂ ମାଲିକାନା ବଦଳିଛି। କିନ୍ତୁ ବେଆଇନ ଭାବେ ରାଜସ୍ୱ ଜଙ୍ଗଲ ଜମିରେ କାରଖାନାରୁ ନିର୍ଗତ ବର୍ଜ୍ୟବସ୍ତୁ ଏବଂ ପାଉଁଶଗଦା କରିବା ବଦଳି ନାହିଁ। ଏଥିପାଇଁ କାରଖାନା କର୍ତ୍ତୃପକ୍ଷଙ୍କ ନାମରେ ମାମଲା ରୁଜୁ ହୋଇଛି ସତ ହେଲେ କାର୍ଯ୍ୟାନୁଷ୍ଠାନ କିଛି ନାହିଁ। ତେଣୁ ବନ ଓ ରାଜସ୍ୱ ବିଭାଗର ଏତେ ତାଙ୍କୁ ଦରଦ କାହିଁକି ବୋଲି ପ୍ରଶ୍ନ ଉଠୁଛି। ଏଭଳି ବେଆଇନ କାମ କରିବାରେ କେତେକ ସ୍ଥାନୀୟ ସରକାରୀ କର୍ମଚାରୀ ଦାୟୀ ବୋଲି ଅଭିଯୋଗ ହେଉଛି।

ସୂଚନା ଅନୁସାରେ, ଉଲିବୁରୁ ମୌଜା ଖାତା ନଂ-୧୧୯ (ଅନାବାଦି), ପ୍ଲଟ୍ ନମ୍ବର-୬୩୭ କିଶମ ଜଙ୍ଗଲର ୧୪.୭୫୦ ଏକର ଜମିରେ କାରଖାନାରୁ ନିର୍ଗତ ବର୍ଜ୍ୟବସ୍ତୁ ଓ ପାଉଁଶ ଗଦା କରି ରଖିଛନ୍ତି। ସେହିପରି ପ୍ଲଟ୍ ନମ୍ବର ୩୩୭କୁ ଲାଗି ଅନ୍ୟ ପ୍ଲଟ୍‌ର ୧୦ ଏକର ଜଙ୍ଗଲ ଜମିରେ ବିନା ଅନୁମତିରେ ବର୍ଜ୍ୟବସ୍ତୁ ଡମ୍ପିଂ କରିଥିବାରୁ ବଡ଼ବିଲ ରାଜସ୍ୱ ନିରୀକ୍ଷକ ଏହାକୁ ନେଇ ମାମଲା ଦାୟର କରିଥିଲେ। ଗତ ଏପ୍ରିଲ୍ ୭ରେ ଷ୍ଟିଲ୍ ଆଣ୍ଡ ମାଇନ୍ସ ବିଭାଗ କର୍ମଚାରୀ, ପ୍ରଦୂଷଣ

**ପ୍ରମାଣ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଶୂନ୍**

ନିୟନ୍ତ୍ରଣ ବିଭାଗ କର୍ମଚାରୀ ଏବଂ ବନବିଭାଗ କର୍ମଚାରୀ ମିଳିତ ତଦନ୍ତ କରିଥିଲେ। ପରେ ବନ ବିଭାଗ ତା' ପରଦିନ ଅର୍ଥାତ୍ ୮ ତାରିଖରେ ବଡ଼ବିଲ ତହସିଲଦାରଙ୍କୁ ରାଜସ୍ୱ ବିଭାଗ ଓ ବନ ବିଭାଗର ମିଳିତ ଅନୁଧ୍ୟାନ ପାଇଁ ଚିଠି କରିଥିଲେ। ଚିଠି ଅନୁସାରେ ବଡ଼ବିଲ ରାଜସ୍ୱ ନିରୀକ୍ଷକ ଓ ନାଲଦା ବନପାଳ ମିଳିତ ଅନୁଧ୍ୟାନ କରି ରିପୋର୍ଟ ଦେଇଥିଲେ। ବଡ଼ବିଲ ଆର୍‌ଆଇଙ୍କ ରିପୋର୍ଟ ଅନୁସାରେ ଜଗନ୍ନାଥ ଷ୍ଟିଲ୍ କାରଖାନା କର୍ତ୍ତୃପକ୍ଷ ସମ୍ପୃକ୍ତ ଜଙ୍ଗଲ ଜମିରେ



ବେଆଇନ ଓ ବିନା ଅନୁମତିରେ ବର୍ଜ୍ୟବସ୍ତୁ ଠୁଳ କରି ରଖିଛନ୍ତି। ଏହାପରେ ବନ ବିଭାଗ ପକ୍ଷରୁ କାରଖାନାର ଆଦ୍ୟପଦ ମୁଖାର୍ଜୀଙ୍କ ନାମରେ ଓଡ଼ିଶା ବନ ବିଭାଗ ଆଇନ୍ ଅନୁସାରେ ମାମଲା ରୁଜୁ କଲେ।

ପୂର୍ବରୁ ବଡ଼ବିଲ ରେଞ୍ଜର ବିକେ ଷ୍ଟିଲ୍ ନାମରେ କାରଖାନା ଥିବାବେଳେ ଏକା ଅଭିଯୋଗରେ ୨୦୧୦-୧୧ରେ ମାମଲା ରୁଜୁ କରିଥିଲେ। ଏଠାରେ ସୂଚନା ଯୋଗ୍ୟ ଯେ ବନ ବିଭାଗ ପାଖରେ ଥିବା ୨୦୦୪ ଗୁଗଲ୍ ମ୍ୟାପ୍ ଅନୁସାରେ ଉକ୍ତ ପ୍ଲଟ୍‌ରେ ଏକ ପାଦଚଲା ରାସ୍ତା ଥିଲା ଏବଂ ବାକି ଅଞ୍ଚଳ ଜଙ୍ଗଲ ପରିପୂର୍ଣ୍ଣ ଥିଲା। କିନ୍ତୁ ୨୦୧୯ରେ ଉତ୍ତୋଳନ ଗୁଗଲ ମ୍ୟାପ୍‌ରେ ସେଠାରେ ଥିବା ସମସ୍ତ ଜଙ୍ଗଲକୁ କାଟି ସଫା କରାଯାଇ ଡମ୍ପିଂୟାର୍ଡ କରାଯାଇଥିବା ବନ ବିଭାଗ ପାଖରେ ପ୍ରମାଣ ରହିଛି। କିନ୍ତୁ କାହିଁକି ଓ କାହା ଚାପରେ ବନ ବିଭାଗ କେବଳ ଗୋଟିଏ ଲେଖାଏଁ ମାମଲା ରୁଜୁ କରିଦେଇ କାର୍ଯ୍ୟାନୁଷ୍ଠାନ ନେଉନି ତାହା ସନ୍ଦେହରେ ରହିଛି। କେନ୍ଦୁଝର ଜିଲ୍ଲାରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ପରେ ଶବଦାହ ପାଇଁ ଜଙ୍ଗଲରୁ କାଠ କାଟିବାରୁ କାର୍ଯ୍ୟାନୁଷ୍ଠାନ ହୋଇଥିବା ଉଦାହରଣ ରହିଛି।

ଏଭଳି ସ୍ଥିତିରେ ଉଲିବୁରୁ ସ୍ଥିତ ଜଗନ୍ନାଥ ଷ୍ଟିଲ୍ କାରଖାନା କର୍ତ୍ତୃପକ୍ଷ ରାଜସ୍ୱ ଜଙ୍ଗଲ ଜମିରୁ ଗଛକଟା ଓ ସେଠାରେ ବେଆଇନ ବର୍ଜ୍ୟବସ୍ତୁ ସହିତ ପାଉଁଶ ଗଦାକରି ରଖିବା ପରେ ମଧ୍ୟ କାହିଁକି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେଉନି ତାହା ସମସ୍ତଙ୍କୁ ଚକିତ କରିଛି। ଜଗନ୍ନାଥ ଷ୍ଟିଲ୍ କାରଖାନାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କର୍ଣ୍ଣେଲ କିଶନନ୍‌ଙ୍କୁ ଏ ବାବଦରେ ପଚାରିବାରୁ କାରଖାନା କର୍ତ୍ତୃପକ୍ଷ କୌଣସି ବେଆଇନ ଡମ୍ପିଂ କରିନାହାନ୍ତି ବୋଲି କହିବା ସହ କାରଖାନାର ନିଜର ପଟ୍ଟାଭୁକ୍ତ ଜମିରେ ଡମ୍ପିଂ ହେଉଛି ବୋଲି କହିଛନ୍ତି। ଏଥିସହ ଏହା କାରଖାନା ବିରୁଦ୍ଧରେ ଅପପ୍ରଚାର ବୋଲି ମତ ଦେଇଛନ୍ତି।

### ପାଣିକାଦୁଅ ପଚ ପଚ ରାସ୍ତା

# ମରଣଯନ୍ତା ପାଲଟିଛି ରାଜ୍ୟ ରାଜପଥ

**ଯୋଡ଼ା,୨୨।୯ (ସମିସ):** ଖଣିଜ ସମ୍ପଦଭରା କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣିମଣ୍ଡଳ ତଥା ଯୋଡ଼ା ପୌର ପାଳିକାର ମଧ୍ୟ ଦେଇ ଯାଇଥିବା ରଣାଶାଳ-ବାଂଶପାଣି ରାଜ୍ୟ ରାଜପଥ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ରାସ୍ତାଟିର ସ୍ଥାନେ ସ୍ଥାନେ ବଡ଼ ଗର୍ତ୍ତମାନ ସୃଷ୍ଟି ହେବା ସହ ରାସ୍ତାସାରା କାଦୁଅ ଭର୍ତ୍ତି କାରଣରୁ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିବା ଘଟଣା ଅଞ୍ଚଳବାସୀଙ୍କୁ ଦୟନୀୟ ଅବସ୍ଥାକୁ ଠେଲି ଦେଇଛି। ହଜାର ହଜାର ସଂଖ୍ୟାରେ ଖଣିଜ ଉଭୟ ପାର୍ଶ୍ୱରେ ସମସ୍ତ ବ୍ୟାଙ୍କ୍, ଡାକ୍ତରଖାନା, ଦୋକାନବଜାର, ଡାକଘର, ବିଦ୍ୟାଳୟଗୁଡ଼ିକ ଅବସ୍ଥିତ ଥିବାରୁ ଯୋଡ଼ା ଲୋକେ ଏହି ରାସ୍ତା ପାଇଁ ନର୍କ ଯନ୍ତ୍ରଣା ଭୋଗୁଛନ୍ତି।

ଯୋଡ଼ା ସହର ମଧ୍ୟରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ପୌରପାଳିକା କାର୍ଯ୍ୟାଳୟ, ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ, କୃଷି କାର୍ଯ୍ୟାଳୟ, ସରକାରୀ ଡାକ୍ତରଖାନା ଥିବାରୁ ବାମେବାରୀ, ଜୁରୁଡ଼ି, କାଳିମାଟି ପଟୁ ଆସୁଥିବା ଲୋକେ ଦୁର୍ଦ୍ଦଶା ଭୋଗିବା ସହ ଏଠାକୁ ଆସିବାକୁ ନାକ ଟେକୁଛନ୍ତି। ଦୁର୍ଘଟଣା ଏ ଅଞ୍ଚଳର ଧନ ଜୀବନ କ୍ଷତି କରୁଥିଲେ ମଧ୍ୟ ପ୍ରଶାସନର ଏଥିପ୍ରତି ନିଘା ନ ଥିବା ଲୋକଙ୍କୁ ବ୍ୟଥିତ କରିଛି। ଏହି ଫ୍ଲାଏଓଭର ନିର୍ମାଣ କାର୍ଯ୍ୟ ଓଡ଼ିଶା ବ୍ରିଜ୍ କନ୍‌ଷ୍ଟ୍ରକ୍ସନ୍ କର୍ପୋରେସନ ଲିଃ ହାତକୁ ନେଇଥିବାବେଳେ କାର୍ଯ୍ୟଟିକୁ ଗୁଜରାଟ ରାଜ୍ୟର ଚେଭରୋକ୍ସ ନାମକ ଠିକା ସଂସ୍ଥା ନିର୍ମାଣ କାର୍ଯ୍ୟ କରୁଥିବା ଜଣାପଡ଼ିଛି। ତେବେ ନିୟମ ମୁତାବକ ଏହି ନିର୍ମାଣ ପୂର୍ବରୁ ଜନସାଧାରଣଙ୍କ ସ୍ୱଚ୍ଛନ୍ଦ ଯାତାୟାତ ନିମନ୍ତେ ଅସ୍ଥାୟୀ ପାର୍ଶ୍ୱରାସ୍ତା ନିର୍ମାଣ କରିବାର ପ୍ରାବଧାନ ଥିବାବେଳେ ଠିକା ସଂସ୍ଥାର





ବୋଝେଇ ଭାରିଯାନ ଚଳାଚଳ ଅବ୍ୟାହତ ଯୋଗୁଁ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ରଣାଶାଳଠାରୁ ବାଂଶପାଣି ପର୍ଯ୍ୟନ୍ତ ପ୍ରାୟ ୫ କି.ମି. ରାସ୍ତାରେ ଆଣ୍ଠୁଏ ଲେଖାଏଁ ଗର୍ତ୍ତ ହୋଇ ସେଥିରେ ପାଣି ଜମିରହିବାରୁ ଛୋଟ ଯାନଗୁଡ଼ିକ ଯିବାଆସିବା କରିବାରେ ଘୋର୍ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଏପରିକି ଏହି ରାସ୍ତାରେ ପାଦଚଲା ବାଟୋଇଟିଏ ଯିବା ମଧ୍ୟ ଅସମ୍ଭବ ହୋଇପଡ଼ିଛି। ରାସ୍ତା ଉପରେ କାଦୁଅପାଣି ଲହଡ଼ି ମାରୁଥିବାବେଳେ ଏହି ରାସ୍ତାର

**କହିବେ କାହାକୁ ଶୁଣିବ କିଏ; ରାସ୍ତାରେ ମାରୁଛି ଲହଡ଼ି**

କିଛିଦିନ ହେବ ଏହି ରାସ୍ତା ଉପରେ ଫ୍ଲାଏଓଭର ବ୍ରିଜ୍ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଫଳରେ ଭିତ୍ତିସ୍ଥାପନ ପାଇଁ ରାସ୍ତାଟିକୁ ଖୋଳାଯାଇ ସେଥିରୁ ବାହାରିଥିବା ବର୍ଜ୍ୟବସ୍ତୁଗୁଡ଼ିକୁ ରାସ୍ତା ଉପରେ ପକାଇ ସମତୁଲ କରି ଦିଆଯିବାରୁ ଲଗାଣ ବର୍ଷା ଫଳରେ ଏହା ନର୍କକୁଣ୍ଡ ପାଲଟି ଯାଇଛି। ଦୈନିକ ମନମୁଖୀ କାର୍ଯ୍ୟ ଯୋଗୁଁ ରାସ୍ତାରେ ଯାତାୟାତ ନିମନ୍ତେ ସ୍ଥାନୀୟ ଲୋକେ ଦୟନୀୟ ଅବସ୍ଥା ଭୋଗୁଛନ୍ତି। ସ୍ଥାନୀୟ ଅଞ୍ଚଳର ଅଧିବାସୀଙ୍କ ନିମନ୍ତେ ଏହି ରାସ୍ତା ଅତ୍ୟନ୍ତ ଗୁରୁତ୍ୱ ବହନ କରୁଥିବାବେଳେ ଖରାରେ ପ୍ରବଳ ଧୂଳି ଓ ବର୍ଷାରେ ଆଣ୍ଠୁଏ ଖାଲରେ ପାଣି ଜମାଟ ବାନ୍ଧି ରାସ୍ତାସାରା ପାଣି କାଦୁଅ ହେଉଛି। ତେବେ ପାର୍ଶ୍ୱବର୍ତ୍ତୀ ରାସ୍ତା ନିର୍ମାଣ ନ କରି ଯାତାୟାତରେ ବ୍ୟାଘାତ ସୃଷ୍ଟି ହେଉଥିବାବେଳେ ଠିକାସଂସ୍ଥାର ମନମୁଖୀ କାର୍ଯ୍ୟକୁ ନେଇ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି।

### ଆବାସ ଯୋଜନାରେ ଅନିୟମିତତା

# ଥାନାର ଦ୍ୱାରସ୍ଥ ଆଦିବାସୀ ପରିବାର





**ତେଲକୋଇ,୨୨।୯ (ସମିସ):** ତେଲକୋଇ ବ୍ଲକ ଅନ୍ତର୍ଗତ ଶିବନାରାୟଣପୁର ଗୋଡ଼ା ପଞ୍ଚାୟତର କାଞ୍ଜିଆଝରଣ ବସ୍ତିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନିର୍ମାଣ କାର୍ଯ୍ୟରେ ଅନିୟମିତତାକୁ ନେଇ ଗ୍ରାମବାସୀ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ ଠିକାଦାର ଏବଂ ପଞ୍ଚାୟତ ଅଧିକାରୀଙ୍କ ଭିତିରି ବୁଝାମଣାରେ ତାଙ୍କ ଘରକୁ ନିମ୍ନମାନର କରାଯିବା ସହ ଅଧପନ୍ତରିଆ ଅବସ୍ଥାରେ ଛାଡ଼ିଯାଇଛନ୍ତି। ତେବେ ନିଜ ଘର ନିଜେ ନିର୍ମାଣ କରିବାକୁ ଚାହିଁଥିଲେ ମଧ୍ୟ ପଞ୍ଚାୟତ ଅଧିକାରୀଙ୍କ ଦ୍ୱାରା ମାନସିକ ଚାପ ଏବଂ ବାରମ୍ବାର ପଞ୍ଚାୟତକୁ ଦୌଡ଼ାଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏହି ଗ୍ରାମ ସମ୍ପୂର୍ଣ୍ଣ ଆଦିବାସୀ ଗ୍ରାମ ହୋଇଥିବାବେଳେ ନିରୀହ ଲୋକଙ୍କ ଆବାସରେ ଠକେଇ କରିବା ଦୁର୍ଭାଗ୍ୟପୂର୍ଣ୍ଣ। ଏନେଇ ଏଭଳି ଘଟଣାକୁ ତୀବ୍ର ନିନ୍ଦା କରିବା ସହିତ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଋଷି ଅଷ୍ଟବକ୍ରଙ୍କ ଜୟନ୍ତୀ

**ତେଲକୋଇ,୨୨।୯ (ସମିସ):** ତେଲକୋଇ ମୁଖ୍ୟାଳୟର ଜଗନ୍ନାଥ ମନ୍ଦିର ସଭାଗୃହଠାରେ ବୁଧବାର ଋଷି ଅଷ୍ଟବକ୍ରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଜଗନ୍ନାଥ ମନ୍ଦିରର ସତ୍‌ସଙ୍ଗ ସମିତି ଦ୍ୱାରା ଏହି କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମରେ ଜଗନ୍ନାଥ ମନ୍ଦିର ପୂଜକ, ତେଲକୋଇ ସରପଞ୍ଚ ମାନସ ନାଏକ, ଭାଜପା ମଣ୍ଡଳ ସଭାପତି ସତ୍ୟନାରାୟଣ ସାହୁଙ୍କ ସମେତ ଅନ୍ୟ ଭଗବତପ୍ରେମୀ ସାମିଲ୍ ହୋଇଥିଲେ।

# ଲଗାଣ ବର୍ଷାରେ ଭାଙ୍ଗିଲା ଘର





**ଚମ୍ପୁଆ,୨୨।୯ (ସମିସ):**

ଦୁଇଦିନ ଧରି ଲାଗିରହିଥିବା ଲଘୁଚାପଜନିତ ଲଗାଣ ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଥିବାବେଳେ ବହୁ ଘରର କାନ୍ଥ ଭୂଶୁଡ଼ି ପଡ଼ିଥିବା ଦେଖିବାକୁ ମିଳିଛି। ବର୍ଷାଜଳ ନିଷ୍କାସନର ବ୍ୟବସ୍ଥା ହୋଇ ପାରି ନ ଥିବା ଫଳରେ ଅନେକ ସ୍ଥାନରେ କୃତ୍ରିମ ବନ୍ୟା ପରିସ୍ଥିତି ଦେଖିବାକୁ ମିଳିଛି। ଚମ୍ପୁଆ ଏନ୍‌ଏସିର ୭ନଂ ୱାର୍ଡରେ ବର୍ଷାଜଳ ରାସ୍ତା ଉପରେ ଲହଡ଼ି ମାରୁଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ସେହିପରି ଚମ୍ପୁଆ ଅଲ୍ଲିନଗରଠାରେ ଏମ୍‌ଡି କଲିମ୍‌ର ଘର କାନ୍ଥ ଭୂଶୁଡ଼ି ପଡ଼ିଥିବାବେଳେ ଘରସଦସ୍ୟାମାନେ ଅଳ୍ପକେ ବର୍ତ୍ତି ଯାଇଥିଲେ। ସେହିପରି ଗୋଧୂଳି, ପାଞ୍ଚପୋଖରିଆ, ନୂଆଗାଁ, ରାମଲା ଆଦି ଅଞ୍ଚଳରେ ଏହି ବର୍ଷା ତାଣ୍ଡବ କରିଥିବାବେଳେ ବ୍ଲକର ଜାମୁଦଲକ, ରଜିଆ ଚନ୍ଦ୍ରଶେଖରପୁର ସମେତ ବହୁ ପଞ୍ଚାୟତରେ ଘରକାନ୍ଥ ଭୂଶୁଡ଼ି ପଡ଼ିଥିବା ଜଣାଯାଇଛି। ପାଣିପାଗ ବିଭାଗର ସୂଚନା ଅନୁସାରେ ଚମ୍ପୁଆରେ ୯୮.୩ ମିଲିମିଟର ବର୍ଷା ହୋଇଥିବାବେଳେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

## ତହସିଲ କାର୍ଯ୍ୟାଳୟରେ ପାଣି

ଚମ୍ପୁଆରେ ଲାଗିରହିଥିବା ଲଗାଣ ବର୍ଷା ଫଳରେ ତହସିଲ କାର୍ଯ୍ୟାଳୟ ପରିସରରେ ବର୍ଷାଜଳ ଲହଡ଼ି ମାରୁଥିବା ଦେଖିବାକୁ ମିଳିଛି। ଫଳରେ ଅଫିସ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବାବେଳେ ତହସିଲଦାର ଡାକ୍ତର ସାଇସସ୍ମିତା ହୋତା ନିଜ ଚୌକି ଛାଡ଼ି ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ନାୟକଙ୍କ ଚୌକିରେ ବସି ଅଫିସ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି। କାର୍ଯ୍ୟାଳୟର ମୁଖ୍ୟଦ୍ୱାରରେ ବାହାରୁ ବର୍ଷାଜଳ ପଶି ଜମା ହୋଇ ରହିଥିବାରୁ କାର୍ଯ୍ୟାଳୟକୁ ଆସୁଥିବା ଲୋକମାନେ କିଛି ସମୟ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବର୍ଷାଜଳ ନିଷ୍କାସନ ପାଇଁ ଚମ୍ପୁଆ ଏନ୍‌ଏସି ପକ୍ଷରୁ ବ୍ୟବସ୍ଥା ଆରମ୍ଭ କରାଯାଇଛି।



# ଗ୍ରାହକ ସେବା କେନ୍ଦ୍ର ଉଦ୍‌ଘାଟିତ



**ଘଟଗାଁ,୨୨।୯ (ସମିସ):** ବୁଧବାର କୁଣ୍ଡାପିଠାଠାରେ ବଡ଼ଜାମୁପଶି ଗ୍ରାମପଞ୍ଚାୟତର ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଘଟଗାଁ ଗ୍ରାହକ ସେବାକେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ବ୍ୟାଙ୍କ୍ ଅଫ୍ ଇଣ୍ଡିଆର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରକାଶ କୁମାର ନାଏକ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବଡ଼ଜାମୁପଶି ଗ୍ରାମପଞ୍ଚାୟତର ସରପଞ୍ଚ ଜେମାମଣୀ ସିଧୁ ମା' ତାରିଣୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କୁଣ୍ଡେଶ୍ୱର ମନ୍ଦିରର ପୂଜକ ପ୍ରତାପ ଚନ୍ଦ୍ର ଦାସ ପୂଜାର୍ଚ୍ଚନା କରିଥିଲେ। ରାଧାକୃଷ୍ଣ ବିଦ୍ୟାପୀଠ କୁଣ୍ଡାପିଠାର ପ୍ରଧାନଶିକ୍ଷକ ତଥା ସଂଯୋଗୀ ସଜଫୁଲର ସମ୍ପାଦକ ବାବୁଲାଲ ପଲେଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ଗ୍ରାହକ ସେବାକେନ୍ଦ୍ର ଦ୍ୱାରା ଏ ଅଞ୍ଚଳରେ ବ୍ୟାଙ୍କ୍ କାରବାର ସମ୍ବନ୍ଧୀୟ ବହୁ ଅସୁବିଧା ଦୂରୀଭୂତ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ବରିଷ୍ଠ ନାଗରିକ ହରିହର ପଲେଇ, ତପନ ମହାକୁଡ଼, କୁନ୍ତଳା ମହାନ୍ତ, ମିନତୀ ନାଏକି ଯୋଗ ଦେଇଥିଲେ।

## • ବେଆଇନ ବାଲି ବୋଝେଇ ଟ୍ରାକ୍ଟର ଜବତ

**ଭଣ୍ଡାରିପୋଖରୀ,୨୨।୯ (ସମିସ):** ଭଣ୍ଡାରିପୋଖରୀ ବ୍ଲକ ଦେଇ ଯାଇଥିବା ବୈତରଣୀ ନଦୀରୁ ବେଆଇନ ବାଲିଚାଲାଣ ବଢ଼ିବାକୁ ଲାଗିଛି। ବୁଧବାର ଭଣ୍ଡାରିପୋଖରୀ ଥାନା ଭାରପ୍ରାପ୍ତ ଅଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ବେଆଇନ ବାଲି ପରିବହନ କରୁଥିବା ଏକ ଟ୍ରାକ୍ଟରକୁ ଜବତ କରାଯାଇଛି। ଟ୍ରାକ୍ଟରଟି ସ୍ଥାନୀୟ ବୈତରଣୀ ନଦୀରୁ ବାଲି ବୋଝେଇ କରି ସରସଦା ଅଭିମୁଖେ ଆସୁଥିବାବେଳେ ମାଳଦା ନିକଟରେ ପୁଲିସ ଏହାକୁ ଜବତ କରିଥିଲା। ଗାଡ଼ି ଚାଳକ ମଣ୍ଟୁ ଦାସଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବାବେଳେ ଗାଡ଼ିଟିକୁ ଥାନାରେ ଅଟକ ରଖାଯାଇଥିବା ଜଣାଯାଇଛି।

## • ଜିଲ୍ଲା କଂଗ୍ରେସ କମିଟି ଏସ୍‌ସି ସେଲ୍

**ଭଦ୍ରକ,୨୨।୯ (ସମିସ):** ଭଦ୍ରକ ଜିଲ୍ଲା କଂଗ୍ରେସ ସଭାପତି ସୁବ୍ରତ ଦାସଙ୍କ ସୁପାରିଶ କ୍ରମେ ଓ ରାଜ୍ୟ କଂଗ୍ରେସ କମିଟିର ଏସ୍‌ସି ସେଲ୍‌ର ଚେୟାରମ୍ୟାନ୍ ବାଙ୍କନିଧି ବେହେରାଙ୍କ ଅନୁମୋଦନ କ୍ରମେ ଭଦ୍ରକ ଜିଲ୍ଲା କଂଗ୍ରେସ ସେଲ୍‌ର ନୂତନ ପଦାଧିକାରୀଙ୍କ ନାମ ଘୋଷିତ ହୋଇଛି। ଚେୟାରମ୍ୟାନ୍ ଭାବେ ସ୍ୱଦନ ମଲ୍ଲିକ ଓ ଭାଇସ୍ ଚେୟାରମ୍ୟାନ୍ ଭାବେ ରଞ୍ଜନ କୁମାର ଜେନାଙ୍କ ନାମ ଘୋଷଣା କରିଛନ୍ତି। ଏଥି ସହ ଜିଲ୍ଲା କଂଗ୍ରେସର ଅନୁସୂଚିତ ଜାତିର ବ୍ୟକ୍ତିବିଶେଷଙ୍କୁ ଏକତ୍ରିତ କରିବା ସହ ସଂଗଠନକୁ ସୁଦୃଢ଼ କରିବା ଦିଗରେ ଏହି ଦୁଇ ଯୁବ ନେତୃତ୍ୱ ସଫଳ ହେବେ ବୋଲି ଆଶାପ୍ରକଟ କରିଛନ୍ତି।

## • ନାରାୟଣ ଚନ୍ଦ୍ର ଦାସଙ୍କ ଶ୍ରଦ୍ଧାଞ୍ଜଳି ସଭା

**ଭଦ୍ରକ,୨୨।୯ (ସମିସ):** ଭଦ୍ରକର ବିଶିଷ୍ଟ ମେଡିସିନ୍ ସ୍ପେଶିଆଲିଷ୍ଟ ଡ. ନାରାୟଣ ଚନ୍ଦ୍ର ଦାସଙ୍କ ଏକାଦଶାହରେ ଏକ ଶ୍ରଦ୍ଧାଞ୍ଜଳି ସଭା ସାଳନ୍ଦୀ ହସ୍ପିଟାଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡାକ୍ତର ରବୀନ୍ଦ୍ର କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଡା. ହରେକୃଷ୍ଣ ନାୟକ, ଡା. ପ୍ରଭାସ କୁମାର ମହାନ୍ତି, ଡା. କୁନ୍ତଳା ମିଶ୍ର, ଡା. ଦେବରାଜ ପାଣିଗ୍ରାହୀ, ରୋଟାରୀ ପ୍ରେସିଡେଣ୍ଟ ବସନ୍ତ କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଡାକ୍ତର ଦାସଙ୍କ କାର୍ଯ୍ୟଦକ୍ଷତା, ନିଃସ୍ୱାର୍ଥପରତା ଏବଂ ପରୋପକାରିତା ବିଷୟରେ ସ୍ମୃତିଚାରଣ କରିଥିଲେ। ଡା. ରବୀନ୍ଦ୍ର କୁମାର ନାୟକ ତାଙ୍କର ଜଣେ ପରୋପକାରୀ ବନ୍ଧୁଙ୍କୁ ହରାଇଲେ ବୋଲି କହିବା ସହ ସ୍ନାତକୋତ୍ତର ଶିକ୍ଷା ସମୟରେ ଅତିବାହିତ କରିଥିବା ଏବଂ ୧୯୭୧ରେ କିପରି ରିଲିଫ୍ ବଣ୍ଟନକୁ ପରିଚାଳନା କରିଥିଲେ, ତାହା ବର୍ଣ୍ଣନା କରିଥିଲେ। ତାଙ୍କ ବିୟୋଗରେ ସାଳନ୍ଦୀ ହସ୍ପିଟାଲ ଜଣେ ବରିଷ୍ଠ ଡାକ୍ତରଙ୍କୁ ହରାଇଲା ବୋଲି କହିଥିଲେ। ଡା. କୁନ୍ତଳା ମିଶ୍ର, ଡା. ଦେବରାଜ ପାଣିଗ୍ରାହୀ, ଡା. ହରେକୃଷ୍ଣ ନାୟକ ପ୍ରମୁଖ ତାଙ୍କ ଗୁଣଗାନ କରିବା ସହିତ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିବା ସହିତ ତାଙ୍କ ପରିବାରକୁ ଏହି ବିପତ୍ତିରୁ ଉଦ୍ଧାର ପାଇଁ ମନୋବଳ ଓ ଧୈର୍ଯ୍ୟ ପ୍ରଦାନ ପାଇଁ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିବା ସହିତ ଭକ୍ତିପୂତ ଶ୍ରାଦ୍ଧାସୁମନ ଅର୍ପଣ କରିଥିଲେ।

# ଫେରିଘାଟରେ ଚାଲିଛି ଘାଟିଆଙ୍କ ଦୌରାତ୍ମ୍ୟ

**ମରାଯାଉନି ଯାତ୍ରୀ ଭଡ଼ା ଚାର୍ଟ**

**ଶୋଷଣର ଶିକାର ହେଉଛନ୍ତି ଯାତ୍ରୀ**



**ପୀରହାଟ,୨୨।୯ (ସମିସ):**

ତିହିଡ଼ି ଓ ଚାନ୍ଦବାଲି ବ୍ଲକରେ ଥିବା ବିଭିନ୍ନ ନଦୀର ଫେରିଘାଟରେ ଯାତ୍ରୀମାନେ ଶୋଷଣର ଶିକାର ହେଉଥିବା ଅଭିଯୋଗ ହେଉଛି। ଯାତ୍ରୀଙ୍କ ପାଇଁ ଭଡ଼ା ଚାର୍ଟ ମରାଯାଉ ନ ଥିବାରୁ ଘାଟିଆ ମନଇଚ୍ଛା ଭଡ଼ା ନେଉଥିବାରୁ ଯାତ୍ରୀମାନେ ଶୋଷଣର ଶିକାର ହେଉଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ପ୍ରବାହିତ ହେଉଥିବା ମନ୍ତେଇ, ସାଳନ୍ଦୀ ଓ ବୈତରଣୀ ନଦୀରେ ବିଭିନ୍ନ ସ୍ଥାନରେ ଘାଟ ରହିଛି। ମନ୍ତେଇ ନଦୀରେ ଚାରିବାଟିଆ, ବାଲିଆପାଳ, ପଞ୍ଚୁଟିକିରି, ବାଂଶଡ଼ା, ହାବେଳି ଘାଟ ଥିବାବେଳେ ସାଳନ୍ଦୀ ନଦୀ ଉପରେ ତିନିତର, ଧାନକଣିଆ, ଆଦି ଘାଟ ଥିବା ଜଣାପଡ଼ିଛି। ପ୍ରତିବର୍ଷ ଏହି ଘାଟଗୁଡ଼ିକୁ ନିଲାମ କରାଯାଏ। ହେଲେ ବେଳେବେଳେ ରାଜନୈତିକ ଚାପରେ ଏହି ଘାଟଗୁଡ଼ିକୁ ନିଲାମ କରାଯାଏ ନାହିଁ। ଘାଟ ନିଲାମକୁ ନେଇ ବେଳେବେଳେ ଗଣ୍ଡଗୋଳ କଥା ଥାନାଠାରୁ ଆରମ୍ଭ କରି ଉଚ୍ଚନ୍ୟାୟାଳୟ ପର୍ଯ୍ୟନ୍ତ କଥା ଯାଇଥିବା ନଜିର ଅଛି। ଗୁରୁତ୍ୱପୂର୍ଣ୍ଣ କଥା ଏହି ଘାଟ ପାର୍ ହେବାବେଳେ ଯାତ୍ରୀମାନେ ଅକଥନୀୟ ନିର୍ଯାତନାର ଶିକାର ହେଉଥିବା ଅଭିଯୋଗ ହେଉଛି। ମନଇଚ୍ଛା ଏହି ଫେରିଘାଟରେ ଡଙ୍ଗାରେ ପାର୍ ହେବାକୁ ଘାଟମାନଙ୍କରେ ଟଙ୍କା ଦେଉଥିବା ଅଭିଯୋଗ ହେଉଛି। ଯାତ୍ରୀମାନଙ୍କଠାରୁ ମନଇଚ୍ଛା ଅର୍ଥ ଆଦାୟ ହେଉଛି। ବିଳମ୍ବିତ ରାତିରେ ଏହି ଫେରିଘାଟ ପାର୍ ହେବାକୁ ହେଲେ କଥା ସରିଲା। ସ୍ଥାନୀୟ ପ୍ରଦେଶ ସେବା ସଂଗଠନ ଏ ସମ୍ବନ୍ଧରେ ଅଭିଯୋଗ କରିବା ପରେ ସବୁ ଘାଟରେ ଯାତ୍ରୀ ଭଡ଼ା ଚାର୍ଟ ମାରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ଆଜି ପର୍ଯ୍ୟନ୍ତ ଏ କ୍ଷେତ୍ରରେ କୌଣସି ପଦକ୍ଷେପ ନିଆଯାଇନାହିଁ। ଏହା ଜିଲ୍ଲା ପ୍ରଶାସନ ଓ ତହସିଲ ପ୍ରଶାସନ ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

## ଏକଦିବସୀୟ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର

**ଭଣ୍ଡାରିପୋଖରୀ,୨୨।୯ (ସମିସ):** ଭଣ୍ଡାରିପୋଖରୀ ବ୍ଲକ ପଞ୍ଚାୟତ ସମିତି ସଭାଗୃହ ମଧ୍ୟରେ ଏକଦିବସୀୟ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସାମାଜିକ ସମୀକ୍ଷକ ସୁଶାନ୍ତ ଦଳେଇଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ବିଡିଓ ଦେବଦତ୍ତ ଦାସ, ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ପ୍ରତିନିଧି ଗୋଲକ ଚନ୍ଦ୍ର ବେହେରା, ବ୍ଲକ ଉପାଧ୍ୟକ୍ଷ ସତ୍ୟବ୍ରତ ଦାସ, ଯୋଗାଣ ନିରୀକ୍ଷକ ରେବତୀସ ସିଂ ନାୟକ ପ୍ରମୁଖ ଉପସ୍ଥିତ ରହି ଦକ୍ଷତା ବୃଦ୍ଧି ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ଜିଲ୍ଲା ସାମାଜିକ ସମୀକ୍ଷକ ଅମର କିଶୋର ସାହୁ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ଥିବା ପ୍ରାୟ ୪୪ଜଣ ଗ୍ରାମ୍ୟ ସମ୍ବଳ ଏସ୍‌ଏଚ୍‌ଜି ମହିଳାଙ୍କୁ ଦକ୍ଷତା ବୃଦ୍ଧି ବାବଦରେ ପ୍ରଶିକ୍ଷଣ ଦେଇଥିଲେ। ବିଶେଷକରି ରାଜ୍ୟ ଖାଦ୍ୟ ସୁରକ୍ଷା ଆଇନ ଅନୁଯାୟୀ ରାସନ କାର୍ଡ ଯାଞ୍ଚ ସହିତ ମନରେଗା କାର୍ଯ୍ୟ ଓ ସରକାରଙ୍କ ଅନ୍ୟ ଜନମଙ୍ଗଳକାରୀ କାର୍ଯ୍ୟ ସମ୍ପର୍କରେ ଗ୍ରାମ୍ୟ ସମ୍ବଳ ମହିଳାମାନଙ୍କୁ ସୂଚନା ଦିଆଯାଇଥିଲା। ପ୍ରଶିକ୍ଷଣ ପାଇଥିବା ସଦସ୍ୟାମାନେ ପ୍ରତ୍ୟେକ ଗାଁକୁ ଗାଁ ଯାଇ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିବା ସହ ପ୍ରଶାସନକୁ ତଥ୍ୟ ପ୍ରଦାନ କରିବା ପାଇଁ ବୈଠକରେ ଅଧିକାରୀମାନେ କହିଥିଲେ। ଏପିଓ ଜୟଶ୍ରୀ କର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଆଦିବାସୀ ଛାତ୍ରାବାସ ନିର୍ମାଣ ସରିବ କେବେ



**କୋଟିଏ ଟଙ୍କାର କାର୍ଯ୍ୟ ନିମ୍ନମାନର ଅଭିଯୋଗ**

**ବନ୍ତ,୨୨।୯ (ସମିସ):** ବନ୍ତ ବ୍ଲକ ଗଣିଜାଙ୍ଗ ପଞ୍ଚାୟତ ବେଲଦା ଗ୍ରାମରେ ନିର୍ମିତ ଆଦିବାସୀ ଛାତ୍ରାବାସ ନିର୍ମାଣ କାର୍ଯ୍ୟ ଧିମେଇ ଚାଲିଥିବାବେଳେ କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ଗତ ୫ ବର୍ଷ ପୂର୍ବେ ଏହି ଛାତ୍ରାବାସର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ଏହାର ଅଟକଳ ମୂଲ୍ୟ ପ୍ରାୟ ୧ କୋଟି ହେବ ବୋଲି ଜଣାଯାଇଛି। ତତ୍କାଳୀନ ଆଦିବାସୀ ଉନ୍ନୟନ ମନ୍ତ୍ରୀ ଲାଲବିହାରୀ ହିମିରିକା ଏହି ଛାତ୍ରାବାସର ଶୁଭ ଉଦ୍‌ଘାଟନ କରିଥିଲେ। ଏବେ ଛାତ୍ରାବାସ ନିର୍ମାଣ ସ୍ଥଳରେ ସୂଚନା ଫଳକରେ ଲେଖାଯାଇଥିବା ତଥ୍ୟ ଲିଭି ଯାଇଥିବା ଦେଖାଯାଇଛି। ଏହି ଛାତ୍ରାବାସ ଦୁଇ ମହଲା ବିଶିଷ୍ଟ ହୋଇଥିବାବେଳେ ଠିକ୍ ଭାବରେ କାର୍ଯ୍ୟ ହେଉ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ନିର୍ମାଣ ଦାୟିତ୍ୱ ନେଇଥିବା ଠିକାଦାର ମନଇଚ୍ଛା କାର୍ଯ୍ୟ କରୁଛନ୍ତି। ତେବେ ଏହି ଛାତ୍ରାବାସର ନିର୍ମାଣ କାର୍ଯ୍ୟ କେବେ ସରିବ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ବିଧାୟକଙ୍କ ଦ୍ୱାରା ଭତ୍ତା ବଣ୍ଟନ



**ବାସୁଦେବପୁର,୨୨।୯ (ସମିସ):** ବାସୁଦେବପୁର ବ୍ଲକର ୧୨୧ ଜଣଙ୍କୁ ମଧୁବାବୁ ଭତ୍ତା ବଣ୍ଟନ କରାଯାଇଛି। ସହରରେ ଥିବା ନୀଳମଣି ଟାଉନ୍ ହଲ୍ ପରିସରରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ବିଧାୟକ ବିଷ୍ଣୁ ବ୍ରତ ରାଉତରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ସାଂସଦଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, ବ୍ଲକ ସଭାପତି ଦୀନବନ୍ଧୁ ଦାସ, ସରପଞ୍ଚ ଗୌତମ ସେଠୀ, ପ୍ରଫୁଲ୍ଲ ବିଶ୍ୱାଳ, ସମିତି ସଭ୍ୟ ଚିନ୍ମୟ ବାରିକ୍ ପ୍ରମୁଖ ଉପସ୍ଥିତ ରହି ଭତ୍ତା ପ୍ରଦାନ କରିଥିଲେ। ବିଭିନ୍ନ ପଞ୍ଚାୟତରେ ଭିନ୍ନକ୍ଷମ, ବିଧବା, ବୃଦ୍ଧା ଲୋକଙ୍କୁ ଭତ୍ତା ବହି ପ୍ରଦାନ କରାଯାଇଥିଲା।

# 'ଆତ୍ମା' କର୍ମଚାରୀଙ୍କ ଦରମା ବନ୍ଦ; ୨୦ରୁ ସମୂହ ଛୁଟି



**ଆଗରପଡ଼ା,୨୨।୯ (ସମିସ):** କୃଷି ବୈଷୟିକ ପରିଚାଳନା ସଂସ୍ଥା (ଆତ୍ମା)ରେ ବନ୍ତ ବ୍ଲକ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ୯ବର୍ଷ ହେବ ନିଯୁକ୍ତି ପାଇ କାର୍ଯ୍ୟ କରୁଥିବା ଜଣେ ବିଟିଏମ୍ ଓ ୪ ଜଣ ଏଟିଏମ୍ ଆତ୍ମା କର୍ମଚାରୀ ୬ମାସର ଦରମା ପାଇ ନ ଥିବାରୁ, ସେମାନେ ବହୁ କଷ୍ଟରେ ଚଳୁଛନ୍ତି। ଏ ନେଇ ସେମାନେ ବିଭାଗୀୟ ଉଚ୍ଚପଦାଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କିଛି ପ୍ରତିକାର ନ ହେବାରୁ ସେମାନେ ଗତ ୨୦ ତାରିଖଠାରୁ ପିଡି(ଆତ୍ମା) ଅଧିକାରୀଙ୍କୁ ଅବଗତ କରାଇ ଛୁଟିରେ ରହିଛନ୍ତି। କୃଷି କାର୍ଯ୍ୟାଳୟରେ ସେମାନଙ୍କ ଦ୍ୱାରା କରାଯାଉଥିବା କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ଦେଖାଯାଉଛି। ବହୁ ଚାଷୀ ବିଭିନ୍ନ କାର୍ଯ୍ୟ ନେଇ ବନ୍ତ ଓ ଆଗରପଡ଼ା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସି ଫେରୁଛନ୍ତି। ତାଙ୍କର ୬ ମାସର ବକେୟା ଦରମା ଦେବା ସହିତ ନିୟମିତ ଭାବେ ମାସିକ ଦରମା ପ୍ରଦାନ ଏବଂ ୨୦୧୪ ଓ ୨୦୧୮ରେ ସେମାନଙ୍କ ଚାକିରି ନିୟମାବଳୀ ଅନୁଯାୟୀ ୧୦% ଦରମା ବୃଦ୍ଧି ବ୍ୟବସ୍ଥା କାର୍ଯ୍ୟକାରୀ କରାଇବାକୁ ଆତ୍ମା କର୍ମଚାରୀ ଦାବି କରିଛନ୍ତି। ଉକ୍ତ କର୍ମଚାରୀମାନେ ପ୍ରଧାନମନ୍ତ୍ରୀ କିଷାନ ଯୋଜନା, କାଳିଆ ଯୋଜନା ଓ ବଳରାମ ଯୋଜନାରେ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ ସହିତ ସମନ୍ୱିତ କୃଷି, ମୃତ୍ତିକା ପରୀକ୍ଷା, ରୋଗପୋକ ନିରାକରଣ, ଜଳନିଧି, ସାର ଓ କିଟନାଶକର ଇ-ପ୍ରମାଣପତ୍ର ବ୍ୟବସ୍ଥା ଆଦି କାର୍ଯ୍ୟକ୍ରମ ପରିଚାଳନା କରିଥାନ୍ତି। ତେଣୁ ଏଥିପ୍ରତି ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି ହେଉଛି।

# ପାଣି ପଞ୍ଚାୟତ ନିର୍ବାଚନ ଶାନ୍ତିଶୃଙ୍ଖଳାରେ ଶେଷ

**ବନ୍ତ,୨୨।୯ (ସମିସ):** ବନ୍ତ ଜଳସେଚନ କାର୍ଯ୍ୟାଳୟ ସେକ୍ସନ୍-୨ ଅଧୀନରେ ଥିବା ୨୫ ଓ ୨୯ ନଂ. ପାଣି ପଞ୍ଚାୟତର କର୍ମକର୍ତ୍ତା ନିର୍ବାଚନ କୋଭିଡ୍ ଗାଇଡ୍‌ଲାଇନ୍ ମଧ୍ୟରେ ଶାନ୍ତିଶୃଙ୍ଖଳାରେ ଶେଷ ହୋଇଛି। ୨ ଦିନ ଧରି ଏହି ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ଅନୁଷ୍ଠିତ ୨୫ନଂ. ପାଣି ପଞ୍ଚାୟତ ନିର୍ବାଚନରେ ସଭାପତି ଭାବରେ ଉପେନ୍ଦ୍ର ସେଠୀ, ସମ୍ପାଦକ ଭାବେ ନିର୍ମଳ ଚନ୍ଦ୍ର ବାରିକ, କୋଷାଧ୍ୟକ୍ଷ ଭାବେ ରଜତ କୁମାର ମୈକାପ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଥିଲେ। ବୁଧବାର ଅନୁଷ୍ଠିତ ୨୯ନଂ. ପାଣି



ପଞ୍ଚାୟତ ନିର୍ବାଚନରେ ସମ୍ପାଦକ ଭାବେ ଫକୀର ଚରଣ ରାଉତ, କୋଷାଧ୍ୟକ୍ଷ ଭାବେ ପର୍ଶୁରାମ ଜେନା ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଥିବାବେଳେ ସଭାପତି ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ସମାନ ସଂଖ୍ୟକ ୧୧ ଖଣ୍ଡ ଲେଖାଏଁ ଭୋଟ ପାଇବାରୁ ଗୁଳାରେ ଲିଜାରାଣୀ ଜେନା ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ଉଭୟ ନିର୍ବାଚନକୁ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଅମୂଲ୍ୟ କୁମାର ରାଉତ, ନିର୍ବାଚନ ଅଧିକାରୀ ଇଂ.ମନୋଜ କୁମାର ସେଠୀ ପରିଚାଳନା କରିଥିଲେ। ଏଥିରେ କର୍ମଚାରୀ ପ୍ରଶାନ୍ତ କୁମାର ରାଉତ, ଅମର କୁମାର ରାଉତ, ସୁରେନ୍ଦ୍ର ନାୟକ, ଭାଗବତ ଟୁଡୁ ସହଯୋଗ କରିଥିଲେ।

## ଦୁର୍ଘଟଣାରେ ଛାତ୍ରୀ ଆହତକୁ ନେଇ ଉତ୍ତେଜନା



**ଭଦ୍ରକ,୨୨।୯ (ସମିସ):** ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ଛାତ୍ରୀ ଦୁର୍ଘଟଣାକୁ ନେଇ ଭଦ୍ରକ କଲେଜରେ ଛାତ୍ର ଉତ୍ତେଜନା ଦେଖାଦେଇଛି। ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଉତ୍ୟକ୍ତ ଛାତ୍ରମାନେ ଭାଙ୍ଗି ଦେଇଛନ୍ତି। ଛାତ୍ରୀ ଜଣକ ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ପ୍ରକାଶ ଯେ, ଭଦ୍ରକ କଲେଜକୁ ଏକ ସ୍କୁଟି ଯୋଗେ ଛାତ୍ରୀ ଜଣକ ଆସୁଥିବା ସମୟରେ ଟ୍ରକ୍‌ଟି ଭଦ୍ରକ କଲେଜ ଗେଟ୍ ନିକଟରେ ଦୁର୍ଘଟଣା ଘଟାଇଥିଲା। ଛାତ୍ରୀ ଜଣକ ସ୍କୁଟିରୁ ତଳେ ଛିଟିକି ପଡ଼ି ଆହତ ହୋଇଛନ୍ତି। କଲେଜ ମୁଖ୍ୟ ଫାଟକକୁ ତାଲା ପକାଇ ନାରାବାଜି ଦେଉଛନ୍ତି ଛାତ୍ର। ଘଟଣାସ୍ଥଳରେ ପୁଲିସ ମୁତୟନ ହୋଇ ଆନ୍ଦୋଳନରତ ଛାତ୍ରଙ୍କୁ ବୁଝାଶୁଝା କରୁଛି।

## ଦେୟମୁକ୍ତ ସ୍ୱାସ୍ଥ୍ୟ ଶିବିର




**ଭଦ୍ରକ,୨୨।୯ (ସମିସ):** ଭଦ୍ରକ ଓକିଲସଂଘ ଓ ଲାୟନ୍ସ କ୍ଲବ୍ ଭଦ୍ରକାଳୀ ମିଳିତ ଆନୁକୂଲ୍ୟରେ ଆମ୍ରି ହସ୍ପିଟାଲ ଭୁବନେଶ୍ୱରର ଡାକ୍ତରମାନଙ୍କ ଦ୍ୱାରା ଦେୟମୁକ୍ତ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଓକିଲ ସଂଘର କନ୍‌ଫେରେନ୍ସ ହଲ୍ ପରିସରରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ଶିବିରକୁ ଭଦ୍ରକ ଜିଲ୍ଲା ଜଜ୍ ଶିଶିର କୁମାର ରଥ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଉକ୍ତ ସ୍ୱାସ୍ଥ୍ୟ ଶିବିରରେ ଆମ୍ରି ହସ୍ପିଟାଲର ଅସ୍ଥିଶଲ୍ୟ ବିଭାଗର ବିଶେଷଜ୍ଞ ଡାକ୍ତର ଆନନ୍ଦ ବେହେରା, ମେଡିସିନ୍ ବିଶେଷଜ୍ଞ ଡାକ୍ତର ସବିତ୍ କୁମାର ଦାସ, ସ୍ନାୟୁ ବିଭାଗର ବିଶେଷଜ୍ଞ ଡାକ୍ତର ସୁନିଲ୍ କୁମାର ପାତ୍ର, ଲିଭର ଓ ଗ୍ୟାଷ୍ଟ୍ରୋଲୋଜି ବିଶେଷଜ୍ଞ ଡାକ୍ତର ସୌମେନ୍ ରାଓ ପ୍ରମୁଖ ଯୋଗଦେଇ ଶତାଧିକ ରୋଗୀଙ୍କର ବିଭିନ୍ନ ରୋଗ ପରୀକ୍ଷା କରିବା ସହ ଆରୋଗ୍ୟ ପାଇଁ ପରାମର୍ଶ ଦେଇଥିଲେ। ସେହିପରି ଉକ୍ତ ଶିବିରରେ ୩୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କର ରକ୍ତପରୀକ୍ଷା ସହ ରକ୍ତଚାପ ଏବଂ ମଧୁମେହ ପରୀକ୍ଷା କରାଯାଇଥିଲା। ଉକ୍ତ ଶିବିରକୁ ଓକିଲ ସଂଘର ସଭାପତି ଦିଲ୍ଲୀପ ମହାପାତ୍ର, ସାଧାରଣ ସମ୍ପାଦକ ଜିତେନ୍ଦ୍ର ପଣ୍ଡା, ଉପସଭାପତି କରୁଣାକର ଦାଶ, କୋଷାଧ୍ୟକ୍ଷ ସୁରେନ୍ଦ୍ର କର, ଯୁଗ୍ମ ସମ୍ପାଦକ ଅଭୟ ସେଠୀ ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ଲାୟନ୍ସ କ୍ଲବ୍ ଭଦ୍ରକାଳୀର ସଭାପତି ତ୍ରୈଲୋଚନ ବେହୁରିଆ, ଡାକ୍ତର ହରେକୃଷ୍ଣ ନାୟକ, ବରିଷ୍ଠ ଆଇନ୍‌ଜୀବୀ ପର୍ଶୁରାମ ଦ୍ୱିବେଦୀ, ସତ୍ୟେନ୍ଦୁରାୟ ମହାପାତ୍ର, ପ୍ରତାପଚନ୍ଦ୍ର ନାୟକଙ୍କ ସମେତ ଲାୟନ୍ସ କ୍ଲବ୍‌ର ଅନ୍ୟାନ୍ୟ କର୍ମକର୍ତ୍ତା ପରିଚାଳନା କରିଥିଲେ।

## ମହିଳାଙ୍କଠାରୁ ସୁନା ଚେନ୍ ଓ ମୋବାଇଲ ଲୁଟ୍

**ତିହିଡ଼ି,୨୨।୯ (ସମିସ):** ତିହିଡ଼ି ଥାନା ଭାଟପଡ଼ା ପଞ୍ଚାୟତ ଅଧୀନ ବଉଳପାଳ ଗାଁର ଜଣେ ମହିଳାଙ୍କଠାରୁ ସୁନା ଚେନ୍ ଓ ମୋବାଇଲ୍ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ମହିଳା ଜଣକ ହେଉଛନ୍ତି ଲକ୍ଷ୍ମୀକାନ୍ତ ସେନାପତିଙ୍କ ପତ୍ନୀ କମଳିନୀ ସେନାପତି। ମଙ୍ଗଳବାର କମଳିନୀ କିଛି ଜିନିଷ କିଣିବାକୁ ତିହିଡ଼ି ବଜାରକୁ ଆସୁଥିଲେ। ୨ ଜଣ ଅଜଣା ଯୁବକ ତାଙ୍କୁ ପିଛା କରି ବଉଳପାଳ ଛକ ନିକଟରେ ସେ ପିନ୍ଧିଥିବା ସୁନା ଚେନ୍ ଓ ମୋବାଇଲ୍ ଲୁଟି ନେଇଥିଲେ। ସ୍ପଷ୍ଟ ଦିବାଲୋକରେ ତିହିଡ଼ି ଅଞ୍ଚଳରେ ଏମିତି ଅଘଟଣ ଘଟିବା ପୁଲିସ ପାଇଁ ଚାଲେଞ୍ଜ ସଦୃଶ ହୋଇଛି। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାଯାଇଛି।

# ନଗୁଆଁ ସମିତିରେ ବେଆଇନ ନିଯୁକ୍ତି ଅଭିଯୋଗ

**ଭଣ୍ଡାରିପୋଖରୀ,୨୨।୯ (ସମିସ):**

ଭଣ୍ଡାରିପୋଖରୀ ବ୍ଲକ ନଗୁଆଁ ସେବା ସମବାୟ ସମିତି କାର୍ଯ୍ୟାଳୟ ପାଇଁ ଏକ ବେଆଇନ ନିଯୁକ୍ତି ହୋଇଥିବା ପଞ୍ଜିକୃତ ଋଣି, ସଭ୍ୟସଭ୍ୟା ଓ ଚାଷୀମାନେ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ଉକ୍ତ ସମିତିରେ ପୂର୍ବରୁ ତିନିଜଣ କର୍ମଚାରୀ ଓ ଜଣେ ଡାଟା ଏଣ୍ଟ୍ରି ଅପରେଟର ଥିବାବେଳେ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ ଏବେ ସମିତିର ପୂର୍ବତନ ସହସମ୍ପାଦକ ସ୍ୱର୍ଗତ ନାରାୟଣ ଚନ୍ଦ୍ର ସାହୁଙ୍କ ଝିଅ ହିମାଦ୍ରୀ ନନ୍ଦିନୀ ସାହୁଙ୍କୁ ପୁନଃ ଥଇଥାନ ନିୟମ ଅନୁଯାୟୀ ସମ୍ପାଦକ ପଦବୀରେ ନିଯୁକ୍ତି ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ପରିତାପର ବିଷୟ ପୂର୍ବରୁ କାମ କରୁଥିବା କର୍ମଚାରୀମାନେ ଏବେ ସୁଦ୍ଧା ସ୍ଥାୟୀ ନିଯୁକ୍ତି ପତ୍ର ପାଇ ନ ଥିବାବେଳେ ସ୍ୱର୍ଗତ ସାହୁଙ୍କ ପତ୍ନୀ ଗ୍ରାଚ୍ୟୁଇଟି ବାବଦୀୟ ଟଙ୍କା ମଧ୍ୟ ସମିତିରୁ ନେଇସାରିଛନ୍ତି। ଏହା ସହିତ ସ୍ୱର୍ଗତ ସାହୁ ସମିତିରେ ସମ୍ପାଦକ କାର୍ଯ୍ୟ ନିର୍ବାହ କରୁଥିବାବେଳେ ଅନେକ ଚାଷୀଙ୍କୁ ମିଛ ରସିଦ୍ ଦେଇ ଋଣଖାତାରେ ଟଙ୍କା ଜମା କରି ନ ଥିବା ଅଭିଯୋଗ ମଧ୍ୟ ରହିଛି। ମୋଟାମୋଟି ଭାବେ ସ୍ୱର୍ଗତ ସାହୁଙ୍କ ଉପରେ




ବିଭିନ୍ନ ପ୍ରକାର ଅନିୟମିତତା ନେଇ ତଦନ୍ତ ହୋଇଥିବା ମଧ୍ୟ ଜଣାଯାଇଛି। ସର୍ବୋପରି ତାଙ୍କ ମୃତ୍ୟୁ ପରେ ତାଙ୍କ ପୁଅଙ୍କୁ ସମିତିରେ ନିଯୁକ୍ତି ଦେବା ପାଇଁ ପରିଚାଳନା କମିଟି ମଧ୍ୟ ପ୍ରସ୍ତାବ ଦେଇଥିବାବେଳେ ତାଙ୍କ ପତ୍ନୀ ଝରଣା ତାଙ୍କର କେହି ଚାକିରି କରିବେ ନାହିଁ ବୋଲି ରୋକ୍‌ଠୋକ୍ ମନାକରିବା ସହିତ ସ୍ୱାମୀଙ୍କ ମୃତ୍ୟୁ ପରେ ଗ୍ରାଚ୍ୟୁଇଟି ଟଙ୍କା ପାଇଁ ଅଧିକାରୀଙ୍କୁ ଜଣାଇଥିଲେ। ସମୟକ୍ରମେ ଝରଣା ଗ୍ରାଚ୍ୟୁଇଟି ଟଙ୍କା ପାଇସାରିବା ପରେ ପୁନର୍ବାର ତାଙ୍କ କନ୍ୟାଙ୍କୁ ପୁନଃ ଥଇଥାନ ନିୟମ ଅନୁଯାୟୀ ଚାକିରି ଦେବା ପାଇଁ କୋଅପରେଟିଭ୍ ସୋସାଇଟି ରେଜିଷ୍ଟ୍ରାର ଓ ଅନ୍ୟ ପଦାଧିକାରୀଙ୍କୁ ଜଣାଇଥିଲେ। ସେତେବେଳେ ଉକ୍ତ ପ୍ରସ୍ତାବକୁ ପରିଚାଳନା କମିଟି ଅଗ୍ରାହ୍ୟ କରି ସମିତିରେ ଥିବା କର୍ମଚାରୀ ସ୍ଥାୟୀ ହୋଇ ନ ଥିବାବେଳେ ଅଧିକ କର୍ମଚାରୀ ଥିବା କଥା କହିଥିଲେ। ଏହାଛଡ଼ା ସମିତିଟି ବିଭିନ୍ନ କ୍ଷତିରେ ଚାଲୁଥିବାବେଳେ ଏପଟେ ଆବଶ୍ୟକତାଠାରୁ ଅଧିକ କର୍ମଚାରୀ ଥିବା କଥା ସୂଚନା ଦିଆଯାଇଥିଲା। ସୁତରାଂ ନୂତନ ନିଯୁକ୍ତି ପାଇଁ କୌଣସି ଆବଶ୍ୟକ ନ ଥିବା କମିଟି ଅନୁଭବ କରିଥିଲା। ସମସ୍ତ ବିଷୟକୁ ଉଚ୍ଚପଦସ୍ଥ ଅଧିକାରୀମାନେ ଧ୍ୟାନ ନ ଦେଇ କେଉଁ ଆଧାରରେ ସମିତିର ପୂର୍ବତନ ସହସମ୍ପାଦକ ସ୍ୱର୍ଗତ ସାହୁଙ୍କ ଝିଅ ହିମାଦ୍ରୀ ନନ୍ଦିନୀଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ପାଇଁ ଯୋଜନା କରୁଛନ୍ତି ତାହାକୁ ନେଇ ବିଭିନ୍ନ ସନ୍ଦେହ ଉପୁଜିଛି। ଏନେଇ ସମିତିର ସନ୍ତୋଷ ସାମଲ, ଗଦାଧର ସାମଲ, ପ୍ରତାପ ଚନ୍ଦ୍ର ପତି, ରମାକାନ୍ତ ପରିଡ଼ା, ବାଇଧର ସାମଲ, ସରୋଜ ବାରିକ, ପ୍ରଭୁପାଦ ସାହୁ, ଦୁଷ୍ମନ୍ତ ଜେନା, ହରିହର ଜେନା, ରବୀନ୍ଦ୍ର କର ପ୍ରମୁଖ ସଭ୍ୟସଭ୍ୟାମାନେ ସମବାୟ ବିଭାଗ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣାଇଛନ୍ତି।



ଅନ୍ତର୍ଜାତୀୟ କ୍ରିକେଟ୍

# ବିରାଟଙ୍କଠାରୁ ଅଧିକ ବେତନ ପାଉଥିବା କ୍ରିକେଟର୍

ଯେତେବେଳେ ଆମେ ବିଶ୍ୱରେ ସର୍ବାଧିକ ରୋଜଗାର କରୁଥିବା କ୍ରିକେଟର୍ କିମ୍ବା ଅନ୍ୟ ଆଥ୍‌ଲେଟ୍‌ଙ୍କ ବିଷୟରେ ଆଲୋଚନା କରୁ ସେତେବେଳେ ଏହି ତାଲିକାରେ ବିରାଟ କୋହଲି ନିଶ୍ଚୟ ରହିଥାନ୍ତି। ଭାରତୀୟ କ୍ରିକେଟ୍ ଦଳର ଅଧିନାୟକ ରହିଥିବା କୋହଲି ଦେଶର ଏକମାତ୍ର କ୍ରୀଡ଼ାବିତ୍ ଭାବେ ଫୋବର୍ସ ପକ୍ଷରୁ ପ୍ରକାଶିତ ବିଶ୍ୱର ଶ୍ରେଷ୍ଠ-୧୦୦ ଧନୀ କ୍ରୀଡ଼ାବିତ୍ (୨୦୨୦) ତାଲିକାରେ ସ୍ଥାନ ପାଇଛନ୍ତି। ଏହି ତାଲିକାରେ ସେ ୬୬ତମ ସ୍ଥାନରେ ରହିଛନ୍ତି। ସେହିଭଳି ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ବିସିସିଆଇର ବାର୍ଷିକ ଚୁକ୍ତି ତାଲିକାରେ ମଧ୍ୟ ତାଙ୍କୁ ଏ+ ଗ୍ରେଡ୍ ମିଳିଛି। ଅର୍ଥାତ୍ ବିସିସିଆଇ ନିକଟରୁ ସେ ବାର୍ଷିକ ୭ କୋଟି ଟଙ୍କା ବେତନ ପାଇଥାନ୍ତି।

ସେହିଭଳି ବିଶ୍ୱର ସବୁଠାରୁ ବ୍ୟୟବହୁଳ କ୍ରିକେଟ୍ ଲିଗ୍ ଆଇପିଏଲ୍‌ରେ ମଧ୍ୟ କୋହଲି ସର୍ବାଧିକ ବେତନ ପାଉଥିବା କ୍ରିକେଟର୍। ୨୦୧୮ରୁ ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ତାଙ୍କୁ ବାର୍ଷିକ ୧୭ କୋଟି ଟଙ୍କା ପ୍ରଦାନ କରୁଛି। ଏତଦ୍ ବ୍ୟତୀତ ଅପାର ଲୋକପ୍ରିୟତା ତଥା ଯୁବଗୋଷ୍ଠୀଙ୍କ ପ୍ରିୟ କ୍ରିକେଟର୍ ହୋଇଥିବାରୁ ବିରାଟ ମଧ୍ୟ ଅନେକ ବ୍ରାଣ୍ଡ ସହ ଡିଲ୍ କରିଛନ୍ତି। ତେବେ ଅନେକ ହୁଏତ ଜାଣି ନ ଥିବେ ବିଶ୍ୱରେ ଏମିତି ୫ଜଣ କ୍ରିକେଟର୍ ରହିଛନ୍ତି ଯେଉଁମାନେ ବିରାଟଙ୍କଠାରୁ ଅଧିକ ବେତନ ସେମାନଙ୍କ ବୋର୍ଡ ନିକଟରୁ ପାଇଥାନ୍ତି। ଆଇପିଏଲ୍ ଓ ବ୍ରାଣ୍ଡ ଏଣ୍ଡୋର୍ସମେଣ୍ଟ କାରଣରୁ ଭାରତୀୟ ଦଳର ଅଧିନାୟକ ଅଧିକ ରୋଜଗାର କରିପାରନ୍ତି, କିନ୍ତୁ ଏମିତି କିଛି କ୍ରିକେଟର୍ କେବଳ ଅନ୍ତର୍ଜାତୀୟ କ୍ରିକେଟ୍ ଖେଳି କୋହଲିଙ୍କଠାରୁ ଅଧିକ ବେତନ ପାଉଛନ୍ତି। ସେହି ୫ ଜଣ କ୍ରିକେଟର୍‌ଙ୍କ ଉପରେ ସଂକ୍ଷେପରେ।



### ଜୋସ୍ ବଟଲର୍ (ଇଂଲଣ୍ଡ):

ବେନ୍ ଷ୍ଟୋକ୍ସ ଓ ଜୋଫ୍ରା ଆର୍ଚରଙ୍କ ପରି ଜୋସ୍ ବଟଲର୍ ମଧ୍ୟ ୩ଟି ଯାକ ଫର୍ମାଟ୍‌ରେ ଇଂଲଣ୍ଡ ପକ୍ଷରୁ ପ୍ରତିନିଧିତ୍ୱ କରନ୍ତି। ଗତ ୨ ବର୍ଷ ହେବ ସେ ଟେଷ୍ଟ ଦଳକୁ ମଧ୍ୟ ସଫଳ ପ୍ରତ୍ୟାବର୍ତ୍ତନ କରିଛନ୍ତି। ରିପୋର୍ଟ ମୁତାବକ ବଟଲର୍ ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ନିକଟରୁ ବାର୍ଷିକ ବେତନ ଆକାରରେ ୧୯ କୋଟି ଟଙ୍କା ପାଉଛନ୍ତି। ଆଇପିଏଲ୍ ଖେଳି ମଧ୍ୟ ସେ ବିପୁଳ ପରିମାଣର ରୋଜଗାର କରିଥାନ୍ତି।



### ବେନ୍ ଷ୍ଟୋକ୍ସ (ଇଂଲଣ୍ଡ):

ତୃତୀୟ ଇଂଲଣ୍ଡର କ୍ରିକେଟର୍ ଭାବେ ଷ୍ଟାର୍ ଅଲ୍‌ରାଉଣ୍ଡର ବେନ୍ ଷ୍ଟୋକ୍ସ ମଧ୍ୟ ଏହି ତାଲିକାରେ ସ୍ଥାନ ପାଇଛନ୍ତି। ଆର୍ଚରଙ୍କ ପରି ଷ୍ଟୋକ୍ସ ମଧ୍ୟ ଜାତୀୟ ଦଳ ପକ୍ଷରୁ ସମସ୍ତ ଫର୍ମାଟ୍‌ରେ ପ୍ରତିନିଧିତ୍ୱ କରନ୍ତି। ଯେଉଁଥି ପାଇଁ ସେ ଇଂଲଣ୍ଡ ବୋଲର୍ଡ ନିକଟରୁ ବିପୁଳ ରୋଜଗାର କରିଥାନ୍ତି। ୨୦୧୩ରୁ ଇଂଲଣ୍ଡ ଦଳର ନିୟମିତ ସଦସ୍ୟ ପାଲଟିଥିବା ୩୦ ବର୍ଷୀୟ ଷ୍ଟୋକ୍ସ ଭାରତୀୟ ମୁଦ୍ରାରେ ବାର୍ଷିକ ପ୍ରାୟ ୮.୭୫ କୋଟି ଟଙ୍କା ବେତନ ଆକାରରେ ଇସିବି ନିକଟରୁ ପାଉଛନ୍ତି। କ୍ରମାଗତ ପ୍ରଭାବୀ ପ୍ରଦର୍ଶନ ଯୋଗୁ ଷ୍ଟୋକ୍ସ ଗତ ୩ ବର୍ଷ ମଧ୍ୟରେ ବେତନରେ ୪୦ ପ୍ରତିଶତ ବୃଦ୍ଧି କରିପାରିଛନ୍ତି। ଚଳିତ ବର୍ଷ ଶେଷ ଭାଗରେ ଇସିବି ବେତନ ପ୍ରଣାଳୀରେ ପରିବର୍ତ୍ତନ କରିବାକୁ ଥିବାରୁ ଷ୍ଟୋକ୍ସଙ୍କ ବାର୍ଷିକ ବେତନ ବୃଦ୍ଧି ପାଇପାରେ ବୋଲି ରିପୋର୍ଟ ପ୍ରକାଶ ପାଇଛି।



### ଷ୍ଟିଭ ସ୍ମିଥ୍ (ଅଷ୍ଟ୍ରେଲିଆ)

ଅଷ୍ଟ୍ରେଲିଆର ପ୍ରାକ୍ତନ ଅଧିନାୟକ ଷ୍ଟିଭ୍ ସ୍ମିଥ୍ ଏହି ତାଲିକାର ୪ର୍ଥ ସ୍ଥାନରେ ରହିଛନ୍ତି। ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ପରି କ୍ରିକେଟ୍ ଅଷ୍ଟ୍ରେଲିଆ (ସିଏ) ମଧ୍ୟ ଟେଷ୍ଟ କ୍ରିକେଟ୍‌କୁ ବେଶ୍ ଗୁରୁତ୍ୱ ପ୍ରଦାନ କରିଥାଏ। ସ୍ମିଥ୍ ଅଷ୍ଟ୍ରେଲିଆର ଶୀର୍ଷ ମାନ୍ୟତାପ୍ରାପ୍ତ ଟେଷ୍ଟ ବ୍ୟାଟ୍ସମ୍ୟାନ। ସେହିଭଳି ବର୍ତ୍ତମାନ ଖେଳୁଥିବା ଖେଳାଳିଙ୍କ ମଧ୍ୟରେ ସର୍ବାଧିକ ରନ୍ ସଂଗ୍ରହକାରୀ ଖେଳାଳି। ରିପୋର୍ଟ ମୁତାବକ, ସିଏ ବାର୍ଷିକ ୪ ମିଲିଅନ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୨୯ କୋଟି ୫୪ ଲକ୍ଷ ଟଙ୍କା) ସ୍ମିଥ୍‌ଙ୍କୁ ପ୍ରଦାନ କରିଥାଏ। ସ୍ମିଥ୍ ୩ଟି ଯାକ ଫର୍ମାଟ୍‌ରେ ଅଷ୍ଟ୍ରେଲିଆ ପକ୍ଷରୁ ପ୍ରତିନିଧିତ୍ୱ କରନ୍ତି। ବେତନ ବ୍ୟତୀତ ସ୍ମିଥ୍ ମଧ୍ୟ କୋହଲିଙ୍କ ପରି ବିଭିନ୍ନ ବିଜ୍ଞାପନରୁ ଆଖିଦୃଷ୍ଟିଆ ରୋଜଗାର କରିଥାନ୍ତି। ୨୦୧୮ରେ ବଲ୍ ଟ୍ୟାମ୍ପରିଂ ଘଟଣାରେ ବିବାଦୀୟ ହେବାପରେ ସ୍ମିଥ ତାଙ୍କ ପ୍ରଦର୍ଶନରେ ଆହୁରି ଉନ୍ନତ କରିପାରିଛନ୍ତି।



### ଜୋଫ୍ରା ଆର୍ଚର (ଇଂଲଣ୍ଡ):

ଇଂଲଣ୍ଡ ଦଳର ତାରକର ଦ୍ରୁତ ବୋଲର ଜୋଫ୍ରା ଆର୍ଚର ଏହି ତାଲିକାର ୨ୟ ସ୍ଥାନରେ ରହିଛନ୍ତି। ୨୦୧୯-୨୦ ସିଜନ ଆର୍ଚରଙ୍କ ପାଇଁ ବେଶ୍ ସଫଳମୟ ରହିଥିଲା। ଯେଉଁଥି ପାଇଁ ସେ ଇଂଲଣ୍ଡର ୩ଟି ଯାକ ଫର୍ମାଟ୍‌ରେ ଜଣେ ନିୟମିତ ସଦସ୍ୟ ହୋଇପାରିଥିଲେ। ସଂକ୍ଷିପ୍ତ କ୍ୟାରିୟର ମଧ୍ୟରେ ଆର୍ଚର ଅଧିନାୟକଙ୍କ ବେଶ୍ ଭରସାଯୋଗ୍ୟ ହୋଇପାରିଛନ୍ତି। ଯେଉଁଥି ପାଇଁ ୨୦୧୯ ଆଇସିସି ଏକଦିବସୀୟ ବିଶ୍ୱକପ୍ ଫାଇନାଲ ସୁପର୍ ଓଭରରେ ମଧ୍ୟ ଅଧିନାୟକ ତାଙ୍କୁ ବୋଲିଂ ଭାର ପ୍ରଦାନ କରିଥିଲେ ଏବଂ ସେ ୧୫ ରନକୁ ରୋକିପାରିଥିଲେ। ଗତ ଆସେସ୍ ସିରିଜରେ ପ୍ରଭାବୀ ବୋଲିଂ କରିବା ପରେ ଆର୍ଚରଙ୍କ ବାର୍ଷିକ ବେତନ ରୁଟ୍‌ଙ୍କ ସହିତ ସମାନ କରିଦିଆଯାଇଥିଲା। କିନ୍ତୁ ସେ ୩ଟି ଯାକ ଫର୍ମାଟ୍ ଖେଳୁଥିବାରୁ ବାର୍ଷିକ ସେ ଇସିବି ନିକଟରୁ ୯.୩୯ କୋଟି ଟଙ୍କା ବେତନ ପାଉଥିବା ରିପୋର୍ଟରୁ ଜଣାପଡ଼ିଛି। ରୁଟ୍ ଟେଷ୍ଟ ଓ ଏକଦିବସୀୟ କ୍ରିକେଟ୍ ଖେଳୁଥିବାବେଳେ ୱେଷ୍ଟଇଣ୍ଡିଜ ଜନ୍ମିତ ଆର୍ଚର ୩ଟି ଯାକ ଫର୍ମାଟ୍‌ରେ ଜାତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଥାନ୍ତି।



### ଜୋ ରୁଟ୍ (ଇଂଲଣ୍ଡ):

ଇଂଲଣ୍ଡ ଟେଷ୍ଟ କ୍ରିକେଟ୍ ଦଳର ଅଧିନାୟକ ଜୋ ରୁଟ୍ ଏହି ତାଲିକାରେ ଶୀର୍ଷରେ ରହିଛନ୍ତି। ତାଲିକାର ସର୍ବାଗ୍ରେ ରୁଟ୍‌ଙ୍କ ନାମକୁ ଦେଖି ଅନେକ ହୁଏତ ଚକିତ ହୋଇପାରନ୍ତି। କିନ୍ତୁ ଯେଉଁମାନେ ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି)ର ଘରୋଇ ଖେଳାଳି ଚୁକ୍ତି ପ୍ରଣାଳୀ ଅନୁସରଣ କରନ୍ତି ତେବେ ବେତନ ପ୍ରସଙ୍ଗରେ ସେମାନେ ବିଭିନ୍ନ ଚୁକ୍ତିନାମା ବ୍ୟବସ୍ଥା ରଖିଛନ୍ତି। ଟେଷ୍ଟ କ୍ରିକେଟ୍‌କୁ ଗୁରୁତ୍ୱ ଦେଉଥିବା ଇସିବି ଅଧିନାୟକ ରୁଟ୍‌ଙ୍କୁ ବାର୍ଷିକ ବେତନ ଆକାରରେ ପାଖାପାଖି ୭.୨୨ କୋଟି ଟଙ୍କା ପ୍ରଦାନ କରିଥାଏ। ଯାହାକି ବିରାଟ କୋହଲି (୭ କୋଟି)ଙ୍କ ବାର୍ଷିକ ପାଉଣାଠାରୁ ଅଧିକ। ଏହି ବେତନ ରୁଟ୍‌ଙ୍କୁ ବିଶ୍ୱର ସର୍ବାଧିକ ବେତନ ପାଉଥିବା ଟେଷ୍ଟ ଅଧିନାୟକ ମାନ୍ୟତା ପ୍ରଦାନ କରିଛି। କୋହଲି ବିଜ୍ଞାପନ ଆଦିରୁ ଅଧିକ ରୋଜଗାର କରୁଥିଲେ ମଧ୍ୟ ବେତନ ଦୃଷ୍ଟିରୁ ରୁଟ୍ ତାଙ୍କୁ ପଛରେ ପକାଇ ଦେଇଛନ୍ତି।

## ଜାତୀୟ ସଫ୍ଟ ଟେନିସରେ ଭାଗନେବ ଓଡ଼ିଶା

ଭୁବନେଶ୍ୱର, ୨୨।୯ (ସମିସ): ଚଳିତ ମାସ ୨୬ରୁ ମଧ୍ୟପ୍ରଦେଶର ଦେୱାସଠାରେ ଜାତୀୟ ସିନିଅର ସଫ୍ଟ ଟେନିସ ପ୍ରତିଯୋଗିତା ଆରମ୍ଭ ହେବ। ପାଞ୍ଚଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଲାଗି ଓଡ଼ିଶା ଦଳ ବୁଧବାର ମଧ୍ୟପ୍ରଦେଶ ଅଭିମୁଖେ ଗସ୍ତ କରିଛି। ଗତ ସୋମବାର ଓ ମଙ୍ଗଳବାର ଦୁଇଦିନ ଧରି ଆୟୋଜିତ ରାଜ୍ୟ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ନେଇ ଓଡ଼ିଶା ଦଳ ଗଠନ କରାଯାଇଛି ବୋଲି ଓଡ଼ିଶା ସଫ୍ଟ ଟେନିସ ସଂଘର ସମ୍ପାଦକ ମହମ୍ମଦ ଆଜାମ ସୂଚନା ଦେଇଛନ୍ତି। ରାଜ୍ୟ ସଂଘର ନିର୍ଦ୍ଦେଶକ ଶଶାଙ୍କ ଚୂଡ଼ାମଣି, ଅଧ୍ୟକ୍ଷ ରଞ୍ଜନ କୁମାର ନନ୍ଦ, ସଭାପତି ବିକାଶଚନ୍ଦ୍ର ପଟ୍ଟନାୟକ, ମୋନାଲିସା ରାଜଗୁରୁ ପ୍ରମୁଖ ଉପସ୍ଥିତ ରହି ଓଡ଼ିଶା ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସେହିଭଳି କିଟ୍ ଓ କିସ୍‌ର କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାସ, ମୁଖ୍ୟ ଉପଦେଷ୍ଟା ମନୋରଞ୍ଜନ ମହାନ୍ତି, କୃଷ୍ଣଚରଣ ପଣ୍ଡା, ନୀମାଧବ ଦେଓ, ଶକ୍ତିରଞ୍ଜନ ମହାନ୍ତି, ବିଶ୍ୱଜିତ୍ ସ୍ୱାଇଁ, ଅଜୟ ନିସାନ ପ୍ରମୁଖ ମଧ୍ୟ ଓଡ଼ିଶା ଦଳର ସଫଳତା କାମନା କରିଛନ୍ତି।



**ଓଡ଼ିଶା ଦଳ:**

**ପୁରୁଷ:** ମାନସ ରଞ୍ଜନ ସିଂହ (ଅଧିନାୟକ), ମହମ୍ମଦ ଅନମ (ଉପ-ଅଧିନାୟକ), ଅଜିତ୍ ସବାର, ରଜତ କୁମାର ରଇତା, ବିକାଶ କୁମାର ମହାପାତ୍ର, ଦାସରଥୀ ମୁଦୁଲି, ମହମ୍ମଦ ଆଜାମ (ପ୍ରଶିକ୍ଷକ) ଓ ଭଗବାନ ସେଠୀ (ମ୍ୟାନେଜର)।

**ମହିଳା:** ଅନୁସୟା ବାରିକ (ଅଧିନାୟିକା), ପୁପରନ୍ ଓରାମ (ଉପ-ଅଧିନାୟିକା), ମନୀଷା ଓରାମ, ହେମନ୍ତି ବିଲୁଙ୍ଗ।

## ଡୁରାଣ୍ଡ କପ୍: ଆଜିଠୁ କ୍ୱାର୍ଟର ଫାଇନାଲ

କୋଲକାତା, ୨୨।୯ (ଏଜେନ୍ସି): ଏଠାରେ ଚାଲିଥିବା ଏସିଆ ମହାଦେଶର ସର୍ବପୁରାତନ ଫୁଟ୍‌ବଲ ପ୍ରତିଯୋଗିତା ଡୁରାଣ୍ଡ କପ୍‌ର ୧୩୦ତମ ସଂସ୍କରଣର କ୍ୱାର୍ଟରଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଛି। ମହମ୍ମଦାନ ଓ ଗୋକୁଲମ୍ ମଧ୍ୟରେ ପ୍ରଥମ କ୍ୱାର୍ଟର ଫାଇନାଲ ଗୁରୁବାର ଖେଳାଯିବ। ସେହିଭଳି ଶୁକ୍ରବାର ୨ଟି କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯିବ। ଆର୍ମି ରେଡ୍ ଓ ବେଙ୍ଗାଲୁରୁ ୟୁନାଇଟେଡ୍ ମଧ୍ୟରେ ୨ୟ ଏବଂ ଗୋଆ ଓ ଦିଲ୍ଲୀ ଏଫ୍‌ସି ମଧ୍ୟରେ ୩ୟ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ। ଶନିବାର ଅନ୍ତିମ ତଥା ୪ର୍ଥ କ୍ୱାର୍ଟରରେ ଆର୍ମି ଗ୍ରୀନ୍ ଓ ବେଙ୍ଗାଲୁରୁ ଏଫ୍‌ସି ପରସ୍ପରକୁ ଭେଟିବେ। ବୁଧବାର ଖେଳାଯାଇଥିବା ଶେଷ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚରେ ଦିଲ୍ଲୀ ଏଫ୍‌ସି ଓ ବେଙ୍ଗାଲୁରୁ ଏଫ୍‌ସି ବିଜୟୀ ହୋଇଥିଲେ।

ୱିଲିସ୍ ପ୍ଲାଜାଙ୍କ ଗୋଲ୍ ବଳରେ ଦିଲ୍ଲୀ ଏଫ୍‌ସି ଦଳ ପ୍ରଥମଥର ଲାଗି ସମ୍ମାନଜନକ ଡୁରାଣ୍ଡ କପ୍ ଫୁଟ୍‌ବଲ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। କଲ୍ୟାଣୀ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ଦିଲ୍ଲୀ ଏଫ୍‌ସି ୧-୦ ଗୋଲରେ କେରଳା ବ୍ଲାଷ୍ଟର୍ସକୁ ପରାସ୍ତ କରିଛି। ସେହିଭଳି ଅନ୍ୟ ଏକ ମ୍ୟାଚରେ ବେଙ୍ଗାଲୁରୁ ଏଫ୍‌ସି ୫-୩ ଗୋଲରେ ଇଣ୍ଡିଆନ୍ ନେଭିକୁ ହରାଇ ଅନ୍ତିମ-୮ରେ ସ୍ଥାନ ପକ୍କା କରିଛି। ବେଙ୍ଗାଲୁରୁ ପକ୍ଷରୁ ମଧ୍ୟ ହର୍ମନପ୍ରୀତ୍ ୨ଟି ଗୋଲ୍ ଦେଇଥିଲେ।

## ରାଜସ୍ଥାନ-ଛତିଶଗଡ଼, ମଧ୍ୟପ୍ରଦେଶ-ତେଲଙ୍ଗାନା ଫାଇନାଲ

ଜାତୀୟ ସଫ୍ଟବଲ

**କଟକ,୨୨।୯ (ସମିସ)**
ସତ୍ୟବ୍ରତ ଷ୍ଟାଡିୟମରେ ଚାଲିଥିବା ୩୩ତମ ସବ୍‌ଜୁନିୟର ଜାତୀୟ ସଫ୍ଟବଲ ଚାମ୍ପିଅନସିପ ୩ୟ ଦିନର ଖେଳ ଶେଷ ହୋଇଛି। ବୁଧବାର ସେମିଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ବାଳକ ବିଭାଗରେ ରାଜସ୍ଥାନ ଓ ଛତିଶଗଡ଼, ବାଳିକା ବିଭାଗରେ ମଧ୍ୟପ୍ରଦେଶ ଓ ତେଲଙ୍ଗାନା ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଫାଇନାଲ ମୁକାବିଲା ହେବା ସହିତ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହେବ।

ବାଳକ ବିଭାଗର ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ରାଜସ୍ଥାନ ୮-୦ ପଏଣ୍ଟରେ ପଞ୍ଜାବକୁ ହରାଇ ଫାଇନାଲରେ ସ୍ଥାନ ସୁରକ୍ଷିତ କରିଥିଲା। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ଛତିଶଗଡ଼ ୫-୦ ପଏଣ୍ଟରେ ଉତ୍ତରାଖଣ୍ଡକୁ ହରାଇଥିଲା। ସେହିଭଳି ବାଳିକା ବର୍ଗର ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ମଧ୍ୟପ୍ରଦେଶ ୫-୨ ପଏଣ୍ଟରେ ଆନ୍ଧ୍ରପ୍ରଦେଶକୁ ଓ ତେଲଙ୍ଗାନା ୫-୦ ପଏଣ୍ଟରେ ରାଜସ୍ଥାନକୁ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି। ଏହା ପୂର୍ବରୁ ଖେଳାଯାଇଥିବା ବାଳକ ବର୍ଗର କ୍ୱାର୍ଟରଫାଇନାଲ ମ୍ୟାଚଗୁଡ଼ିକରେ ରାଜସ୍ଥାନ ୭-୦ ପଏଣ୍ଟରେ ତେଲଙ୍ଗାନାକୁ, ପଞ୍ଜାବ ୧-୦ ପଏଣ୍ଟରେ ମଧ୍ୟପ୍ରଦେଶକୁ, ଛତିଶଗଡ଼ ୮-୧ ପଏଣ୍ଟରେ ମହାରାଷ୍ଟ୍ରକୁ, ଉତ୍ତରାଖଣ୍ଡ ୩-୧ ପଏଣ୍ଟରେ କେରଳକୁ ପରାସ୍ତ କରିଥିଲା। ବାଳିକା ବର୍ଗର କ୍ୱାର୍ଟରଫାଇନାଲ ମ୍ୟାଚ୍‌ରେ ମଧ୍ୟପ୍ରଦେଶ ୪-୨ ପଏଣ୍ଟରେ ଉତ୍ତରାଖଣ୍ଡକୁ, ଆନ୍ଧ୍ରପ୍ରଦେଶ ୫-୪ରେ ଛତିଶଗଡ଼କୁ, ତେଲଙ୍ଗାନା ୧-୦ରେ ଦିଲ୍ଲୀକୁ ଓ ରାଜସ୍ଥାନ ୯-୧ ପଏଣ୍ଟରେ ମହାରାଷ୍ଟ୍ରକୁ ହରାଇଥିଲା।



# କୋକନଟ୍ ଗ୍ରେଭି ପନିର୍



ମୋ ହାଣ୍ଡିଶାଳରୁ...

### ଆବଶ୍ୟକ ସାମଗ୍ରୀ


ପନିର୍: ୫୦୦ ଗ୍ରାମ୍, ନଡ଼ିଆ ରସ: ଏକ କପ୍, ପିଆଜ: ୨ଟା, ଟମାଟୋ ପ୍ୟୁରି: ଅଧା କପ୍, ଗରମ ମସଲା: ଏକ ଚାମଚ, ଜିରା: ଅଧା ଚାମଚ, ଲଙ୍କା ଗୁଣ୍ଡ: ଏକ ଚାମଚ, ହଳଦୀ ଗୁଣ୍ଡ: ଏକ ଚାମଚ, ଅଦା ଓ ରସୁଣ ପେଷ୍ଟ: ୨ ଚାମଚ, ଧନିଆ ଗୁଣ୍ଡ: ଏକ ଚାମଚ, ଲୁଣ: ସ୍ୱାଦ ଅନୁସାରେ, ଧନିଆ ପତ୍ର: ସଜାଇବା ପାଇଁ, ତେଲ: ଆବଶ୍ୟକତା ଅନୁସାରେ।

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଚୁଲା ଲଗେଇ କଡ଼େଇ ବସାନ୍ତୁ। କଡ଼େଇ ଗରମ ହେବା ପରେ ଅଳ୍ପ ତେଲ ଦିଅନ୍ତୁ। ଏହାପରେ ଜିରା ଓ ପିଆଜ ପକାଇ ଭାଜନ୍ତୁ। ପିଆଜ ଲାଲ୍ ହୋଇଯିବା ପରେ ଅଦା ରସୁଣ ପେଷ୍ଟ ପକାନ୍ତୁ। ଏହାକୁ କିଛି ସମୟ କଷିବା ପରେ ଟମାଟୋ ପ୍ୟୁରି ପକାନ୍ତୁ। ସେଥିରେ ଲୁଣ, ଗରମ ମସଲା, ଧନିଆ ଗୁଣ୍ଡ, ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ ପକାଇ ଭଲ ଭବେ କଷନ୍ତୁ। ମସଲା କଷି ହୋଇଯିବା ପରେ ନଡ଼ିଆ ରସ ଓ ଅଳ୍ପ ପାଣି ଦେଇ ଢ଼ାଙ୍କୁଣୀ ଘୋଡ଼ାଇ ଦିଅନ୍ତୁ। କିଛି ସମୟ ପରେ ସେଥିରେ ପନିର୍ ଓ ଗରମ ମସଲା ପକାଇ ଦୁଇ ତିନି ମିନିଟ୍ ଫୁଟାନ୍ତୁ। ଏକ ପାତ୍ରକୁ କାଢ଼ି ଧନିଆ ପତ୍ରରେ ସଜାନ୍ତୁ କୋକନଟ୍ ଗ୍ରେଭି ପନିର୍। ଏହାକୁ ଭାତ କିମ୍ବା ରୁଟି ସହ ଗରମ ଗରମ ପରଷନ୍ତୁ।

## କେଶ ସଫାର ନୂଆ ଟ୍ରେଣ୍ଡ

# ରିଭର୍ସ ହେୟାର୍ ୱାସ୍



**କେଶ ସଫା କରିବାର ନୂଆ ଏକ ଟ୍ରେଣ୍ଡ ହେଉଛି 'ରିଭର୍ସ ହେୟାର୍ ୱାସ୍'। ଯାହା ସାଧାରଣ କେଶ ଧୋଇବା ପ୍ରକ୍ରିୟାଠାରୁ ସମ୍ପୂର୍ଣ୍ଣ ଭିନ୍ନ।**

### କ'ଣ ଏହା

ସାଧାରଣତଃ କେଶ ସଫା ସମୟରେ ପ୍ରଥମେ ସାମ୍ପୁ ଓ ପରେ କଣ୍ଡିସନର ବ୍ୟବହାର କରାଯାଏ। କିନ୍ତୁ ଏହାର ପ୍ରକ୍ରିୟା ଓଲଟା। ଅର୍ଥାତ୍ ଏଥିରେ ପ୍ରଥମେ କଣ୍ଡିସନର ଓ ପରେ ସାମ୍ପୁ କରାଯାଉଥିବାରୁ ଏହାକୁ କୁହାଯାଉଛି 'ରିଭର୍ସ ହେୟାର୍ ୱାସ୍'।

### କିଭଳି କରିବେ

- ପ୍ରଥମେ କେଶ ଓଦା କରି କଣ୍ଡିସନର ବ୍ୟବହାର କରନ୍ତୁ।
- କଣ୍ଡିସନର ଲଗାଇବାର ୧୦ ମିନିଟ୍ ପରେ କେଶ ଧୋଇ ଦିଅନ୍ତୁ।
- ଏହା ପରେ ସାମ୍ପୁ ଲଗାଇ କେଶ ଧୁଅନ୍ତୁ। ଅବଶ୍ୟ ଏଥିରେ ସାମ୍ପୁ ଥରେ ବ୍ୟବହାର କରାଯାଏ।
- ପରେ କେଶରେ ସିରମ୍ ବ୍ୟବହାର କରନ୍ତୁ।

### ଉପକାରିତା

ଏହା ଦ୍ୱାରା କେଶ ମୂଳରୁ ମଇଳା ଭଲ ଭାବେ ସଫା ହୋଇଥାଏ। କେଶ ଭଲ ବଢ଼େ ଓ ସୁସ୍ଥ ରହେ। ଏହା ସହ କେଶରେ ଚମକ ଆସିଥାଏ। ତୈଳାକ୍ତ, ପତଳା ତଥା ଶୁଷ୍କ କେଶ ଲାଗି ଉପଯୋଗୀ ରିଭର୍ସ ହେୟାର ୱାସ୍। ଅନ୍ୟପଟେ ବାହାରେ ଅଧିକ ବୁଲାବୁଲି ବା ଜଗିଂ କରୁଥିଲେ ଏହି ପ୍ରକ୍ରିୟାକୁ ଆପଣାଇବା ଦରକାର। ଅବଶ୍ୟ ସପ୍ତାହକୁ ଥରେ ଏହାକୁ କରିବା ଉଚିତ।

# ଏପାଖେ ଯନ୍ତ୍ରଣା, ସେପାଖେ ହସ





**ମୁହଁ ହେଉଛି ମନର ଆଇନା। ଆମ ମନ ମଧ୍ୟରେ ଚାଲୁଥିବା ପ୍ରତିଟି ଭାବନା ତଥା ବ୍ୟକ୍ତିତ୍ୱକୁ ଏହା ସମସ୍ତଙ୍କ ସାମ୍ନାରେ ଆଣି ରଖି ଦିଏ। ସେଥିପାଇଁ ଘରୁ ବାହାରିବା ମାତ୍ରେ ଦୁଃଖକୁ ହସର ମୁଖା ଭିତରେ ଚୁଲାଇବାକୁ ପଡ଼ିଥାଏ। ତେବେ ପ୍ରଫେସନାଲ ଜୀବନରେ ମନୋଭାବକୁ ଲୁଚାଇ ମାହୋଲକୁ ଖୁସି ରଖିବା କ'ଣ ସହଜ କଥା ! ଏ ନେଇ ବିଭିନ୍ନ କ୍ଷେତ୍ରରେ କାମ କରୁଥିବା କେତେକ ମହିଳା କି ପ୍ରକାର ପ୍ରଚେଷ୍ଟା କରନ୍ତି, ତାହାକୁ ନେଇ ଏ ଉପସ୍ଥାପନା...**

ସାଧାରଣତଃ ହସୁଥିବା ତଥା ହସାଉଥିବା ଲୋକଙ୍କୁ ସମସ୍ତେ ଭଲପାଆନ୍ତି। ଏହା ସହ ସାମାଜିକ ଜୀବନରେ ମଧ୍ୟ ଏମାନଙ୍କର ଏକ ସୁନ୍ଦର ଛବି ବଜାୟ ରହିଥାଏ। ସେଥିପାଇଁ କିଛି ଜୀବିକା ଏଭଳି ଅଛି, ମନରେ ଯେତେ ଚିନ୍ତା କି ଦୁଃଖ ଥିଲେ ସେସବୁର ଝଲକ ସେମାନଙ୍କ ବ୍ୟକ୍ତିତ୍ୱରେ କେବେ ବି ଦେଖିବାକୁ ମିଳି ନ ଥାଏ। ମୁଖ୍ୟତଃ ଲୋକସମ୍ପର୍କ ସହ ଜଡ଼ିତ ଲୋକଙ୍କ ପାଇଁ ଖୁସି ଦେଖାଯିବା ନିହାତି ଜରୁରୀ। ଅର୍ଥାତ୍ ଅଜଣା, ଅଚିହ୍ନା ଲୋକଙ୍କ ସହ କଥାବାର୍ତ୍ତା ବେଳେ ବ୍ୟକ୍ତିତ୍ୱରେ ଆତ୍ମୀୟତା ପ୍ରତିଫଳିତ ହେବା ଉଚିତ୍। ପ୍ରତିକୂଳ ପରିସ୍ଥିତିରେ ଶାଳୀନତା ସହ ହସିବାରେ ଏମାନେ ଥାନ୍ତି ବେଶ ପାରଙ୍ଗମ।

କୌଣସି କମ୍ପାନିରେ ଫ୍ରଣ୍ଟ ଅଫିସରେ ବସିଥିବା ରିସେପନିଷ୍ଟ, ଡାକ୍ତର, ନର୍ସ, ଏୟାର ହୋଷ୍ଟେସ୍, ଶିକ୍ଷୟିତ୍ରୀ, କଳାକାର ଆଦି ବହୁ ଲୋକ ଏମିତି ଅଛନ୍ତି, ଯେଉଁମାନଙ୍କ ପ୍ରଫେସନାଲ କାମ ହେଉଛି ନିଜେ ହସି ଅନ୍ୟର ଯତ୍ନ ତଥା ସେମାନଙ୍କୁ ଭଲ ସେବା ପ୍ରଦାନ କରିବା। ସେମାନଙ୍କ ସୌମ୍ୟ ହସ ପଛରେ ବି ବହୁ କଷ୍ଟ, ଯନ୍ତ୍ରଣା ଲୁଚି ରହିଥାଏ। କହିବାକୁ ଗଲେ ହସୁଥିବା ପ୍ରତ୍ୟେକ ମଣିଷ ପଛରେ କଷ୍ଟର ଅନେକ ଅକୁହା କାହାଣୀ ଥାଏ। ମାତ୍ର ଜିଇବା ଲାଗି ଏମାନଙ୍କୁ ହସିବାକୁ ପଡ଼ିଥାଏ।

### ନକଲି ହସ ଲାଗେ ସତ

ଜରୁରୀ ନୁହେଁ ସବୁବେଳେ ହସୁଥିବା ମଣିଷର ବ୍ୟକ୍ତିଗତ ଜୀବନ ସୁଖମୟ ହୋଇଥିବ। ନକଲି ହସ କାରଣରୁ ମିଳୁଥିବା ପ୍ରଶଂସା ମଣିଷକୁ ସତ ଖୁସି ଦେଇଥାଏ ବୋଲି କହନ୍ତି ଭୁବନେଶ୍ୱରର ମମତା ମହାନ୍ତି। ସେ ଏକ ଘରୋଇ କମ୍ପାନିରେ ରିସେପନିଷ୍ଟ ଭାବେ କାର୍ଯ୍ୟରତ। ଶାଶୂ ଘର ଲୋକେ କି ସ୍ୱାମୀ ତାଙ୍କୁ ଭଲ ପାଆନ୍ତି ନାହିଁ। ସେ ତିନି ବର୍ଷ ବୟସ ଝିଅ ସହ ବାପ ଘରେ ରହୁଛନ୍ତି। ସୁବବେଳେ କିଛି ନା କିଛି ଚିନ୍ତା ତଥା ଦୁଃଖ ତାଙ୍କ ଜୀବନରେ ଲାଗି ରହିଥାଏ। ମାତ୍ର ସେସବୁକୁ ଆଡ଼ କରି ତାଙ୍କୁ ଅଫିସରେ ବସିବାକୁ ହୋଇଥାଏ। ଅଜଣା ଲୋକଙ୍କ ସହ ପଦୁଟିଏ ହସି କଥା ହେବାକୁ ପଡ଼ିଥାଏ। ଅନେକ ସମୟରେ ନିଜକୁ ଏଭଳି ଉପସ୍ଥାପନା କରିବା ସହଜ ହୋଇ ନ ଥାଏ, ତଥାପି ଜୀବିକା ଓ ଜୀବନ ପାଇଁ କିଛି ସମୟ ଖୁସି ରହିବା ଅଭ୍ୟାସରେ ପରିଣତ ହୋଇଯାଏ।

### କଳାକାରଠାରୁ ଦୁଃଖୀ ଆଉ କେହି ନୁହନ୍ତି



କଳାକାର ଜୀବନରେ ବହୁତ ଦୁଃଖ ଓ କଷ୍ଟ ଥାଏ। ଏହା ସତ୍ତ୍ୱେ ମଧ୍ୟ ସେ ଅଭିନୟ କରେ। ଦର୍ଶକଙ୍କ ମନୋରଞ୍ଜନ କରିବାକୁ ଚେଷ୍ଟା କରେ। ସେଥିପାଇଁ କଳାକାର ସବୁବେଳେ ହସୁଥାଏ। ଏପରିକି ସେ କେବେ ବି ତା' କଷ୍ଟ କାହା ପାଖରେ ଦେଖାଇବାକୁ ଚାହେଁ ନାହିଁ କି କେହି ତା' ଦୁଃଖ ବୁଝି ପାରନ୍ତି ନାହିଁ। ଦର୍ଶକଙ୍କୁ ହସାଇବା, କନ୍ଦାଇବା ତଥା ରଗାଇବା ସବୁ ଆମ ଉପରେ ନିର୍ଭର କରେ। ଆଉ ସେଥିରୁ ମଳୁଥିବା ପ୍ରଶଂସା ଆମ ପାଇଁ ଗୁରୁତ୍ୱ ରଖେ। ଯେଉଁଥିପାଇଁ କଷ୍ଟ ଲାଗିଲେ ବି କାହା ସାମ୍ନାରେ ସେସବୁ ଦେଖାଇ ନ ଥାଉ। ଅନ୍ୟପଟେ ଷ୍ଟାଇଲିସ୍ ଦେଖାଯାଉଥିବା କାରଣରୁ ଅଭିନେତା କି ଅଭିନେତ୍ରୀ ଦୁଃଖ କଷ୍ଟରେ ରହୁଥିବେ ବୋଲି ସାଧାରଣରେ କେହି ଭାବନ୍ତି ନାହିଁ। ସେ ବି ସଂଘର୍ଷ କରି ଆଗକୁ ବଢ଼େ। ହସ ହସ ମୁହଁରେ ନଜର ଆସୁଥିବା କଳାକାରଠାରୁ ଦୁଃଖୀ ଆଉ କେହି ନୁହେଁ।

- ସବିତା ସାହୁ, ଅଭିନେତ୍ରୀ

### ସବୁବେଳେ ଖୁସି ରହିବା ସହଜ ନୁହେଁ



ରୋଗୀଟିଏ ଯେଭଳି ଉପଯୁକ୍ତ ସେବା ପାଇ ଖୁସି ମନରେ ଘରକୁ ଫେରିବ ତାହା ଉପରେ ଗୁରୁତ୍ୱ ଦେଇଥାଉ। ତେଣୁ ସବୁବେଳେ ନିଜକୁ ଖୁସି ଦେଖାଇ ସେମାନଙ୍କ ସେବା କରିବାକୁ ହୋଇଥାଏ। ଅବଶ୍ୟ ସର୍ବଦା ନିଜକୁ ଏଭଳି ଉପସ୍ଥାପନା କରିବା ସେତେଟା ସହଜ ହୋଇ ନ ଥାଏ। କଷ୍ଟ ହେବା ତ ସ୍ୱାଭାବିକ କଥା। ମୋର କୋଭିଡ୍ ଡ୍ୟୁଟି ସମୟରେ ଜଣେ ୮୩ ବର୍ଷ ବୟସର ରୋଗୀ ସୁସ୍ଥ ହୋଇ ଘରକୁ ଯାଇଥିଲେ। ସେ ସେବାରେ ଖୁସି ହୋଇ ଆଶୀର୍ବାଦ କରିଥିଲେ। ବହୁତ ଖୁସି ଲାଗିଥିଲା। ରୋଗୀ ତଥା ହସପିଟାଲ ପ୍ରତି ଆମ ଦାୟିତ୍ୱକୁ ସାମ୍ନା ଲୋକ ବୁଝି ନ ପାରିଲେ ବିରକ୍ତ ଲାଗେ। ସେହିପରି ନିଜେ ଟ୍ରେନିଂ ନେବା ସହ ଜୁନିଅରମାନଙ୍କୁ ଖୁସିରେ ଟ୍ରେନିଂ ଦେବାକୁ ପଡ଼ିଥାଏ। ପିଲାମାନେ ନ ବୁଝିପାରିଲେ ବି ଚିଡ଼ା ଲାଗେ। କିନ୍ତୁ ହସି ହସି ସେମାନଙ୍କୁ ସବୁ କିଛି ବାରମ୍ବାର ବୁଝେଇବାକୁ ପଡ଼ିଥାଏ।

- ଶତରୂପା ପଟ୍ଟଯୋଶୀ, ଇନଫେକସନ କଣ୍ଟ୍ରୋଲ ନର୍ସ, ସମ୍ ହସପିଟାଲ

ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ

# ଫେବ୍ରିକ୍ ହେଡ୍‌ବ୍ୟାଣ୍ଡ



ହେୟାର୍ ଷ୍ଟାଇଲକୁ ନୂଆ ଲୁକ୍ ଦେଉଛି ଏବେ ହେୟାର୍ ବ୍ୟାଣ୍ଡ। ତେବେ ଏବେ ଫେବ୍ରିକ୍ ବା କପଡ଼ା ହେୟାର ବ୍ୟାଣ୍ଡର ଚାହିଦା ଟିକେ ବେଶି। ବିଭିନ୍ନ ଡିଜାଇନ ତଥା ଷ୍ଟାଇଲ୍‌ରେ ଏହା ଉପଲବ୍ଧ। ବିଶେଷକରି କାଜୁଆଲ ଲୁକ୍‌କୁ ଭଲ ମାନିଥାଏ ଏହି ବ୍ୟାଣ୍ଡ। ସେହିପରି ଡେନିମ୍ ତଥା ହ୍ୱାଇଟ୍ ସାର୍ଟ ଲାଗି ଫେବ୍ରିକ୍ ନଟ୍ ଷ୍ଟାଇଲ ବ୍ୟାଣ୍ଡ ଖୁବ୍ ଆକର୍ଷଣୀୟ ଲାଗେ।

ନାଇଟ୍ ପାର୍ଟି ତଥା ଫଙ୍କି ଲୁକ୍ ପାଇଁ ବୋ-ହେୟାର ବ୍ୟାଣ୍ଡ ପିନ୍ଧି ପାରିବେ। ଯେକୌଣସି ଉତ୍ସବରେ ଷ୍ଟାଇପ୍ ପ୍ରିଣ୍ଟେଡ୍ ତଥା ୱାନପିସ୍ ଡ୍ରେସ୍‌କୁ ଦୁଇ ରଙ୍ଗ ବିଶିଷ୍ଟ ଫେବ୍ରିକ୍ ହେୟାର୍ ବ୍ୟାଣ୍ଡ ସୁନ୍ଦର ଲାଗିଥାଏ। ଅନ୍ୟପଟେ ଜଗିଂ ସମୟରେ କେଶକୁ ଭଲ ଭାବେ କଭର୍ କରିଥାଏ ହେଡ୍ ଗିୟର୍। ଫଳରେ କେଶ ଧୂଳି ତଥା ମଇଳା ସଂସ୍ପର୍ଶରେ ଆସି ନ ଥାଏ। ଅନେକ ସେଲିବ୍ରିଟିଙ୍କର ଫେବ୍ରିକ୍ ହେୟାର୍ ବ୍ୟାଣ୍ଡ ଏବେ ଷ୍ଟାଇଲ ଷ୍ଟେଟମେଣ୍ଟ ସାଜିଛି।

## ସେଲିବ୍ରିଟି ସିକ୍ରେଟ୍



**ଲୋକପ୍ରିୟ କଣ୍ଠଶିଳ୍ପୀ ସୋହିନୀ ମିଶ୍ର ସୁନ୍ଦର ତ୍ୱଚା ଓ ଫିଟ୍ ରହିବା ପାଇଁ କ'ଣ କରନ୍ତି ଜାଣନ୍ତୁ ତାଙ୍କ ମୁହଁରୁ...**

# ଡାଏଟ୍ ଉପରେ ଗୁରୁତ୍ୱ ଦିଏ

**• ତ୍ୱଚାର ଯତ୍ନ ଲାଗି କ'ଣ କରନ୍ତି?**

ମୁଖ୍ୟତଃ ନାଚୁରାଲ ଜିନିଷ ବ୍ୟବହାର କରିବାକୁ ଭଲପାଏ। ଫେସ୍ ୱାସ୍ ଖୁବ୍ କମ୍ ବ୍ୟବହାର କରେ। ବେସନ, ହଳଦୀ, କ୍ଷୀର ଲଗାଏ।

**• ଆପଣଙ୍କ ବିୟୁଟି ସିକ୍ରେଟ୍ କ'ଣ?**

ଯଦିଓ ସେମିତି କିଛି ନାହିଁ, ତଥାପି ପ୍ରଚୁର ପାଣି ପିଏ।

**• ପ୍ରିୟ ଖାଦ୍ୟ?**

ଷ୍ଟ୍ରିଟ୍ ଫୁଡ୍। ଅର୍ଥାତ୍ ଗୁପ୍‌ଚୁପ୍, ଦହିବରା ଆଳୁଦମ୍ ପସନ୍ଦ।

**• ମେକ୍‌ଅପ୍ ନେବାକୁ ଭଲ ଲାଗେ?**

ମେକ୍‌ଅପ୍ ନେବା ସେତେଟା ପସନ୍ଦ ନୁହେଁ। କମ ମେକ୍‌ଅପ୍ ନିଏ।


**• ଫିଟ୍ ରହିବା ପାଇଁ କ'ଣ କରନ୍ତି?**

ଏକ୍ସରସାଇଜ୍ କରେ। କିନ୍ତୁ ସବୁଦିନ କରିପାରେ ନାହିଁ। ଡାଏଟ୍ ଉପରେ ବେଶି ଗୁରୁତ୍ୱ ଦିଏ। ତେଲ ତଥା ମସଲାଯୁକ୍ତ ଖାଦ୍ୟ ପଦାର୍ଥ ଖାଏ ନାହିଁ। ଖାଦ୍ୟରେ ସବୁଦିନ ସାଲାଡ୍ ସାମିଲ କରିଥାଏ।

**ସେ କୌଣସି ସଂସ୍ଥା ସହ ଜଡ଼ିତ ନାହାନ୍ତି କି ତାଙ୍କର ନିଜର ମଧ୍ୟ ସଂଗଠନ ନାହିଁ। ନିଜସ୍ୱ ଉଦ୍ୟମରେ ପାଣ୍ଠି ସଂଗ୍ରହ କରି କନ୍ୟା ସନ୍ତାନଙ୍କୁ ଶିକ୍ଷିତ କରାଉଛନ୍ତି ଗୁଜରାଟର ନିଶିତା ରାଜପୁତ୍।**



# ଶିକ୍ଷାର ଆଲୋକବର୍ତ୍ତିକା ନିଶିତା





ମଧ୍ୟବିତ୍ତ ପରିବାରର ହୋଇଥିବାରୁ ନାରୀ ଜୀବନରେ ଶିକ୍ଷାର ଗୁରୁତ୍ୱକୁ ବୁଝନ୍ତି ନିଶିତା। ଏପରିକି ସେ ଶିକ୍ଷିତ ବୋଲି ୩୪,୫୦୦ କନ୍ୟା ସନ୍ତାନଙ୍କ ଲାଗି ତିନି କୋଟିରୁ ୮୦ ଲକ୍ଷ ଟଙ୍କା ସ୍କୁଲ ଫି' ଜମା କରିଛନ୍ତି। ସାଧାରଣତଃ ଝିଅକୁ ସରକାରୀ ସ୍କୁଲ ଓ ପୁଅକୁ ଘରୋଇ ସ୍କୁଲରେ ପଢ଼ାଯାଉଥିବା ସେ ପିଲା ବେଳୁ ଦେଖି ଆସୁଥିଲେ। ମାତ୍ର ସେ ଝିଅମାନଙ୍କ ସହ ହେଉଥିବା ଏ ପ୍ରକାର ବାଛବିଚାରରେ ସନ୍ତୁଷ୍ଟ ନ ଥିଲେ। ସେଥିପାଇଁ ନିଜ ଉଦ୍ୟମରେ ସେମାନଙ୍କୁ ସ୍କୁଲରେ ପଢ଼ାଇବାକୁ ଚାହିଁଲେ। ତା'ସହ ସ୍କୁଲ ଫି' ଲାଗି ପାଣ୍ଠି ସଂଗ୍ରହ ଆରମ୍ଭ କଲେ ନିଶିତା।

ନିଶିତା ଏ ନେଇ କୌଣସି ସଂଗଠନ ସହ ଜଡ଼ିତ ନାହାନ୍ତି କି ତାଙ୍କର ନିଜର କିଛି ସଂସ୍ଥା ବି ନାହିଁ। ତେବେ ତାଙ୍କ ଉଦ୍ଦେଶ୍ୟ ହେଉଛି ନାରୀମାନଙ୍କୁ ଶିକ୍ଷିତ କରାଇବା। ଅନ୍ୟପଟେ ସେ ଚଳିତ ଜାନୁଆରୀ ମାସରେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। କିନ୍ତୁ ସେ ବାହାଘରରେ ଅଯଥା ଖର୍ଚ୍ଚ ନ କରି ସେହି ଟଙ୍କାକୁ ୨୫୧ ଝିଅଙ୍କ ସ୍କୁଲ ଫି' ପାଇଁ ଜମା କରିଛନ୍ତି। କେବଳ ଏତିକି ନୁହେଁ, ୨୧ ଝିଅଙ୍କ ନାଁରେ ୫ ହଜାର ଟଙ୍କାର ସ୍ଥାୟୀ ଜମା ମଧ୍ୟ କରିଛନ୍ତି।

ନିଶିତା ଏ କାମ ୧୧ ବର୍ଷ ତଳେ ୧୫୧ ପିଲାଙ୍କଠାରୁ ଆରମ୍ଭ କରିଥିଲେ। ଅବଶ୍ୟ ଏନେଇ ସେ ଘର ଘର ବୁଲି ପାଣ୍ଠି ସଂଗ୍ରହ କରନ୍ତି। ଆଉ ସେବେଠୁ ଏଯାବତ୍ ୩୪,୫୦୦ କନ୍ୟାଙ୍କ ଲାଗି ୩ କୋଟି ୮୦ ଲକ୍ଷ ଟଙ୍କା ସ୍କୁଲ ଫି' ଜମା କରିସାରିଛନ୍ତି। ଏ କ୍ଷେତ୍ରରେ କିଏ ତାଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସନ୍ତି ତ ଆଉ କିଏ ମୁହଁକୁ ଚାହିଁ ନ ଥାନ୍ତି। ତେବେ ଯେଉଁମାନେ ବି ସାହାଯ୍ୟ କରିଛନ୍ତି, ସେମାନେ ଏଯାବତ୍ ତାଙ୍କ ସହ ଯୋଡ଼ି ହୋଇ ରହିଥିବା କହିଛନ୍ତି ନିଶିତା। ସେ ତାଙ୍କ ବାପା ଓ ମା'ଙ୍କୁ ନେଇ ଏ କାମ କରୁଛନ୍ତି। ତାଙ୍କ ମତରେ ମଣିଷ ନିଜ ପାଇଁ ସବୁକିଛି କରିପାରେ। କିନ୍ତୁ ଅନ୍ୟପାଇଁ କିଛି କରିବା ସମସ୍ତଙ୍କ ପକ୍ଷେ ସମ୍ଭବ ନୁହେଁ।

# ରବାଡ଼ା, ନୋର୍ଜେଙ୍କ ପ୍ରଭାବୀ ବୋଲିଂ

**ଦୁବାଇ, ୨୨।୯ (ଏଜେନ୍ସି)**

ଆଇପିଏଲ୍ ୧୪ତମ ସଂସ୍କରଣ ୩୩ତମ ମୁକାବିଲାରେ ବୁଧବାର ଗତଥରର ରନର୍ସଅପ୍ ଦିଲ୍ଲୀ କ୍ୟାପିଟାଲ୍ସ ଓ ସନ୍‌ରାଇଜର୍ସ ହାଇଦରାବାଦ୍ ମଧ୍ୟରେ ଅନୁଷ୍ଠିତ ହୋଇଛି। ଦୁବାଇ ଇଣ୍ଟରନ୍ୟାସନାଲ କ୍ରିକେଟ୍ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍ ପୂର୍ବରୁ ୧୪ତମ ସଂସ୍କରଣ ୨ୟ ପର୍ଯ୍ୟାୟର ପ୍ରଥମ କରୋନା କେସ୍ ସାମ୍ନାକୁ ଆସିଥିଲା। ହାଇଦରାବାଦ୍‌ର ଯୁବ ଦ୍ରୁତ ବୋଲର୍ ଟି. ନଟରାଜନଙ୍କ ରିପୋର୍ଟ କରୋନା ପଜିଟିଭ ବାହାରିଥିଲା। ଏହାସତ୍ତ୍ୱେ ମ୍ୟାଚ୍‌ରେ ଏହାର କୌଣସି ପ୍ରଭାବ ପଡ଼ି ନ ଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ହାଇଦରାବାଦ୍ ପ୍ରତିପକ୍ଷ ବୋଲିଂକୁ ସାମ୍ନା କରି ନ ପାରି ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ୍ ହରାଇ ମାତ୍ର ୧୩୪ ରନ କରିଥିଲା। ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ଦକ୍ଷିଣ ଆଫ୍ରିକାର ଦୁଇ ଡାହାଣହାତୀ ଦ୍ରୁତ ବୋଲର କାଗିସୋ ରବାଡା ଓ ଏନ୍‌ରିଚ ନୋର୍ଜେ ପ୍ରଭାବୀ ବୋଲିଂ କରିଥିଲେ। ସେହିଭଳି ସ୍ପିନର ଅକ୍ଷର ପଟେଲ ମଧ୍ୟ ୨ଟି ୱିକେଟ୍ ନେଇ ହାଇଦରାବାଦ୍‌କୁ ବଡ଼ ସ୍କୋର କରିବାରେ ଅଟକାଇଥିଲେ। ଜବାବରେ ୧୩୫ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ରଷଭ ପନ୍ତଙ୍କ ନେତୃତ୍ୱାଧୀନ ଦିଲ୍ଲୀ ଶେଷ ଖବର ସୁଦ୍ଧା ୧୫ ଓଭରରେ ଦୁଇଟି ୱିକେଟ୍ ହରାଇ ୯୯ ରନ୍ ସଂଗ୍ରହ କରିଛି। ପୃଥ୍ୱୀ ସ ୧୧ ଓ ଶିଖର ଧାୱନ ୪୨ ରନ କରି ଆଉଟ୍ ହୋଇଛନ୍ତି।

ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ହାଇଦରାବାଦ୍ ଅଧିନାୟକ କେନ୍ ୱିଲିୟମସନ୍‌ଙ୍କ ନିଷ୍ପତ୍ତି ସମ୍ପୂର୍ଣ୍ଣ ଭୁଲ ପ୍ରମାଣିତ ହୋଇଥିଲା। ଦଳ ଖାତା ଖୋଲିବା ପୂର୍ବରୁ ଦୁର୍ଦ୍ଧର୍ଷ ଓପନର୍ ଡେଭିଡ୍ ୱାର୍ଣ୍ଣରଙ୍କ ୱିକେଟ୍ ହରାଇଥିଲା। ଏନ୍‌ରିଚ୍ ନୋର୍ଜେ ଏହି ୱିକେଟ୍ ନେଇ ଦିଲ୍ଲୀକୁ ପ୍ରଥମ ବ୍ରେକ୍ ଥ୍ରୁ ଦେଇଥିଲେ। ଏହାପରେ ୱିକେଟ୍‌କିପର ରିଦ୍ଧିମାନ ଶାହ (୧୮ ରନ, ୧୭ ବଲ୍) ମଧ୍ୟ କ୍ରିଜରେ ସେଟ୍ ନେଇ ଆସୁଥିବାବେଳେ ରବାଦାଙ୍କ ବଲରେ ଶିଖର ଧାୱନଙ୍କ ହାତରେ କ୍ୟାଚ ହୋଇ ପ୍ୟାଭିଲିୟନ ଫେରିଥିଲେ। ମଧ୍ୟକ୍ରମରେ ଅଧିନାୟକ ୱିଲିୟମସନ୍ ଓ ମନୀଷ ପାଣ୍ଡେ ମଧ୍ୟ ଦଳୀୟ ସ୍କୋରକୁ ଆଗକୁ ବଢ଼ାଇ ନେବାକୁ ପ୍ରଚେଷ୍ଟା କରିଥିଲେ। ଉଭୟ ଭଲ ଆରମ୍ଭ କରିଥିଲେ ମଧ୍ୟ ବଡ଼ ସ୍କୋରରେ ପରିଣତ କରାଇବାରେ ବିଫଳ ହୋଇଥିଲେ। ମାତ୍ର ୨ଟି ବଲ୍ ଅନ୍ତରରେ ୱିଲିୟମସନ୍ (୧୮ ରନ) ଓ ପାଣ୍ଡେ (୧୭)ଙ୍କୁ ଆଉଟ୍ କରି ଦିଲ୍ଲୀ ବଡ଼ ସଫଳତା ପାଇଥିଲା। ତେବେ ମଧ୍ୟ-ନିମ୍ନକ୍ରମରେ ଅବଦୁଲ ସାମାଦ୍ ଓ ଆଫଗାନିସ୍ତାନ ଷ୍ଟାର୍ ଅଲ୍‌ରାଉଣ୍ଡର ରସିଦ୍ ଖାନ୍ କିଛିଟା ଉଲ୍ଲେଖନୀୟ ପାଳି ଖେଳିବାରୁ ହାଇଦରାବାଦ୍ ୯ ୱିକେଟ୍‌ରେ ୧୩୪ ରନର ଏକ ସମ୍ମାନଜନକ ସ୍କୋର ଠିଆ କରାଇପାରିଥିଲା। ଜମ୍ମୁ ଓ କଶ୍ମୀର ସାମାଦ୍ ୨୮ ଓ ରସିଦ୍ ୨୨ ରନ କରିଥିଲେ। ସଫଳ ବୋଲର ଭାବେ ଦିଲ୍ଲୀ ପକ୍ଷରୁ ରବାଡା ୩ଟି ଏବଂ ନୋର୍ଜେ ଓ ଅକ୍ଷର ୨ଟି ଲେଖାଏ ୱିକେଟ୍ ସଫଳତା ପାଇଥିଲେ।



## ସଞ୍ଜୁ ସାମ୍‌ସନଙ୍କୁ ୧୨ ଲକ୍ଷ ଜରିମାନା

ଦୁବାଇ, ୨୨।୯ (ଏଜେନ୍ସି): ରାଜସ୍ଥାନ ରୟାଲ୍ସ ଅଧିନାୟକ ସଞ୍ଜୁ ସାମସନଙ୍କୁ ଜରିମାନା କରାଯାଇଛି। ମଙ୍ଗଳବାର ଖେଳାଯାଇଥିବା ପଞ୍ଜାବ କିଙ୍ଗସ ବିପକ୍ଷ ମ୍ୟାଚ୍‌ରେ ଦଳ ମନ୍ଥର ବୋଲିଂ କରିଥିବାରୁ ସାମସନଙ୍କ ଉପରେ ୧୨ ଲକ୍ଷ ଟଙ୍କାର ଜରିମାନା ହୋଇଛି। ସାମସନଙ୍କ ଦଳ ନିର୍ଦ୍ଧାରିତ ସମୟ ମଧ୍ୟରେ ୨୦ ଓଭର ପୂରଣ କରିପାରି ନ ଥିଲା। ତେବେ ଉକ୍ତ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ୨ ରନ୍‌ର ଚିତ୍ତାକର୍ଷକ ବିଜୟ ହାସଲ କରିଥିଲା। ଶେଷ ଓଭରରେ ପଞ୍ଜାବକୁ ବିଜୟୀ ହେବାକୁ ମାତ୍ର ୪ ରନ୍ ଆବଶ୍ୟକ ହେଉଥିବାବେଳେ ଫାଷ୍ଟ ବୋଲର କାର୍ତ୍ତିକ ତ୍ୟାଗୀ ବୋଲିଂ କରିବାକୁ ଆସି ନିକୋଲାସ ପୁରନ ଓ ଦୀପକ ହୁଡାଙ୍କୁ ଆଉଟ୍ କରିବା ସହ ମାତ୍ର ଗୋଟିଏ ରନ୍ ଦେଇଥିଲେ। ଫଳରେ ଫଞ୍ଜାବ ହାତରୁ ନିଶ୍ଚିତ ବିଜୟ ଛଡ଼ାଇ ଆଣିଥିଲା ରାଜସ୍ଥାନ।

## ଆଜିର ମ୍ୟାଚ୍

ଆଇପିଏଲ୍ ୨୦୨୧

**ମୁମ୍ବଇ** ବନାମ **କୋଲକାତା**

ଭେନ୍ୟୁ-**ଆବୁଧାବି**

ଖେଳ ଆରମ୍ଭ-**ରାତି ୭ଟା ୩୦**

ପ୍ରସାରଣ- **ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ**


ଷ୍ଟ୍ରିମିଂ- **ଡିସ୍‌ନୀ ହଟ୍‌ଷ୍ଟାର**

## ସଂକ୍ଷିପ୍ତ ସ୍କୋର

**ହାଇଦରାବାଦ୍:** ୧୩୪/୯, ୨୦ ଓଭର (ସାମାଦ୍-୨୮, ରସିଦ୍-୨୨, ୱିଲିୟମସନ୍-୧୮, ରିଦ୍ଧିମାନ-୧୮, ପାଣ୍ଡେ-୧୭, ରବାଡା-୩/୩୭, ନୋର୍ଜେ- ୨/୧୨)।

**ଦିଲ୍ଲୀ କ୍ୟାପିଟାଲ୍ସ:** ୯୯/୨, ୧୫ ଓଭର (ଶିଖର-୪୨, ଶ୍ରେୟାସ ଆୟାର ଅପରାଜିତ-୩୭, ପୃଥ୍ୱୀ ସ-୧୧, ଖଲିଲ ଅହମ୍ମଦ-୧/୧୨, ରସିଦ ଖାନ୍-୧/୨୬)।

## କୋଚ୍‌ଙ୍କୁ ଛାଡ଼ିଲେ ହାଲେପ



ବୁଚାରେଷ୍ଟ, ୨୨।୯ (ଏଜେନ୍ସି): ବିଶ୍ୱ ମାନ୍ୟତାର ପୂର୍ବତନ ଏକନମ୍ବର ଖେଳାଳି ରୋମାନିଆର ସିମୋନା ହାଲେପ ତାଙ୍କ କୋଚ୍ ଡାରେନ କାହିଲଙ୍କଠାରୁ ଅଲଗା ହୋଇଛନ୍ତି। ଡାରେନ ୬ ବର୍ଷ ଧରି ହାଲେପଙ୍କୁ ପ୍ରଶିକ୍ଷଣ ଦେଉଥିଲେ। ଏହି ସମୟରେ ୨୯ ବର୍ଷୀୟା ହାଲେପ ୨୦୧୮ ଫ୍ରେଞ୍ଚ ଓପନ ଟାଇଟଲ ଜିତି ତାଙ୍କ କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ ସଫଳତା ପାଇଥିଲେ। ତେବେ ଏହି ସିଜନ ଶେଷରେ କାହିଲ ନିଜ ପରିବାର ସହ ଅଧିକ ସମୟ ଦେବାକୁ ଅଷ୍ଟ୍ରେଲିଆନ୍ କୋଚ୍ କାହିଲ ହାଲେପଙ୍କ ହାତ ଛାଡ଼ିଥିଲେ। ପରେ ୨୦୧୯ ଡବ୍ଲ୍ୟୁଟିଏ ଫାଇନାଲ୍ସ ପୂର୍ବରୁ ଉଭୟ ଏକତ୍ର ହୋଇଥିଲେ। କାହିଲଙ୍କ ପ୍ରଶିକ୍ଷଣରେ ହାଲେପ ପ୍ରଥମ ତିନିବର୍ଷର ଦୁଇଟି ସିଜିନରେ ବିଶ୍ୱ ମାନ୍ୟତାର ଏକନମ୍ବର ଓ ୨୦୧୮ ଅଷ୍ଟ୍ରେଲିଆନ୍ ଓପନ ଫାଇନାଲରେ ପ୍ରବେଶ କରିଥିଲେ। ଉଲ୍ଲେଖଯୋଗ୍ୟ, ଚଳିତ ମାସ ପ୍ରାରମ୍ଭରେ ଆୟୋଜିତ ୟୁଏସ ଓପନ ଚତୁର୍ଥ ରାଉଣ୍ଡରେ ଏଲିନା ଭିଟୋଲିନାଙ୍କ ନିକଟରୁ ହାରି ବିଦାୟ ନେଇଥିଲେ। ଗତ ସପ୍ତାହରେ ହାଲେପ ମାସେଡୋନିଆନ ବ୍ୟବସାୟୀ ଟୋନି ଇରୁକଙ୍କୁ ବିବାହ କରିଥିଲେ।

## ସୁଧିରମାନ କପ୍‌ରୁ ଓହରିଲେ ଚିରାଗ-ସାତ୍ତ୍ୱିକ

ନୂଆଦିଲ୍ଲୀ, ୨୨।୯ (ଏଜେନ୍ସି): ଭାରତର ପୁରୁଷ ଡବଲ୍ସ ଯୋଡ଼ି ଚିରାଗଲ ସେଟ୍ଟୀ ଓ ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଆଗାମୀ ସୁଧିରମାନ କପ୍ ମିକ୍ସଡ ଟିମ୍ ଚାମ୍ପିଅନସିପ୍ ଖେଳିବେନି। ଉଭୟ ଖେଳାଳି ସ୍ୱାସ୍ଥ୍ୟଗତ କାରଣରୁ ଓହରିଯାଇଛନ୍ତି। ଆସନ୍ତା ୨୬ରୁ ଅକ୍ଟୋବର ୩ ତାରିଖ ପର୍ଯ୍ୟନ୍ତ ଫିନଲାଣ୍ଡରେ ଆୟୋଜିତ ହେବାକୁ ଯାଉଥିବା ସମ୍ମାନଜନକ ସୁଧିରମାନ କପ୍ ପାଇଁ ବ୍ୟାଡ଼ମିଣ୍ଟନ ଆସୋସିଏସନ ଅଫ୍ ଇଣ୍ଡିଆ ପକ୍ଷରୁ ଘୋଷିତ ୧୨ଜଣିଆ ଭାରତୀୟ ଦଳରେ ବିଶ୍ୱ ମାନ୍ୟତାର ୧୦ ନମ୍ବର ଯୋଡ଼ି ଚିରାଗ ଓ ସାତ୍ତ୍ୱିକ ସ୍ଥାନ ପାଇଥିଲେ। ଅସୁସ୍ଥ ଥିବା ଚିରାଗ ଏବେ ଆରୋଗ୍ୟ ଲାଭ କରିଛନ୍ତି। ଚିରାଗ ଓ ସାତ୍ତ୍ୱିକଙ୍କର ମଧ୍ୟ ଥୋମାସ କପ୍‌ରେ ଖେଳିବା ନେଇ ସନ୍ଦେହ ରହିଛି। ସୁଧିରମାନ କପ୍ ପରେ ଥୋମାସ କପ୍ ଅକ୍ଟୋବର ୯ରୁ ଡେନମାର୍କରେ ଖେଳାଯିବ।

## ଟି. ନଟରାଜନ୍ କରୋନା ଆକ୍ରାନ୍ତ



ଦୁବାଇ, ୨୨।୯ (ଏଜେନ୍ସି): ଚଳିତ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ)ର ବୁଧବାର ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚ୍ ପୂର୍ବରୁ ସନରାଇଜର୍ସ ହାଇଦରାବାଦ୍ ପେସ୍ ବୋଲର ଟି. ନଟରାଜନ କରୋନା ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ତାଙ୍କର କୋଭିଡ୍ ଟେଷ୍ଟ ପଜିଟିଭ ଆସିଥିବା ବିସିସିଆଇ ପକ୍ଷରୁ ସୂଚନା ଦିଆଯାଇଛି। ନଟରାଜନଙ୍କ ଆରଟି-ପିସିଆର ଟେଷ୍ଟ କରାଯାଇଥିଲା। ତାହା ପଜିଟିଭ ଆସିଛି। ସେ ଏବେ ପୃଥକବାସରେ ଅଛନ୍ତି। ତାଙ୍କ ସଂସ୍ପର୍ଶରେ ଆସିଥିବା ୫ଜଣ ସଦସ୍ୟ ମଧ୍ୟ ଆଇସୋଲେସନରେ ରହିଛନ୍ତି। ସେମାନେ ହେଲେ ବିଜୟ କୁମାର (ଟିମ୍ ମ୍ୟାନେଜର), ଜେ. ଶ୍ୟାମସୁନ୍ଦର (ଫିଜିଓଥେରାପିଷ୍ଟ), ଅଞ୍ଜନ ଭାନ୍ନନ (ଡାକ୍ତର), ତୁଷାର ଖେଦକର (ଲଜିଷ୍ଟିକ୍ସ ମ୍ୟାନେଜର) ଓ ପେରିୟାସାମି ଗଣେଶନ (ନେଟ୍ ବୋଲର)ଙ୍କ ବୁଧବାର କୋଭିଡ୍ ଟେଷ୍ଟ କରାଯାଇଥିଲେ ହେଁ ଏହା ନେଗେଟିଭ ଆସିଛି। ପୂର୍ବରୁ କରୋନାଜନିତ ମାମଲା ଲାଗି ଚଳିତ ୧୪ତମ ସଂସ୍କରଣ ମେ ମାସରେ ଅଧାରୁ ସ୍ଥଗିତ କରିଦିଆଯାଇଥିଲା।

## ଜାତୀୟ ଜୁନିଅର ଖୋ ଖୋ ଉଦ୍‌ଘାଟିତ

# ଓଡ଼ିଶା ବାଳକ ଦଳର ବିଜୟ ଅଭିଯାନ

**ଭୁବନେଶ୍ୱର, ୨୨।୯ (ସମିସ)**

ଓଡ଼ିଶା ଖୋ ଖୋ ଆସୋସିଏସନ୍ ଆସୋସିଏସନ୍, ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଓ କିଟ୍ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ବୁଧବାର ୪୦ତମ ଜାତୀୟ ଜୁନିଅର ଖୋ ଖୋ ଚାମ୍ପିଅନ୍‌ସିପ୍ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ହକି ପ୍ରମୋସନ କାଉନସିଲର ଅଧ୍ୟକ୍ଷ ତଥା ଅଲିମ୍ପିଆନ୍ ଦିଲ୍ଲୀପ୍ ତିର୍କୀ, କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ, କ୍ରୀଡ଼ା ସଚିବ ଆର୍. ଭିନୀଲ କ୍ରିଷ୍ଣା ଅତିଥିଭାବେ ଯୋଗ ଦେଇ କିଟ୍‌ସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର କମ୍ପ୍ଲେକ୍ସରେ ଏହାକୁ ଉଦ୍‌ଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ଖୋ ଖୋ ମହାସଂଘର ସାଧାରଣ ସମ୍ପାଦକ ଏମ୍.ଏସ୍. ତ୍ୟାଗୀ, ଓଡ଼ିଶା ଖୋ ଖୋ ଆସୋସିଏସନ୍‌ର ସଭାପତି ନାରାୟଣ ପାତ୍ର, ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

ଉଦ୍‌ଘାଟନୀ ଦିବସରେ ଓଡ଼ିଶା ବାଳକ ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଗ୍ରୁପ୍-ଡି'ରେ ସ୍ଥାନ ପାଇଥିବା ଓଡ଼ିଶା (୨୮) ୨୨ ପଏଣ୍ଟରେ ମଧ୍ୟପ୍ରଦେଶ (୬)କୁ ପରାସ୍ତ କରିଛି। ବାଳକ ବିଭାଗର ଅନ୍ୟ ମ୍ୟାଚଗୁଡ଼ିକରେ ପୁଡୁଚେରୀ ୯ ପଏଣ୍ଟରେ ହିମାଚଳପ୍ରଦେଶକୁ, ମହାରାଷ୍ଟ୍ର ୨୬ ପଏଣ୍ଟରେ ନାଗାଲାଣ୍ଡକୁ, ଆନ୍ଧ୍ରପ୍ରଦେଶ ୧୨ ପଏଣ୍ଟରେ ଅରୁଣାଚଳ ପ୍ରଦେଶକୁ, ରାଜସ୍ଥାନ ୭ ପଏଣ୍ଟରେ ଉତ୍ତରାଖଣ୍ଡକୁ, କେରଳ ୨୧ ପଏଣ୍ଟରେ ଦଦ୍ରା ଓ ନଗର ହାବେଳୀକୁ, ଝାଡ଼ଖଣ୍ଡ ୨୬ ପଏଣ୍ଟରେ ଦଦ୍ରା ଓ ନଗର ହାବେଳୀକୁ ପରାସ୍ତ କରିଛି। ଅପରପକ୍ଷରେ ମହିଳା ବିଭାଗରେ ଅନୁଷ୍ଠିତ ମ୍ୟାଚରେ ଦିଲ୍ଲୀ ୨୩ ପଏଣ୍ଟରେ ଅରୁଣାଚଳ ପ୍ରଦେଶକୁ, ପଞ୍ଜାବ ୩୪ ପଏଣ୍ଟରେ ଦଦ୍ରା ଓ ନଗର ହାବେଳୀକୁ, ଉତ୍ତରାଖଣ୍ଡ ୭ ପଏଣ୍ଟରେ ବିହାରକୁ, ତେଲେଙ୍ଗାନା ୨ ପଏଣ୍ଟରେ ଆସାମକୁ ମାତ୍ ଦେଇଛି। ଏହି ୫ ଦିନିଆ ପ୍ରତିଯୋଗିତାରେ ୫୩ ଟିମ୍ (ବାଳକ ଓ ବାଳିକା)ର ୬୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତାରେ ଓଡ଼ିଶା ବାଳକ ଦଳ ଗ୍ରୁପ୍-ଡି'ରେ କର୍ଣ୍ଣାଟକ, ବିହାର, ମଧ୍ୟପ୍ରଦେଶ ଓ ମେଘାଳୟ ସହ ସ୍ଥାନ ପାଇଛି। ସେହିଭଳି ଆନ୍ଧ୍ରପ୍ରଦେଶ, ମଣିପୁର, ଜାମ୍ମୁ ଆଣ୍ଡ କଶ୍ମୀର ସହ ଓଡ଼ିଶା ବାଳିକା ଦଳ ଗ୍ରୁପ୍-ଇ'ରେ ରହିଛି। ଏହି ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଦଳ ଆସନ୍ତାବର୍ଷ ହରିୟାଣାର ପଞ୍ଚକୁଲାରେ ହେବାକୁ ଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସକୁ ଯୋଗ୍ୟତା ଅର୍ଜନ କରିବେ ବୋଲି ଜଣାପଡ଼ିଛି।






ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ। ବାଳିକା ବିଭାଗର ଏକ ମ୍ୟାଚ୍‌ର ରୋମାଞ୍ଚକ ଦୃଶ୍ୟ

## ଅଡୁଆରେ ମାର୍ଲନ ସାମୁଏଲ୍ସ



ଦୁବାଇ, ୨୨।୯ (ଏଜେନ୍ସି): ୱେଷ୍ଟଇଣ୍ଡିଜ କ୍ରିକେଟ୍ ଦଳର ପ୍ରାକ୍ତନ ଅଲ୍‌ରାଉଣ୍ଡର ମାର୍ଲନ ସାମୁଏଲ୍ସଙ୍କ ଉପରେ ଗମ୍ଭୀର ଆରୋପ ଲାଗିଛି। ରିପୋର୍ଟ ମୁତାବକ ଏକ ଟି-୧୦ ଲିଗ୍ ସମୟରେ ସାମୁଏଲ୍ସ କେତେକ ଅଜ୍ଞାତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିଲେ। ଯାହାର ସୂଚନା ସେ ସଠିକ୍ ସମୟରେ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସିକୁ ଅବଗତ କରି ନ ଥିଲେ। ଯେଉଁଥି ପାଇଁ ସେ ଆଇସିସିର ଦୁର୍ନିତୀ ନିବାରଣ ନିୟମର ଧାରା ୨.୪.୨, ୨.୪.୩, ୨.୪.୬ ଉଲ୍ଲଂଘନ କରିଛନ୍ତି। ଅଭିଯୋଗର ଜବାବ ଦେବା ଲାଗି ଆଇସିସି ତାଙ୍କୁ ୧୪ ଦିନର ସମୟ ଦେଇଛି। ଉଲ୍ଲେଖଯୋଗ୍ୟ, ୨୦୦୦ରୁ ୨୦୧୮ ମଧ୍ୟରେ ସାମୁଏଲ୍ସ ୱେଷ୍ଟଇଣ୍ଡିଜ ପକ୍ଷରୁ ୭୧ ଟେଷ୍ଟ, ୨୦୭ ଏକଦିବସୀୟ ଓ ୬୭ ଟି-୨୦ ମ୍ୟାଚରେ ପ୍ରତିନିଧିତ୍ୱ କରିଛନ୍ତି। ସେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ମୋଟ୍ ଉପରେ ୧୧ ହଜାର ୧୩୪ ରନ୍ ସଂଗ୍ରହ କରିଛନ୍ତି। ସେହିଭଳି ତାଙ୍କ ନାମରେ ୧୫୨ ୱିକେଟ୍ ଲିପିବଦ୍ଧ ରହିଛି। ୨୦୧୮ରେ ସାମୁଏଲ୍ସ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ସନ୍ନ୍ୟାସ ନେଇଥିଲେ।

MAHAVIR COLLEGE OF NURSING
Recognised by: Health & Family welfare Department, Govt of Odisha, Odisha Nursing Council, Directorate of Medical Education & Training, Odisha
ADMISSION OPEN 2021-22
COURSES OFFERED:
1. ANM- 2 Yrs (+2 any Stream), 2. GNM- 3 Yrs. (+2 any Stream)
3. DMLT- 2 Yrs. (+2 Science), 4. B.Sc Nursing- 4 Yrs. (+2 Science-PCB)
5. Diabetes Assistant- 1 Yr. (+2 Any Stream)
6. Dental Assistant- 1 Yr. (+2 any Stream)
100% Placement | Spot Admission | Hostel Facility Available
Address & Contact
Campus1: Mahapatra Complex, Gobindpali Chowk, Bargarh
Campus2: Near Fly Over Bridge, Bhatli Chowk, Bargarh
Contact No.: 9937292549 I 9937578179 I 898491095 I 9692675005
Mail: mahavircollegeofnursing@gmail.com I mahavirschoolofnursing@gmail.com
Website: www.mahavircollegeofnursing.org

# ରୌପ୍ୟ ବିଜୟୀ ଭାରତୀୟ ରଗ୍‌ବୀ ଦଳକୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର, ୨୨।୯ (ସମିସ)**

ଉଜ୍‌ବେକିସ୍ତାନର ତାସ୍‌କେଣ୍ଟରେ ଶେଷ ହୋଇଥିବା ୧୮ ବର୍ଷରୁ କମ୍ ମହିଳା ଏସିଆ ରଗ୍‌ବୀ ସେଭେନ୍ସ ପ୍ରତିଯୋଗିତାରେ ପଦକ ବିଜୟିନୀ ଭାରତୀୟ ମହିଳା ରଗ୍‌ବୀ ଦଳକୁ ବୁଧବାର ଓଡ଼ିଶା ସରକାର ସମ୍ବର୍ଦ୍ଧିତ କରିଛନ୍ତି। ଭାରତୀୟ ରଗ୍‌ବୀର ପ୍ରାୟୋଜକ ରହିଥିବା ଓଡ଼ିଶା ସରକାରଙ୍କ ସମେତ ରଗ୍‌ବୀ ଇଣ୍ଡିଆ ଓ ଅନ୍ୟ ଅଂଶୀଦାର ବ୍ଲେଡ୍ ଅର୍ବାନ ଏୟାର ମୋବିଲିଟୀ (ଭାରତ) ପକ୍ଷରୁ ଏହି ସମ୍ବର୍ଦ୍ଧନା ସଭା ଆୟୋଜିତ କରାଯାଇଥିଲା। ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଭାରତୀୟ ମହିଳା ରଗ୍‌ବୀ ଦଳର ଖେଳାଳିଙ୍କ ସମେତ ସହାୟକ ଷ୍ଟାଫ୍‌ଙ୍କୁ ମୋଟ୍ ୧୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଏହି ଅବସରରେ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ଭିଡିଓ ବାର୍ତ୍ତା ଜରିଆରେ ଭାରତୀୟ ଦଳର ସଫଳତାକୁ ନେଇ ପ୍ରଶଂସା କରିଛନ୍ତି।

ଲୋକସେବା ଭବନରେ ଆୟୋଜିତ ଏହି ସମ୍ବର୍ଦ୍ଧନା ଉତ୍ସବରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ସାଂସଦ ଡ. ଅଚ୍ୟୁତ ସାମନ୍ତ, କ୍ରୀଡ଼ା ସଚିବ ଆର୍. ଭିନୀଲ କ୍ରିଷ୍ଣା, ଭାରତୀୟ ରଗ୍‌ବୀ ଫୁଟ୍‌ବଲ ୟୁନିୟନର ସଭାପତି ବିକ୍ରମ ଆହୁଜା, ଅଭିନେତା ତଥା ରଗ୍‌ବୀ ଇଣ୍ଡିଆର ସଦସ୍ୟ ରାହୁଲ ବୋଷ, ଓଡ଼ିଶା ରଗ୍‌ବୀ ଫୁଟ୍‌ବଲ ଆସୋସିଏସନର ସଭାପତି ପ୍ରିୟଦର୍ଶୀ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। 'ଭାରତୀୟ ଦଳ ପ୍ରଦର୍ଶନ ଆମ ସମସ୍ତଙ୍କୁ ଗର୍ବିତ କରିଛି। ଏତେ କମ୍ ବୟସରେ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଚମତ୍କାର ପ୍ରଦର୍ଶନ କରିଥିବା ପ୍ରତ୍ୟେକ ଖେଳାଳିଙ୍କୁ ପ୍ରଶଂସା କରୁଛି। ଏହି ପ୍ରଦର୍ଶନ ସେମାନଙ୍କୁ ପରବର୍ତ୍ତୀ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ସହାୟକ କରିବା ଲାଗି ଏକ ସୁଯୋଗ। ସବୁଥର ଭଳି ଓଡ଼ିଶା ରଗ୍‌ବୀ ଦଳର ଯାତ୍ରାରେ ସମର୍ଥନ ଜାରି ରଖିବ' ବୋଲି କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ଏହି ସମ୍ବର୍ଦ୍ଧନା ଉତ୍ସବ ଅବସରରେ କହିଛନ୍ତି।

ପ୍ରକାଶଯୋଗ୍ୟ, ଭାରତୀୟ ୧୮ ବର୍ଷରୁ କମ୍ ମହିଳା ଦଳ ଏସିଆ ରଗ୍‌ବୀ ସେଭେନ୍ସ ପ୍ରତିଯୋଗିତାର ଫାଇନାଲରେ ୧୭-୨୧ରେ ୟୁଏଇ ନିକଟରୁ ପରାସ୍ତ ହୋଇ ରୌପ୍ୟ ପଦକରେ ସନ୍ତୁଷ୍ଟ ରହିଥିଲା। ଭାରତୀୟ ଦଳରେ ଓଡ଼ିଶାର ୩ଜଣ ଖେଳାଳି ତରୁଲତା ନାଏକ, ମାମା ନାଏକ ଓ ନିର୍ମାଲ୍ୟ ରାଉତ ସାମିଲ ରହିଥିଲେ। ଫାଇନାଲରେ ତରୁଲତା ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ।




ସକାଳ THE SAKALA
SAKALA MEDIA PVT. LTD.
Plot No.- N-3/441,IRC Village, Nayapalli, Bhubaneswar-15
ପ୍ରିୟ ପାଠକ / ପାଠିକା,
'ସକାଳ' ଖବରକାଗଜ ପାଇବାରେ ଅସୁବିଧା ହେଉଥିଲେ ଆପଣ ନିମ୍ନ ପ୍ରଦତ୍ତ ନମ୍ବରରେ ଯୋଗାଯୋଗ କରିପାରିବେ।
BHUABNESWAR
Ashoka Market
Prabodha - 9776355222
Chandrasekharpur
Rajesh - 9090490990
Old Town
Dinabandhu - 9937615111
C.R.P.
Bijaya - 9040246520
Khandagiri
Ashok - 8114773314
KHURDA, NAYAGARH, PURI
Sudhanshu - 6371694142
BERHAMPUR, GANJAM GAJAPATI, KANDHAMALA
Kanhei- 9777127070
JEYPORE
SUDHIR- 9777005500
CUTTACK
Prasanta - 8249018397
SAMBALPUR
Sudam - 7008081464
Sibu - 9337050279
UPAKULA
Gyana - 7438865336
BALASORE
Kalinga - 9348955071
ପ୍ରସାର ବିଭାଗ, ସକାଳ

PUBLISHED BY AMIT KUMAR MALLICK FOR SAKALA MEDIA PVT. LTD., PLOT NO. N-3/441, IRC VILLAGE, NAYAPALLI, BHUBANESWAR-15, PH: 0674-2954342/ 2955342
PRINTED AT ASHIRBAD PRAKASHAN PVT. LTD., PLOT- 45, SEC.-A, ZONE-D, M.I. ESTATE, P.O-RASULGARH, BHUBANESWAR-10
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର